# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୨/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, August 12/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 259 | ମୂଲ୍ୟ₹୭/-



DADLS-18



ଓଡ଼ିଶାକୁ ୧୫,୦୦୪ କୋଟି ଟଙ୍କା ମୂଲ୍ୟର

୬ଟି ରେଳ ପ୍ରକଳ୍ପ ଦେଇଥିବାରୁ

## ମାନନୀୟ ପ୍ରଧାନମନ୍ତ୍ରୀଙ୍କୁ

# ଧନ୍ୟବାଦ

### ଓଡ଼ିଶାବାସୀ କୃତଜ୍ଞ

ପରିବହନ, ଶିଳ୍ପ, ବାଣିଜ୍ୟ ଓ ପର୍ଯ୍ୟଟନକୁ ମିଳିବ ବଳ

ବିକଶିତ ଓଡ଼ିଶା, ବିକଶିତ ଭାରତ ପାଇଁ

ଏକ ଯୁଗାନ୍ତକାରୀ ପଦକ୍ଷେପ



**ଅନୁମୋଦିତ ନୂତନ ରେଳ ପ୍ରକଳ୍ପ:**

୧ ଗୁଣୁପୁର-ଥେରୁବାଲି (୭୩.୬୨ କି.ମି.)
୨ ଜୁନାଗଡ଼-ନବରଙ୍ଗପୁର (୧୧୬.୨୧ କି.ମି.)
୩ ବାଦାମପାହାଡ଼-କେନ୍ଦୁଝରଗଡ଼ (୮୨.୦୬ କି.ମି.)
୪ ବାଙ୍ଗିରିପୋଷି-ଗୋରୁମହିଷାଣୀ (୮୫.୬୦ କି.ମି.)
୫ ମାଲକାନଗିରି-ଭଦ୍ରାଚଳମ୍-ପାଣ୍ଡୁରଙ୍ଗାପୁରମ୍ (୧୭୩.୬୧ କି.ମି.)
୬ ବୁଢ଼ାମରା-ଚାକୁଲିଆ (୫୯.୯୬ କି.ମି.)

ଉପରୋକ୍ତ ରେଳଲାଇନ୍ ଗୁଡ଼ିକ ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି ଇତ୍ୟାଦି ଜିଲ୍ଲା ମଧ୍ୟରେ ବ୍ୟାପ୍ତ ହେବ

**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

iprodisha | IPR_Odisha | iprodisha

OIPR-15001/13/0055/2425

**ପ୍ରଶିକ୍ଷଣ ବିମାନ ଦୁର୍ଘଟଣାରେ ୨ ପାଇଲଟ୍ ଆହତ**

ମଧ୍ୟପ୍ରଦେଶର ଗୁନା ଜିଲାରେ ରବିବାର ଅପରାହ୍ନ ୧ଟା ୩୦ ମିନିଟ ସମୟରେ ଏକ ଘରୋଇ ପ୍ରଶିକ୍ଷଣ ସଂସ୍ଥାର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ପାଇଲଟ ଆହତ ହୋଇଛନ୍ତି। ୨ ଆସନ ବିଶିଷ୍ଟ ସେସ୍ନା-୧୫୨ ବିମାନର ଇଞ୍ଜିନରେ ତ୍ରୁଟି ଯୋଗୁ ଏହା ଖସିପଡ଼ିଥିବା କୁହାଯାଉଛି। ଆହତ ୨ ପାଇଲଟ୍‌ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ବିସ୍ଫୋରଣରେ ମଣିପୁରର ପୂର୍ବତନ ବିଧାୟକଙ୍କ ସ୍ତ୍ରୀ ମୃତ

ଗୁଆହାଟୀ,୧୧।୮

ମଣିପୁରର କାଙ୍ଗପୋକ୍‌ସି ଜିଲାରେ ବୋମା ବିସ୍ଫୋରଣ ଘଟି ପୂର୍ବତନ ବିଧାୟକ ୟମଥୋଙ୍ଗ ହାଓକିପ୍‌ଙ୍କ ସ୍ତ୍ରୀ ଚାରୁବାଳା ପ୍ରାଣ ହରାଇଛନ୍ତି। ଶନିବାର ଅପରାହ୍ନରେ ହାଇକିପ୍‌ଙ୍କ ସାଇକୁଲ୍‌ସ୍ଥିତ ବାସଭବନ ପରିସରରେ ଏହି ବିସ୍ଫୋରଣ ଘଟିଥିଲା। ସେତେବେଳେ ବଗିଚାରେ ଥିବା ଚାରୁବାଳା ଗୁରୁତର ହୋଇଥିବାବେଳେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧୧ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ହାଓକିପ୍ କୁକି-ଜୋ ସମ୍ପ୍ରଦାୟର ହୋଇଥିବାବେଳେ ଚାରୁବାଳା ମାଇତି ସମ୍ପ୍ରଦାୟର। ଆକ୍ରମଣର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ଟେଙ୍ଗ୍‌ନୌପାଲ ଜିଲାରେ ଶୁକ୍ରବାର ୟୁନାଇଟେଡ୍ କୁକି ଲିବରେଶନ ଫ୍ରଣ୍ଟ (ୟୁକେଏଲ୍ଏଫ୍) ଏବଂ ଗ୍ରାମ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ ଜଣ ପ୍ରାଣ ହରାଇଥିଲେ।

### ଏପ୍ରିଲରୁ ରୁଷିଆ ସେନାରେ ଭାରତୀୟଙ୍କ ନିଯୁକ୍ତି ବନ୍ଦ ରହିଛି: ଦୂତାବାସ

ନୂଆଦିଲ୍ଲୀ,୧୧।୮(ପି.ଟି.)

ରୁଷିଆ ସେନାରେ ଭାରତୀୟଙ୍କ ନିଯୁକ୍ତି ଗତ ଏପ୍ରିଲରୁ ବନ୍ଦ ଥିବା ଏହାର ଦୂତାବାସ ପକ୍ଷରୁ କୁହାଯାଇଛି। ଯେଉଁମାନେ ପୂର୍ବରୁ ରୁଷିଆ ସୈନ୍ୟବାହିନୀରେ ଠିକା କର୍ମଚାରୀ ଭାବେ ନିଯୁକ୍ତ ହୋଇଥିଲେ ଏବଂ ଏବେ ଭାରତ ଫେରିଯିବାକୁ ଚାହୁଁଛନ୍ତି, ସେମାନଙ୍କୁ ଚିହ୍ନଟ କରି ସ୍ୱଦେଶ ପଠାଇବା ପାଇଁ ନୂଆଦିଲ୍ଲୀ ଓ ମସ୍କୋ ଏକାଠି କାମ କରୁଥିବା ଦୂତାବାସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ସୂଚନାଯୋଗ୍ୟ, ରୁଷିଆ ସେନାରେ ଏବେ ମୋଟ ୬୯ ଜଣ ଭାରତୀୟ ରହିଛନ୍ତି ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶୁକ୍ରବାର ଲୋକ ସଭାକୁ ସୂଚନା ଦେଇଥିଲେ। ୟୁକ୍ରେନ ଯୁଦ୍ଧ ବେଳେ ରୁଷିଆ ସେନାରେ କାର୍ଯ୍ୟରତ ୮ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

### ଭାସିଗଲା ଏସ୍‌ୟୁଭି: ପରିବାରର ୮ ମୃତ

ଚଣ୍ଡିଗଡ଼, ୧୧।୮

ପଞ୍ଜାବର ହୋସିଆରପୁରଠାରୁ ୩୪ କିଲୋମିଟର ଦୂର ଜେଜୋ ଅଞ୍ଚଳର ଏକ ନଦୀରେ ପ୍ରବଳ ଜଳ ପ୍ରବାହ ମଧ୍ୟରେ ଗୋଟିଏ ଏସ୍‌ୟୁଭି କାର୍ ଭାସିଯିବାରୁ ସେଥିରେ ଥିବା ୯ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଗୋଟିଏ ପରିବାରର ୮ ସଦସ୍ୟଙ୍କ ସହ ଏସ୍‌ୟୁଭି ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି। ସେହିପରି ଗାଡ଼ିରେ ଥିବା ଅନ୍ୟ ୨ ଜଣ ନିଖୋଜ ଥିବାବେଳେ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଉଦ୍ଧାରକାରୀ ଦଳ ଭର୍ତ୍ତି କରିଛନ୍ତି। ହିମାଚଳ ପ୍ରଦେଶ ଉନା ଜିଲାସ୍ଥିତ ଦେହଲା ଗ୍ରାମର ଏହି ପରିବାରର ୧୧ ସଦସ୍ୟ ପଞ୍ଜାବର ଏସ୍‌ବିଏସ୍ ନଗର ଜିଲା ମେହରୋବାଲ୍ ଗ୍ରାମକୁ ଏକ ବିବାହ ଉତ୍ସବରେ ସାମିଲ ହେବାକୁ ଯାଉଥିଲେ। ମୃତକଙ୍କ ମଧ୍ୟରେ ୫ ମହିଳା ରହିଛନ୍ତି।

# ଚାଷୀଙ୍କ ଆୟ ନୁହେଁ, ଆତ୍ମହତ୍ୟା ଦ୍ୱିଗୁଣିତ

## ପ୍ରଧାନମନ୍ତ୍ରୀଙ୍କୁ ପାୱାରଙ୍କ ଟାର୍ଗେଟ୍



ସୋଲାପୁର/ନୂଆଦିଲ୍ଲୀ,୧୧।୮

୨୦୨୨ ସୁଦ୍ଧା ଦେଶର କୃଷକମାନଙ୍କ ଆୟ ଦ୍ୱିଗୁଣିତ (ଡିଏଫ୍ଆଇ) କରିବା ପାଇଁ ୨୦୧୬ ଫେବୃଆରୀରେ କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାୟ ସବୁ ସଭାରେ କୃଷକଙ୍କ ଆୟ ଦୁଇଗୁଣା ବୃଦ୍ଧି କରାଯିବା ନେଇ ପ୍ରତିଶ୍ରୁତି ଦେଉଥିଲେ, ଯାହାକି ଅଦ୍ୟାବଧି ପୂରଣ ହୋଇପାରି ନାହିଁ। ତେଣୁ ୨୦୨୪ ଲୋକ ସଭା ନିର୍ବାଚନରେ ଏହି ପ୍ରସଙ୍ଗକୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଗୌଣ କରିଦେଇଥିଲା। ଭାଜପା ଶାସନରେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେଲାନାହିଁ, ବରଂ ଆତ୍ମହତ୍ୟା ଦୁଇଗୁଣା ବୃଦ୍ଧି ପାଇଛି ବୋଲି ରବିବାର ଇଣ୍ଡିଆ ମେଣ୍ଟର ବରିଷ୍ଠ ନେତା ଶରଦ ପାୱାର ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି।

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି-ଏସ୍‌ପି) ମୁଖ୍ୟ ଶରଦ ପାୱାର ମହାରାଷ୍ଟ୍ରର ସୋଲାପୁର ଜିଲାରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ପର୍ଯ୍ୟାପ୍ତ ମୂଲ୍ୟ ପାଉ ନ ଥିବାରୁ ଋଣଗ୍ରସ୍ତ ହୋଇଗଲେଣି। ପ୍ରଧାନମନ୍ତ୍ରୀ ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଚାଷୀଙ୍କ ଆୟ ତ ବଢ଼ିଲା ନାହିଁ, ଆତ୍ମହତ୍ୟା ଦ୍ୱିଗୁଣିତ ହୋଇଛି। ଚାଷୀଙ୍କ କଷ୍ଟ ଲାଘବ ପାଇଁ ଋଣ ଛାଡ଼ କରାଯାଉ ବୋଲି ପାୱାର କହିଛନ୍ତି। ପାୱାର ଆହୁରି କହିଛନ୍ତି, ମହାରାଷ୍ଟ୍ରରେ ବର୍ତ୍ତମାନ ସରକାର ପରିବର୍ତ୍ତନ କରିବା ସମୟ ଉପନୀତ। ଭାଜପା-ଶିବସେନା (ଶିନ୍ଦେ) ସରକାରକୁ ହଟାଇ ଏପରି ଏକ ସରକାର ଗଢ଼ାଯିବା ଦରକାର, ଯିଏ କୃଷକ, ଯୁବ ଓ ମହିଳାଙ୍କ ସ୍ୱାର୍ଥର ସୁରକ୍ଷା କରିବେ। କେନ୍ଦ୍ର ଓ ରାଜ୍ୟର ଭାଜପା ସରକାର କୃଷକମାନଙ୍କ ଦୁର୍ଦ୍ଦଶା ଦୂର କରିବା ପାଇଁ ନିଜ କ୍ଷମତାର ଉପଯୋଗ କରୁନାହାନ୍ତି। ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା କଥା ଚିନ୍ତା କରୁନାହାନ୍ତି। ନିଯୁକ୍ତି ଅଭାବ ଯୋଗୁ ଯୁବପିଢ଼ି ନିରାଶ ଓ ହତାଶ ହୋଇଗଲେଣି। ତେଣୁ ଆମକୁ ସରକାର ବଦଳାଇବାକୁ ପଡ଼ିବ ବୋଲି ପୂର୍ବତନ କେନ୍ଦ୍ର କୃଷିମନ୍ତ୍ରୀ ପାୱାର କହିଛନ୍ତି। ଲୋକ ସଭା ନିର୍ବାଚନରେ ଭାଜପା ୪୦୦ ପାର୍ ସ୍ଲୋଗାନ ଦେଇ ୩୦୦ ଭିତରେ ସୀମିତ ହୋଇ ରହିଗଲା। ଆନ୍ଧ୍ର ଓ ବିହାରୀ ଦଳଗୁଡ଼ିକର ସମର୍ଥନରେ ସରକାର ଗଢ଼ିବାକୁ ସକ୍ଷମ ହୋଇଛି। ଅନ୍ୟଥା ମୋଦି ପୁନର୍ବାର ପ୍ରଧାନମନ୍ତ୍ରୀ ହୋଇପାରି ନ ଥାନ୍ତେ।

## ୧୦୯ ଉନ୍ନତ ଅମଳକ୍ଷମ ବିହନ ଉନ୍ମୋଚନ କଲେ ମୋଦି



ଦିଲ୍ଲୀର ପୁସା କ୍ୟାମ୍ପସ୍‌ରେ ୧୦୯ଟି ଉନ୍ନତ ଅମଳକ୍ଷମ ବିହନ ଉନ୍ମୋଚନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ।

ନୂଆଦିଲ୍ଲୀ,୧୧।୮(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୧୦୯ଟି ଉନ୍ନତ ଅମଳକ୍ଷମ ତଥା ପରିବେଶ ସହଣି ଏବଂ ବାୟୋଫର୍ଟିଫାଏଡ୍ କିସମ ମଞ୍ଜି ଉନ୍ମୋଚନ କରିଛନ୍ତି। କୃଷି ଉତ୍ପାଦନ ବଢ଼ାଇବା ଏବଂ କୃଷକମାନଙ୍କ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଏହିସବୁ ବିହନକୁ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ବିକଶିତ କରିଛି। ଏଥିରେ ୬୨ ପ୍ରକାରର ମଞ୍ଜି ରହିଛି। ସେଥିରୁ ୩୪ଟି ଜମି ଫସଲ ହୋଇଥିବାବେଳେ ୨୭ଟି ଉଦ୍ୟମ ଫସଲ। ଦିଲ୍ଲୀର ପୁସା କ୍ୟାମ୍ପସ୍‌ରେ ୩ଟି ପ୍ରୟୋଗାତ୍ମକ କୃଷି ଜମିରେ ମୋଦି ଉକ୍ତ ବିହନଗୁଡ଼ିକର ଉନ୍ମୋଚନ କରିବା ସହ କୃଷକ ଓ ବୈଜ୍ଞାନିକମାନଙ୍କ ସହ କଥା ହୋଇଥିଲେ। କମ୍ ଖର୍ଚ୍ଚ କରିବାକୁ ପଡୁଥିବାରୁ ଏହି ବିହନଗୁଡ଼ିକ ବେଶ୍ ଲାଭଦାୟକ ହେବ ବୋଲି ସେଠାରେ ଉପସ୍ଥିତ ଚାଷୀମାନେ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମାଣ୍ଡିଆର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ପୌଷ୍ଟିକ ଖାଦ୍ୟ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା କହିଥିଲେ। ଜୈବିକ କୃଷି ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ବଢ଼ିଛି। ଜୈବିକ ଖାଦ୍ୟ ପ୍ରତି ଲୋକଙ୍କ ଚାହିଦା ବୃଦ୍ଧି ପାଇଛି। ପ୍ରତି ମାସରେ ବିକଶିତ ହେଉଥିବା ନୂଆ କିସମର ବିହନ ଓ ଏଥିରୁ ମିଳିବାକୁ ଥିବା ଲାଭ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ଚାଷୀମାନଙ୍କୁ ସକ୍ରିୟ ଭାବେ ଜଣାଇବା ଦରକାର। ନୂଆ ବିହନଗୁଡ଼ିକର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିଛନ୍ତି। କୃଷକମାନଙ୍କ ଆୟ ବଢ଼ାଇବା ପାଇଁ ମୋଦି ୨୦୧୪ରୁ ସ୍ଥାୟୀ କୃଷି ଏବଂ ଜଳବାୟୁ ସହଣି ପଦ୍ଧତି ଆପଣାଇବା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ବାୟୋଫର୍ଟିଫାଏଡ୍ ଫସଲର ଉତ୍ପାଦନ ବୃଦ୍ଧି ଦିଗରେ ସେ କ୍ରମାଗତ ଭାବେ ପ୍ରାଧାନ୍ୟ ଦେଉଥିବାବେଳେ ଦେଶରୁ କୁପୋଷଣ ସମସ୍ୟା ଦୂର ପାଇଁ ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ଅଙ୍ଗନବାଡ଼ି ସେବାରେ ଏହାକୁ ସାମିଲ କରାଯାଇଛି। ୧୦୯ଟି ଉନ୍ନତ ଅମଳକ୍ଷମ ବିହନ କୃଷକମାନଙ୍କ ଆୟ ବଢ଼ାଇବା ସହ ବ୍ୟୟ ହ୍ରାସ କରିବ ବୋଲି ଏହି ଅବସରରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି।

## ରେଫାତ ଅହମଦ ବାଂଲାଦେଶର ନୂଆ ପ୍ରଧାନ ବିଚାରପତି



ଢାକା,୧୧।୮(ପି.ଟି.)

ସୟେଦ ରେଫାତ ଅହମଦ ବାଂଲାଦେଶର ନୂଆ ପ୍ରଧାନ ବିଚାରପତି ଭାବେ ରବିବାର ଶପଥ ନେଇଛନ୍ତି। ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ତାଙ୍କୁ ଶପଥ ପାଠ କରାଇଛନ୍ତି। ଶପଥଗ୍ରହଣ ବେଳେ ନୂଆ ସରକାରର ମୁଖ୍ୟ ଉପଦେଷ୍ଟା ପ୍ରଫେସର ମହମ୍ମଦ ୟୁନୁସ୍ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଜଷ୍ଟିସ ଅହମଦଙ୍କୁ ବାଂଲାଦେଶର ୨୫ତମ ପ୍ରଧାନ ବିଚାରପତି ଭାବେ ଶନିବାର ନିଯୁକ୍ତି ଦେଇଥିଲେ। ସୂଚନାଯୋଗ୍ୟ, ନ୍ୟାୟିକ ବ୍ୟବସ୍ଥାରେ ପରିବର୍ତ୍ତନ ଦାବିରେ ଆନ୍ଦୋଳନକାରୀମାନେ ସୁପ୍ରିମକୋର୍ଟରେ ବିକ୍ଷୋଭ କରିବା ସହ ପ୍ରଧାନ ବିଚାରପତିଙ୍କୁ ଶନିବାର ଅପରାହ୍ନ ୧ଟା ସୁଦ୍ଧା ଇସ୍ତଫା ଦେବାକୁ ମହଲତ ଦେଇଥିଲେ। ଫଳରେ ପୂର୍ବତନ ପ୍ରଧାନ ବିଚାରପତି ଓବୈଦୁଲ ହାସନଙ୍କ ସମେତ ସର୍ବୋଚ୍ଚ ଆପିଲେଟ୍ ଡିଭିଜନର ୫ ବିଚାରପତି ଇସ୍ତଫା ଦେଇଥିଲେ।



ଇସ୍ରାଏଲ ସେନାର ନିର୍ଦ୍ଦେଶ ପରେ ଗାଜାସ୍ଥିତ ଖାନ୍ ୟୁନିସ୍‌ରୁ ପାଲେଷ୍ଟିନୀୟଙ୍କ ଗଣପଳାୟନ। (ଫଟୋ ସୌଜନ୍ୟ: ରଏଟର୍ସ)

## ଗାଜାର ଅଧିକ ଅଞ୍ଚଳ ଖାଲି କରିବାକୁ ଇସ୍ରାଏଲ୍‌ର ନିର୍ଦ୍ଦେଶ

ଡେଇର୍ ଅଲ୍-ବାଲାହ,୧୧।୮

ଯୁଦ୍ଧରେ ଘରଦ୍ୱାର ହରାଇ ଗାଜା ସହରର ଏକ ସ୍କୁଲରେ ଆଶ୍ରୟ ନେଇଥିବା ଶତାଧିକ ଲୋକ ଶନିବାର ଇସ୍ରାଏଲ୍ ସେନାର ଏୟାରଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଥିଲେ। ଉକ୍ତ ସ୍କୁଲ ପରିସରରେ ହମାସ୍ ଆତଙ୍କବାଦୀ ରହୁଥିଲେ ଏବଂ ଆକ୍ରମଣରେ ୧୯ ଆତଙ୍କବାଦୀ ନିହତ ହୋଇଥିବା ଇସ୍ରାଏଲ୍ ଦାବି କରିଛି। ଇସ୍ରାଏଲ୍ ସେନା ଦକ୍ଷିଣ ଗାଜାରେ ଆକ୍ରମଣକୁ ଜୋର୍‌ଦାର କରିବାକୁ ଯାଉଥିବାରୁ ବ୍ୟାପକ ଅଞ୍ଚଳ ଖାଲି କରିବା ପାଇଁ ରବିବାର ନିର୍ଦ୍ଦେଶନାମା ଜାରି କରିଛି। ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ୧୦ ମାସ ଧରି ଯୁଦ୍ଧ ଲାଗିରହିଥିବାବେଳେ ୨୩ ଲକ୍ଷ ପାଲେଷ୍ଟିନୀୟଙ୍କ ମଧ୍ୟରୁ ଅଧିକାଂଶ ଘରଦ୍ୱାର ହରାଇ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଛନ୍ତି। ହମାସ୍ ଆତଙ୍କବାଦୀମାନେ ସାଧାରଣ ଲୋକଙ୍କ ମଧ୍ୟରେ ଲୁଚି ରହି ଆକ୍ରମଣ ଚଳାଇଥିବାରୁ ଗାଜାର ଦ୍ୱିତୀୟ ବୃହତ୍ ସହର ଖାନ୍ ୟୁନିସ୍‌କୁ ଖାଲି କରିବା ପାଇଁ ଇସ୍ରାଏଲ୍ ସେନା ନିର୍ଦ୍ଦେଶ ଦେଇଛି।

## ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ବହିଷ୍କୃତ

**ଡାକ୍ତରଙ୍କୁ ବଳାତ୍କାର, ହତ୍ୟା ମାମଲା**

**ଡାକ୍ତରଙ୍କ କାର୍ଯ୍ୟବନ୍ଦ ଯୋଗୁ ସ୍ୱାସ୍ଥ୍ୟସେବା ପ୍ରଭାବିତ**

କୋଲକାତା,୧୧।୮

କୋଲକାତା ମେଡିକାଲ କଲେଜ ହସ୍ପିଟାଲରେ ୩୧ ବର୍ଷୀୟା ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ବିକ୍ଷୋଭ ଜାରି ରହିବାରୁ ପଶ୍ଚିମବଙ୍ଗ ସରକାର ରବିବାର ଆର୍.ଜି. କର ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡ. ସଞ୍ଜୟ ବଶିଷ୍ଠଙ୍କୁ ବହିଷ୍କାର କରିଛନ୍ତି। ତାଙ୍କ ସ୍ଥାନରେ ଡିନ୍ ବୁଲ୍‌ବୁଲ ମୁଖୋପାଧ୍ୟାୟଙ୍କୁ ନିଯୁକ୍ତି ଦିଆଯାଇଛି। ଦ୍ୱିତୀୟ ବର୍ଷ ପିଜି ମେଡିକାଲ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ସମେତ ପୀଡ଼ିତାଙ୍କ ପ୍ରତି ନ୍ୟାୟ ଦାବିରେ ଡାକ୍ତର ଓ ମେଡିକାଲ ଛାତ୍ରୀଛାତ୍ର ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟର ସରକାରୀ ହସ୍ପିଟାଲଗୁଡ଼ିକରେ ଡାକ୍ତରମାନଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଥିବାବେଳେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଛି। ମେଡିକାଲ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ବଢ଼ାଇବା ପାଇଁ କନିଷ୍ଠ ଡାକ୍ତର, ହାଉସ୍ ଷ୍ଟାଫ ଏବଂ ପିଜି ଟ୍ରେନିଂମାନେ ଦାବି ଜଣାଇଛନ୍ତି। ରୋଗୀଙ୍କୁ ସେବା ଯୋଗାଇବାରେ ବିଭିନ୍ନ ହସ୍ପିଟାଲ କର୍ତ୍ତୃପକ୍ଷ ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ରବିବାର ମଧ୍ୟ କୌଣସି ଡାକ୍ତର ଡ୍ୟୁଟିରେ ଯୋଗଦେଇ ନାହାନ୍ତି। ସୂଚନାଯୋଗ୍ୟ, ବଳାତ୍କାର ଓ ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତଙ୍କୁ ୧୪ ଦିନ ପାଇଁ ପୋଲିସ ହାଜତକୁ ପଠାଯାଇଛି।



ବଳାତ୍କାର ଓ ହତ୍ୟା ମାମଲାରେ ସମ୍ପୃକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

### ଅପରାଧ ଘଟାଇବା ପୂର୍ବରୁ ଅଭିଯୁକ୍ତ ମଦ ପିଇ ଅଶ୍ଳୀଳ ଭିଡିଓ ଦେଖିଥିଲେ

ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ସଞ୍ଜୟ ରାୟ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅପରାଧ ଘଟାଇବା ପୂର୍ବରୁ ସେ ମଦ ପିଇବା ସହ ଅଶ୍ଳୀଳ ଭିଡିଓ ଦେଖିଥିଲେ ବୋଲି ଜେରା ବେଳେ ସ୍ୱୀକାର କରିଛନ୍ତି। ଗିରଫ ସମୟରେ ମଧ୍ୟ ସେ ମଦ ନିଶାରେ ଥିଲେ। ତାଙ୍କ ମୋବାଇଲ ଫୋନ୍ ଅଶ୍ଳୀଳ ଭିଡିଓରେ ପୂର୍ଣ୍ଣ ଥିଲା। ତେଣୁ ସେ ଜଣେ ମାନସିକ ଅସୁସ୍ଥ କିମ୍ବା ବିକୃତ ମସ୍ତିଷ୍କ ବ୍ୟକ୍ତି ହୋଇଥାଇପାରନ୍ତି ବୋଲି ଏଥିରୁ ସୂଚନା ମିଳୁଛି। ସଞ୍ଜୟ ୪ ଥର ବିବାହ କରିଥିବାବେଳେ ତାଙ୍କର ଅସଦାଚରଣ ପାଇଁ ପ୍ରଥମ ୩ ସ୍ତ୍ରୀ ଛାଡ଼ି ପଳାଇଯାଇଥିଲେ। ଚତୁର୍ଥ ସ୍ତ୍ରୀଙ୍କ ଗତବର୍ଷ କ୍ୟାନ୍‌ସରରେ ମୃତ୍ୟୁ ଘଟିଥିଲା।

### ଅନୁପ୍ରବେଶବେଳେ ଧରାହେଲେଣି ୧୧

ନୂଆଦିଲ୍ଲୀ,୧୧।୮(ପି.ଟି.)

ପଶ୍ଚିମବଙ୍ଗ, ତ୍ରିପୁରା ଏବଂ ମେଘାଳୟ ସୀମା ଦେଇ ଭାରତରେ ଅନୁପ୍ରବେଶ ଉଦ୍ୟମ କରୁଥିବା ୧୧ ଜଣ ବାଂଲାଦେଶୀଙ୍କୁ ଗିରଫ କରାଗଲାଣି। ସେମାନଙ୍କୁ ଜେରା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସମ୍ପୃକ୍ତ ରାଜ୍ୟ ପୋଲିସକୁ ହସ୍ତାନ୍ତର କରାଯିବ ବୋଲି ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ମୁଖପାତ୍ର ରବିବାର କହିଛନ୍ତି। ଅନୁପ୍ରବେଶ ପ୍ରସଙ୍ଗର ଆପୋସ ସମାଧାନ ନିମନ୍ତେ ବିଏସ୍ଏଫ୍ ପ୍ରତିପକ୍ଷ ବର୍ଡର ଗାର୍ଡ ଅଫ୍ ବାଂଲାଦେଶ (ବିଜିବି) ସହ ନିରନ୍ତର ଯୋଗାଯୋଗରେ ରହିଛି। ଶେଖ୍ ହାସିନା ସରକାରଙ୍କ ପତନ ପରେ ବାଂଲାଦେଶରେ ସଂଖ୍ୟାଲଘୁମାନଙ୍କ ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି।

## ବାଂଲାଦେଶୀ ହିନ୍ଦୁଙ୍କ ବିକ୍ଷୋଭ

ଢାକା,୧୧।୮

ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପରେ ଗତ ୫ ତାରିଖରୁ ଦେଶରେ ସଂଖ୍ୟାଲଘୁ ବିରୋଧୀ ହିଂସା ଲାଗିରହିଛି। ଏହାକୁ ବିରୋଧ କରି ଲକ୍ଷ ଲକ୍ଷ ହିନ୍ଦୁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଶନିବାର ରାଜଧାନୀ ଢାକା, ଦ୍ୱିତୀୟ ବୃହତ୍ ସହର ଚିଟ୍ଟାଗଙ୍ଗ ସମେତ ବିଭିନ୍ନ ସ୍ଥାନରେ ଲକ୍ଷାଧିକ ହିନ୍ଦୁ ବିକ୍ଷୋଭରେ ସାମିଲ ହୋଇଥିଲେ। ସେମାନେ ଢାକାର ଶାହବାଗ୍ ଛକକୁ ଦୀର୍ଘସମୟ ଅବରୋଧ କରିଥିଲେ। ଇତିମଧ୍ୟରେ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ୨୦୫ରୁ ଅଧିକ ଥର ଆକ୍ରମଣ ହେଲାଣି, ଯେଉଁଥିରେ ବହୁ ହିନ୍ଦୁ ମୃତାହତ ହେବା ସହ ସେମାନଙ୍କ ଘର ଓ ଦୋକାନ ଜାଳି ଦିଆଯାଇଛି। ଅନେକ ହିନ୍ଦୁ ମନ୍ଦିରରେ ଭଙ୍ଗାରୁଜା କରାଯାଇଛି। ହାସିନାଙ୍କ ଆୱାମୀ ଲିଗ୍ ପାର୍ଟି ସହ ସମ୍ପୃକ୍ତ ୨ ହିନ୍ଦୁ ନେତାଙ୍କୁ ହତ୍ୟା କରାଯାଇଛି। ହିଂସାରୁ ବର୍ତ୍ତିବା ପାଇଁ ବହୁ ହିନ୍ଦୁ ପଡୋଶୀ ଦେଶକୁ ପଳାଇବାକୁ ଉଦ୍ୟମ ଚଳାଇଛନ୍ତି। ଶନିବାର ଢାକାରେ ଥିବା ଲୋକପ୍ରିୟ ଭାରତୀୟ ରେଷ୍ଟୁରାଣ୍ଟ ସନ୍ତୁରରେ ଭଙ୍ଗାରୁଜା ସହ ନିଆଁ ଲଗାଇ ଦିଆଯାଇଥିଲା।

ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ହିଂସା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଗଠନ, ପାର୍ଲାମେଣ୍ଟରେ ସେମାନଙ୍କ ପାଇଁ ୧୦ ପ୍ରତିଶତ ଆସନ ସଂରକ୍ଷିତ ରଖିବା ଏବଂ ସଂଖ୍ୟାଲଘୁ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଇବା ଆଦି ବିଭିନ୍ନ ଦାବିରେ ହିନ୍ଦୁମାନେ ବିକ୍ଷୋଭ ଜାରି ରଖିଛନ୍ତି। ବାଂଲାଦେଶ ଅନ୍ତରୀଣ ସରକାରର ନେତୃତ୍ୱ ନେଉଥିବା ମହମ୍ମଦ ୟୁନୁସ୍ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ନିନ୍ଦା କରିବା ସହ ସମସ୍ତ ହିନ୍ଦୁ, ଖ୍ରୀଷ୍ଟିଆନ, ବୌଦ୍ଧ ଧର୍ମାବଲମ୍ବୀଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ଛାତ୍ର ସଂଗଠନଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।

## ଦ୍ୱୀପ ଦେଲିନି, କ୍ଷମତା ନେଇଗଲା ଆମେରିକା



ନୂଆଦିଲ୍ଲୀ,୧୧।୮

**ଶେଖ୍ ହାସିନାଙ୍କ ଅଭିଯୋଗ ପରେ ଚର୍ଚ୍ଚାରେ ସେଣ୍ଟ ମାର୍ଟିନ ଆଇଲାଣ୍ଡ**



ବାଂଲାଦେଶ ପ୍ରଧାନମନ୍ତ୍ରୀ ପଦରୁ ଗାଦିଚ୍ୟୁତ ଶେଖ୍ ହାସିନା କ୍ଷମତାରୁ ହଟିବା ପଛରେ ଆମେରିକାର ହାତ ଥିବା ସେ ଅଭିଯୋଗ ଆଣିଛନ୍ତି। ହାସିନା କହିଛନ୍ତି, ସେଣ୍ଟ ମାର୍ଟିନ ଦ୍ୱୀପର ସାର୍ବଭୌମତ୍ୱକୁ ଆମେରିକା ନିକଟରେ ସମର୍ପଣ କରିଦେଇଥିଲେ ସେ ଏବେ ବି କ୍ଷମତାରେ ରହିଥାଆନ୍ତେ। ହାସିନାଙ୍କ ଏହି ଅଭିଯୋଗ ପରେ ମାର୍ଟିନ ଆଇଲାଣ୍ଡ ଚର୍ଚ୍ଚାକୁ ଆସିଛି।

ନାରିକେଳ ଜିଞ୍ଜିରା ନାମରେ ପରିଚିତ ସେଣ୍ଟ ମାର୍ଟିନ ଆଇଲାଣ୍ଡ ବଙ୍ଗୋପସାଗରର ଉତ୍ତରପୂର୍ବରେ ଅବସ୍ଥିତ। ୫,୫୦୦ ଜନସଂଖ୍ୟା ବିଶିଷ୍ଟ ଏହି ଦ୍ୱୀପର ଆୟତନ ମାତ୍ର ୩ ବର୍ଗ କି.ମି.। କୋକ୍ସ ବାଜାର-ତନ୍‌କାଫ୍ ଉପଦ୍ୱୀପରୁ ୯ କି.ମି. ଦକ୍ଷିଣରେ ଏହା ରହିଛି। ବାଂଲାଦେଶର ଏକମାତ୍ର ପ୍ରବାଳ ଦ୍ୱୀପ ହୋଇଥିବାରୁ ଏହାର ନୀଳ ସ୍ୱଚ୍ଛ ଜଳ, ବିବିଧ ସାମୁଦ୍ରିକ ଜୀବ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସେଣ୍ଟ ମାର୍ଟିନ ଦ୍ୱୀପକୁ ନେଇ ଅତୀତରେ ବାଂଲାଦେଶ ଓ ମ୍ୟାନ୍‌ମାର ମଧ୍ୟରେ ଅନେକ ବିବାଦ ସୃଷ୍ଟି ହୋଇଛି। ୨୦୧୨ରେ ଇଣ୍ଟରନ୍ୟାଶନାଲ ଟ୍ରିବ୍ୟୁନାଲ ଫର୍ ଦି ଲ ଅଫ୍ ଦି ସି (ଆଇଟିଏଲ୍ଓଏସ୍) ଏହାକୁ ବାଂଲାଦେଶର ଅଂଶ ବୋଲି ରାୟ ଦେଇଥିଲେ। ହାସିନାଙ୍କ ଅଭିଯୋଗ ଭାରତ ମହାସାଗର ଚାଇନାର ରଣନୀତିକୁ ଫୋକସ୍‌କୁ ଆଣିଛି। ଭାରତର ମୁକାବିଲା ପାଇଁ ଏଠାରେ ଚାଇନା ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍ଆଇ) ଅଧୀନରେ ଅନେକ ସାମରିକ ଘାଟି ଓ ଆର୍ଥିକ କରିଡୋର ନିର୍ମାଣ କରିବାକୁ ଚାହୁଁଛି। ଭାରତ ମହାସାଗରରେ ଚାଇନାର ଉପସ୍ଥିତି ବୃଦ୍ଧି ୱାଶିଂଟନ୍ ପାଇଁ ମଧ୍ୟ ସତର୍କଘଣ୍ଟି ସଦୃଶ। ଆମେରିକାର ଇଣ୍ଡୋ-ପାସିଫିକ୍ ରଣନୀତିରେ ଭାରତ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୨/୨୦୨୪ | Bhubaneswar, Monday, August 12/2024 | ପୃଷ୍ଠା-୧


# ଜେପିସି ତଦନ୍ତ ଦାବିକଲା କଂଗ୍ରେସ

## ହିଣ୍ଡେନ୍‌ବର୍ଗ ୨.୦: ଅଭିଯୋଗକୁ ଖଣ୍ଡନ କଲେ ଆଦାନୀ-ମାଧବୀ

**ନୂଆଦିଲ୍ଲୀ,୧୧।୮**

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଆଗତ ଅଭିଯୋଗର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଯାଉ ବୋଲି ରବିବାର କଂଗ୍ରେସ ଦାବି କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ୨୦୨୩ ଜାନୁୟାରୀରେ ହିଣ୍ଡେନ୍‌ବର୍ଗ ପ୍ରଘଟ କରିଥିବା ରିପୋର୍ଟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନିଷ୍ଠ ସହଯୋଗୀ ଆଦାନୀଙ୍କୁ ସୁପ୍ରିମକୋର୍ଟ ପୂର୍ବରୁ ସେବି କ୍ଲିନ୍‌ଚିଟ୍ ଦେଇଥିଲା। ବର୍ତ୍ତମାନ ସେବି ମୁଖ୍ୟଙ୍କ ସମ୍ପୃକ୍ତି ଥିବା ନେଇ ନୂଆ ରିପୋର୍ଟ ଆସିଛି। କ୍ଷୁଦ୍ର ଓ ମଧ୍ୟମ ନିବେଶକମାନେ ମଧ୍ୟବିତ୍ତ ଶ୍ରେଣୀର। ସେମାନେ ସେବି ଉପରେ ଭରସା କରି ନିଜ କଷ୍ଟ ଉପାର୍ଜିତ ଟଙ୍କାକୁ ଷ୍ଟକ୍ ବଜାରରେ ନିବେଶ କରୁଥିବାରୁ ସେମାନଙ୍କୁ ସୁରକ୍ଷା ଦିଆଯିବା ଉଚିତ। ଏହି ବୃହତ୍ ଦୁର୍ନୀତିର ଜେପିସି ତଦନ୍ତ ଜରୁରୀ ହୋଇପଡ଼ିଛି। ଜେପିସି ତଦନ୍ତ ନ ହେବା ଯାଏ ପ୍ରଧାନମନ୍ତ୍ରୀ ମୋଦି ଭାରତର ସାମ୍ବିଧାନିକ ସଂସ୍ଥାଗୁଡ଼ିକ ସହ ସାଲିସ କରି ନିଜ ସହଯୋଗୀମାନଙ୍କୁ ଘଣ୍ଟ ☞ପୃଷ୍ଠା-୨

## ସେବି ମୁଖ୍ୟଙ୍କ ବିରୋଧରେ ୩ ବଡ଼ ଅଭିଯୋଗ

**ନଂ.୧:** ୨୦୨୨ ମାର୍ଚ୍ଚ ୧୭ରେ ମାଧବୀ ପୁରୀ ବୁଚ୍ ସେବି ଅଧ୍ୟକ୍ଷା ଭାବେ ନିଯୁକ୍ତ ହୋଇଥିଲେ। ଏହାର କିଛି ସପ୍ତାହ ପୂର୍ବରୁ ତାଙ୍କ ସ୍ୱାମୀ ଧବଳ ବୁଚ୍ ମରିସସ୍ ଫଣ୍ଡ୍ ଆଡ୍‌ମିନିଷ୍ଟ୍ରେଟର ଟ୍ରାଇଡେଣ୍ଟ ଟ୍ରଷ୍ଟକୁ ଏକ ପତ୍ର ଲେଖିଥିଲେ। ସ୍ତ୍ରୀଙ୍କ ନାମରେ ଥିବା ଆକାଉଣ୍ଟଗୁଡ଼ିକର ପରିଚାଳନା ନିମନ୍ତେ ତାଙ୍କୁ ଏକମାତ୍ର ଅଧିକୃତ ବ୍ୟକ୍ତି ରୂପେ ସ୍ୱୀକୃତି ପ୍ରଦାନ କରିବାକୁ ସେ ଏଥିରେ ନିବେଦନ କରିଥିଲେ। ୨୦୧୭ ଏପ୍ରିଲରେ ମାଧବୀ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ନିଯୁକ୍ତ ହୋଇଥିଲେ। ୨୦୧୮ ଫେବୃଆରୀରେ ଦୁହେଁ ଦରିଆପାରି କମ୍ପାନୀଗୁଡ଼ିକରେ ଥିବା ନିଜ ଶେୟାର ୟୁନିଟ୍‌ଗୁଡ଼ିକୁ ବିକ୍ରି କରି ଅର୍ଥ ଉଠାଣ ପାଇଁ ଦାବି କରିଥିଲେ।

**ନଂ.୨:** ୨୦୧୭ ଏପ୍ରିଲରୁ ମାଧବୀ ସେବିର ପୂର୍ଣ୍ଣକାଳୀନ ସଦସ୍ୟା ଥିବାବେଳେ ୨୦୨୨ ମାର୍ଚ୍ଚରେ ଏହାର ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ। ସିଙ୍ଗାପୁରର ଏକ କନ୍‌ସଲ୍ଟିଂ ଫାର୍ମରେ ମାଧବୀଙ୍କ ୧୦୦ ପ୍ରତିଶତ ଅଂଶଧନ ଥିଲା। ୨୦୨୨ ମାର୍ଚ୍ଚ ୧୬ରେ ଚେୟାରପର୍ସନ ନିଯୁକ୍ତ ☞ପୃଷ୍ଠା-୨

## ଆଳୁ ଟ୍ରକ୍ ଜଗିବାକୁ ସିସିଟିଭି କ୍ୟାମେରା

**ଭୋଗରାଇ, ୧୧।୮(ପ୍ରଦୀପ ଦାସ)**

ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆବଶ୍ୟକ ପରିମାଣରେ ଆଳୁ ଆସୁନାହିଁ। ଫଳରେ ରାଜ୍ୟରେ ଦିନକୁ ଦିନ ଆଳୁର ଘୋର ସଙ୍କଟ ଦେଖାଯାଉଛି। ଆଳୁ ଅଭାବ ଦୂର କରିବାକୁ ରାଜ୍ୟ ସରକାର ଉତ୍ତରପ୍ରଦେଶ ଏବଂ ପଞ୍ଜାବରୁ ଆଳୁ ଆଣିବାକୁ କହୁଥିଲେ ସୁଦ୍ଧା ତାହା ସମ୍ଭବ ହେଉନାହିଁ। ଓଡ଼ିଶାକୁ ଆଳୁ ଯୋଗାଣ ସ୍ୱାଭାବିକ କରିବାକୁ ପଶ୍ଚିମବଙ୍ଗ ସରକାର ଚାହୁଁ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଗଳାବାଟ ଦେଇ ଯେଉଁ କିଛି କିଛି ଟ୍ରକ୍ ଆସୁଛି, ସେଗୁଡ଼ିକୁ ବନ୍ଦ କରିବାକୁ ଏବେ ପଶ୍ଚିମବଙ୍ଗ ପୋଲିସ ସୀମାନ୍ତ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଇଛି। ଫଳରେ ଚୋରାରେ ଆସୁଥିବା ଆଳୁ ବୋଝେଇ ଟ୍ରକ୍ ଏବେ ଓଡ଼ିଶାକୁ ଆସିବା ବନ୍ଦ ହୋଇଯାଇଛି। ଅପରପକ୍ଷରେ ଆଳୁ ଯୋଗାଣକୁ ସ୍ୱାଭାବିକ କରିବାକୁ ରବିବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଫୋନ୍ ଯୋଗେ କଥା ହୋଇ ଆଳୁ ଯୋଗାଣକୁ ସ୍ୱାଭାବିକ କରିବାକୁ ଅନୁରୋଧ କରିଛନ୍ତି। ମମତା ମଧ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ହେଇଛନ୍ତି। ସେପଟେ ପଶ୍ଚିମବଙ୍ଗ ସରକାର ଏବଂ ସେଠାକାର ଆଳୁ ବ୍ୟବସାୟୀ ସଂଘ ମଧ୍ୟରେ ଆସନ୍ତା ମଙ୍ଗଳବାର ବୈଠକ ବସିବାର କାର୍ଯ୍ୟକ୍ରମ ରହିଛି। ତେଣୁ ମଙ୍ଗଳବାର ମଧ୍ୟରେ ଆଳୁ ଯୋଗାଣ ସ୍ୱାଭାବିକ ହେବା ଭଳି ମନେ ହେଉ ନ ଥିବା ବ୍ୟବସାୟୀ ମତ ପ୍ରକାଶ କରିଛନ୍ତି।

୩ ସପ୍ତାହ ଧରି ପଶ୍ଚିମବଙ୍ଗରୁ ଆଳୁ ଓଡ଼ିଶାକୁ ଠିକ୍‌ଭାବେ ଆସୁ ନ ଥିବାରୁ ସ୍ଥିତି ବିଗିଡିବାରେ ଲାଗିଛି। ଏଭଳି ସ୍ଥିତିରେ ଆଳୁ ଦରକୁ ସ୍ୱାଭାବିକ କରିବାକୁ ରାଜ୍ୟ ଯୋଗାଣ ବିଭାଗ ଚେଷ୍ଟା ଚଳାଇଛି। ଏପରି କି ନାଫେଡ ମାଧ୍ୟମରେ ୧୦୦ଟଙ୍କାରେ ☞ପୃଷ୍ଠା-୨

## ମମତାଙ୍କ ସହିତ କଥା ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୧।୮(ସୁନିତ୍ ମିଶ୍ର)**


ମୋହନ ଚରଣ ମାଝୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଟେଲିଫୋନ ଯୋଗେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲେଚନା କରି ଆଳୁ ଯୋଗାଣ ସମସ୍ୟା ଦୂର କରିବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦିଲ୍ଲୀରେ ଆପଣଙ୍କ ସହ ଆଲୋଚନା ହେବାପରେ ଓଡ଼ିଶାକୁ ଆଳୁ ଯୋଗାଣ ସ୍ୱାଭାବିକ ହୋଇଥିଲା। ମାତ୍ର କିଛିଦିନ ପରେ ପୁଣି ଆଳୁ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଏଥିପ୍ରତି ଧ୍ୟାନ ଦେଇ ସମସ୍ୟା ଦୂର କରିବାକୁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଅନୁରୋଧ କରିଛନ୍ତି। ଏହାସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

**ଆଜିର ସମ୍ପାଦକୀୟ** ସାଧାରଣ ମାଧବୀ

## ଶାହରୁଖ୍‌ଙ୍କୁ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'

**ଲୋକାର୍ନୋ, ୧୧।୮**

ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ନାମରେ ଆଉ ଏକ ଉପଲବ୍ଧି ଯୋଡ଼ି ହୋଇଛି। ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲର ୭୭ତମ ସଂସ୍କରଣରେ ତାଙ୍କୁ ପାର୍ଡୋ ଅଲା କାରିଏରା (ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ)ରେ ସମ୍ମାନିତ କରାଯାଇଛି। ଶାହରୁଖ୍ ଏହି ପୁରସ୍କାରରେ ସମ୍ମାନିତ ହୋଇଥିବା ପ୍ରଥମ ଭାରତୀୟ ହୋଇପାରିଛନ୍ତି। ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲର ଆଧିକାରିକ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଶାହରୁଖ୍‌ଙ୍କ ଅନେକ ଫଟୋ ଓ ଭିଡିଓକୁ ପୋଷ୍ଟ କରାଯାଇଛି। ଏଥିରେ ବଲିଉଡ୍‌ର କିଙ୍ଗ୍ ଖାନ୍‌ଙ୍କ କ୍ରେଜ୍‌ରେ ଉପସ୍ଥିତ ଦର୍ଶକ ମତୁଆଲା ହେଉଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଶାହରୁଖ୍ କଳା ରଙ୍ଗର ଶାର୍ଟ, ଜ୍ୟାକେଟ ଓ ଟ୍ରାଉଜରରେ ନଜର ଆସିଥିଲେ। ତେବେ ଏହି ଚଳଚ୍ଚିତ୍ର ମହୋତ୍ସବରେ ତାଙ୍କ ଭାଷଣ ମୁଖ୍ୟ ଆକର୍ଷଣ ରହିଥିଲା। ଭାଷଣର ପ୍ରାରମ୍ଭରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିବାରୁ ଉପସ୍ଥିତ ଦର୍ଶକଙ୍କୁ ଶାହରୁଖ୍ ଧନ୍ୟବାଦ ଦେଇଥିଲେ। ନିଜ ଭାଷଣରେ ସେ ଲୋକାର୍ନୋ ସହରର ☞ପୃଷ୍ଠା-୨



୭୭ତମ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲ




**ଆଜିର ମନ୍ତବ୍ୟ**
"ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଣିଥିବା ଅଭିଯୋଗ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୈତିକତା ଦୃଷ୍ଟିରୁ ନିଜ ପଦରୁ ଇସ୍ତଫା ଦେଇଦେବା ଉଚିତ। **–ସଞ୍ଜୟ ସିଂ, ଆପ୍ ଏମ୍‌ପି**"

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଣ୍ଟରନ୍ୟାଶନାଲ ୟୁଥ୍ ଡେ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ମ୍ୟୁଜିକ୍ ଲଞ୍ଚ ସେରିମନି, ସ୍ଥାନ: ହୋଟେଲ ସୂର୍ଯ୍ୟାଂଶ, ସମୟ: ଅପରାହ୍ନ ୫ଟା ୩୦।
- ପୁସ୍ତକ 'ବାପାମାନେ କାନ୍ଦନ୍ତିନି'ର ତୃତୀୟ ସଂସ୍କରଣ ଲୋକାର୍ପଣ, ସ୍ଥାନ: ଏ.ଏ. କନ୍‌ଭେନ୍‌ଶନ୍, ପାପୁପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବେଗୁନିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ବାବା ବାଲକେଶ୍ୱର ଶୈବପୀଠରେ ଜଳାଭିଷେକ, ସ୍ଥାନ: ରାଉତପଡ଼ା, ରୂପସା, ସମୟ: ପ୍ରାତଃ ୫ଟା।
- ଆନ୍ତର୍ଜାତିକ ଯୁବ ଦିବସ ପାଳନ ଅବସରରେ ଯୋଗ ଶିବିର, ସମୟ: ସକାଳ ୮ଟା।
- ଚାରାରୋପଣ, ସମୟ: ସକାଳ ୯ଟା।
- ଆଲୋଚନା ଚକ୍ର, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଚାଷୀଙ୍କୁ ତାଲିମ ଶିବିର, ସ୍ଥାନ: ଅସ୍ତପୁରା କୈଳାସ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଂଗ୍ରେସ ଅଫିସ, ଜଳେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ଆରଡ଼ି ଆଖଣ୍ଡଳମଣି ପୀଠ, ଭଦ୍ରକ, ସମୟ: ଭୋର ୪ଟା।
- କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ପ୍ରାତଃ ୫ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ପରେଡ୍ ଅଭ୍ୟାସ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ଶପଥପାଠ, ସ୍ଥାନ: ସମସ୍ତ ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବାଂଲାଦେଶରେ ହିନ୍ଦୁଙ୍କୁ ଆକ୍ରମଣ ପ୍ରତିବାଦରେ ଭାଜପା ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଡାକ୍ତର ଭଜହରି ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କନ୍‌ଫରେନ୍ସ ହଲ୍ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର
- ଶିବ ମନ୍ଦିରରେ ଜଳାଭିଷେକ ଏବଂ ଭଜନ ସମାରୋହ, ସ୍ଥାନ: ଶଢା, ମୁରୁପୁର, ହାବଲେଶ୍ୱର, ସରଳା, ଶାଳନିଆଁ, ସୋସୋ, କାନପୁର, ବଂଚୋ, ହାଟଡ଼ିହୀ, ସମୟ: ପ୍ରାତଃ ୫ ଟା ଏବଂ ସନ୍ଧ୍ୟା ୭ ଟା।

- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ କୃମି ନାଶକ ଔଷଧ ବଣ୍ଟନ, ସ୍ଥାନ: ପଦାଡ଼ୋ ତାରିଣୀ ମନ୍ଦିର ପ୍ରାଙ୍ଗଣ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ଫାଇଲେରିଆ ଏବଂ କୃମୀ ନାଶକ ଔଷଧ ବଣ୍ଟନ ଏବଂ ସଚେତନ କର୍ମଶାଳା, ସ୍ଥାନ: ବିଷ୍ଣୁପ୍ରିୟା ବାଳାଶ୍ରମ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ
- ବୋଲବମ୍ କଳସ ଶୋଭାଯାତ୍ରା, ସ୍ଥାନ: ବାବା ପାତାଳେଶ୍ୱର ମହାଦେବ ମନ୍ଦିର, ତକତପୁର, ବାରିପଦା, ସମୟ: ସକାଳ ୬ଟା।
- ବିଶ୍ୱ ହସ୍ତୀ ଦିବସ ପାଳନ, ସ୍ଥାନ: ମୁର୍ଗାବାଡ଼ିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଜିଲାପାଳଙ୍କ ଯୋଗଦାନ ସହିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:କରଞ୍ଜିଆ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସହାୟକ ଯନ୍ତ୍ର ନିମନ୍ତେ ଦିବ୍ୟାଙ୍ଗ ଚିହ୍ନଟ ଶିବିର, ସ୍ଥାନ: ମ୍ୟୁନସିପାଲିଟି କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗିର ପ୍ରତିଷ୍ଠା ଓ ପ୍ରସାଦ ସେବନ, ସ୍ଥାନ: ବଡ଼ବଜାର, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀଗୁରୁ ଭାଗବତ ଟୁଙ୍ଗି ପ୍ରତିଷ୍ଠା ଓ ପ୍ରସାଦ ସେବନ, ସ୍ଥାନ: ଭୁଗୁଡାକଟା, ଭଞ୍ଜପୁର, ବାରିପଦା, ସମୟ: ଅପରାହ୍ନ ୧ଟା।
- ପୂର୍ଣ୍ଣେଶ୍ୱର ମନ୍ଦିର କମିଟି ପକ୍ଷରୁ ଅନ୍ନଭୋଗ ବିକ୍ରି, ସ୍ଥାନ:ପୂର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, କରଞ୍ଜିଆ, ସମୟ: ଅପରାହ୍ନ ୧ଟା।
- ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଖି ପଠାଇବା କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ
- ଗଞ୍ଜାମ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଆସିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ଶ୍ରୀ ସତ୍ୟସାଇ ବାବାଙ୍କ ପାଦୁକା ରଥଯାତ୍ରା,ସ୍ଥାନ:ସାଇ ମନ୍ଦିର,ସମୟ:ସକାଳ ୧୧ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ–କଙ୍କଡାହାଡ ବ୍ଲକ କାର୍ଯ୍ୟାଳୟ, ସମୟ–ପୂର୍ବାହ୍ନ ସାଢେ ୧୦ଟା
- ବିଶ୍ୱ ହାତୀ ଦିବସ, ସ୍ଥାନ–କପିଳାସ ପ୍ରାଣୀ ଉଦ୍ୟାନ ପରିସର, ସମୟ–ସକାଳ ୯ଟା
- ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି। ସ୍ଥାନ–କଣିହାଁ ବ୍ଲକ କାର୍ଯ୍ୟାଳୟ ପବିତ୍ରମୋହନ ସଭାଗୃହ। ସମୟ – ସକାଳ ୧୦ ଟା ୩୦ ମିନିଟ।

## ଜଗତ୍‌ସିଂହପୁର
- ପାରାଦୀପ କଲେଜର ୫୦ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ପାରାଦୀପ କଲେଜ ପରିସର, ନୂଆବଜାର, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ମା'ଶାରଳା ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଶୁଭାରମ୍ଭ, ସ୍ଥାନ: ଶାରଳା ମନ୍ଦିର ପରିସର, କନକପୁର, ତିର୍ତ୍ତୋଲ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତମପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ– ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରୀରଙ୍ଗା ଯାତ୍ରା ଓ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ସ୍ଥାନ: ବାରିମୂଳ ଗାନ୍ଧୀପୀଠ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା, ସ୍ଥାନ: ରାମଚଣ୍ଡିମନ୍ଦିର, ରାମନଗର, ମହାକାଳପଡ଼ା, ସମୟ– ଅପରାହ୍ନ ୩ଟା।

## ଯାଜପୁର
- ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- କୁଇଜ ପ୍ରତିଯୋଗିତା, ସ୍ଥାନ:ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା ।
- ନିଶା ମୁକ୍ତ ଭାରତ ଅଭିଯାନ ଓ ଚାରା ରୋପଣ, ସ୍ଥାନ:ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଜାତୀୟ ଯୁବ ଦିବସ, ସ୍ଥାନ:ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁରଜିତ ସ୍ମୃତି କମିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୯ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାମନାଗୁଡ଼ା, ସମୟ : ପୂର୍ବାହ୍ନ ୧୦ ଟା
- ଗ୍ରାମ ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: କଦମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଗୁଡାରି ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଉପଲକ୍ଷେ ବ୍ଲକ୍‌ସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ଗୋଷ୍ଠୀ ଶିକ୍ଷା ଧିକାରୀଙ୍କ କାର୍ଯ୍ୟା ଳୟ, କୋଲନରା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଚନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି,
- ସ୍ଥାନ: କୋରାପୁଟ ବ୍ଲକର କେନ୍ଦାର ଗ୍ରାମ ପଞ୍ଚୟତ, ସମୟ: ପୂର୍ବାହ୍ନ ୧୦ଟା।
- ଡୁଡାର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମିଳନୀ କକ୍ଷ,ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ କାର୍ଯ୍ୟାଳୟ, ସମୟ ପୂର୍ବାହ୍ନ ୧୦ଟା।
- ବିଭିନ୍ନ ସମସ୍ୟା ନେଇ ଆଲୋଚନା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ପ୍ରଶାସନ ପକ୍ଷରୁ ଘର ଘର ତ୍ରିରଙ୍ଗା ଶୀର୍ଷକ ଆଲୋଚନା, ସ୍ଥାନ ଜିଲାପାଳ ଅଫିସ ପରିସରସ୍ଥ ସମ୍ମିଳନୀ କକ୍ଷ, ପୂର୍ବହ୍ନ ୧୧ଟା।

## ବଲାଙ୍ଗୀର
- ନିଶା ମୁକ୍ତ ଭାରତ ଅଭିଯାନରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ, ସ୍ଥାନ: ବଲାଙ୍ଗୀର ଜିଲାର ସମସ୍ତ ବିଦ୍ୟାଳୟ ଓ କଲେଜ, ସମୟ: ୧୦ଟା ୩୦ ମିନିଟ।

## ରାଉରକେଲା
- ଆର୍ଯ୍ୟ ସମାଜର ବାର୍ଷିକ ଉତ୍ସବ, ସ୍ଥାନ: ସନାତନ ସେବାଶ୍ରମ, ସମୟ: ସକାଳ ୬ଟା ୩୦।
- ଚକ୍ଷୁ ପରୀକ୍ଷଣ ଶିବିର, ସ୍ଥାନ: ଲାୟନ୍ସ ହସ୍ପିଟାଲ, ସିଭିଲଟାଉନଶିପ୍, ସମୟ: ସକାଳ ୮ଟା ୩୦।
- ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳନ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଯୁବ ଦିବସରେ ଏଡ୍‌ସ ରୋଗର ନିରାକରଣ କର୍ମଶାଳା, ସ୍ଥାନ: ରାଉରକେଲା ସ୍ୱୟଂଶଶସିତ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ଓଡିଆ ସାହିତ୍ୟ ଆଲୋଚନା ଚକ୍ର, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ ୧୧ଟା।
- ୱାଟକୋ ଅଧିକାରୀଙ୍କୁ ଫେରାଦ, ସ୍ଥାନ: ମଣିକଲୋନୀ, ଓରାମପଡା, ସମୟ: ୧୧ଟା ୩୦।

## ସୁନ୍ଦରଗଡ଼
- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି,ସ୍ଥାନ: କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ,ସମୟ,ପୂର୍ବାହ୍ନ୧୦ଟା ୩୦।

## ବରଗଡ଼
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଫାଇଲେରିଆ ନିରାକରଣ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଅଫିସ ପରିସର, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ ଅଫିସ ଠାରୁ ଭବାନୀପାଟଣା ଟାଉନ ହଲ, ସମୟ: ସକାଳ ୬ଟା ୩୦।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଡିଜିଟାଲ କ୍ରପ ସର୍ଭେ ତାଲିମ ଶିବିର, ସ୍ଥାନ: ଆତ୍ମା କାର୍ଯ୍ୟାଳୟ, କର୍ଲାମୁଣ୍ଡା, କଳାହାଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଯୁବ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ପୌରାଧକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ଗ୍ରହଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ପୌରପାଳିକା, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଜିଲାସ୍ତରୀୟ ଗଣଦୌଡ଼, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୭ଟା।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଜାମୁନାଲି, ହାଇସ୍କୁଲ, ସମୟ: ସକାଳ ୯ଟା।
- ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ପ୍ରଧାନପାଟ ରୋଡ, ଚମେକେଶ୍ୱର ଶିବ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭଏସ୍ ଜିନିୟସ ସିଜନ ୧୧ ସଙ୍ଗୀତ ପ୍ରତିଯୋଗିତା ପାଇଁ ରିଅଲସେଲ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ପଣା ସାଇ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: କେଶଲଗା ଧବଳେଶ୍ୱର ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଷୀର ସାଇ, ସ୍ଥାନ: କୋଟସମଲେଇ ଗଡ ଭିତର ଶିବ ମନ୍ଦିର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ପଞ୍ଚାୟତ ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: କୋଟସମଲାଇ , ଉଲୁଣ୍ଡା ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ନାଗ ବୋଲବମ ପରିକ୍ରମା, ସ୍ଥାନ: କପ୍ସି ଶିବ ମନ୍ଦିରରୁ ସିନାପାଲି ଶିବ ମନ୍ଦିର, ସମୟ: ସକାଳ ୬ଟା।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ପରେଡ ଅଭ୍ୟାସ, ସ୍ଥାନ: ନୂଆପଡ଼ା ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ବାଗଡିହି ଗ୍ରାମ ମହାକାଳ ମନ୍ଦିର, ସମୟ: ପ୍ରାତଃ ୪ଟା।
- କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା ୩୦।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ଭୀମଗୁଡ଼ି ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶୁକ୍ରଙ୍କ ଦୁର୍ବଳତା କାରଣରୁ ଆବଶ୍ୟକତା ପୂରଣ ପାଇଁ କରଜ କରିପାରନ୍ତି। କିନ୍ତୁ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ପରିବହନ ତଥା ବ୍ୟବସାୟିକ ସ୍ଥିତି ଭଲ ରହିବ। ବୁଧ ସହ ଶୁକ୍ର ସମ୍ପର୍କଜନିତ ସହକର୍ମୀ ବନେଇ ଚୁନେଇ କଥା କହି କାମ ହାସଲ କରିବେ। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ଆଶଙ୍କା କାରଣରୁ ସାଧାରଣ କଥାରେ ଛାତି ଧଡ଼୍‌ଧଡ଼୍ ହୋଇପାରେ।

**ବୃଷ**
ଆକସ୍ମିକ ଭାବରେ ପୁରାତନ ରୋଗୀମାନେ ପୀଡ଼ା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ତଥା ନିର୍ମାଣ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମିଥୁନ**
ବଳବାନ୍ ବୁଧ ପ୍ରଭାବରୁ ବାଧାବିଘ୍ନ ଓ ପ୍ରତିବନ୍ଧକ ଆସିଲେ ମଧ୍ୟ ଆଜି ହିଁ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରି ନ ପାରି ବ୍ୟଥିତ ହୋଇପାରନ୍ତି। କଚେରି ମାମଲାରେ ବିଚାର ବିଳମ୍ବିତ ହେବାରୁ ମନରେ ବିଭିନ୍ନ ପ୍ରକାର ଆଶଙ୍କା ଜାଗ୍ରତ ହେବ। ସଭାସମିତି, ସାହିତ୍ୟ ଚର୍ଚ୍ଚାରୁ ଆନନ୍ଦ ପାଇବେ।

**କର୍କଟ**
କୌଣସି କଥାକୁ କେନ୍ଦ୍ରକରି ପରିବାରରେ ସରସତା ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସ୍ଥିତିର ପ୍ରତିକୂଳତା ଅନୁଭବ କରିପାରନ୍ତି। ଆବଶ୍ୟକତା ଅନୁଭବ କରି ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇବେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ବିବାଦର ଅବସାନ ଘଟିବ।

**ସିଂହ**
ଧନସ୍ଥାନସ୍ଥ କେତୁଜନିତ ଟଙ୍କା ପଇସା ଯୋଗାଡ କରିବା ପାଇଁ ଫନ୍ଦିଫିକର କରିବେ। ଫାଇଲ୍‌ପତ୍ର କିମ୍ବା ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ବନ୍ଧୁଙ୍କ କଥାକୁ ବିଶ୍ୱାସ କରି ନୂତନ କାର୍ଯ୍ୟରେ ହାତ ଦେବେ। ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ସମସ୍ୟା ସୁଧାରିବା ଲାଗି କିଛି କରିବାକୁ ପଡ଼ିପାରେ।

**କନ୍ୟା**
ନବମସ୍ଥ ଗୁରୁ ହେତୁ ପାରିବାରିକ କ୍ଷେତ୍ର ଏବଂ ସନ୍ତାନଙ୍କ ସ୍ୱାସ୍ଥ୍ୟ ସକାଶେ ସୁଫଳ ଦେଇନପାରେ। ସ୍ଥିର ମନ ନେଇ କାମକଲେ ସମସ୍ୟାର ସମାଧାନ ହେବ। ଈର୍ଷାପରାୟଣ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ ଏବଂ ପ୍ରତିଯୋଗିତା, ଯାତ୍ରା ପ୍ରଭୃତିରେ ଲକ୍ଷ୍ୟ ହାସଲ କରିବେ।

**ତୁଳା**
ଧନସ୍ଥାନକୁ ଧନାଧିପଙ୍କ ପ୍ରତ୍ୟକ୍ଷଦୃଷ୍ଟି ହେତୁ ଆର୍ଥିକସ୍ଥିତି ବଦଳିଯିବା ଆଶା କରାଯାଇପାରେ। ଚାକିରି ସମସ୍ୟା ନେଇ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବ କିନ୍ତୁ ପାରିବାରିକ କ୍ଷେତ୍ରରେ ଭଲକାମ କଲେ ସୁଦ୍ଧା ଆଦର ପାଇପାରିବେ ନାହିଁ।

**ବିଛା**
ଦ୍ୱାଦଶସ୍ଥ ଚନ୍ଦ୍ର ହେତୁ ଅପୂରଣୀୟ ଅଭିଳାଷ ମନକୁ ବାରମ୍ବାର ଆଲୋଡିତ କରିବ। ଶନି ପ୍ରଭାବରେ ଅଧିକାଂଶ କାମରେ ପାରିବାରିକ ପ୍ରତିରୋଧ ମଧ୍ୟ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ଅସୁବିଧାର ସମ୍ମୁଖୀନ ହେବେ। ଘରମାଲିକ ସହ ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ମାନସିକ ସୁସ୍ଥତା, ଶରୀର ଆରୋଗ୍ୟ, କର୍ମାରମ୍ଭ ଓ ପାରିବାରିକ ସୁଖସୌହାର୍ଦ୍ଦ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ଆର୍ଥିକ ଉନ୍ନତି ସାଙ୍ଗକୁ ବ୍ୟବସାୟରେ ପୁଞ୍ଜିଲଗାଣ ମନ୍ଦ ହେବନାହିଁ। ଶୁକ୍ରଙ୍କ ଶୁଭଫଳସ୍ୱରୂପ ଧାତୁ, ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବେ। କଳା, ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ହେବ।

**ମକର**
ସପ୍ତମାଧିପତି କର୍ମଭାବରେ ଥିବାରୁ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ସହିତ କଳା, ସାହିତ୍ୟରେ ଉନ୍ନତି ଓ ପ୍ରଶଂସିତ ହେବେ। ଟିକିଏ ଟିକିଏ କଥାରେ ରାଗିଯାଇ ଯାହା ପଡିଲା ତାହା କହିବା ଦ୍ୱାରା ସମସ୍ୟା ଆସିପାରେ। ଆନୁଷ୍ଠାନିକ କିମ୍ବା ଧର୍ମ ସମ୍ବନ୍ଧୀୟ କାମରେ ମୁଖ୍ୟଭୂମିକା ଗ୍ରହଣ କରିପାରନ୍ତି।

**କୁମ୍ଭ**
ଶନି ଓ ମଙ୍ଗଳଙ୍କ ପ୍ରଭାବରେ ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କାମ ଅଟକିବ ନାହିଁ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବ। ଦୀର୍ଘ ଦିନ ହେଲା ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିବ।

**ମୀନ**
ଧନାଧିପ ରାଶ୍ୟାଧିପତି ଯୁକ୍ତ ହେତୁ ଆର୍ଥିକ ଉନ୍ନତି ସାଙ୍ଗକୁ ପାରିବାରିକ ସଦ୍‌ଭାବରୁ ଖୁସି ରହିବେ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଆନୁଷ୍ଠାନିକ କାମରେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଆଜି ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ।

ଆଜି ଅଗଷ୍ଟ ୧୨ ତାରିଖ, ବିଶ୍ୱ ଯୁବ ଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ଗୋସ୍ୱାମୀ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ, ଶ୍ରାବଣ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ସୋମବାର, ରାଶିନକ୍ଷତ୍ର–ଦିବା ଘ.୦୮।୩୨ ମି. ଗତେ, ବିଶାଖା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୯ ଗତେ,ଘ.୦୭।୦୫ ମଧ୍ୟେ, ଘ.୧୦।୩୫ ଗତେ, ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୦୫ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଜେପିସି ତଦନ୍ତ ଦାବିକଲା ...

ଘୋଡ଼ାଇ ଚାଲିଥିବେ ବୋଲି ଖାର୍ଗେ କହିଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଆଦାନୀର ମେଗା ଦୁର୍ନୀତିର ତଦନ୍ତ ପାଇଁ ସେବି କୁଣ୍ଠାବୋଧ କରିବା ଏକ ବିଚିତ୍ର କଥା। ଏପରିକି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ମଧ୍ୟ ଏଥିପ୍ରତି ଆଖି ବୁଜିଦେବା ଦୁର୍ଭାଗ୍ୟଜନକ। ବିଦେଶୀ ପାଣ୍ଠିଗୁଡ଼ିକର ମାଲିକାନା ସମ୍ପର୍କିତ ରିପୋର୍ଟିଂକୁ ସେବି ୨୦୧୮ରେ ଦୁର୍ବଳ କରିଦେଇଥିବାବେଳେ ୨୦୧୯ରେ ଏହାକୁ ସମ୍ପୂର୍ଣ୍ଣ ଭାବେ ଡିଲିଟ୍ କରିଦେଇଥିଲା ବୋଲି ବିଶେଷଜ୍ଞ କମିଟି କହିଥିଲା। ସେବିର ଏହି କାର୍ଯ୍ୟ ବଜାର ନିୟନ୍ତ୍ରକର ଭୂମିକାକୁ ସନ୍ଦେହ ଘେରକୁ ଟାଣିନେଇଥିଲା। ଗତବର୍ଷ ଜାନୁଆରୀରେ ଆଦାନୀ ଗ୍ରୁପ୍‌ର ଷ୍ଟକ୍ସ ଓ ଆକାଉଣ୍ଟ ଜାଲିଆତି ନେଇ ହିଣ୍ଡେନ୍‌ବର୍ଗ ରିପୋର୍ଟ ଆସିବା ପରେ ସେବି ଉପରେ ଚାପ ବଢ଼ିଥିଲା। ଫଳରେ ସେବି ବୋର୍ଡ ୨୦୨୩ ଜୁନ୍ ୨୮ରେ ରିପୋର୍ଟିଂ ନିୟମ ପୁଣି ଆରମ୍ଭ କରିଥିଲା। ୨୦୨୩ ଅଗଷ୍ଟ ୨୫ରେ ବିଶେଷଜ୍ଞ କମିଟିକୁ ସେବି କହିଥିଲା, ୧୩ଟି ସନ୍ଦେହଜନକ କାରବାର ଉପରେ ତଦନ୍ତ ଚାଲିଛି। ତେବେ ସେହି ତଦନ୍ତରୁ ଏଯାଏ କିଛି ସୁଫଳ ମିଳିନାହିଁ ବୋଲି ରମେଶ ସମାଲୋଚନା କରିଛନ୍ତି।

୨୦୨୨ରେ ମାଧବୀ ସେବି ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବାର ଠିକ୍ ପରେ ଶିଳ୍ପପତି ଗୌତମ ଆଦାନୀ ତାଙ୍କୁ ୨ ଥର ଭେଟିଥିଲେ। ହିଣ୍ଡେନ୍‌ବର୍ଗର ସଦ୍ୟ ପ୍ରଘଟ ଏହି ସାକ୍ଷାତକୁ ନେଇ ଅନେକ ପ୍ରଶ୍ନ ଛିଡ଼ା କରାଇଛି। ତେଣୁ ସରକାର ତୁରନ୍ତ ଆଦାନୀ ଦୁର୍ନୀତି ଉପରେ ସେବି ତଦନ୍ତର କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟ୍ରେଷ୍ଟ (ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ) ଦୂର କରିବା ଉଚିତ ବୋଲି ଜୟରାମ ଦାବି କରିଛନ୍ତି। ଏଥିସହ ଜେପିସି ତଦନ୍ତ ଦାବିକୁ ସେ ପୁଣି ଦୋହରାଇଛନ୍ତି। ପ୍ରକାଶ ଯେ, ଗତବର୍ଷ ସୁପ୍ରିମକୋର୍ଟ ସେବିକୁ ହିଣ୍ଡେନ୍‌ବର୍ଗ ରିପୋର୍ଟ ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିୟାମକ ଦୋଷତ୍ରୁଟି ଉପରେ ଅନୁଧ୍ୟାନ କରିବା ପାଇଁ ଏକ ସ୍ୱତନ୍ତ୍ର ବିଶେଷଜ୍ଞ କମିଟି ଗଠନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉକ୍ତ କମିଟି ଆଦାନୀ ଉପରେ କୌଣସି ନକାରାତ୍ମକ ରିପୋର୍ଟ ଦାଖଲ କରି ନ ଥିଲା। ସୁପ୍ରିମକୋର୍ଟ ମଧ୍ୟ ଅନ୍ୟ କୌଣସି ତଦନ୍ତର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷେ ହିଣ୍ଡେନ୍‌ବର୍ଗ ପକ୍ଷରୁ ଅଣାଯାଇଥିବା ସଦ୍ୟ ଅଭିଯୋଗକୁ ମାଧବୀ ପୁରୀ ବୁଚ୍ ଓ ତାଙ୍କ ସ୍ୱାମୀ ଧବଳ ବୁଚ୍ ଖଣ୍ଡନ କରିଛନ୍ତି। ବୁଚ୍ ଦମ୍ପତି ରବିବାର ଏକ ବିବୃତିରେ କହିଛନ୍ତି, ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଏବଂ ଏହାର ମୁଖ୍ୟ ନାଥନ୍ ଆଣ୍ଡରସନଙ୍କ ବିରୋଧରେ ସେବି ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ନେବା ସହ ଗତ ମାସରେ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଥିବାରୁ ଏହି ସଂସ୍ଥା ଏହାର ଜବାବରେ ସେମାନଙ୍କ ଚରିତ୍ର ସଂହାର କରିବା ପାଇଁ ଭିତ୍ତିହୀନ ରିପୋର୍ଟ ପ୍ରକାଶ କରିଛି। ଆମ ବ୍ୟବସାୟିକ କାରବାର ସମ୍ପୂର୍ଣ୍ଣ ରୂପେ ଏକ ଖୋଲା ବହି, ଯାହା ଆବଶ୍ୟକ ଆମେ ସବୁ ତଥ୍ୟ ଦୀର୍ଘ ବର୍ଷ ଧରି ସେବି ନିକଟରେ ଦାଖଲ କରିଆସୁଛୁ। ସେହିପରି ଆଦାନୀ ଗ୍ରୁପ୍ ମଧ୍ୟ ହିଣ୍ଡେନ୍‌ବର୍ଗ ରିପୋର୍ଟକୁ ଖାରଜ କରିବା ସହ ଏହା ଉପରେ ସଫେଇ ଦେଇଛି। ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଏହାର ପୁରୁଣା ଅଭିଯୋଗଗୁଡ଼ିକୁ ରିସାଇକିଲ୍ କରି ଶନିବାର ଆଉ ଏକ ରିପୋର୍ଟ ପ୍ରକାଶ କରିଛି। ସୁପ୍ରିମକୋର୍ଟ ଉକ୍ତ ଅଭିଯୋଗଗୁଡ଼ିକୁ ପୂର୍ବରୁ ଭିତ୍ତିହୀନ କହି ଖାରଜ କରିସାରିଛନ୍ତି। ଆଇନ ଓ ତଥ୍ୟାବଳୀକୁ ଅସମ୍ମାନ କରି ବ୍ୟକ୍ତିଗତ ଲାଭ ହାସଲ ପାଇଁ ଏପରି ମିଥ୍ୟା ପ୍ରଘଟ କରାଯାଇଛି ବୋଲି ଆଦାନୀ ଗ୍ରୁପ୍‌ର ଜଣେ ମୁଖପାତ୍ର ଏକ ବିବୃତିରେ ଖଣ୍ଡନ କରିଛନ୍ତି। ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ହିଣ୍ଡେନ୍‌ବର୍ଗ ରିପୋର୍ଟକୁ ବଜାର ନିୟନ୍ତ୍ରକ ଉପରେ ଏକ ଆକ୍ରମଣ ବୋଲି ସମାଲୋଚନା କରିଛନ୍ତି। ହିଣ୍ଡେନ୍‌ବର୍ଗ ସହ କଂଗ୍ରେସର ସହଭାଗିତା ରହିଥିବା ସେ କହିଛନ୍ତି।

### ସେବି ମୁଖ୍ୟଙ୍କ ବିରୋଧରେ...

ହେବାର ୨ ସପ୍ତାହ ପୂର୍ବରୁ ସେ ଉକ୍ତ କମ୍ପାନୀରେ ଥିବା ନିଜ ସମସ୍ତ ଶେୟାରକୁ ସ୍ୱାମୀଙ୍କୁ ହସ୍ତାନ୍ତର କରିଥିଲେ। ଏହି କମ୍ପାନୀ ଆଦାନୀ ଗ୍ରୁପ୍ ସହ ସମ୍ପୃକ୍ତ ଥିବାରୁ ଗୌତମ ଆଦାନୀଙ୍କ ବିରୋଧରେ ମାଧବୀ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ସିଙ୍ଗାପୁରର କମ୍ପାନୀଗୁଡ଼ିକୁ ଫାଇନାନ୍ସିଆଲ ଷ୍ଟେଟ୍‌ମେଣ୍ଟ ମଗାଯାଇପାରିବ ନାହିଁ। ତେଣୁ ଉକ୍ତ କମ୍ପାନୀ କନ୍‌ସଲ୍ଟିଂ ବିଜ୍‌ନେସରେ କାହାଠାରୁ କେତେ ଅର୍ଥ ଲାଭ କରିଛି, ତାହା ସ୍ପଷ୍ଟ ହୋଇପାରିବ ନାହିଁ। ସିଙ୍ଗାପୁରରେ ଥିବା ଭାରତୀୟ କନ୍‌ସଲ୍ଟିଂ ଫାର୍ମ ଅଗୋରା ଆଡ୍‌ଭାଇଜରିର ୧୦୦% ଶେୟାର ଏବେ ମଧ୍ୟ ମାଧବୀଙ୍କ ନିକଟରେ ରହିଛି। ତାଙ୍କ ସ୍ୱାମୀ ଧବଳ ବୁଚ୍ ଏହାର ଡାଇରେକ୍ଟର ରହିଛନ୍ତି।

**ନଂ.୩:** ମାଧବୀ ସେବି ସଦସ୍ୟା ଥିବାବେଳେ ଧବଳ ବ୍ଲାକ୍‌ଷ୍ଟୋନ୍‌ରେ ବରିଷ୍ଠ ପରାମର୍ଶଦାତା ନିଯୁକ୍ତ ହୋଇଥିଲେ। ବ୍ଲାକ୍‌ଷ୍ଟୋନ୍ ହେଉଛି ଆସେଟ୍ କ୍ଲାସ୍ ଆର୍‌ଇଆଇଟିଏସ୍‌ର ଅନ୍ୟତମ ବୃହତ୍ ନିବେଶକ ଓ ପୃଷ୍ଠପୋଷକ। ଧବଳ ବ୍ଲାକ୍‌ଷ୍ଟୋନ୍‌ରେ ଆଡ୍‌ଭାଇଜର ଥିବା ସମୟରେ ଆର୍‌ଇଆଇଟିର ଅନେକ ନିୟମରେ ପରିବର୍ତ୍ତନ ପାଇଁ ସେବି ପ୍ରସ୍ତାବ ଦେବା ସହ ଅନୁମୋଦନ କରିଥିଲା। ସେଥିରୁ ବ୍ଲାକ୍‌ଷ୍ଟୋନ୍ ଭଳି ଘରୋଇ ଇକ୍ୱିଟି ଫାର୍ମ ଲାଭାନ୍ୱିତ ହୋଇଥିଲା। ଏହା ପୂର୍ବରୁ ଧବଳଙ୍କ କୌଣସି ଫଣ୍ଡ, ରିୟଲ ଇଷ୍ଟେଟ୍ କିମ୍ବା ପୁଞ୍ଜି ବଜାରରେ ଅଭିଜ୍ଞତା ନ ଥାଇ ମଧ୍ୟ ଏହି ନିଯୁକ୍ତି ଦିଆଯିବା ପଛ କାରଣ କ'ଣ ବୋଲି ହିଣ୍ଡେନ୍‌ବର୍ଗ ରିପୋର୍ଟରେ ପ୍ରଶ୍ନ କରାଯାଇଛି।

### ଆଳୁ ଟ୍ରକ୍ ଜଗିବାକୁ ...

୩ କିଲୋ ଆଳୁ ଲୋକମାନଙ୍କୁ ଦିଆଯାଉଛି। ତେବେ ଏହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ବଜାରରେ ଆଳୁ ଦର ଥମିବାର ନାଁ ନେଉନାହିଁ। ବ୍ୟବସାୟୀମାନେ ଅଧିକ ଦରରେ ଆଳୁ କିଣୁଥିବାରୁ ଯୋଗାଣ ବିଭାଗର ନିର୍ଦ୍ଦେଶ ଅନୁସାରେ ୩୫ରୁ ୩୮ଟଙ୍କା ମଧ୍ୟରେ ଆଳୁ ବିକିବାକୁ ଅମଙ୍ଗ ହେଉଛନ୍ତି। ଏଭଳି ସ୍ଥିତିରେ ଜାତୀୟ ରାଜପଥରେ ଶନିବାରଠୁ ଓଡ଼ିଶା ଏବଂ ଝାଡ଼ଖଣ୍ଡ ପଶ୍ଚିମବଙ୍ଗ ସୀମାନ୍ତରେ ଆଳୁ ରପ୍ତାନି ହେଉଛି କି ନାହିଁ ପଶ୍ଚିମବଙ୍ଗ ପ୍ରଶାସନ କଠୋର ପଦକ୍ଷେପ ନେଇ ସିସି କ୍ୟାମେରା ଲଗାଇଛି। ଓଡ଼ିଶାକୁ ଗଳାବାଟ ଦେଇ ଆଳୁ ଆସୁଥିବାବେଳେ ପୋଲିସ, ଟିଏମ୍‌ସି କର୍ମୀ ଓ ଦଲାଲମାନେ ୨୦ହଜାରରୁ ୨୫ହଜାର ଟଙ୍କା ଦେବାକୁ ଜୁଲମ କରୁଛନ୍ତି। କେତେକ ସ୍ଥାନରେ ଗାଡ଼ିରୁ ଆଳୁବସ୍ତା ମଧ୍ୟ ଛଡ଼ାଇ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଦ୍ୟାବଧି ଓଡ଼ିଶାକୁ ଆଳୁ ରପ୍ତାନି ନେଇ ସ୍ପଷ୍ଟ ଆଭିମୁଖ୍ୟ ଘୋଷଣା କରୁ ନ ଥିବା ବେଳେ ଶନିବାରଠୁ ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତରେ ପ୍ରଶାସନକୁ ଲଗାଇ ଆଳୁ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଓଡ଼ିଶାକୁ ଗଳାବାଟ ଦେଇ ଲୁଚାଛପାରେ ଦୈନିକ ୨୦୦ରୁ ଊର୍ଦ୍ଧ୍ୱ ଆଳୁଗାଡ଼ି ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବାବେଳେ ୨ ଦିନଧରି ଅଧାଗାଡ଼ି ଆସୁଥିବାରୁ ଆଳୁ ନିୟନ୍ତ୍ରଣ ବାହାରେ ବୋଲି ଓଡ଼ିଶା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପଶ୍ଚିମବଙ୍ଗ ସରକାରଙ୍କ କଟକଣା ଯୋଗୁ ବଙ୍ଗୀୟ ଆଳୁ ବ୍ୟବସାୟୀ ସମିତି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟକୁ ଆଳୁ ରପ୍ତାନି କରି ନ ପାରି ଆଳୁ ପଚିବା ଓ କ୍ଷତି ଆଶଙ୍କା କରିଛନ୍ତି। ଏଥିପାଇଁ ବଙ୍ଗୀୟ ଆଳୁ ବ୍ୟବସାୟୀମାନେ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ଘନ ଘନ ଚାପ ପକାଇବାରୁ ସେଠାକାର ସରକାର ଆସନ୍ତା ମଙ୍ଗଳବାର ଆଳୁ ବ୍ୟବସାୟୀ ସଂଘ ସହ ଆଲୋଚନାରେ ବସି ସମସ୍ୟା ସମ୍ପର୍କରେ ସିଦ୍ଧାନ୍ତ ନେବେ ବୋଲି ବ୍ୟବସାୟୀ ସଂଘ କହିଛି। ପଶ୍ଚିମବଙ୍ଗ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସମିତି, ଶୀତଳଭଣ୍ଡାର ମାଲିକ ଓ ପଶ୍ଚିମବଙ୍ଗର କୃଷି ବିପଣୀ ମନ୍ତ୍ରୀ ବିଚାରାମ ମାନ୍ନା ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମଜୁମ୍‌ଦାର ହୁଗୁଳି ଜିଲା ସିଙ୍ଗୁରଠାରେ ମିଳିତ ହୋଇ ପଶ୍ଚିମବଙ୍ଗ ସମସ୍ତ ଜିଲାକୁ ହିମଘରରୁ କୁଇଣ୍ଟାଲ ପିଛା ୨୦ରୁ ୨୩ହଜାର ଟଙ୍କାରେ ରାଜ୍ୟ ସରକାରଙ୍କୁ ନଗଦ ଅର୍ଥରେ ବିକ୍ରି କରିବାକୁ ରାଜି ହୋଇଥିବାବେଳେ ମଙ୍ଗଳବାର ଓଡ଼ିଶା ସମେତ ଭିନ୍ନ ରାଜ୍ୟକୁ କେତେ ପରିମାଣର ଆଳୁ ରପ୍ତାନି କରାଯିବ ସେ ସମ୍ପର୍କରେ ବୈଠକ ହେବ ବୋଲି ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସମିତିର ରାଜ୍ୟ ସମ୍ପାଦକ ଲାଲୁ ମୁଖାର୍ଜୀ ଧରିତ୍ରୀକୁ ସ୍ୱତନ୍ତ୍ର ଭାବେ ସୂଚନା ଦେଇଛନ୍ତି।

### ଶାହରୁଖ୍‌ଙ୍କୁ 'ଲାଇଫ୍‌ଟାଇମ୍ ...

ପ୍ରଶଂସା କରିଛନ୍ତି। ଏହା ବହୁତ ସୁନ୍ଦର, ସାଂସ୍କୃତିକ ଓ କଳାତ୍ମକ ସହର ହୋଇଥିବା ଶାହରୁଖ୍ କହିଛନ୍ତି। ଲୋକାର୍ନୋ ସହର ଓ ଏହି ଫିଲ୍ମ ଫେଷ୍ଟିଭାଲରେ ଯୋଗଦେଇ ତାଙ୍କୁ ନିଜ ଘର ଓ ଭାରତ ପରି ଅନୁଭବ ହେଉଛି ବୋଲି କିଙ୍ଗ୍ ଖାନ୍ କହିଛନ୍ତି। ବର୍ତ୍ତମାନ ଯୁଗରେ ସିନେମା ସବୁଠାରୁ ଗଭୀର ଓ ପ୍ରଭାବଶାଳୀ କଳାତ୍ମକ ମାଧ୍ୟମ ଭାବେ ପରିଣତ ହୋଇଛି। ଦୀର୍ଘ ବର୍ଷ ଧରି ଏହି କ୍ଷେତ୍ରରେ କାର୍ଯ୍ୟ କରି ତାଙ୍କୁ ବହୁତ କିଛି ଶିଖିବାକୁ ମିଳିଥିବା ଶାହରୁଖ୍ କହିଛନ୍ତି। ଏହି ଅବସରରେ ସେ ନିଜ ଚଳଚ୍ଚିତ୍ର ଯାତ୍ରାକୁ ମନେ ପକାଇବା ସହ ସର୍ବଦା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ଦିଗରେ କାର୍ଯ୍ୟ କରିବେ ବୋଲି ଦର୍ଶକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଲୋକାର୍ନୋ ଚଳଚ୍ଚିତ୍ର ମହୋତ୍ସବରେ ଶାହରୁଖ୍‌ଙ୍କୁ ସମ୍ମାନିତ କରାଯିବାବେଳେ ୨୦୦୨ରେ ରିଲିଜ୍ ହୋଇଥିବା ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ ସୁପରହିଟ୍ 'ଦେବ୍‌ଦାସ' ଫିଲ୍ମକୁ ପ୍ରଦର୍ଶନ କରାଯାଇଥିଲା। ସୂଚନାଯୋଗ୍ୟ, ବୈଶ୍ୱିକ ସିନେମା କ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବା ପାଇଁ ପ୍ରସିଦ୍ଧ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲ ୧୯୪୬ରୁ ଆରମ୍ଭ ହୋଇଥିଲା। ଏହାର ୭୭ତମ ସଂସ୍କରଣ ଚଳିତବର୍ଷ ଅଗଷ୍ଟ ୭ରୁ ଆରମ୍ଭ ହୋଇଥିବାବେଳେ ଏହା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।

**ଆଜି ବିଶ୍ୱ ହସ୍ତୀ ଦିବସ**

# ସୁରକ୍ଷା ଖୋଜୁଛି ଗଜରାଜ

ଭୁବନେଶ୍ୱର,୧୧।୮(ଅସମାପିକା ସାହୁ)

ଅଗଷ୍ଟ ୧୨ ସୋମବାର ହେଉଛି ବିଶ୍ୱ ହସ୍ତୀ ଦିବସ। ହାତୀଙ୍କୁ ସୁରକ୍ଷା ଦେବା ସହ ସେମାନଙ୍କ ସଂରକ୍ଷଣ ଦିଗରେ ସଚେତନତା କରିବା ପାଇଁ ଏହି ଦିବସ ପାଳନ କରାଯାଉଛି। କିନ୍ତୁ ବାସ୍ତବରେ ଏମାନଙ୍କ ସୁରକ୍ଷାରେ ଅବହେଳା ଓ ହାତୀ-ମଣିଷ ଲଢ଼େଇ ଯୋଗୁ ଏବେ ଏହି ଐତିହ୍ୟ ପ୍ରାଣୀ ବିପଦରେ। ରାଜ୍ୟରେ ହାତୀ ସଂଖ୍ୟା ବଢୁଥିଲେ ମଧ୍ୟ ମୃତ୍ୟୁ ଓ ଶିକାର ବଢୁଥିବାରୁ ଚିନ୍ତା ବଢ଼ିଛି। ପରିବେଶ ଓ ଜଙ୍ଗଲକୁ ସୁରକ୍ଷା ଦେଉଥିବା ଗଜରାଜ ଆଜି ନିଜେ ବିପଦରେ। ତେଣୁ ଏହି ଐତିହ୍ୟ ପ୍ରାଣୀର ସୁରକ୍ଷା ଏବେ ଅଧିକ ଗୁରୁତ୍ୱ ବହନ କରୁଛି। ହାତୀ-ମଣିଷ ଲଢ଼େଇରେ ହାତୀଙ୍କ ସହ ମଣିଷର ମୃତ୍ୟୁ ଘଟୁଥିବାରୁ ଏହାକୁ ରୋକିବା ବନ ବିଭାଗ ପାଇଁ ଆହ୍ୱାନ ହୋଇଛି।

## ରାଜ୍ୟରେ ହାତୀ ସଂଖ୍ୟା ବଢ଼ିଛି

ହାତୀ ଗଣନା ରିପୋର୍ଟ ୨୦୨୪ ଅନୁସାରେ, ଗତ ୭ ବର୍ଷରେ ୧୨୨ ହାତୀ ବଢ଼ିଛନ୍ତି। ୨୦୧୭ରେ ରାଜ୍ୟରେ ୧,୯୭୬ ହାତୀ ଥିବା ବେଳେ ଏବେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ୨,୦୯୮ ହାତୀ ରହିଛନ୍ତି। ଏହି ଗଣନାରେ ୩୮ଟି ବନଖଣ୍ଡ ସାମିଲ ହୋଇଥିଲା। ୧୩ଟି ବନଖଣ୍ଡରେ ଆଦୌ ହାତୀ ନ ଥିବା ଦେଖାଯାଇଛି। ଠାବ ହୋଇଥିବା ହାତୀଙ୍କ ମଧ୍ୟରେ ୩୧୩ଟି ପ୍ରାପ୍ତବୟସ୍କ ଦନ୍ତା ଥିବା ବେଳେ ୧୩ଟି ପ୍ରାପ୍ତବୟସ୍କ ମାଖନା ଓ ୭୪୮ଟି ପ୍ରାପ୍ତବୟସ୍କ ମାଈ ହାତୀ ରହିଛନ୍ତି। ଅନୁଗୋଳ, ଆଠଗଡ଼, ଢେଙ୍କାନାଳ, ବାରିପଦା, ଚନ୍ଦକା, ଖୋର୍ଦ୍ଧା, ବଣାଇ ଏବଂ କେନ୍ଦୁଝରରେ ହାତୀଙ୍କ ସଂଖ୍ୟା ଅଧିକ ବୃଦ୍ଧି ପାଇଛି। କିନ୍ତୁ ଶିମିଳିପାଳ ଉତ୍ତର, ଶିମିଳିପାଳ ଦକ୍ଷିଣ, ବାଲେଶ୍ୱର ବନ୍ୟପ୍ରାଣୀ, ବଲାଙ୍ଗୀର, ଆଦି ବନଖଣ୍ଡରେ ରାଇରଙ୍ଗପୁର, ପାରଳାଖେମୁଣ୍ଡି ହାତୀଙ୍କ ସଂଖ୍ୟା କମିଥିବା ଦେଖାଯାଇଛି। ଗତ ୫ ବର୍ଷରେ ରାଜ୍ୟରେ ୪୦୩ ହାତୀଙ୍କ ମୃତ୍ୟୁ ହୋଇଛି।

## ହାତୀ-ମଣିଷ ଲଢ଼େଇ: ଓଡ଼ିଶାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ

ହାତୀ-ମଣିଷ ଲଢ଼େଇ ସାରା ଦେଶ ପାଇଁ ଏକ ଚିନ୍ତାଜନକ ବିଷୟ ପାଲଟିଛି। ଗତ ୩ ବର୍ଷ ହେଲା ପ୍ରତିବର୍ଷ ହାତୀଙ୍କ ଦ୍ୱାରା ମଣିଷ ମୃତ୍ୟୁ ଘଟଣା ଅଧିକ ରହୁଛି। କେନ୍ଦ୍ର ସରକାରଙ୍କ ତଥ୍ୟାନୁସାରେ, ହାତୀ ଆକ୍ରମଣରେ ୨୦୧୯-୨୦ରେ ଦେଶରେ ୫୭୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୦-୨୧ରେ ୪୪୪, ୨୦୨୧-୨୨ରେ ୫୨୦, ୨୦୨୨-୨୩ରେ ୫୮୩ ଏବଂ ୨୦୨୩-୨୪ରେ ୬୦୬ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ଉଦ୍‌ବେଗଜନକ କଥା ହେଉଛି, ହାତୀ ଆକ୍ରମଣରେ ମଣିଷଙ୍କ ମୃତ୍ୟୁରେ ଓଡ଼ିଶା ଦେଶରେ ଏକ ନମ୍ବରରେ ରହିଛି ଅର୍ଥାତ୍ ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ପ୍ରତିବର୍ଷ ଦେଶରେ ହାତୀ ଦ୍ୱାରା ମରିଥିବା ଲୋକଙ୍କ ମଧ୍ୟରୁ ୨୦%ରୁ ଊର୍ଦ୍ଧ୍ୱ କେବଳ ଓଡ଼ିଶାର। ଗତବର୍ଷ ଏହି ହାର ପାଖାପାଖି ୨୫ ପ୍ରତିଶତ ରହିଥିଲା। ସୂଚନାନୁସାରେ, ୨୦୧୯-୨୦ରେ ହାତୀ ଆକ୍ରମଣରେ ରାଜ୍ୟରେ ୧୧୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏ କ୍ଷେତ୍ରରେ ଓଡ଼ିଶା ଦେଶରେ ୧ନମ୍ବର ସ୍ଥାନରେ ଥିଲା। ୨୦୨୦-୨୧ରେ ମୃତ୍ୟୁସଂଖ୍ୟା ୯୩କୁ ଖସିଯାଇଥିଲେ ମଧ୍ୟ ଏହା ଦେଶରେ ସର୍ବାଧିକ ଥିଲା। ସେହିଭଳି ୨୦୨୧-୨୨ରେ ଏହି ସଂଖ୍ୟା ୧୧୨କୁ ବୃଦ୍ଧି ପାଇବା ସହ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିଲା ଓ ୧୩୩ ଜଣଙ୍କ ମୃତ୍ୟୁ ସହ ଝାଡ଼ଖଣ୍ଡ ପ୍ରଥମ ସ୍ଥାନରେ ରହିଥିଲା। ୨୦୨୨-୨୩ରେ ପୁଣି ଦେଶ ସହିତ ଓଡ଼ିଶାରେ ବି ମୃତ୍ୟୁସଂଖ୍ୟା ବଢ଼ିଥିଲା। ହାତୀ ଆକ୍ରମଣରେ ୧୪୮ ଜଣଙ୍କ ମୃତ୍ୟୁ ସହିତ ଓଡ଼ିଶା ପୁଣି ଏକ ନମ୍ବର ସ୍ଥାନରେ ରହିଥିବାବେଳେ ୨୦୨୩-୨୪ରେ ମଧ୍ୟ ରାଜ୍ୟରେ ସର୍ବାଧିକ ୧୫୪ଜଣଙ୍କ ମୃତ୍ୟୁ ଘଟିଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି।

# ଜଙ୍ଗଲ ନଷ୍ଟରୁ ଜନବସତିରେ ହାତୀ

ଯାଜପୁର,୧୧।୮(ହର୍ଷବର୍ଦ୍ଧନ ବେହେରା)

ହାତୀ ଆକ୍ରମଣରେ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ୩୦।୧।୨୦୨୪ ସୁଦ୍ଧା ୧୦୫୪ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଢେଙ୍କାନାଳ ଜିଲାରେ ସର୍ବାଧିକ ୨୨୭ ଜଣ ପ୍ରାଣ ହରାଇଛନ୍ତି। ଢେଙ୍କାନାଳ ଜିଲାର କେତେକ ଜଙ୍ଗଲକୁ ଲାଗି ରହିଥିବା ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ୧୬ ଜଣଙ୍କ ହାତୀ ଆକ୍ରମଣରେ ଜୀବନ ଯାଇଛି। ହାତୀ ଚଲାପଥ (ଏଲିଫ୍ୟାଣ୍ଟ କରିଡର) ଏବଂ ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇ ପାରୁ ନ ଥିବାରୁ ଏଭଳିସ୍ଥିତି ସୃଷ୍ଟି ହୋଇଥିବା ମତପ୍ରକାଶ ପାଇଛି। ଏହାବାଦ୍ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ କଟକ ଫରେଷ୍ଟ ଡିଭିଜନ ଅଧୀନ ଯାଜପୁର ଜିଲାର ୪୩୪୬.୭୫ ହେକ୍ଟର ପରିମିତ ୧୫ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲକୁ ସଂରକ୍ଷିତ ଜଙ୍ଗଲ ମାନ୍ୟତା ମିଳି ପାରିନାହିଁ। ଫଳରେ ବ୍ୟାପକ ଜଙ୍ଗଲ ସୃଷ୍ଟି ହୋଇ ନ ପାରି ଓଲଟା ଜଙ୍ଗଲ ନଷ୍ଟ ହେଉଥିବାରୁ ହାତୀମାନେ ଖାଦ୍ୟ ଅଭାବରେ ଜନବସତିମୁହାଁ ହେଉଛନ୍ତି। ଏଥିଯୋଗୁ ହାତୀ-ମଣିଷ ଲଢ଼େଇ ଘଟି ଉଭୟଙ୍କ ପ୍ରାଣହାନି ଘଟୁଛି।



**ସୁରକ୍ଷିତ ହୋଇପାରୁନି ହାତୀ ଚଲାପଥ**

ରାଜ୍ୟରେ କେତୋଟି ହାତୀ ଚଲାପଥ ରହିଛି, ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ। ବିଭିନ୍ନ ସଂସ୍ଥା ଦ୍ୱାରା ରାଜ୍ୟର ହାତୀ ଚଲାପଥଗୁଡ଼ିକୁ ଭିନ୍ନ ଭିନ୍ନ ଭାବେ ଚିହ୍ନଟ କରାଯାଇଛି। ୨୬।୯।୨୦୨୩ରେ ତତ୍କାଳୀନ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାର ଏକ ପ୍ରଶ୍ନ ଉତ୍ତରରେ ଏଭଳି ଦର୍ଶାଇଥିଲେ। ସେ ତାଙ୍କ ଉତ୍ତରରେ ଉଲ୍ଲେଖ କରିଥିଲେ ଯେ, ୨୦୦୫ରେ ୱାଇଲଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ଡବ୍ଲୁଟିଆଇ) ରାଜ୍ୟରେ ୯ଟି ହାତୀ କରିଡର ଥିବା ଚିହ୍ନଟ କରିଥିଲା। ୨୦୧୦ରେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଗଜ ରିପୋର୍ଟରେ ୯ଟି ହାତୀ କରିଡରକୁ ବିଭିନ୍ନ ଅଗ୍ରାଧିକାର ଭିତ୍ତିରେ ବିଭକ୍ତ କରାଯାଇଛି। ସେହିପରି ୨୦୧୧-୧୨ରେ ଓଡ଼ିଶା ସରକାରଙ୍କ ଦ୍ୱାରା ୧୪ଟି ହାତୀ କରିଡର ଥିବା ଚିହ୍ନଟ କରାଯାଇଥିଲା। ୨୦୧୭ରେ ପୁଣିଥରେ ଡବ୍ଲୁଟିଆଇ ଦ୍ୱାରା ପ୍ରକାଶିତ ରିପୋର୍ଟରେ ରାଜ୍ୟରେ ୧୨ଟି ହାତୀ ଚଲାପଥ ଥିବା ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ ଏସିଆନ ନେଚର କନଜର୍‌ଭେସନ ଫାଉଣ୍ଡେଶନ(ଏଏନ୍‌ସିଏଫ୍) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ୧୪ଟି ହାତୀ କରିଡର ଥିବାବେଳେ ସେଥିରୁ ୧୦ଟି ଅଚଳ ରହିଛି। ଏହିକ୍ରମରେ ହାତୀ ଚଲାପଥଗୁଡ଼ିକର ଚିହ୍ନଟ, ପରିଚାଳନା ଏବଂ ଆଇନଗତ ସୁରକ୍ଷା ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହାବାଦ୍ ୨୦୧୮-୧୯ରୁ ୨୦୨୨-୨୩ ପର୍ଯ୍ୟନ୍ତ ହାତୀ ଚଲାପଥଗୁଡ଼ିକର ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନାରେ ୧୧୫ କୋଟି ୬୬ ଲକ୍ଷ ୩୬ହଜାର ୭୫୦ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ସେଥିରୁ ୧୧୪ କୋଟି ୩୪ ଲକ୍ଷ ୭୪ ହଜାର ୯୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି।

ଏଏନ୍‌ସିଏଫ୍ ଦ୍ୱାରା ଚିହ୍ନଟ ୧୪ଟି ହାତୀ ଚଲାପଥ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଏକ ମାମଲା (୨୯/୨୦୧୬/ଇଜେଡ୍) ରୁଜୁ ହୋଇଥିଲା। ଏହି ମାମଲାରେ ପରିବେଶ ସୁରକ୍ଷା ଆଇନ ଅନୁଯାୟୀ ୨ ମାସ ମଧ୍ୟରେ ହାତୀ ଚଲାପଥ ସଂକ୍ରାନ୍ତରେ ଅଧିସୂଚନା ଜାରି କରାଯାଇ ଏକ କାର୍ଯ୍ୟାନ୍ୱୟନ ଯୋଜନା(ଆକ୍ସନ ପ୍ଲାନ) ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହାଦ୍ୱାରା ବନ୍ୟଜନ୍ତୁ ସୁରକ୍ଷା ଆଇନ ତଥା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ପ୍ରାବଧାନରେ ରହିଥିବା କଟକଣା ହାତୀ ଚଲାପଥ ଯୋଜନାରେ ମଧ୍ୟ ଲାଗୁ ହୋଇପାରିବ ବୋଲି ପରିବେଶବିତ୍‌ମାନେ ଆଶାବ୍ୟକ୍ତ କରିଥିଲେ। ହେଲେ ଉକ୍ତ ଆକ୍ସନ ପ୍ଲାନ ଏଯାଏ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରି ନ ଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଢେଙ୍କାନାଳ ଜିଲାକୁ ଲାଗି ଯାଜପୁର ଜିଲାର କୋହ୍ଲା, କପିଳାସ, ଭାଲୁମରା, ଚମ୍ପାପୁର, ସଫା, ଖର୍ଙ୍କିଲା, ସାତଲଣ୍ଡି, ଡାଲିଯୋଡ଼ା, କୁସୁନପୁର, କଳକଳା, ବନ୍ଧପାଲି, ନଳିଦା, ପଇଦା, ଚଡକମରା, ଡଙ୍କାରୀ, ନୀଳାମ୍ବରପୁର, ନିଛନ୍ତା, ବଳରାମପୁର, ନିମପଲି, ହାତୀବାରୀ ପ୍ରମୁଖ ଜଙ୍ଗଲ ରହିଛି। ହେଲେ ଏଥିରୁ ସର୍ବାଧିକ ଜଙ୍ଗଲ ଜମିରେ ବେଆଇନ କଳାପଥର ଖାଦାନ ଚାଲିଛି। ଫଳରେ ବୃକ୍ଷରୋପଣ ଓ ହାତୀ ଚଲାପଥର ପରିଚାଳନା ହୋଇ ନ ପାରି ହାତୀଙ୍କ ଗ୍ରାମାଭିମୁଖୀ ବୃଦ୍ଧି ପାଉଥିବା ମତପ୍ରକାଶ ପାଇଛି।


# ଡେବ୍ରିଗଡ଼ ଅଭୟାରଣ୍ୟରେ ବିରଳ ବଣୁଆ କୁକୁର

ସମ୍ବଲପୁର,୧୧।୮(ପ୍ରମୋଦ ବହିଦାର)



ଡେବ୍ରିଗଡ଼ ଅଭୟାରଣ୍ୟରେ ଠାବ ହୋଇଥିବା ବିରଳ ବଣୁଆ କୁକୁର।

ସମ୍ବଲପୁର ଜିଲା ଡେବ୍ରିଗଡ଼ ଅଭୟାରଣ୍ୟରେ ଦେଖିବାକୁ ମିଳିଛି ବିରଳ ବଣୁଆ କୁକୁର। ଏହି ବିରଳ ପ୍ରଜାତିର କୁକୁରକୁ ପ୍ରଥମ ଥର ପାଇଁ ଗତ ଅଗଷ୍ଟ ୧୦ ତାରିଖରେ କେତେଜଣ ପର୍ଯ୍ୟଟକ ଅଭୟାରଣ୍ୟର ସଫାରି ଜୋନରେ ଦେଖିବାକୁ ପାଇଥିଲେ। ଉକ୍ତ ବଣୁଆ କୁକୁରର ଗତିବିଧିକୁ ସେମାନେ ନିଜ ମୋବାଇଲରେ ଭିଡିଓ ରେକର୍ଡିଂ ମଧ୍ୟ କରିଥିଲେ। ପର୍ଯ୍ୟଟକଙ୍କୁ ନେଇ ଅଭୟାରଣ୍ୟ ମଧ୍ୟକୁ ଯାଇଥିବା ଗାଡ଼ି ଚାଳକ ତଥା ଗାଇଡ ସୁବୋଧ ଭୁଏ କହିଛନ୍ତି, ଏହି ବଣୁଆ କୁକୁର ବର୍ତ୍ତମାନ ବିଲୁପ୍ତପ୍ରାୟ। ମାତ୍ର ଡେବ୍ରିଗଡ଼ ଅଭୟାରଣ୍ୟରେ ଏହାର ଅବସ୍ଥିତି ଏକ ଶୁଭ ସଙ୍କେତ। ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ କହିଛନ୍ତି ଯେ, ବିଲୁପ୍ତପ୍ରାୟ ବଣୁଆ କୁକୁର ଓଡ଼ିଶା ଓ ଭାରତର କେତେକ ଅଞ୍ଚଳରେ କ୍ୱଚିତ୍ ଦେଖାଯାଆନ୍ତି। ପୂର୍ବରୁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଶିମିଳିପାଳର କୁଲଡିହା ଅଭୟାରଣ୍ୟରେ ବହୁଳ ଭାବେ ଏହି ପ୍ରଜାତିର କୁକୁରଙ୍କୁ ଦେଖିବାକୁ ମିଳୁଥିଲା। ସମ୍ବଲପୁର ଓ ବରଗଡ଼ ଜିଲାର ସୀମାରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟରେ ମଧ୍ୟ ବିଗତ ୭ରୁ ୮ ବର୍ଷ ତଳେ ଏହି ପ୍ରଜାତିର କୁକୁରଙ୍କୁ ଦେଖିବାକୁ ମିଳିଥିଲା। ଏହାର ଦୀର୍ଘଦିନ ପରେ ଗତ ୨୦୨୩ ମସିହାରେ ଡେବ୍ରିଗଡ଼ ଅଭୟାରଣ୍ୟରେ ଏହି ବିରଳ ପ୍ରଜାତିର କୁକୁର ଠାବ କରାଯାଇଥିଲା, ଯାହା ଅଭୟାରଣ୍ୟ ମଧ୍ୟରେ ଲାଗିଥିବା ସିସି କ୍ୟାମେରାରେ ରେକର୍ଡ଼ ହୋଇଥିଲା। ମାତ୍ର ସଫାରି ଜୋନରେ ବଣୁଆ କୁକୁର ଦେଖାଯିବା ପ୍ରଥମ ଘଟଣା ବୋଲି କହିଛନ୍ତି ଡିଏଫ୍‌ଓ ଦାସ।







# ଅନୁପ୍ରବେଶକାରୀଙ୍କୁ ପ୍ରତ୍ୟର୍ପଣ ବ୍ୟବସ୍ଥା କରାଯିବ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୧।୮(ସୁନିତ୍ ମିଶ୍ର)

ବେଆଇନ ଭାବେ ଓଡ଼ିଶାରେ ରହୁଥିବା ବାଂଲାଦେଶୀଙ୍କ ପାଇଁ ଆଗକୁ ସମସ୍ୟା ବଢ଼ିବାକୁ ଯାଉଛି। ସେମାନଙ୍କ ପାଖରେ ଯଦି ଭାରତ ସରକାରଙ୍କ କୌଣସି ବୈଧ ପ୍ରମାଣପତ୍ର ନ ଥିବ, ତେବେ ସେମାନଙ୍କୁ ଯେଉଁଠୁ ଆସିଛନ୍ତି ସେଠାକୁ ଫେରାଇ ଦିଆଯିବ। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି ପ୍ରତିକ୍ରିୟା ଦେଇଛନ୍ତି।

ରବିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଯେଉଁ ବାଂଲାଦେଶୀ ପୂର୍ବରୁ ଅନୁପ୍ରବେଶ କରିଛନ୍ତି ଓ ଏଠାରେ ବିଭିନ୍ନ ବୃତ୍ତିରେ ଅଛନ୍ତି, ସେମାନଙ୍କର ଯାଞ୍ଚ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ। ଯେଉଁମାନଙ୍କ ପାଖରେ ଓଡ଼ିଶା କିମ୍ବା ଭାରତରେ ରହିବା ପାଇଁ ବୈଧ ପ୍ରମାଣ ପତ୍ର ନ ଥିବ, ତାଙ୍କୁ ନିଜ ଦେଶକୁ ପ୍ରତ୍ୟର୍ପଣ କରିବାର ବ୍ୟବସ୍ଥା କରାଯିବ। ସିଏଏ ନେଇ ମନ୍ତ୍ରୀ କହିଛନ୍ତି, ଯେଉଁମାନେ ପୂର୍ବରୁ ଶରଣାର୍ଥୀ ହୋଇ ଆସିଛନ୍ତି, ସିଏଏ ଆଇନ ପ୍ରାବଧାନ ଅନୁଯାୟୀ ସେମାନଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇ ଦିଆଯିବ। କିନ୍ତୁ ବହୁ ବାଂଲାଦେଶୀ ପଶ୍ଚିମବଙ୍ଗ ଓ ସମୁଦ୍ର ପଥ ଦେଇ ଓଡ଼ିଶା ଭିତରକୁ ଅନୁପ୍ରବେଶ ପାଇଁ ଉଦ୍ୟମ କରୁଛନ୍ତି। ସେମାନଙ୍କୁ ଅଟକାଇବା ପାଇଁ ବିଭିନ୍ନ ବର୍ଡର ପୋଲିସ, କୋଷ୍ଟ ଗାର୍ଡ ଓ ସାମୁଦ୍ରିକ ଥାନା ପୋଲିସ ମୁତୟନ ରହିଛନ୍ତି। ଦୁଇଦିନ ତଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ନିର୍ଦ୍ଦେଶ ଦେଇସାରିଛନ୍ତି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସଫଳ ହେବେ। ରାଜ୍ୟକୁ କେହି ଅନୁପ୍ରବେଶ କରିପାରିବେ ନାହିଁ। ଯେଉଁମାନେ ପୂର୍ବରୁ ଶରଣାର୍ଥୀ ଭାବେ ଆସିଛନ୍ତି, ସେମାନଙ୍କୁ ସିଏଏ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ମଧ୍ୟଭାଗରେ ବାଂଲାଦେଶରେ ମୁଣ୍ଡ ଟେକିଥିବା ସଂରକ୍ଷଣ ବିରୋଧୀ ଆନ୍ଦୋଳନ ପରେ ହିଂସା ଓ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ଅଗଷ୍ଟ ୫ରେ ଶେଖ୍ ହାସିନାଙ୍କ ନେତୃତ୍ୱାଧୀନ ସରକାରର ପତନ ପରେ ବାଂଲାଦେଶର ୫୨ ଜିଲାରେ ସଂଖ୍ୟାଲଘୁ ସମ୍ପ୍ରଦାୟଗୁଡ଼ିକ ବିରୋଧରେ ୨୦୫ଟି ଆକ୍ରମଣ ଘଟଣା ଘଟିସାରିଲାଣି। ଯାହାକୁ ନେଇ ବହୁ ବାଂଲାଦେଶୀ ବର୍ତ୍ତମାନ ସେମାନଙ୍କ ଦେଶ ଛାଡ଼ି ଜଳପଥ ଓ ସ୍ଥଳପଥ ଦେଇ ଭାରତକୁ ଅନୁପ୍ରବେଶ କରୁଥିବା ଖବର ସାମ୍ନାକୁ ଆସିବାରେ ଲାଗିଛି। ତେଣୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଅଟକାଇବା ଲାଗି ଭାଜପା ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି।



ବର୍ତ୍ତମାନ ଯାହାକୁ ରାଜନୀତି କୁହାଯାଉଛି – ତାହା ଅତିମାତ୍ରାରେ ରାଜସିକ–ବିଭ୍ରାନ୍ତିକର– ଏବଂ ସବୁପ୍ରକାର ଅହଂସର୍ବସ୍ୱ ଉଦ୍ଦେଶ୍ୟରେ କ୍ଳେଦାକ୍ତ। ଆମର ପଥ ହେଉଛି ପୃଥିବୀର ଚେତନା ଉପରେ ଆତ୍ମାର ଚାପ ବା ପ୍ରଭାବ ପକାଇବା। ତା’ଫଳରେ ଇ ପୃଥିବୀର ପରିବର୍ତ୍ତନ ହେବ। –ଶ୍ରୀମା

# ସାଧାରଣ ମାଧବୀ

ଆମେରିକାର ହିଣ୍ଡେନବର୍ଗ ରିସର୍ଚ୍ଚ ସଂସ୍ଥା ୧୮ ମାସ ପରେ ଏବେ ଭାରତର ଆର୍ଥିକ ବଜାରରେ ପୁଣି ଚହଳ ସୃଷ୍ଟି କରିଛି। ୨୪ ଜାନୁଆରୀ ୨୦୨୩ରେ ଏହି ସଂସ୍ଥା ଗୌତମ ଆଦାନୀଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା। ଷ୍ଟକ୍ ମୂଲ୍ୟରେ ଅବିଶ୍ୱସନୀୟ ବୃଦ୍ଧି ଘଟାଇ ଆଦାନୀ ଗ୍ରୁପ୍ ଖୁବ୍ କମ୍ ସମୟ ମଧ୍ୟରେ ୧୨୦ ବିଲିୟନ ଡଲାର ଠୁଳ କରିଦେଇଥିବା ନେଇ ସେତେବେଳେ ହିଣ୍ଡେନବର୍ଗ ରିପୋର୍ଟ ଦେଇଥିଲା। ତା’ ପରେ ଆଦାନୀ ଗ୍ରୁପ୍‌ର ବଜାର ପ୍ରତିପତ୍ତି ତତ୍‌କ୍ଷଣାତ୍ ହ୍ରାସ ପାଇଥିଲା ଓ ଷ୍ଟକ୍ ମାର୍କେଟରେ ଗମ୍ଭୀର ଅସ୍ଥିରତା ଦେଖାଦେଇଥିଲା। ନିବେଶକାରୀମାନେ ପ୍ରବଳ କ୍ଷତି ସହିଥିଲେ। ଏବର ଘଟଣାରେ ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ଭୂମିକାକୁ ନେଇ ହିଣ୍ଡେନବର୍ଗ ପ୍ରଶ୍ନ ଉଠାଇଛନ୍ତି। ମାଧବୀ ୨୦୧୭ ଏପ୍ରିଲରେ ସେବିର ପୂର୍ଣ୍ଣକାଳୀନ ସଦସ୍ୟା ହୋଇଥିବା ବେଳେ ୨୦୨୨ ମାର୍ଚ୍ଚରେ ଅଧ୍ୟକ୍ଷା ହୋଇଥିଲେ। କଥା ହେଲା ମାଧବୀଙ୍କର ଦରିଆପାରି ସଂସ୍ଥା ସିଙ୍ଗାପୁରର ଅଗୋରା ପାର୍ଟନର୍ସରେ ଶତପ୍ରତିଶତ ଅଂଶଧନ ଥିଲା। ଅଧ୍ୟକ୍ଷା ହେବାର ଦୁଇ ସପ୍ତାହ ପୂର୍ବରୁ ସେ ସମ୍ପୃକ୍ତ କମ୍ପାନୀରେ ଥିବା ଶେୟାରକୁ ସ୍ୱାମୀ ଧବଳ ବୁଚ୍‌ଙ୍କୁ ହସ୍ତାନ୍ତର କରିଦେଇଥିଲେ। ସମ୍ପୃକ୍ତ ବିଦେଶୀ କମ୍ପାନୀ ଆଦାନୀ ଗ୍ରୁପ୍ ସହ ଜଡ଼ିତ ଥିବାରୁ ଗୌତମ ଆଦାନୀଙ୍କ ବିରୋଧରେ ମାଧବୀ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ବୋଲି ହିଣ୍ଡେନବର୍ଗ ଅଭିଯୋଗ ଆଣିଥିବାରୁ ତାଙ୍କ ଅଡୁଆ ଏବେ ବଢ଼ିଯାଇଛି।

> ଭାରତୀୟଙ୍କ ସଚ୍ଚୋଟପଣିଆ ଏକ ସାଧାରଣ ଚରିତ୍ର ନୁହେଁ। ଅନେକ କ୍ଷେତ୍ରରେ ରାତାରାତି ଧନୀ ହୋଇଯିବାର ସ୍ୱପ୍ନ ଦୁର୍ନୀତିକୁ ଡାକିଆଣିଥାଏ। ଏପରିସ୍ଥଳେ ବଡ଼ବଡ଼ ପଦବୀରେ ଅସାଧାରଣ ସଚ୍ଚୋଟ ବ୍ୟକ୍ତିଙ୍କୁ ଖୋଜି ପାଇବା କଷ୍ଟକର ହୋଇପଡୁଛି।

ଉପରବର୍ଣ୍ଣିତ ଘଟଣାକୁ ବିଶ୍ଳେଷଣ କଲେ ହିଣ୍ଡେନବର୍ଗ ରିପୋର୍ଟରେ ସତ୍ୟତା ଥିଲେ ଏହା ‘କ୍ୱିଡ୍ ପ୍ରୋ କୋ’ ବା ‘କିଛି ପାଇବା ପାଇଁ କିଛି ଦେବା’ ଭଳି ସ୍ଥିତି ସୃଷ୍ଟି କରିଛି। ସେବି ମାର୍କେଟ ନିୟନ୍ତ୍ରକ ହୋଇଥିବାରୁ ଏହାର ପୂର୍ଣ୍ଣକାଳୀନ ସଦସ୍ୟା ହେବା ଦିନୁ ମାଧବୀ କୌଣସି କମ୍ପାନୀର ଅଂଶଧନ ରଖିବା କଥା ନୁହେଁ ବୋଲି କୁହାଯାଉଛି। କାରଣ ଏହା ‘କନ୍‌ଫ୍ଳିକ୍ଟ ଅଫ୍ ଇଣ୍ଟରେଷ୍ଟ’ ବା ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଅନ୍ତର୍ଭୁକ୍ତ ବୋଲି ବିବେଚିତ ହୋଇଥାଏ। ହେଲେ ଅଧ୍ୟକ୍ଷା ହେବାର ୨ ସପ୍ତାହ ପୂର୍ବରୁ ନିଜ ଅଂଶଧନ ସ୍ୱାମୀଙ୍କୁ ଦେଇ ସେ ଚତୁର ବାଟ ଖୋଜିଥିଲେ। ଇତିମଧ୍ୟରେ ହିଣ୍ଡେନବର୍ଗ ଅଭିଯୋଗକୁ ମାଧବୀ, ତାଙ୍କ ସ୍ୱାମୀ ଓ ଆଦାନୀ ଗ୍ରୁପ୍ ଖଣ୍ଡନ କରି ତାହା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ଘଟଣାର ସତ୍ୟାସତ୍ୟ ଆଗକୁ ତଦନ୍ତ ହେଲେ ପଦାକୁ ଆସିବ। ଏଭଳି ସ୍ଥଳେ ମାଧବୀଙ୍କୁ ଛୁଟିରେ ଯିବା ଲାଗି ଅନୁମତି ଦିଆଯିବା ଉଚିତ ନୁହେଁ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି। କାରଣ ଅତୀତରେ ଆଇସିଆଇସିଆଇର ପୂର୍ବତନ ପରିଚାଳନା ନିର୍ଦ୍ଦେଶିକା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଚନ୍ଦା କୋଚରଙ୍କ ବିରୋଧରେ ମନି ଲଣ୍ଡରିଂ ଅଭିଯୋଗ ଆସିବା ପରେ ତାଙ୍କୁ ତୁରନ୍ତ ଛୁଟିରେ ଯିବା ଲାଗି କୁହାଯାଇଥିଲା। ଫଳରେ ସେ ଅନେକ ତଥ୍ୟ ହେରଫେର କରିଥିବା ନେଇ ଖବର ପ୍ରକାଶ ପାଇଥିଲା। ଅବଶ୍ୟ ପରେ ସମ୍ପୃକ୍ତ ବ୍ୟାଙ୍କ ତାଙ୍କୁ ଚାକିରିରୁ ବିଦା କରିଦେଇଥିଲା।

ଏବେ ଭାରତୀୟ ଅର୍ଥନୀତି ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ଦରଦାମ ବୃଦ୍ଧି ସାଧାରଣ ଲୋକଙ୍କ ଦୈନିକ ଚଳଣିରେ ଅସମ୍ଭାଳ ବୋଝ ପକାଇଲାଣି। ବେକାରି ସମସ୍ୟା ଯୁବବର୍ଗଙ୍କୁ ଅତିଷ୍ଠ କରିଛି। ଏଭଳି ସ୍ଥଳେ ପୁଞ୍ଜି ବଜାରରେ ଅସ୍ଥିରତା ଦେଖା ଦେଲେ ସ୍ଥିତି ଆହୁରି ବିଗିଡ଼ିଯିବାର ଆଶଙ୍କା ଉପୁଜିଲାଣି। ହିଣ୍ଡେନବର୍ଗ ରିପୋର୍ଟ ୧୦ ଅଗଷ୍ଟ ୨୦୨୪ରେ ଆସିଛି। ତାହା ଶନିବାର ଥିବାରୁ ଏହାର ପ୍ରଭାବ ଷ୍ଟକ୍ ମାର୍କେଟ ଉପରେ କିଭଳି ପଡ଼ିବ ସୋମବାର ୧୨ ଅଗଷ୍ଟରେ ଜଣାପଡ଼ିବ। ପୂର୍ବର ଦୃଷ୍ଟାନ୍ତକୁ ଦେଖି ଅନୁମାନ କରାଯାଇପାରେ ଯେ, କୌଣସି ଅସ୍ୱାଭାବିକ ଘଟଣା ସାମ୍ନାକୁ ଆସିଲେ ନିଶ୍ଚିତ ଭାବେ ତାହାର ପ୍ରଭାବ ଆର୍ଥିକ ବଜାର ଉପରେ ପଡ଼ିଥାଏ।

ଭାରତର ଆର୍ଥିକ ଦୁନିଆରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମହିଳାମାନେ ଅବସ୍ଥାପିତ ଅଛନ୍ତି। ଚନ୍ଦା କୋଚରଙ୍କ ପରେ ମାଧବୀଙ୍କ ନାମ ଚର୍ଚ୍ଚାକୁ ଆସିଛି। ସାଧାରଣତଃ ଯେଉଁ ଧରଣା ଥାଏ ଯେ ମହିଳାମାନେ ପୁରୁଷଙ୍କ ତୁଳନାରେ ଅପେକ୍ଷାକୃତ ସଚ୍ଚୋଟ, ତାହା ମଧ୍ୟ ଭୁଲ ପ୍ରମାଣିତ ହେବାରେ ଲାଗିଛି। ଦେଖିବାକୁ ଗଲେ ଦେଶର ଆର୍ଥିକ ସଂସ୍ଥାଗୁଡ଼ିକର ଶୀର୍ଷରେ ଅବସ୍ଥାପିତ ଅନେକ ବ୍ୟକ୍ତି ପଦବୀର ଅପବ୍ୟବହାର କରୁଛନ୍ତି। ଭାରତର ବିଭିନ୍ନ ବ୍ୟାଙ୍କରେ ଏନ୍‌ପିଏ ବୋଝ ଏବଂ ତା’ ପଛରେ ବଡ଼ ସଂସ୍ଥାଗୁଡ଼ିକ ପ୍ରତି ଥିବା ପ୍ରିୟାପ୍ରୀତି ତୋଷଣ ବିଷୟରେ ସମସ୍ତେ ଜାଣନ୍ତି। ଭାରତୀୟଙ୍କ ସଚ୍ଚୋଟପଣିଆ ଏକ ସାଧାରଣ ଚରିତ୍ର ନୁହେଁ। ଅନେକ କ୍ଷେତ୍ରରେ ରାତାରାତି ଧନୀ ହୋଇଯିବାର ସ୍ୱପ୍ନ ଦୁର୍ନୀତିକୁ ଡାକିଆଣିଥାଏ। ଏପରିସ୍ଥଳେ ବଡ଼ବଡ଼ ପଦବୀରେ ଅସାଧାରଣ ସଚ୍ଚୋଟ ବ୍ୟକ୍ତିଙ୍କୁ ଖୋଜି ପାଇବା କଷ୍ଟକର ହୋଇପଡୁଛି।

## su | do | ku
Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | 7 | | 1 | | 9 | 6 |
| 8 | | | | 9 | | | | |
| | 7 | | | 8 | | | | 4 |
| | | 7 | | | | | 2 | |
| 6 | | 9 | 8 | | | | | |
| | 4 | 3 | | | | | 6 | |
| | 3 | | | 4 | | | 8 | 1 |
| 4 | | | | 5 | | | | |
| | 6 | | 3 | | 9 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 5 | 9 | 6 | 7 | 3 | 8 |
| 5 | 8 | 6 | 7 | 1 | 3 | 9 | 2 | 4 |
| 3 | 9 | 7 | 8 | 4 | 2 | 1 | 6 | 5 |
| 7 | 1 | 5 | 3 | 2 | 8 | 6 | 4 | 9 |
| 4 | 3 | 8 | 9 | 6 | 5 | 2 | 7 | 1 |
| 9 | 6 | 2 | 1 | 7 | 4 | 8 | 5 | 3 |
| 8 | 2 | 4 | 6 | 5 | 9 | 3 | 1 | 7 |
| 1 | 5 | 3 | 2 | 8 | 7 | 4 | 9 | 6 |
| 6 | 7 | 9 | 4 | 3 | 1 | 5 | 8 | 2 |

ଗତକାଲିର ଉତ୍ତର

# ଅନିଶ୍ଚିତତା ଓ ହିଂସା କବଳିତ ବାଂଲାଦେଶ



କିଶୋର ଜେନା

ସରକାରୀ ଚାକିରିରେ ସଂରକ୍ଷଣ (କୋଟା) ସଂସ୍କାର ଦାବିରେ ବାଂଲାଦେଶରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା, ତା’ର ପରିଣତିରେ ଦେଶ ଛାଡ଼ି ପଳାଇବାକୁ ହେଲା ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ୱାଜେଦଙ୍କୁ। ସ୍ୱାଧୀନ ବାଂଲାଦେଶର ଆତ୍ମପ୍ରକାଶ ପରେ ଦେଶର ମୁକ୍ତିଯୋଦ୍ଧାମାନଙ୍କ ପରିବାରଙ୍କ ପାଇଁ ସରକାରୀ ଚାକିରିରେ ଯେଉଁ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା, ଏକ ସମୟରେ ହାସିନାଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ସେହି ସଂରକ୍ଷଣ ଉଠାଇ ଦିଆଯାଇଥିଲା। ଏହା ବିରୋଧରେ ମୁକ୍ତିଯୋଦ୍ଧା ପରିବାରମାନେ ଦାଏର କରିଥିବା ମାମଲାର ରାୟରେ ହାଇକୋର୍ଟ ସେହି ସଂରକ୍ଷଣ ଫେରାଇ ଦେଇଥିଲେ। ଏହାର ବାତିଲ ଦାବି କରି ଆରମ୍ଭ ହୋଇଥିଲା ଛାତ୍ର ଆନ୍ଦୋଳନ। ପ୍ରଥମରୁ ଏହା ଶାନ୍ତିପୂର୍ଣ୍ଣ ଥିବାବେଳେ କ୍ରମଶଃ ସେହି ଆନ୍ଦୋଳନ ଦାବାନଳ ପରି ସରକାର ପତନ ଆନ୍ଦୋଳନରେ ରୂପାନ୍ତରିତ ହେଲା। ବାଂଲାଦେଶ ସୁପ୍ରିମକୋର୍ଟ ହାସିନା ସରକାରଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ରାୟକୁ ବାତିଲ କରିଦେଇଥିଲେ ମଧ୍ୟ ବାଂଲାଦେଶ ଶାନ୍ତ ହୋଇନାହିଁ। ସୁପ୍ରିମକୋର୍ଟ ରାୟ ପରେ ବାଂଲାଦେଶ ଶାନ୍ତ ହୋଇଆସିବ ଏବଂ ହାସିନା ସରକାର ପରିସ୍ଥିତିକୁ ସମ୍ଭାଳିନେବେ। କିନ୍ତୁ ତାହା ହେଲା ନାହିଁ। ଜନତାଙ୍କ ଚାପା କ୍ରୋଧ ପରିପ୍ରକାଶ ହେଲା।

୧୯୯୬ରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ ଶେଖ୍ ହାସିନା, ଥିଲେ ୨୦୦୧ ପର୍ଯ୍ୟନ୍ତ। ସେହି ନିର୍ବାଚନ ହୋଇଥିଲା ୨୦୦୮ ଡିସେମ୍ବରରେ ଏକ କାର୍ଯ୍ୟନିର୍ବାହୀ ତଦାରଖକାରୀ ସରକାରର ତତ୍ତ୍ୱାବଧାନରେ। କିନ୍ତୁ ୨୦୧୪ରେ ପୁଣି ନିର୍ବାଚନ ଜିତି କ୍ଷମତାସୀନ ହୋଇଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ ତାଙ୍କ ବିରୋଧରେ ବାଂଲାଦେଶରେ ବିରୋଧୀ ଆନ୍ଦୋଳନ ଶକ୍ତିଶାଳୀ ହୋଇଉଠିଲା। ହାସିନା ନିଜେ ଏକ ତତ୍ତ୍ୱାବଧାରକ ସରକାର ତତ୍ତ୍ୱାବଧାନରେ ଅନୁଷ୍ଠିତ ନିର୍ବାଚନରେ ବିଜୟୀ ହୋଇ ୨୦୧୯ରେ ପ୍ରଧାନମନ୍ତ୍ରୀ ପଦକୁ ଫେରିଥିଲେ ମଧ୍ୟ ୨୦୧୯ ନିର୍ବାଚନ ପୂର୍ବରୁ ସେହି ଦାବି ଉଠିଲେ ମଧ୍ୟ ସେ ଏହାକୁ ଗ୍ରହଣ କଲେ ନାହିଁ। ସମାନ ଦାବି ୨୦୧୪ରେ ଉଠିଥିଲା। ତାକୁ ମଧ୍ୟ ମାନି ନ ଥିଲେ। ବାଂଲାଦେଶକୁ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଉପରକୁ ଉଠାଇବା, ଶେଖ୍ ମୁଜିବୁର ରହମନ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କ ହତ୍ୟାକାରୀଙ୍କୁ ବିଚାର କରି ଦଣ୍ଡ ପ୍ରଦାନ, ମୁକ୍ତିଯୁଦ୍ଧକୁ ସମ୍ମାନ ପ୍ରଦାନ, ଚଟ୍ଟଗ୍ରାମ ଶାନ୍ତି ଚୁକ୍ତି ମାଧ୍ୟମରେ ସେଠାରେ ଉଗ୍ରପନ୍ଥାର ଅବସାନ ଘଟାଇବା, ବେସରକାରୀ ଶିଳ୍ପର ପ୍ରସାର କରାଇବା, ବେକାର ଯୁବତୀ ଯୁବକଙ୍କ ପାଇଁ ପ୍ରଶିକ୍ଷଣ ଓ ଋଣର ବ୍ୟବସ୍ଥା କରିବା ଏଭଳି ବେଶ୍ କିଛି ଇତିବାଚକ ଉଦ୍ୟମ ତାଙ୍କ ସରକାର ନେଇଥିଲେ ମଧ୍ୟ ଶେଷ ଦଶବର୍ଷରେ ମାନବାଧିକାର ଲଙ୍ଘନର ବେଶ୍ କିଛି ଗୁରୁତର ଅଭିଯୋଗ ଉଠିଥିଲା। ସଂରକ୍ଷଣ ବିରୋଧୀ ଆନ୍ଦୋଳନ ସମୟରେ ହତ୍ୟାକାଣ୍ଡ ବଳିଯାଇଥିଲା। ହାସିନାଙ୍କ ନୀତିର ବିରୋଧ କରୁଥିବା ରାଜନୈତିକ ବିରୋଧୀ ଓ ସାମ୍ବାଦିକମାନେ ଅନେକ ଗିରଫ ହୋଇଛନ୍ତି ଓ ବିଭିନ୍ନ ମାମଲାରେ ସେମାନଙ୍କୁ ଛନ୍ଦି ଦିଆଯାଇଛି। ତଥ୍ୟ ସ୍ୱାଧୀନତା ଦାବିରେ ଆନ୍ଦୋଳନରତ ଆନ୍ତର୍ଜାତିକ ସଙ୍ଗଠନ ‘ରିପୋର୍ଟର୍ସ ଉଇଦାଉଟ୍ ବର୍ଡର’ ୨୦୨୧ରେ ଏକ ରିପୋର୍ଟରେ ଜଣାଇଥିଲା,



୨୦୧୪ରୁ ବାଂଲାଦେଶର ଗଣମାଧ୍ୟମର ସ୍ୱାଧୀନତା ଖର୍ବ କରାଯାଇଛି। ଏହିସବୁ ସହ ଶେଖ୍ ହାସିନାଙ୍କ ଦଳ ଆୱାମୀ ଲିଗ୍ ଏବଂ ଦଳର ଛାତ୍ର ସଂଗଠନ ଛାତ୍ର ଲିଗ୍‌ର ଏକାଂଶର ନେତା ଓ କର୍ମୀମାନଙ୍କ କ୍ଷମତାର ଆସ୍ଫାଳନ, ଔଦ୍ଧତ୍ୟ, ବିଭିନ୍ନ ସ୍ତରରେ ଦୁର୍ନୀତି ଏବଂ ଦରବୃଦ୍ଧି ଓ ବେକାରିର କ୍ରମବର୍ଦ୍ଧମାନ ଚାପ ତାଙ୍କୁ ଅପ୍ରିୟ କରିଥିଲା।

ବାଂଲାଦେଶରେ ମୌଳବାଦୀ ଶକ୍ତି ଚିରକାଳ ସକ୍ରିୟ। ଏହି ମୌଳବାଦୀ ଶକ୍ତି ହିଁ ଶେଖ୍ ମୁଜିବ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କୁ ୧୯୭୫ ଅଗଷ୍ଟ ୧୫ରେ ନୃଶଂସ ଭାବେ ହତ୍ୟା କରିଥିଲା। ବିଦେଶରେ ଥିବାରୁ ହାସିନା ଏବଂ ତାଙ୍କ ଭଉଣୀ ରେହେନା ଏହି ବର୍ବରତାରୁ ବର୍ତ୍ତିଯାଇଥିଲେ। ଅଗଷ୍ଟ ୪ ତାରିଖରେ ଯେତେବେଳେ ପ୍ରାୟ ଶତାଧିକ ପ୍ରାଣ ହରାଇଲେ ସଂଘର୍ଷରେ, ସେହି ରକ୍ତ ସ୍ରୋତରୁ ବୋଧେ ହାସିନା ବାର୍ତ୍ତା ପାଇଗଲେ ଯେ ଆଉ ସମ୍ଭବ ନୁହେଁ। ସେନାବାହିନୀ ମଧ୍ୟ ସୋମବାର ଅଗଷ୍ଟ ୫ ତାରିଖ ସକାଳେ ହାସିନା ସରକାର ଉପରୁ ହାତ ଟେକିନେଲେ। ଏଣୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ଛଡ଼ା ଦ୍ୱିତୀୟ କୌଣସି ପଥ ନ ଥିଲା ହାସିନାଙ୍କ ଆଗରେ। ସମ୍ଭବତଃ ସୈନ୍ୟବାହିନୀର ପରାମର୍ଶକ୍ରମେ ତାଙ୍କ ଜୀବନ ପ୍ରତି ବିପଦର ଆଶଙ୍କାରେ ସେ ଦେଶ ଛାଡ଼ିଛନ୍ତି। ଅନିଶ୍ଚିତ ହୋଇଗଲା ତାଙ୍କ ଜୀବନ।

ଏହାଠାରୁ ବେଶି ଅନିଶ୍ଚିତତାର ମୁହଁରେ ବାଂଲାଦେଶ ଛିଡ଼ା ହୋଇଛି। ଅଗଷ୍ଟ ୫ରେ ହାସିନା ସରକାରର ଇସ୍ତଫା ଏବଂ ତାଙ୍କର ଦେଶ ତ୍ୟାଗ ଖବର ପ୍ରଚାରିତ ହେବା ପରେ ଏକ ଦଳ ଜନତା ସଂସଦ ଭବନ (ଗଣ ପରିଷଦ), ପ୍ରଧାନମନ୍ତ୍ରୀଙ୍କ ବାସଭବନ ଏବଂ ଢାକାର ଧାନମଣ୍ଡିସ୍ଥିତ ଶେଖ୍ ମୁଜିବଙ୍କର ସ୍ମୃତି ବିଜଡ଼ିତ ବଙ୍ଗବନ୍ଧୁ ଭବନରେ ପ୍ରବେଶ କଲେ ହଜାର ହଜାର ସଂଖ୍ୟାରେ। ଭଙ୍ଗାରୁଜା କଲେ, ଏପରି କି ଶେଖ ମୁଜିବୁର ରହମାନଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଦେଲେ। ଏକଥା ତ ଅସ୍ୱୀକାର କରିବାର କୌଣସି ରାସ୍ତା ନାହିଁ ଯେ ବଙ୍ଗବନ୍ଧୁ ମୁଜିବୁର ରହମନଙ୍କ ନେତୃତ୍ୱରେ ଆଜିକାର ସ୍ୱାଧୀନ ବାଂଲାଦେଶର ଜନ୍ମ। ତାଙ୍କର ଆପୋସବିହୀନ ଲଢ଼େଇ ସଂଗ୍ରାମ ଯୋଗୁ ବାଂଲାଦେଶର ମୁକ୍ତିଯୁଦ୍ଧ ସ୍ୱାଧୀନ ବାଂଲାରେ ପରିଣତ ହୋଇଥିଲା। ସେହି ମୁଜିବୁରଙ୍କୁ ଓ ତାଙ୍କ ପରିବାରକୁ ନୃଶଂସ ଭାବରେ ହତ୍ୟା କରାଯାଇଥିଲା ଧାନମଣ୍ଡିର ଏହି ଘରେ, ଯାହାକୁ ଏକ ସ୍ମୃତିଭବନର ମର୍ଯ୍ୟାଦା ଦିଆଯାଇଛି। ଘର ଭିତର କାନ୍ଥରେ ମୁଜିବୁରଙ୍କ ବୁଲେଟବିଦ୍ଧ ଶରୀରର କଳାଧଳା ଛବି। ଦେୱାଲରେ ମୁଜିବୁର ଓ ତାଙ୍କ ପରିବାରର ବୁଲେଟବିଦ୍ଧ ଶରୀରରୁ ଛିଟିକିପଡ଼ିଥିବା ରକ୍ତର ଦାଗ ସବୁ ରଖାଯାଇଥିଲା। ଏସବୁକୁ ପୋଡ଼ି ଦେଇଛନ୍ତି ଦଳେ ଉନ୍ମତ୍ତ ଜନତା। ଆସବାବପତ୍ର ମଧ୍ୟ ଲୁଟ୍ କରି ନେଇଛନ୍ତି ପ୍ରଧାନମନ୍ତ୍ରୀଙ୍କ ବାସ ଭବନରୁ। ଆକ୍ରମଣରୁ ମଧ୍ୟ ଛାଡ଼ ପାଇନାହାନ୍ତି ସଂଖ୍ୟାଲଘୁ ହିନ୍ଦୁମାନେ। ହିଂସା ରୋକିବା ଏବଂ ସମଗ୍ର ଦେଶର ଜନ ଓ ଧନସମ୍ପତ୍ତିର ସୁରକ୍ଷା, ଧର୍ମୀୟ ଓ ଜାତିଗତ ସଂଖ୍ୟାଲଘୁଙ୍କ ଧନ ଓ ଜୀବନର ସୁରକ୍ଷା ନିଶ୍ଚିତ କରିବା ପାଇଁ ଦେଶବାସୀଙ୍କୁ ସକ୍ରିୟ ଭୂମିକା ନେବାର ଆହ୍ୱାନ ଜଣାଇଛି ଦେଶର ୧୫ଟି ବାମଗଣତାନ୍ତ୍ରିକ ଦଳ ମିଳିତ ଭାବେ। ଢାକା ସହ ବିଭିନ୍ନ ସହରରେ ସୈନ୍ୟବାହିନୀ ପହରା ଦେଉଥିଲେ ମଧ୍ୟ ହିଂସା ରୋକିବାରେ କୌଣସି ଉଦ୍ୟମ ନ ନେବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବାମଗଣତାନ୍ତ୍ରିକ ସାମ୍ମୁଖ୍ୟ।

ବାଂଲାଦେଶରେ ନୋବେଲ ଶାନ୍ତି ବିଜେତା ମହମ୍ମଦ ୟୁନୁସଙ୍କୁ ଅନ୍ତରୀଣ ସରକାରରେ ମୁଖ୍ୟ କରାଯାଇଥିଲେ ମଧ୍ୟ ଅସଲ କ୍ଷମତା ଏବେ ସେନା ହାତରେ। ସେନା ମୁଖ୍ୟଙ୍କର ଚରମ ମୌଳବାଦୀ ଦକ୍ଷିଣପନ୍ଥୀ ଜମାଏତି–ଇ ଇସଲାମିର ନେତୃତ୍ୱ ସହ ଆଳାପ ଓ ଆଲୋଚନା ଏବଂ ଦେଶରେ ଗଣ ଅଭ୍ୟୁଥାନ ପରେ ନିର୍ବିଚାରରେ ଚାଲିଥିବା ହିଂସାକାଣ୍ଡକୁ ରୋକିବା ପାଇଁ ପରାମର୍ଶ ନ ନେବା ଏବଂ ଧାନମଣ୍ଡିସ୍ଥିତ ବଙ୍ଗ ଭବନ ଓ ମୁଜିବୁର ରହମନଙ୍କ ମୂର୍ତ୍ତିର ଭଙ୍ଗାରୁଜାକୁ ବନ୍ଦ କରିବା ତ ଦୂରର କଥା ଏହାକୁ ନିନ୍ଦା ନ କରିବା ଶୁଭ ଲକ୍ଷଣ ନୁହେଁ। ଏଥର ତାଙ୍କ ଅପସାରଣ ଦାବିରେ ହୋଇଥିବା ଆନ୍ଦୋଳନରେ ଯେଭଳି ଭାବେ ବଙ୍ଗବନ୍ଧୁ ଭବନ ପୋଡ଼ିଦିଆଗଲା ଓ ତାଙ୍କ ମୂର୍ତ୍ତିକୁ ଭାଙ୍ଗି ଦିଆଗଲା, ଏଥିରୁ ଏହି ଆନ୍ଦୋଳନକୁ ମୁକ୍ତିଯୋଦ୍ଧା ବିରୋଧୀ ଶକ୍ତି କବଳିତ କରିନେବା ସୁସ୍ପଷ୍ଟ ହୋଇଯାଇଛି। ସୁଯୋଗ ନେଇଛି ମୌଳବାଦୀ ଶକ୍ତି। ଛାତ୍ରୀଛାତ୍ରମାନଙ୍କୁ ଆଗରେ ରଖି ସେମାନଙ୍କ ପତାକାବିହୀନ ଆନ୍ଦୋଳନରେ ଉଗ୍ର ବିଷ ଛାଡ଼ିଦେଇଛନ୍ତି, ଜମାଏତ– ଇ ଇସଲାମି ଓ ଖଲିଦା ଜିଆଙ୍କ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି। ଯେଉଁମାନେ ଏହି ଗଣ ଅଭ୍ୟୁଥାନକୁ ଦ୍ୱିତୀୟ ସ୍ୱାଧୀନତା ବୋଲି କହୁଛନ୍ତି, କିନ୍ତୁ ଆନ୍ଦୋଳନ ପରବର୍ତ୍ତୀ ଘଟଣାବଳୀ କହୁଛି, ଏହା ସ୍ୱାଧୀନତା ନୁହେଁ, ସ୍ୱାଧୀନତାର ଉଦ୍‌ଯାପନ। ଯେଉଁମାନେ ଆନ୍ଦୋଳନ କରୁଥିଲେ ସେମାନଙ୍କ ସପକ୍ଷରେ ଥିଲେ ବାଂଲାଦେଶର ଜନତା କିନ୍ତୁ ଆଜି ସେହି ଆନ୍ଦୋଳନକୁ ଯେପରି ମୌଳବାଦୀମାନେ ଅକ୍ତିଆର କରିନେଲେ, ତାହା ଦେଶକୁ ଭୁଲ୍ ପଥରେ ନେଇଯାଉଛି।

ବଙ୍ଗବନ୍ଧୁ ଏକ ନକ୍ଷତ୍ରର ନାମ। ଯାହାଙ୍କର ଗୁଣ ଓ ଋଣ ଅସୀମ। ତ୍ୟାଗ ଓ ପରାକାଷ୍ଠାର ଜ୍ୱଳନ୍ତ ନିଦର୍ଶନ। ଦୁର୍ଭାଗ୍ୟ ଯେ ସେହି ବାଂଲାଦେଶର ଜନତା ଏତେ ସହଜରେ ମୁଜିବୁରଙ୍କୁ ଭୁଲିଯାଇପାରିଲା। ହୁଏତ ବାଂଲାଦେଶ ଆଉ ଏକ ଆଫଗାନିସ୍ତାନ ବା ପାକିସ୍ତାନ ହେବାକୁ ଯାଉଛି। ମୁକ୍ତିଯୁଦ୍ଧର ଚେତନାକୁ ମ୍ଳାନ କରି ଧର୍ମନିରପେକ୍ଷତା ଓ ଗଣତନ୍ତ୍ରର ବିଦାୟ ଘଣ୍ଟି ବାଜିପାରେ। ପାକିସ୍ତାନ ପରି ସେନାର ନିୟନ୍ତ୍ରଣରେ ହୁଏତ ଏକ ତଥାକଥିତ ଗଣତାନ୍ତ୍ରିକ ସରକାର ଚାଲିପାରେ। କିନ୍ତୁ ଅନିଶ୍ଚିତ ଭବିଷ୍ୟତ ଓ ହିଂସାର ଦିଗକୁ ବଢ଼ିଲା ବାଂଲାଦେଶ।

ଉତ୍କଳମଣି ମାର୍ଗ, ଅପର୍ଣ୍ଣାନଗର, ଚାଉଳିଆଗଞ୍ଜ, କଟକ
ମୋ: ୯୪୩୭୩୮୪୮୬୭

## ଏଇ ଭାରତରେ

ବଜାରରେ ଏବେ ବିଭିନ୍ନ ପ୍ରକାରର ରାଖୀ ବିକ୍ରି ହେଉଛି। ହେଲେ ଗୋବରରେ ରାଖୀ ତିଆରି କରି ଏବେ ଚର୍ଚ୍ଚାକୁ ଆସିଛନ୍ତି ପୂଜା ମେହତା। ଉତ୍ତରାଖଣ୍ଡ ନୈନୀତାଲ ଅଞ୍ଚଳ ବସଗାଁରେ ରହୁଥିବା ପୂଜା ଗୋବର ସହିତ ବିଭିନ୍ନ ପ୍ରକାରର ମଞ୍ଜିକୁ ନେଇ ଏବେ ବିଭିନ୍ନ ଡିଜାଇନର ରାଖୀ ତିଆରି କରୁଛନ୍ତି। ଏସବୁ ରାଖୀ ଦେଖିବା ପାଇଁ ଅତ୍ୟନ୍ତ ସୁନ୍ଦର ହେବା ସହିତ ଇକୋ ଫ୍ରେଣ୍ଡଲୀ ମଧ୍ୟ। ତେଣୁ ପୂଜାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଗୋବର ରାଖୀ ନେବା ପାଇଁ ଲୋକଙ୍କର ଖୁବ୍ ଆକର୍ଷଣ ଦେଖିବାକୁ ମିଳୁଛି। ବର୍ତ୍ତମାନ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପୂଜା ଏଭଳି ରାଖୀ ତିଆରି କରିବା ପାଇଁ ଚିନ୍ତା କରିଥିଲେ ବୋଲି କହିଛନ୍ତି। ଏଥିପାଇଁ ସେ ପ୍ରଥମେ ସବୁ ପ୍ରସ୍ତୁତି ଆରମ୍ଭ କରି ତିଆରି କରିଥିଲେ ଗୋବର ରାଖୀ। ତାଙ୍କ ତିଆରି ରାଖୀ ମଧ୍ୟ ବଜାରରେ ବିକ୍ରି ହେଉଥିବା ଅନ୍ୟ ସବୁ ରାଖୀ ଭଳି ବେଶ୍ ଆକର୍ଷଣୀୟ ହୋଇପାରିଥିଲା। ସ୍ଥାନୀୟ ଲୋକେ ସେସବୁ ରାଖୀ କିଣିବା ପାଇଁ ଆଗ୍ରହ ଦେଖାଇଥିଲେ। ଧୀରେ ଧୀରେ ତାଙ୍କ ରାଖୀର ଚାହିଦା ଏତେ ବଢ଼ିଥିଲା ଯେ ଆଖପାଖ ଅଞ୍ଚଳ ସହିତ ଏବେ ରାଜ୍ୟ ବାହାରୁ ମଧ୍ୟ ଲୋକେ ନେବାପାଇଁ ଆସୁଛନ୍ତି। ତେବେ ଲୋକଙ୍କ ଚାହିଦାକୁ ଦେଖି ପୂଜା ତାଙ୍କ ରାଖୀକୁ ଅନ୍‌ଲାଇନ୍‌ରେ ବି ବିକ୍ରି କରୁଛନ୍ତି। ଏହି ରାଖୀ ତିଆରି କରି ସେ ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟ କେତେଜଣଙ୍କୁ ମଧ୍ୟ ରୋଜଗାରର ମାଧ୍ୟମ ଦେଇପାରିଛନ୍ତି।

# ମୁଁ ଏକା ତୁମର



ଡ. ସୀତାକାନ୍ତ ତ୍ରିପାଠୀ

ସମ୍ପର୍କର ରଜ୍ଜୁରେ ଦୁଇଟି ବିପରୀତଧର୍ମୀ ଚିନ୍ତାଧାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଥମଟି ହେଉଛି ‘ମୁଁ ଏକା ତୁମର’ ଦ୍ୱିତୀୟଟି ହେଉଛି ‘ତୁ ଏକା ମୋହର’। ପ୍ରଥମ ଭାବନାରେ ଜଣେ ଅନ୍ୟଜଣକ ପାଖରେ ସମ୍ପୂର୍ଣ୍ଣ ସମର୍ପିତ ହୋଇଥିବା ବେଳେ ଦ୍ୱିତୀୟ ଭାବନାରେ ଜଣେ ଅନ୍ୟଜଣକୁ ସମର୍ପିତ ହେବା ପାଇଁ ବାଧ କରିଥାଏ, ଯାହା ସୁସମ୍ପର୍କର ପରିପନ୍ଥୀ। କିମ୍ବଦନ୍ତୀ ଅନୁଯାୟୀ ସନ୍ଥ ଭର୍ତ୍ତୃହରି ପ୍ରଥମ ଜୀବନରେ ଜଣେ ରାଜା ଥିଲେ। ଥରେ ରାଜସଭାକୁ ଜଣେ ସାଧୁ ଆସି ତାଙ୍କୁ ଏକ ଅମୃତ ଫଳ ପ୍ରଦାନ କରି କହିଲେ, ହେ ରାଜନ! ଏହାକୁ ଆପଣଙ୍କ ପାଇଁ ମୁଁ ଆଣିଛି, ଯାହାକୁ ଖାଇଲେ ଆପଣଙ୍କ ଭଳି ମହାନ୍ ରାଜା ଅମରତ୍ୱ ପ୍ରାପ୍ତି ହେବେ। ସାଧୁଙ୍କ ହାତରୁ ଉକ୍ତ ଫଳ ଗ୍ରହଣ କରି ତାଙ୍କୁ ବିଦାୟ ଦେବା ପରେ ରାଜା ଭାବିଲେ ମୁଁ ଏହାକୁ ଖାଇ ଅମର ହେବା ଅପେକ୍ଷା ମୋର ପ୍ରାଣପ୍ରିୟା ପାଟରାଣୀ ଏହାକୁ ଖାଇ ସୁସ୍ଥ ସବଳ ରହି ଅମର ରହିବା ଦରକାର। ପରେ ପରେ ସିଏ ଉକ୍ତ ଫଳଟିକୁ ନେଇ ମହାରାଣୀଙ୍କୁ ପ୍ରଦାନ କରି ଉକ୍ତ ଫଳର ଗୁଣାବଳୀ ବର୍ଣ୍ଣନା କରିବା ସହିତ ଫଳଟିକୁ ଖାଇବା ପାଇଁ କହି ରାଜା ଦରବାରକୁ ଫେରି ଆସିଲେ। ଦୁଇ ତିନି ଦିନ ପରେ ରାଜ ଦରବାର ଚାଲିଥିବା ବେଳେ ଜଣେ ମହିଳା ଉକ୍ତ ଫଳଟିକୁ ରାଜାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରି ତା’ର ଗୁଣାବଳୀ ବିଷୟରେ ବର୍ଣ୍ଣନା କରିବାରୁ ରାଜା ଚମକି ପଡ଼ିଲେ। ଉକ୍ତ ଫଳଟିକୁ ସିଏ କେଉଁଠୁ ପାଇଲେ ବୋଲି ପଚାରିବାରୁ ସିଏ କହିଲେ, ମୁଁ ଜଣେ ଅଭାଗିନୀ ବେଶ୍ୟା। ମୋ ଭଳି ଜଣେ ପାପିନୀ ବେଶିଦିନ ବଞ୍ଚିବାରେ ଅବା କି ଲାଭ? ବରଂ ଏହା ଆପଣଙ୍କ ଭଳି ଜଣେ ଧର୍ମାନୁରାଗୀ ରାଜା ଖାଇବା ଦରକାର। ହଜୁର! ମୋତେ ଏହି ଫଳଟିକୁ ଆମ ରାଜ୍ୟର ମନ୍ତ୍ରୀ ପ୍ରଦାନ କରିଛନ୍ତି। ଏହା ଶୁଣି ରାଜା ପୁଣି ଆଶ୍ଚର୍ଯ୍ୟ ହେଲେ, ମନ୍ତ୍ରୀଙ୍କୁ ପଚାରିବାରୁ ଜାଣିଲେ ରାଣୀ ହିଁ ତାକୁ ଉକ୍ତ ଫଳ ପ୍ରଦାନ କରିଛନ୍ତି। ଏହା ଶୁଣିବା ମାତ୍ରେ ତାଙ୍କ ମନରେ ରାଣୀଙ୍କ ପ୍ରତି ଥିବା ‘ତୁମେ ଏକା ମୋର’ ଚିନ୍ତାଧାରା ପରିବର୍ତ୍ତନ ହୋଇ ବୈରାଗ୍ୟ ଭାବନା ଜାତ ହେଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ, ଆମ ଜୀବନରେ ଆମେ ଯେଉଁମାନଙ୍କୁ ସ୍ନେହ, ଶ୍ରଦ୍ଧା କରି ଭଲପାଉ ‘ମୁଁ ଏକା ତୁମର ବୋଲି ଭାବୁ’, ସେମାନେ ଯେ ଆମକୁ ସେହି ହିସାବରେ ଭଲ ପାଇବେ, ଆଉ ସମର୍ପିତ ହୋଇ ‘ତୁ ଏକା ମୋହର’ ଚିନ୍ତାଧାରାର ବଶବର୍ତ୍ତୀ ହେବେ ତାହା ଭାବିବା ବୋକାମି।

ପୂର୍ବରୁ ବହୁପତ୍ନୀକ ଏବଂ ବହୁ ପତି ବିବାହ ବ୍ୟବସ୍ଥା ଥିଲେ ମଧ୍ୟ ଯେତିକି ସମୟ ଜଣେ ସ୍ୱାମୀ, ଜଣେ ସ୍ତ୍ରୀ ମଧ୍ୟରେ ସମ୍ପର୍କ ରହେ, ସେତିକି ସମୟ ପାଇଁ ସେମାନେ ଅନ୍ତତଃ ସମ୍ପର୍କର ସେତୁବନ୍ଧରେ ରହୁଥିଲେ ଏବଂ ଜଣେ ଅନ୍ୟଜଣଙ୍କର ଗୋପନୀୟତା ରକ୍ଷା କରୁଥିଲେ। ଏହାକୁ ମଧ୍ୟ ସେମାନଙ୍କର ଅନ୍ୟ ସ୍ତ୍ରୀ ଓ ସ୍ୱାମୀମାନେ ସ୍ୱୀକାର କରୁଥିଲେ। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସମ୍ପର୍କରେ ଅନେକ ପରିବର୍ତ୍ତନ ଆସିଛି। ଏହା କେବଳ ସ୍ୱାମୀ–ସ୍ତ୍ରୀ ସମ୍ପର୍କର କଥା ବଖାଣେ ନାହିଁ। ବରଂ ପରିବାର, ସାହି–ପଡ଼ିଶା, ବନ୍ଧୁ–ବାନ୍ଧବ, ଜ୍ଞାତି–କୁଟୁମ୍ବମାନଙ୍କ ମଧ୍ୟରେ ଥିବା ସମ୍ପର୍କର ପରିସୀମା କଥା ସୂଚାଇଥାଏ।



‘ମୁଁ ଏକା ତୁମର’ କିମ୍ବା ‘ତୁମେ ଏକା ମୋର’ ସ୍ଥାନରେ ‘କେହି ନୁହେଁ କାହାର’ ଭଳି ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେବାରେ ଲାଗିଲାଣି। ସବୁଠି ସନ୍ଦେହର କୁହେଳିକା.... କାହାକୁ ଆପଣେଇବା ପୂର୍ବରୁ ଆମକୁ ବିଶ୍ୱାସର କଷଟି ପଥରରେ ସମ୍ପର୍କକୁ ମାପିବାର ଆବଶ୍ୟକତା ରହିଛି।

କିମ୍ବଦନ୍ତୀ ଅନୁଯାୟୀ ଦ୍ୱାରିକାଧୀଶ କୃଷ୍ଣ ଯେତେବେଳେ ଗୋପପୁର ଛାଡି ମଥୁରାକୁ ବାହାରିଥିଲେ, ସେତେବେଳେ ଗୋପୀମାନଙ୍କ ମଧ୍ୟରେ ବିରହ ଯନ୍ତ୍ରଣାର ଅଜସ୍ର ଦୁଃଖ କିନ୍ତୁ ରାଧା ଥିଲେ ସମ୍ପୂର୍ଣ୍ଣ ନିଶ୍ଚଳ। ତାଙ୍କୁ ଗୋପୀମାନେ ପଚାରିବାରୁ ସିଏ ଉତ୍ତର ଦେଇଥିଲେ..... ମୋ କାହ୍ନା ଯେଉଁଠିକୁ ଗଲେ, ଯେଉଁଠି ରହିଲେ କ’ଣ ହେଲା, ସିଏତ କେବଳ ମୋର। ଯିଏ ହୃଦୟରେ ରହେ ତା’କୁ କ’ଣ ଶରୀରର ଦୂରତା ଦୂରେଇ ଦେଇପାରିବ!

‘ତୁ ଏକା ମୋହର’ କଥା ଭାଗବତରେ ଅତି ସୁନ୍ଦର ଭାବେ ବର୍ଣ୍ଣନା ହୋଇଛି। କପୋତ ଉପାଖ୍ୟାନରେ କପୋତ ଛୁଆମାନେ ଶିକାରୀ ଜାଲରେ ପଡି ଛଟପଟ ହେଉଥିବା ବେଳେ ସେମାନଙ୍କୁ ଦେଖି ଦୁଃଖରେ ମ୍ରିୟମାଣ ହୋଇ ପ୍ରଥମେ ମା’ କପୋତୀ କହିଲା, ତୁମେମାନେ ମୋ ସନ୍ତାନ, ଶିକାରୀ ହାତରେ ମରିବ। ମୁଁ ବଞ୍ଚିବାରେ ଅବା କି ଲାଭ ଏହା କହି ଜାଲରେ ନିଜକୁ ଝାସ ଦେଲା। ଏହା ଦେଖି କପୋତ ଭାବିଲା ସ୍ତ୍ରୀ ଓ ପିଲାମାନେ ମୋ ପାଖରେ ଯଦି ନ ରହିବେ, ମୁଁ ଆଉ କାହିଁକି ବଞ୍ଚିବି? ତମେମାନେ ପରା ମୋର! ଏହା କହି ସିଏ ମଧ୍ୟ ଜାଲରେ ଯାଇ ପଡ଼ିଲା। ମାୟା ବିଜଡିତ ସଂସାରରେ ଆମେ ସମସ୍ତେ ଏହି ଦୁଇ ଉକ୍ତି ମଧ୍ୟରେ ଧନ୍ଦି ହେଉଥିଲେ ମଧ୍ୟ କେହି କାହାର ନୁହନ୍ତି ବୋଲି ବୁଝିବା ବେଳକୁ ନେଡିଗୁଡ କହୁଣିକୁ ବହିସାରିଥାଏ। ଅନ୍ୟ ଏକ ଉପକ୍ରମରେ ଭକ୍ତ ବିଲ୍ୱମଙ୍ଗଳ ଉତ୍ତର ଜୀବନରେ ଆଉ ଚକ୍ଷୁଷ୍ମାନ ହେବାକୁ ମନା କରିଥିଲେ, ସିଏ ଭାବୁଥିଲେ କାଳେ ଚକ୍ଷୁପ୍ରାପ୍ତ ହେଲେ ପୁଣି ଆଉ କେଉଁ ଦୃଶ୍ୟର ବଶବର୍ତ୍ତୀ ହୋଇ ବାଳ ଗୋପାଳଙ୍କୁ ‘ମୁଁ ଏକା ତୋହର’ ଜପାମାଳି କରିଥିବା ଭାବନା ଦୂରେଇ ଗଲେ ତ ଜୀବନ ଅସାର ହୋଇଯିବ।

ଉପରୋକ୍ତ ଭାବନାଗୁଡ଼ିକୁ ଯଦି ବୃହତ୍ ଅର୍ଥରେ ଦେଖାଯାଏ, ତା’ହେଲେ ଦୁହେଁ ଦୁହିଁଙ୍କର ଅଥବା ଆମେ ସମସ୍ତେ ଯଦି ସମସ୍ତଙ୍କ ପାଇଁ ସମର୍ପିତ ତଥା ବନ୍ଧୁତ୍ୱର ହାତ ବଢ଼ାଇ ପାରିବା, ତା’ହେଲେ ସମ୍ପର୍କର ସୂତାଖିଅ ଲୁହାର ଜଞ୍ଜିରଠାରୁ ଟାଣ ହୋଇପାରିବ; ଯାହାକୁ ପାଥେୟ କରି ଜାତିସଂଘ ସ୍ଥାପିତ ହୋଇଥିଲା। ଦୁଃଖର ବିଷୟ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ବିଭିନ୍ନ ଗୋଷ୍ଠୀରେ ବିଭକ୍ତ। ନେହେରୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପଞ୍ଚଶୀଳ ନୀତି ଚାଇନା ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପାରସ୍ପରିକ ସମ୍ପର୍କ ଓ ଭାଇଚାରାର ପରିପନ୍ଥୀ। ଶେଷରେ ଏତିକି କୁହାଯାଇ ପାରେ ସମ୍ପର୍କକୁ ଭାବପ୍ରବଣତା ମଧ୍ୟରେ ସୀମିତ ନ କରି ତାକୁ ବାସ୍ତବଧର୍ମୀ କରିବାର ଆବଶ୍ୟକତା ରହିଛି। ଭାବପ୍ରବଣତା ମଣିଷକୁ ଦୁର୍ବଳ କରିଦିଏ ଏବଂ ଏହି ଦୁର୍ବଳତାର ଫାଇଦା ଉଠାଇବା ପାଇଁ ଯଦି ଅପରପକ୍ଷ ଚେଷ୍ଟା କରିବ, ତା’ହେଲେ ଠକି ହେବା ହିଁ ସାର ହେବ। ନୀତି, ନିୟମ, ଆଇନ ବ୍ୟତୀତ ମାନସିକତାକୁ ଠିକ୍ ଭାବେ ତଉଲି ସମ୍ପର୍କକୁ ଗଢ଼ିଲେ ତାହା ଚିରସ୍ଥାୟୀ ହୋଇ ରହିବ, ନତୁବା ଆଜିର ସାମାଜିକ ଗଣମାଧ୍ୟମରେ ଆକର୍ଷଣୀୟ ବାର୍ତ୍ତା, ଫଟୋ, କାହାଣୀର ବଶବର୍ତ୍ତୀ ହୋଇ ଯଦି ମିଛ ସମ୍ପର୍କରେ ଭାସିବା, ତା’ହେଲେ ବୁଡ଼ିଯିବା ହିଁ ସାରହେବ ଏହା ନିଃସନ୍ଦେହ।

ଅର୍ଣ୍ଣପାଳ, ଭଦ୍ରକ
ମୋ–୯୭୭୮୭୬୪୩୯୪

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ଅଗଷ୍ଟ ୧୯୭୫**

- ଯୁକ୍ତରାଷ୍ଟ୍ର ଆମେରିକା ବିଦେଶୀ ରାଷ୍ଟ୍ରମାନଙ୍କୁ ମୋଟ ୯୦୦ କୋଟି ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରୟ କରିଥିବା ନେଇ ଏକ ସମୀକ୍ଷାରୁ ପ୍ରକାଶ।
- ନାଗାଲାଣ୍ଡରେ ୨୦୦ରୁ ଅଧିକ ଆତ୍ମଗୋପନକାରୀ ନାଗାଙ୍କୁ ଗିରଫ କରାଯିବା ସହ ୧୪୦ ଜଣ ନାଗା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ସରକାରୀ ସୂତ୍ରରୁ ପ୍ରକାଶ।

## ପାଠକ ଶ୍ରେଷ୍ଠ ବିଚାରକ

### ନୂତନ ସ୍ୱାସ୍ଥ୍ୟକାର୍ଡ ମିଳୁ

ମହାଶୟ,

ରାଜ୍ୟରେ ସ୍ୱାସ୍ଥ୍ୟସେବା ପାଇଁ ବିଏସ୍‌କେୱାଇକୁ ପରିବର୍ତ୍ତନ କରାଯାଇଛି, ଯଦ୍ୱାରା କାର୍ଡ ଦ୍ୱାରା ଆଦୌ ଚିକିତ୍ସା ମିଳିପାରିବ ନାହିଁ। ଏହାକୁ ‘ଗୋପବନ୍ଧୁ ସ୍ୱାସ୍ଥ୍ୟ ଆରୋଗ୍ୟ’ ଯୋଜନା କରାଯାଇଛି। ଗୁରୁତର ରୋଗୀମାନେ ବିନା ମୂଲ୍ୟରେ ସେବା ପାଇବା ପାଇଁ ସରକାର ପଦକ୍ଷେପ ନେବା ଜରୁରୀ। ତା’ଛଡ଼ା ପୂର୍ବକାର୍ଡରେ ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ କାର୍ଡ ଅଚଳ କରାଯାଉ। ତୁରନ୍ତ କାର୍ଡ ପ୍ରସ୍ତୁତ କରାଯାଇ ହିତାଧିକାରଙ୍କୁ ଦିଆଯାଉ ଏବଂ ‘ସ୍ୱାସ୍ଥ୍ୟ ହିଁ ସମ୍ପଦ’ ପ୍ରତି ଧ୍ୟାନ ଦିଆଯାଉ। ପ୍ରତି ଜଟିଳ ରୋଗୀ ପାଇଁ ଅର୍ଥ ବାଧକ। ଗରିବ ରୋଗୀମାନେ ଏହାକୁ ଭରଣା କରିବା ପାଇଁ ସକ୍ଷମ ନୁହନ୍ତି। ସ୍ୱାସ୍ଥ୍ୟ କାର୍ଡରେ ବ୍ୟୟବହୁଳ ତଥା ଜଟିଳ ରୋଗର ଚିକିତ୍ସା ସୁବିଧା ସମସ୍ତଙ୍କ ପାଇଁ କରିବାକୁ ଅନୁରୋଧ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

## ଚିରନ୍ତନୀ

ଜୀବନ–କଳାରେ ସେ ଯେ ଶ୍ରେଷ୍ଠ ମୋ କଳାପ
ଯଉବନ–ସଙ୍ଗତେ ଆଦିମ ସେ ଆଳାପ
ପ୍ରାଣସମ ତାକୁ ମୋର ଦେୟ ଶେଷ ଶ୍ରଦ୍ଧା
କଣ୍ଟକିତ ଜୀବନେ ସେ ସୁକୁମାର ଗୋଲାପ।
–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏନ୍‌ଆର୍‌ଆର୍‌ଆଇର ୩ ଉନ୍ନତ ଧାନ କିସମ ସ୍ଥାନିତ

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୧୦୯ ଉଚ୍ଚ ଅମଳକ୍ଷମ ଫସଲ ଉତ୍ସର୍ଗୀକୃତ

କଟକ,୧୧।୮ (କାର୍ତ୍ତିକ ସାହୁ)

କୃଷିକୁ ପୁନର୍ଜୀବିତ କରିବା ଏବଂ ଦେଶରେ ଖାଦ୍ୟ ନିରାପତ୍ତା ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କିସମ ବିମୋଚନ କାର୍ଯ୍ୟକ୍ରମରେ ୧୦୯ଟି ଜୈବ ସମ୍ବନ୍ଧିତ ଉଚ୍ଚ ଅମଳକ୍ଷମ, ଜଳବାୟୁ ପ୍ରତିରୋଧକ କିସମର ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି। ସେଥିମଧ୍ୟରେ କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ୩ଟି ଧାନ କିସମ ସ୍ଥାନିତ ହୋଇଛି। ସେଗୁଡ଼ିକ ହେଲା ସିଆର୍ ଧାନ ୧୦୮, ସିଆର୍ ଧାନ ୮୧୦ ଏବଂ ସିଆର୍ ଧାନ ୪୧୬। ଏନ୍‌ଆର୍‌ଆର୍‌ଆଇର ଏଭଳି ସଫଳତା ପରେ ବୈଜ୍ଞାନିକମାନେ ଅତ୍ୟନ୍ତ ଖୁସି ଓ ଉତ୍ସାହିତ ହୋଇପଡ଼ିଛନ୍ତି।

ସୂଚନା ଅନୁସାରେ, ସିଆର୍ ଧାନ ୧୦୮ ହେଉଛି ଓଡ଼ିଶା ଏବଂ ବିହାର ପାଇଁ ମରୁଡ଼ି ସହନଶୀଳ ଧାନ କିସମ। ଏହାର ଉତ୍ପାଦନ ପ୍ରତି ହେକ୍ଟରରୁ ହାରାହାରି ୩୨ କୁଇଣ୍ଟାଲ ମିଳିଥାଏ। ପ୍ରତି ୨/୩ ବର୍ଷରେ ମରୁଡ଼ି ପରିସ୍ଥିତି ଦେଖାଯାଉଥିବା ଓଡ଼ିଶା ଏବଂ ବିହାରର ଉଚ୍ଚ ଭୂମି ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହେବ। ଏହା ୧୧୨ ଦିନରେ ପରିପକ୍ୱ ହୁଏ, ଯାହାକି ପୂର୍ବ ଅଞ୍ଚଳର ମରୁଡ଼ିପ୍ରବଣ ଡିପ ଜମିରେ ବୁଣା ଧାନଚାଷ ପରିସ୍ଥିତି ସହିତ ସର୍ବୋତ ଭାବେ ଉପଯୁକ୍ତ। ଏହି ମଧ୍ୟମ ପତଳା ଶସ୍ୟ ବଜାରରେ ଖାଉଟିଙ୍କ ପସନ୍ଦ ହୋଇଥାଏ। ତେଣୁ କୃଷକଙ୍କ ଆୟକୁ ବହୁ ପରିମାଣରେ ବଢ଼େଇପାରେ। ସେହିଭଳି ସିଆର୍ ଧାନ ୮୧୦ (ଗାୟତ୍ରୀ ସବ-୧) ହେଉଛି ଏକ ଜଳମଗ୍ନ ସହନଶୀଳ କିସମ। ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆସାମର ବନ୍ୟାପ୍ରବଣ ନିମ୍ନଭୂମି ଅଞ୍ଚଳ ପାଇଁ ଏହା ଉପଯୁକ୍ତ। ଏହାର ଉତ୍ପାଦନ ପ୍ରତି ହେକ୍ଟରରୁ ହାରାହାରି ୪୨ କୁଇଣ୍ଟାଲ ହୋଇଥାଏ। ଏହା ୧୫୦ ଦିନରେ ପରିପକ୍ୱ ହୁଏ, ଯାହାକି ପୂର୍ବ ଅଞ୍ଚଳର ନିମ୍ନଭୂମି ପାଇଁ ସର୍ବୋତ୍ତମ। ଅନ୍ୟ ଏକ ଧାନ କିସମ ସିଆର୍ ଧାନ ୪୧୬ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ଗୁଜରାଟର ଲବଣ ପ୍ରଭାବିତ ମୃତ୍ତିକା ପାଇଁ ଉପଯୁକ୍ତ। ଏହାର ହାରାହାରି ଉତ୍ପାଦନ ୪୩ କୁଇଣ୍ଟାଲ ପ୍ରତି ହେକ୍ଟରରୁ ମିଳିଥାଏ। ଏହା ପ୍ରାୟ ୧୨୫ ଦିନରେ ପରିପକ୍ୱ ହୁଏ ଯାହାକି ଲବଣ କାରଣରୁ ଫସଲ ନଷ୍ଟ ହେଉଥିବା ମଧ୍ୟମ ଜମିରେ ଚାଷ ପାଇଁ ଉପଯୁକ୍ତ। ପ୍ରଧାନମନ୍ତ୍ରୀ ବିଭିନ୍ନ କିସମର ବିକାଶ ପାଇଁ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିଥିଲେ। ଯାହା ଚରମ ଜଳବାୟୁ ପରିବର୍ତ୍ତନ ଅବସ୍ଥାରେ ଧାନର ଉତ୍ପାଦନରେ ଏକ ସ୍ଥିରତା ଆଣିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଉତ୍ତୋଳନ କରିବେ

ଭୁବନେଶ୍ୱର,୧୧।୮ (ସୁନିତ୍ ମିଶ୍ର)

- **କଟକ ଓ ନୂଆପଡ଼ାରେ ଦୁଇ ଉପମୁଖ୍ୟମନ୍ତ୍ରୀ**
- **୧୬ ଜିଲାରେ ଜିଲାପାଳମାନେ କରିବେ ପତାକା ଉତ୍ତୋଳନ**

ଆସନ୍ତା ୧୫ ତାରିଖରେ ଦେଶ ପାଳିବ ୭୮ ତମ ସ୍ୱାଧୀନତା ଦିବସ। ଏଥିପାଇଁ ରାଜ୍ୟସ୍ତରୀୟ ଜାତୀୟ ପତାକା ଉତ୍ତୋଳନ ନିମନ୍ତେ ପ୍ରସ୍ତୁତି ହୋଇଛି। ଏଥର ନୂଆକରି ରାଜ୍ୟରେ ସରକାର ଗଢ଼ିଥିବା ଭାଜପା ସ୍ୱାଧୀନତା ଦିବସ ପାଳନ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଧାନୀ ଭୁବନେଶ୍ୱରରେ ଜାତୀୟ ପତାକା ଉତ୍ତୋଳନ କରିବେ। ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଜିଲାରେ କିଏ କେଉଁଠାରେ ପତାକା ଉତ୍ତୋଳନ କରିବେ ତା'ର ତାଲିକା ଡିଜି ଅଫିସ୍‌ରୁ ରବିବାର ପ୍ରକାଶ ପାଇଛି।

ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ତାଲିକା ଅନୁସାରେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କଟକରେ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନୂଆପଡ଼ାରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି କଳାହାଣ୍ଡିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୁନ୍ଦରଗଡ଼ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, କୋରାପୁଟରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗଞ୍ଜାମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ବରଗଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଜପତିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଲେଶ୍ୱରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବଲାଙ୍ଗୀରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ମାଲକାନଗିରିରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଖୋର୍ଦ୍ଧାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କନ୍ଧମାଳରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ରାୟଗଡ଼ାରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିବେ।

ତେବେ ପୁରୀ, ସମ୍ବଲପୁର, କେନ୍ଦୁଝର, ଅନୁଗୋଳ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ମୟୂରଭଞ୍ଜ, ସୋନପୁର, ଢେଙ୍କାନାଳ, ଭଦ୍ରକ, ବୌଦ୍ଧ, ଦେବଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ନୟାଗଡ଼ରେ ଜିଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରିବେ। ଷ୍ଟିଲ୍ ସିଟି ରାଉରକେଲାରେ ସୁନ୍ଦରଗଡ଼ ଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରିବାର କାର୍ଯ୍ୟକ୍ରମ ରଖାଯାଇଛି। ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଯାଇଛି।

# ରଥଭଙ୍ଗା ଆରମ୍ଭ: ପ୍ରଥମେ ଦେବଦଳନ

## ନନ୍ଦିଘୋଷ ରଥ ଚକ ୧ ଲକ୍ଷ, ତାଳଧ୍ୱଜ ଚକ ୭୦ ହଜାର ଓ ଦେବଦଳନ ଚକ ୫୦ ହଜାର ଟଙ୍କାରେ ବିକ୍ରି ହେବ

ପୁରୀ,୧୧।୮ (ଅଜିତ୍ କୁମାର ମହାନ୍ତି)



ଚଳିତବର୍ଷ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ସରିବା ପରେ ନୀଳାଦ୍ରିବିଜେରେ ୩ ରଥରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା ଶ୍ରୀମନ୍ଦିର ରତ୍ନସିଂହାସନରେ ବିଜେ କରିଥିଲେ। ସେବେଠୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନିଟି ରଥ ଦଣ୍ଡାୟମାନ ରହିଥିଲା। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ପରେ ରବିବାରଠାରୁ ଏହି ତିନି ରଥର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବାୟତମାନେ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ କରିଛନ୍ତି। ପରମ୍ପରା ଅନୁଯାୟୀ, ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ କରାଯାଇଛି। ପର୍ଯ୍ୟାୟ କ୍ରମେ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭଙ୍ଗାଯିବ। ପ୍ରଥମ ଦିନରେ ଦେବଦଳନ ରଥର ଉପରଅଂଶ କଳସ, ଭୂଇଁର ପାଖୁଡ଼ା, ଦୁଆରବେଢ଼ା, ଓରା, ପ୍ରଭା, ପୋଟଳ ଆଦି ଭଙ୍ଗାଯାଇଛି। ଭୋଇ ସେବାୟତମାନେ ସାବଧାନତା ସହ ରଥର ବିଭିନ୍ନ ଅଂଶ ଭାଙ୍ଗୁଥିବା ଦେଖିବାକୁ ମିଳିଛି।

ଏ ନେଇ ନନ୍ଦିଘୋଷ ରଥର ମୁଖ୍ୟ ଭୋଇ ସେବକ କାର୍ତ୍ତିକ ଭୋଇ କହିଛନ୍ତି, ପ୍ରଶାସନର ନିର୍ଦ୍ଦେଶ ପରେ ରଥଭଙ୍ଗା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ପୂଜାର୍ଚ୍ଚନା କରାଯାଇ ପ୍ରଥମେ ଦେବଦଳନ ରଥ ଭଙ୍ଗା ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ ୮ଜଣ ଭୋଇ ସେବକ ନିୟୋଜିତ ହୋଇଛନ୍ତି। ଗୋଟିଏ ରଥକୁ ସମ୍ପୂର୍ଣ୍ଣ ଭାଙ୍ଗିବା ନିମନ୍ତେ ୩ରୁ ୪ ଦିନ ସମୟ ଲାଗିଥାଏ। ଦେବଦଳନ ରଥ ପରେ ତାଳଧ୍ୱଜ ରଥ ଓ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବାର ପରମ୍ପରା ରହିଛି। ୧୫ ଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ କରାଯିବ। ଚଳିତବର୍ଷ ପ୍ରଶାସନ ପକ୍ଷରୁ ବିକ୍ରି ପାଇଁ ନନ୍ଦିଘୋଷ ରଥ ଚକ ମୂଲ୍ୟ ୧ ଲକ୍ଷ, ତାଳଧ୍ୱଜ ରଥ ଚକ ମୂଲ୍ୟ ୭୦ ହଜାର ଏବଂ ଦେବଦଳନ ରଥ ଚକ ମୂଲ୍ୟ ୫୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଯେ କେହି ବ୍ୟକ୍ତି କିମ୍ବା ସଂଗଠନ ଚାହିଁଲେ ଧାର୍ଯ୍ୟ ମୂଲ୍ୟ ଦେଇ ରଥ ଚକ କିଣିପାରିବେ ବୋଲି ମୁଖ୍ୟ ଭୋଇ ସେବକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଲୋକକଥା ଅନୁଯାୟୀ, ନୀଳାଦ୍ରିବିଜେ ନୀତି ପରେ ତିନିରଥକୁ ମୃତ ଭାବେ ବିବେଚନା କରାଯାଏ। ତେଣୁ ଘୋଷଯାତ୍ରା ପରେ ତିନିରଥକୁ ଭାଙ୍ଗି ଦିଆଯାଇଥାଏ। ତେବେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ରଥକାଠଗୁଡ଼ିକୁ ବ୍ୟବହାର କରାଯାଏ। ସେହିଭଳି ରଥର ଚକ ସହ କିଛି ଅଂଶକୁ ସୁରକ୍ଷିତ ଭାବେ ରଖାଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନଠାରୁ ଭକ୍ତମାନେ ଉକ୍ତ ଚକ ଓ ରଥ ଅଂଶଗୁଡ଼ିକୁ ନେଇ ପୂଜାର୍ଚ୍ଚନା କରିଥାନ୍ତି।

# ମୋବାଇଲ ଲାଇଟ୍‌ରେ ରୋଗୀସେବା

## ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ରାମଚନ୍ଦ୍ରପୁର,୧୧।୮ (ଗଣେଶ୍ୱର ସା)



ରୋଗୀଙ୍କ ସମ୍ପର୍କୀୟ ମୋବାଇଲ ଟର୍ଚ୍ଚ ଦେଖାଉଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଟର୍ଚ୍ଚ ନ ଥିବାରୁ ମୋବାଇଲ ଲାଇଟରେ ରୋଗୀସେବା ହେଉଛି। ରବିବାର ଏଭଳି ଅବସ୍ଥା ଦେଖି ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଅନେକ ସମୟରେ ଡାକ୍ତରଖାନାରେ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଛାଳ ପଞ୍ଚାୟତର ଆରତି ସ୍ୱାଇଁ ଶନିବାର ବିଳମ୍ବିତ ରାତିରେ ଶୋଇଥିବା ବେଳେ କାନରେ ଏକ ପୋକ ପଶିଯାଇଥିଲା। ପରିବାର ଲୋକେ ଭୋର ୫ଟା ସମୟରେ ଆରତିଙ୍କୁ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପାଇଁ ଆବଶ୍ୟକ ସାମଗ୍ରୀ ତଥା ସିରିଞ୍ଜ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟ ନିଜ ଅର୍ଥରେ ବଜାରରୁ କିଣିଆଣି ଡାକ୍ତରଙ୍କୁ ଯୋଗାଇ ଦେଇଥିଲେ। ଏଥିସହ ଆବଶ୍ୟକ ଟର୍ଚ୍ଚ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟ ମୋବାଇଲରେ ଟର୍ଚ୍ଚ ମାରି ଦେଖାଇଥିଲେ। ମାତ୍ର ୨ ଘଣ୍ଟା ପରିଶ୍ରମ ପରେ ପୋକ ନ ବାହାରିବାରୁ ଡାକ୍ତର ବିଜୟନ ନାୟକ ସକାଳ ୭ଟାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ଚିକିତ୍ସା ପାଇଁ ଆବଶ୍ୟକ ସାମଗ୍ରୀ ନ ଥିବାରୁ ପରିବାର ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସମୟରେ ଡ୍ରେସିଂ ରୁମ୍‌ରେ ଆବଶ୍ୟକ ଛୁଞ୍ଚ ସୂତା ନ ଥିବାରୁ ବାହାରୁ କିଣୁଥିବା ରୋଗୀ ସମ୍ପର୍କୀୟ ଅଭିଯୋଗ କରି ଆସୁଥିଲେ। ମେଡିକାଲରେ ସିରିଞ୍ଜ ଓ ଟର୍ଚ୍ଚ ନ ଥିବା ଘଟଣାକୁ ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ନିନ୍ଦା କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରାଜେନ୍ଦ୍ର ମୁର୍ମୁ କହିଛନ୍ତି, ଏ ବିଷୟରେ କିଛି ଜାଣିନାହାନ୍ତି। ସୋମବାର ଅଫିସ ଗଲେ ତଦନ୍ତ କରି ସମସ୍ୟା ସମାଧାନ କରିବେ।

# ଦୃଷ୍ଟିବାଧିତ ରଘୁଙ୍କ ଭିକ୍ଷାବୃତ୍ତି ଅର୍ଥରେ ଶନି ମନ୍ଦିର ନିର୍ମାଣ


ଖୋର୍ଦ୍ଧା,୧୧।୮ (ପ୍ରଭାତ ପାଣିଗ୍ରାହୀ)

ଗଜପତି ଜିଲା କୋଦୁଣୀ ଗ୍ରାମର ରଘୁ ରାଉତ। ଜନ୍ମରୁ ଦୃଷ୍ଟିଶକ୍ତି ହରାଇଛନ୍ତି। ପିଲାଦିନୁ ଘର ଛାଡ଼ି ଭିକ୍ଷାବୃତ୍ତି କରନ୍ତି। ପରିଣତ ବୟସରେ ଭିକ୍ଷାବୃତ୍ତି କରି ଯାହା ଅର୍ଥ ସଞ୍ଚୟ କରିଥିଲେ ସେଥିରେ ଖୋର୍ଦ୍ଧା ଜିଲା ଅତ୍ରିର ହଟକେଶ୍ୱର ମନ୍ଦିର ପରିସରରେ ଏକ ନୂତନ ଶନିଦେବଙ୍କ ମନ୍ଦିର ନିର୍ମାଣ କରିଛନ୍ତି। ଏହି ବାବଦରେ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ତିନିଦିନ ହେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଥିବା ବେଳେ ରବିବାର ଥିଲା ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇ ରଘୁଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

ଏନେଇ ରଘୁ କହିଛନ୍ତି, ଦୀର୍ଘବର୍ଷ ହେବ ଏଠାରେ ରହି ହଟକେଶ୍ୱରଙ୍କ ପୀଠରେ ଭିକ୍ଷାବୃତ୍ତି କରି ଚଳୁଛି। ଶନିଦେବ ବାହାରେ ପୂଜା ପାଉଛନ୍ତି ବୋଲି ଜାଣିବା ପରେ ମନ୍ଦିର ନିର୍ମାଣ ପାଇଁ କିଛି ସହଯୋଗ କରିବାକୁ ଇଚ୍ଛା ହେଲା। ତେଣୁ ସଞ୍ଚିତ ଅର୍ଥ ମନ୍ଦିର କାମରେ ଲଗାଇଲି। ଠାକୁରଙ୍କ କୃପାରୁ ମୋ' ଇଚ୍ଛା ଆଜି ପୂରଣ ହୋଇଛି।

DSPL-65

ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ
ସଚେତନତା ଅଭିଯାନ
୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୪





- ବର୍ଷାଦିନେ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ଅଧିକ। ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ଘର ମଧ୍ୟରେ ବା ଘର ନିକଟରେ କୌଣସି ସ୍ଥାନରେ ଜମିଥିବା ପରିଷ୍କାର ତଥା ସ୍ୱଚ୍ଛ ପାଣିରେ ଡିମ୍ବ ଦିଏ।
- ଏହି ମଶା ସକାଳ ଓ ସନ୍ଧ୍ୟା ସମୟ ଏବଂ ଦିନ ବେଳେ ମଧ୍ୟ କାମୁଡ଼ିଥାଏ।
- ଡେଙ୍ଗୁ ପ୍ରତିରୋଧ ପାଇଁ ଘରେ ଥିବା ବିଭିନ୍ନ ପାତ୍ର ଏବଂ ଫୁଲକୁଣ୍ଡ ଆଦିରେ କିମ୍ବା ଘର ଚାରିପାଖରେ ଜମି ରହୁଥିବା ପାଣିକୁ ଅନ୍ତତଃ ୨/୩ ଦିନରେ ନିଷ୍କାସନ କରିଦିଅନ୍ତୁ।
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ବ୍ୟବହାର କରନ୍ତୁ।
- ଜ୍ୱର, ଗଣ୍ଠିବିନ୍ଧା, ଆଖିରେ ଯନ୍ତ୍ରଣା ହେଲେ ତୁରନ୍ତ ଡେଙ୍ଗୁ ପରୀକ୍ଷା କରି ଚିକିତ୍ସା କରନ୍ତୁ।

ସରକାରୀ ଡାକ୍ତରଖାନାରେ ଡେଙ୍ଗୁ ରୋଗୀଙ୍କ ପାଇଁ ପରୀକ୍ଷା ଓ ଚିକିତ୍ସା ବିନାଦେୟରେ ଉପଲବ୍ଧ।

OIPR-10003/13/0055/2425

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



"ଅନ୍ତର୍ଜାତୀୟ ଯୁବ ଦିବସ" ଅବସରରେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା। ଯୁବବର୍ଗଙ୍କୁ ସୁସ୍ଥ, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସଚେତନ କରିବା ଏହି ଦିବସର ମୂଳ ଆଭିମୁଖ୍ୟ। ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଯାଇଥାଏ। ସୁସ୍ଥ ଜୀବନଯାପନ ବିଷୟରେ ସଚେତନ ନ ହେଲେ ସେମାନେ ଏଚ୍.ଆଇ.ଭି. (HIV) ଭୂତାଣୁ ଦ୍ୱାରା କବଳିତ ହୋଇ ଏଡ୍‌ସ (AIDS) ଭଳି ଏକ ମାରାତ୍ମକ ସଂକ୍ରମଣର ଶିକାର ହୋଇପାରନ୍ତି। ଏଚ୍.ଆଇ.ଭି./ଏଡ୍‌ସ ଏବଂ ଏଥିସହ ଅନ୍ୟ ସହ-ସଂକ୍ରମଣ ଉପରେ ସଚେତନତା ଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ସଚେତନତା ଅଭିଯାନରେ ଓଡ଼ିଶା ସାମିଲ ହୋଇଛି। ଏହି କ୍ରମରେ ଆଜିଠୁ ଆମ ରାଜ୍ୟରେ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ ହୋଇଛି।

ଏଥିପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଠୁଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସଚେତନତା ଶିବିର ଏବଂ ଲୋକନୃତ୍ୟ ଆଦି କାର୍ଯ୍ୟକ୍ରମ କରାଯାଉଛି। ଏ କ୍ଷେତ୍ରରେ ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଯୁବବର୍ଗଙ୍କୁ ଶିକ୍ଷାନୁଷ୍ଠାନମାନଙ୍କରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା-ନାଟକ, ଦୌଡ଼କୁଦ, କୁଇଜ୍ ଓ କ୍ରିକେଟ ଆଦି ଜରିଆରେ ସଚେତନ କରାଯାଉଛି।

ସମ୍ପ୍ରତି ଏଚ୍.ଆଇ.ଭି. ବିଷୟରେ ଅଧିକ ଜାଣିବା ପାଇଁ ନିଃଶୁଳ୍କ ଫୋନ୍ ନମ୍ବର ୧୦୯୭ ସହ ସାମାଜିକ ଗଣମାଧ୍ୟମ ଏବଂ ଡିଜିଟାଲ୍ ଉପକରଣର ବହୁଳ ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଉଛି। ଡିଜିଟାଲ୍ ମାଧ୍ୟମକୁ ବ୍ୟବହାର କରି ଆମ ଯୁବବର୍ଗ ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ କରିବା ସହିତ ଆମ ଦେଶ ତଥା ରାଜ୍ୟ ପାଇଁ ଏକ ସୁସ୍ଥ ଏବଂ ସୂଚନାପୂର୍ଣ୍ଣ ଭବିଷ୍ୟତ ସୃଷ୍ଟି କରିବାରେ ନିଶ୍ଚୟ ସହଯୋଗ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ।

(ମୋହନ ଚରଣ ମାଝୀ)

ଡା. ମୁକେଶ ମହାଲିଙ୍ଗ
ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା



ବାର୍ତ୍ତା

ଆଜି 'ଅନ୍ତର୍ଜାତୀୟ ଯୁବ ଦିବସ'ରେ ସମସ୍ତ ଯୁବବର୍ଗଙ୍କୁ ମୋର ଶୁଭେଚ୍ଛା। ରାଜ୍ୟ ତଥା ଦେଶର ଭବିଷ୍ୟତ ଯୁବବର୍ଗଙ୍କ ସୁସ୍ଥ, ସୁରକ୍ଷିତ ଓ ନିରାମୟ ଜୀବନ କାମନା କରୁଛି।

ସଚେତନ ହେଲେ ଆମେ ଯେକୌଣସି କ୍ଷେତ୍ରରେ ନିଶ୍ଚୟ ବିଜୟୀ ହେବା। ଏଚ.ଆଇ.ଭି. ଭୂତାଣୁ ଦ୍ୱାରା ବ୍ୟାପୁଥିବା ଏଡ୍‌ସ ସଂକ୍ରମଣ ଏବେ ଯୁବବର୍ଗଙ୍କୁ କବଳିତ କରିବା ଆରମ୍ଭ କଲାଣି। ଏହି ସଂକ୍ରମଣକୁ ଆମର ରାଜ୍ୟରୁ ଦୂରେଇ ଦେବାର ପ୍ରଚେଷ୍ଟା ଜାରି ରହିଛି। ଏହା ବିରୁଦ୍ଧରେ ଆମର ଲଢେଇ ଆଜି ବହୁମାତ୍ରାରେ ଫଳପ୍ରଦ ହୋଇଥିବା ବେଳେ ସଂକ୍ରମଣମୁକ୍ତ ହେବାର ବିପୁଳ ସମ୍ଭାବନା ଆଡ଼କୁ ଆମେ ଅଗ୍ରସର ହେବା ଆରମ୍ଭ କରିସାରିଛେ। ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସଂଘର୍ଷ ଜାରି ରହିଛି।

ଏହି ସଂକ୍ରମଣକୁ ସମ୍ପୂର୍ଣ୍ଣ ପ୍ରତିହତ କରିବା ପାଇଁ କୌଣସି ଔଷଧ ବାହାରି ନ ଥିବାରୁ ସଚେତନତାକୁ ଆହୁରି ତୀବ୍ରତର କରିବାକୁ ଆଜିଠୁ ରାଜ୍ୟରେ ଶୁଭାରମ୍ଭ ହେଉଛି ଏକ ସ୍ୱତନ୍ତ୍ର ଦୁଇ ମାସିଆ ସଚେତନତା ଅଭିଯାନ।

ତେଣୁ, ଆମେ ସଂକଳ୍ପ ନେବା, ସଚେତନତାର ବାର୍ତ୍ତାବହ ହୋଇ ଏଡ୍‌ସ ମୁକ୍ତ ରାଜ୍ୟ ଗଠନ ଏବଂ ଏଡ୍‌ସ ମୁକ୍ତ ପିଢ଼ିର ସ୍ୱପ୍ନକୁ ସାକାର କରିବା।

(ଡା. ମୁକେଶ ମହାଲିଙ୍ଗ)

# ଆଳୁ ନାହିଁ ତ ପଥର ନାହିଁ

## ପଶ୍ଚିମବଙ୍ଗଙ୍କୁ ଖଇରାବାସୀଙ୍କ ଦୃଢ଼ ଜବାବ

ଖଇରା, ୧୧।୮ (ଉତ୍କଳବନ୍ଧୁ ପଣ୍ଡା)

ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ବନ୍ଦ କରିବା ଘଟଣାରେ କଡ଼ା ଜବାବ ଦେଇଛନ୍ତି ଖଇରାବାସୀ । ରବିବାରଠାରୁ ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡକୁ ପଥର, ଚିପ୍‌ସ ଓ ଅନ୍ୟାନ୍ୟ ଲଘୁ ଖଣିଜ ପଦାର୍ଥ ପାଇଁ ଆସୁଥିବା ପଶ୍ଚିମବଙ୍ଗ ଗାଡ଼ିଗୁଡିକୁ ଫେରାଇବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ଅପରାହ୍ନରେ ଖଇରା ସାମ୍ବାଦିକ ସଂଘ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ଶାରୀଶୁଆ ପାହାଡକୁ ପଥର ଓ ଚିପ୍‌ସ ନେବାକୁ ଆସୁଥିବା ହାଇୱା ଓ ଟ୍ରେଲରଗୁଡିକୁ ଖଇରାଠାରୁ ଫେରାଇ ଦିଆଯାଇଛି।


ଶାରୀଶୁଆକୁ ପଥର ଓ ଚିପ୍‌ସ ନେବାକୁ ଆସୁଥିବା ଗାଡ଼ିକୁ ଫେରାଇ ଦିଆଯାଉଛି।

ମମତା ସରକାର ଆଳୁ ନ ଦେବା ଯାଏ ଶାରୀଶୁଆ ପାହାଡ ସଂଲଗ୍ନ ଖଣିଖାଦାନରୁ ପଥର ପଶ୍ଚିମବଙ୍ଗକୁ ଛଡାଯିବ ନାହିଁ ଅର୍ଥାତ ଆଳୁ ନାହିଁ ତ ପଥର ନାହିଁ ବୋଲି ଗାଡିଗୁଡିକୁ ଚେତାବନୀ ଦିଆଯିବା ଅବସରରେ କୁହାଯାଇଥିଲା। ଯଦି ପୁନଶ୍ଚ ଖଣି ଅଞ୍ଚଳକୁ ଗାଡିଗୁଡିକ ଆସନ୍ତି ତେବେ ଆଗାମୀ ପରିସ୍ଥିତି ପାଇଁ ସେମାନେ ଦାୟୀ ରହିବେ ବୋଲି କୁହାଯାଇଥିଲା। ସେହିଭଳି ଓଡିଆ ଅସ୍ମିତାକୁ ଦୃଷ୍ଟିରେ ରଖି ନିଜ ନିଜ କ୍ରଶରରୁ ପଶ୍ଚିମବଙ୍ଗରୁ ଆସୁଥିବା ଗାଡିକୁ ମାଲ୍ ନ ଦେବାକୁ ଖଇରା ସାମ୍ବାଦିକ ସଂଘ ତରଫରୁ କ୍ରଶର ମାଲିକମାନଙ୍କୁ ନିବେଦନ କରାଯାଇଛି । ଏହି ପ୍ରତିବାଦରେ ଖଇରା ସାମ୍ବାଦିକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ ।

## ବାଲିଆପାଳରେ ପ୍ରତିଷ୍ଠା ହେବ ନୂତନ କୋର୍ଟ

### ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଲେ ବିଧାୟିକା

ବାଲେଶ୍ୱର, ୧୧।୮ (ବାଞ୍ଛାନିଧି ଦେ)– ରାଜ୍ୟରେ ୭୪ଟି ନୂତନ କୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏଥିମଧ୍ୟରେ ବାଲେଶ୍ୱର ଜିଲାର ୭ଟି ସ୍ଥାନ ଥିଲା ବେଳେ ବସ୍ତା ନିର୍ବାଚନମଣ୍ଡଳୀ ଅଧୀନ ବାଲିଆପାଳଠାରେ ନୂତନ କୋର୍ଟ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ବାଲିଆପାଳ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଧାୟିକା ସୁବାସିନୀ ଜେନା ନିଜ ନିର୍ବାଚନମଣ୍ଡଳୀର ବାଲିଆପାଳଠାରେ କୋର୍ଟ ପ୍ରତିଷ୍ଠା ହେବା ନେଇ ଖୁସି ବ୍ୟକ୍ତ କରିଛନ୍ତି। ଏହି ନୂତନ କୋର୍ଟ ପ୍ରତିଷ୍ଠା ହେଲେ ବାଲିଆପାଳବାସୀ ନିଜ ଅଞ୍ଚଳରେ ନ୍ୟାୟିକ ସୁବିଧା ପାଇପାରିବେ ବୋଲି କହିଛନ୍ତି। ଦୀର୍ଘଦିନ ଧରି ଏହି ଅଞ୍ଚଳରେ କୋର୍ଟ ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଆସୁଥିଲା। ଏହି ପଦକ୍ଷେପ ପାଇଁ ରାଜ୍ୟ ସରକାର ଏବଂ ଓଡ଼ିଶାର ନ୍ୟାୟପାଳିକାକୁ ବିଧାୟିକା ଜେନା ଧନ୍ୟବାଦ ଦେଇଛନ୍ତି।

## ରାତିଅଧରେ ଜନବସତିକୁ ପଶିଲେ ଦନ୍ତା

ନୀଳଗିରି, ୧୧।୮ (ପ୍ରଶାନ୍ତ ବିଶ୍ୱାଳ)– ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତରେ ଶନିବାର ରାତି ପ୍ରାୟ ୩ଟା ବେଳେ କରଡ଼ିଆ ଗ୍ରାମର ଶିବ ସଙ୍କ ଘର ବାଡ଼ିରେ ୨ଟି ଦନ୍ତା ପଶିବା ସହିତ ଘର କବାଟକୁ ଭାଙ୍ଗି ଦେଇଛନ୍ତି। ଶବ୍ଦ ଶୁଣି ପରିବାର ଲୋକ ଘଉଡାଇଥିଲେ ମଧ୍ୟ ଉକ୍ତ ଦନ୍ତା ଗାଁରୁ ନ ଯାଇ ନାକେଦମ କରିଥିଲେ। ପରେ ଏହି ଦୁଇ ଦନ୍ତା ରେମୁଣା ଇମାମୀ ପେପର ମିଲ୍ ରାସ୍ତା ଦେଇ କରଡ଼ିଆଗ୍ରାମ ରାସ୍ତାର ଚାଷଜମି ଦେଇ ନୀଳଗିରି ଏନ୍‌ଏସି ୧୧ ନଂ. ୱାର୍ଡ଼ ନଟାପଡ଼ା ରାସ୍ତା ପଣ୍ଡା ଅଫିସ୍ କ୍ରଶର ସାହି ଗ୍ରାମରେ ଥିବା ଧାନଘେରା ପାହାଡ଼ ପାଖରେ ପହଞ୍ଚିଛନ୍ତି। ମାମା ହାଁସଦାଙ୍କ ଘର ଭାଙ୍ଗିଥିବା ବେଳେ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ନୀଳଗିରି ବନବିଭାଗ କର୍ମଚାରୀ।

## ପିଲାଙ୍କ ମାନସିକ, ଶାରୀରିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ

### ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ବାଲେଶ୍ୱର, ୧୧।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ସିଦ୍ଧି ବିନାୟକ ଇଂଲିଶ ମିଡିୟମ ସ୍କୁଲଠାରେ ଶନିବାର ଉଦ୍‌ଘାଟିତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ ସ୍କୁଲ ଛାତ୍ରୀଛାତ୍ରଙ୍କୁ କୃମିନାଶକ ବଟିକା ଖୁଆଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିସହ ପିଲାଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ କୃମିନାଶକ ବଟିକାର ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଏଡିପିଏଚଓ ଡା. ସଞ୍ଜୀବ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଡିପିଏମ୍ ଅନୀଲ ମହାନ୍ତି, ସ୍କୁଲ ଉପାଧ୍ୟକ୍ଷ ଅରୁଣ କୁମାର ହୋତା, ଡେପୁଟି ମ୍ୟାନେଜର ଆରସିଏଚ୍ ଏଲିନା ସାମଲ, ପ୍ରୋଗ୍ରାମ ଅଫିସର ଆଇସିଡ଼ିଏସ୍ ସ୍ୱର୍ଣ୍ଣରେଖା ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ।

ଜିଲା ଅଧୀନ ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ସମେତ ବିଭିନ୍ନ ଅଞ୍ଚଳର ୧ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋରୀକିଶୋରଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଛି। ପୁଷ୍ଟିହୀନତା ଓ ରକ୍ତହୀନତାରୁ ଦୂରେଇ ରଖିବା ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବା ବେଳେ ବାଦ୍ ପଡ଼ିଥିବା ପିଲାଙ୍କୁ ଆସନ୍ତା ୧୭ତାରିଖରେ କୃମିନାଶକ ଔଷଧ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। କୃମିନାଶକ ଦିବସର ମହତ୍ତ୍ୱ ବୁଝାଇବା ପାଇଁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ଜିଲାର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ୨୦ରୁ ୨୪ ବର୍ଷ ଭିତରେ ଅଣଗର୍ଭବତୀ ଏବଂ ଅଣସ୍ତନ୍ୟପାନ ମହିଳାଙ୍କୁ ମଧ୍ୟ କୃମିନାଶକ ବଟିକା ଦିଆଯାଇଛି।

## ଲୁଟ୍ ଅଭିଯୋଗରେ ଗିରଫ

ବାହାନଗା, ୧୧।୮ (ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଖନ୍ତାପଡା ଥାନା ପୋଲିସ୍ ୨ ଲୁଟେରାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଏକ ମାମଲା (ନଂ. ୧୫୩/୨୪)ରେ ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କଠାରୁ ଲୁଟ୍ ହୋଇଥିବା ବାଇକ୍, ମୋବାଇଲ ଫୋନ ଓ ୧ହଜାର ଟଙ୍କା ଜବତ ହୋଇଛି।

ଶେରଗଡ–ନୀଳଗିରି ରାସ୍ତାର ଆମ୍ବଡିହା ଅଞ୍ଚଳରୁ ରୂପସା ଅଞ୍ଚଳର ଶରତ ସିଂ ତାଙ୍କ ଭଉଣୀ ଘର ମିରିଗିଣି ଗ୍ରାମରୁ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ଆମ୍ବଡିହା ରାସ୍ତାରେ ଏକ ହମ୍ପସ ପଡିବାରୁ ଶରତ ବାଇକ୍‌କୁ ବ୍ରେକ୍ ମାରି ସ୍ଲୋ କରିଥିଲେ। ଏହି ସମୟରେ ପଛପଟୁ ଅନ୍ୟ ଏକ ବାଇକ୍‌ରେ ୨ଜଣ ଯୁବକ ଆସି ଧାରୁଆ ଅସ୍ତ୍ର ଦେଖାଇ ଗାଡ଼ି ଓ ମୋବାଇଲ ଛଡାଇ ନେଇଥିଲେ। ଶରତ ଅନ୍ୟ ଉପାୟ ନ ପାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ବିରଞ୍ଚି ସାହୁ ୧୧ଦିନ ପରେ ୨ ଅଭିଯୁକ୍ତଙ୍କ ସମେତ ଲୁଟ୍ ହୋଇଥିବା ଗାଡ଼ି, ମୋବାଇଲ ଫୋନ ଓ ଟଙ୍କା ଜବତ କରାଯାଇଛି।

## ଦଳର ଶକ୍ତି ବୃଦ୍ଧି ପାଇଁ ଆହ୍ୱାନ

### ବିଜେଡିର ପଞ୍ଚାୟତ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ ଓ କର୍ମୀ।

ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/କାଳୀପଦା (ରାଜଶ୍ରୀ ପାଣିଗ୍ରାହୀ), ୧୧।୮

ବାଲିଆପାଳ ବ୍ଲକ ବିଜେଡି ପକ୍ଷରୁ ଲଙ୍ଗଳେଶ୍ୱରଠାରେ ରତାଇ ପଞ୍ଚାୟତର ଦଳୀୟ ନେତୃବୃନ୍ଦଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଗତ ନିର୍ବାଚନର ସଫଳତା ପାଇଁ ସମସ୍ତ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେବା ସହ ପଞ୍ଚାୟତରେ ମିଳିମିଶି ଦଳର ସଙ୍ଗଠନ କିପରି ଅଧିକ ସୁଦୃଢ଼ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସାଧାରଣ ଲୋକଙ୍କ ସମସ୍ୟା ସହିତ ନିଜକୁ ସାମିଲ ହେବାକୁ ଏବଂ ତୃଣମୂଳ ସ୍ତରରେ ଦଳକୁ ମଜଭୂତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଦଳର ବରିଷ୍ଠ ନେତା ଚକ୍ରଧର ଗିରି, ମହେଶ୍ୱର ଜେନା, ଅଜୟ ସାମଲ, ଦେବ କୁମାର ଦେ, ନିଶାକର ସେଠୀ, ସାହିରୁଲ୍ ହକ୍, ଜିଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର, ରତାଇ ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ଼ରୁ ବହୁ ନେତୃବୃନ୍ଦ ବୈଠକରେ ଯୋଗଦେଇଥିଲେ।

## ପଥରବନ୍ଧ ନିର୍ମାଣରେ ଦୁର୍ନୀତି ଅଭିଯୋଗ

### ଆନ୍ଦୋଳନ ଚେତାବନୀ ଦେଲା କୈବର୍ତ୍ତ ମହାସଂଘ

କାଳିପଦା, ୧୧।୮ (ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଜମ୍ବିରାଇ ପଞ୍ଚାୟତ ଚାଉଳିତି ଗ୍ରାମ ନିକଟରେ ନିର୍ମାଣ ହୋଇଥିବା ପଥରବନ୍ଧର କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘ ରାଜ୍ୟ ସଭାପତି ସୁଧୀର ଖଣ୍ଡା ରବିବାର ଏକ ପ୍ରେସ ବିବୃତ୍ତି ଜରିଆରେ ସୂଚନା ଦେଇଛନ୍ତି।

ଶହ ଶହ ଦଳିତ ମତ୍ସ୍ୟଜୀବୀମାନଙ୍କର ନିରାପତ୍ତାକୁ ଲକ୍ଷ୍ୟ କରି ସମୁଦ୍ର କଡ଼ରେ ୨ କି.ମି. ରାସ୍ତାକୁ ପଥରବନ୍ଧ କରାଯାଇଥିଲା। ଏହି ବନ୍ଧ ନିର୍ମାଣରେ ନିମ୍ନମାନର ପଥର ବ୍ୟବହାର କରି ଠିକ୍ ଢଙ୍ଗରେ କାମ ହୋଇ ନ ଥିବାରୁ ଅଳ୍ପ ବର୍ଷାରେ ବନ୍ଧଟି ଦବିଯାଇ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଏହି ବନ୍ଧ ନିର୍ମାଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା। ଦୁର୍ନୀତିରେ ଜଡ଼ିତ ଥିବା ଅଧିକାରୀ ଏବଂ ଠିକାଦାରଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ଓ ବାଲେଶ୍ୱର ଜିଲାପାଳ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୈବର୍ତ୍ତ ମହାସଂଘର ରାଜ୍ୟ ସଭାପତି ଖଣ୍ଡା ପ୍ରେସ ବିବୃତ୍ତିରେ ଦାବି କରିଛନ୍ତି।

---

**କେନ୍ଦୁଝର**

## ଛାତ୍ରୀଛାତ୍ରଙ୍କ କାନ୍ଧରେ ଓଜନିଆ ବ୍ୟାଗ୍

### ନିୟମ ମାନୁନାହାନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ

ଚମ୍ପୁଆ, ୧୧।୮ (ମହେଶ୍ୱର ଦାସ)

ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଦୃଷ୍ଟିରେ ରଖି ୮ ମାର୍ଚ୍ଚ ୨୦୧୯ରେ ସ୍କୁଲ ବ୍ୟାଗ୍ ଆଇନ ପ୍ରଣୟନ କରାଯାଇଥିଲା। କେଉଁ ଶ୍ରେଣୀର ଛାତ୍ରୀଛାତ୍ର କେତେ ଓଜନର ବ୍ୟାଗ୍ ଧରିବେ ସେନେଇ ନିୟମ ଲାଗୁ କରାଯାଇଥିଲା। ଛାତ୍ରୀଛାତ୍ର ସ୍କୁଲ ନେଉଥିବା ବ୍ୟାଗ୍‌ର ଓଜନ ଅଧିକ ହେବାରୁ ପିଠି ଯନ୍ତ୍ରଣା, ଗଣ୍ଠି ଯନ୍ତ୍ରଣା, ମସଲ ଯନ୍ତ୍ରଣା ସହିତ ମେରୁଦଣ୍ଡଜନିତ ଯନ୍ତ୍ରଣା ସୃଷ୍ଟି ହେବାର ସମ୍ଭାବନା ରହୁଥିବାରୁ ଏହି ନିୟମ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଥିଲା। ମାତ୍ର କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ସ୍କୁଲ ବ୍ୟାଗ୍ ନୀତିକୁ ମାନୁନାହାନ୍ତି।



ଚମ୍ପୁଆ ବ୍ଲକ୍‌ରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୭୫ରୁ ଅଧିକ ସରକାରୀ ପ୍ରାଇମେରି ବିଦ୍ୟାଳୟ, ୬ରୁ ଅଧିକ ବେସରକାରୀ ପ୍ରାଇମେରି ବିଦ୍ୟାଳୟ, ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ୪୫ରୁ ଉର୍ଦ୍ଧ୍ୱ ସରକାରୀ ଅପର ପ୍ରାଇମେରି ବିଦ୍ୟାଳୟ ଓ ୨୦ରୁ ଉର୍ଦ୍ଧ୍ୱ ବେସରକାରୀ ଅପର ପ୍ରାଇମେରି ବିଦ୍ୟାଳୟ ଏବଂ ସରକାରୀ ସେକଣ୍ଡାରି ଓ ବେସରକାରୀ ହାୟର ସେକଣ୍ଡାରି ବିଦ୍ୟାଳୟ ରହିଛି। ସରକାରଙ୍କ ନିୟମ ଅନୁଯାୟୀ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ୧ କେଜି ୫ ଶହ ଗ୍ରାମ୍, ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ୨ କିଗ୍ରାରୁ ୩ କିଗ୍ରା, ଷଷ୍ଠରୁ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ୪ କିଗ୍ରା, ଅଷ୍ଟମରୁ ନବମ ଶ୍ରେଣୀ ପିଲାଙ୍କ ପାଇଁ ୪ କିଗ୍ରା ଏବଂ ଦଶମ ଶ୍ରେଣୀର ପିଲାଙ୍କ ପାଇଁ ୫ କିଗ୍ରା ଓଜନର ବ୍ୟାଗ୍ ବ୍ୟବହାର କରିବାର ନିୟମ ରହିଛି। ଉକ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଆବଶ୍ୟକତାଠାରୁ ଅଧିକ ଓଜନର ବ୍ୟାଗ୍ ନେଉଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ଏହି ଓଜନଦାର ବ୍ୟାଗ୍ ପାଇଁ ଅଭିଭାବକ ଛାତ୍ରୀଛାତ୍ରଙ୍କ ବ୍ୟାଗ୍‌କୁ ବୋହି ବିଦ୍ୟାଳୟରେ ଛାଡୁଛନ୍ତି। ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ସାହୁ କହିଛନ୍ତି, ବିଦ୍ୟାଳୟଗୁଡ଼ିକ ପିଲାଙ୍କୁ ଦୈନିକ ରୁଟିନ ଅନୁଯାୟୀ ବହି ଓ ଖାତା ଆଣିବା ପାଇଁ ପରାମର୍ଶ ଦେବା ଉଚିତ। ଅନେକ ସମୟରେ ଏହାର ବିପରୀତ ପ୍ରତିବିମ୍ବ ଦେଖିବାକୁ ମିଳିଛି। ଏଥିପାଇଁ ଅଭିଭାବକଙ୍କୁ ସଚେତନତାର ଆବଶ୍ୟକତା ରହିଛି। ଏହା ସହିତ ବିଦ୍ୟାଳୟଗୁଡ଼ିକୁ ସ୍କୁଲ ବ୍ୟାଗ୍ ନିୟମକୁ କଡ଼ାକଡି ମାନିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

## ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ସ୍ମୃତିସଭା

କେନ୍ଦୁଝର, ୧୧।୮ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହର ଉପକଣ୍ଠସ୍ଥ ନେଲୁଙ୍ଗ ଗ୍ରାମର ପୂର୍ବତନ ପ୍ରଶାସନିକ ଅଧିକାରୀ ମକରଧ୍ୱଜ ହୋତାଙ୍କ ସ୍ମୃତିସଭା ନିଲୁଙ୍ଗ ଶିବ ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଲ୍ୟବନ୍ଧୁ ନିରଞ୍ଜନ ପଟ୍ଟନାୟକ, ପୁରୁଷୋତ୍ତମ କାଞ୍ଜି, ଗୌରାଙ୍ଗ ହୋତା, କୃଷ୍ଣଚନ୍ଦ୍ର କୁଅଁର, ରମା ବଲ୍ଲଭ ମିଶ୍ର, ଲାଲ ମୋହନ ରାଉତ, ରାଧା ଶ୍ୟାମ ରାୟ ଓ ନାରାୟଣ ଚନ୍ଦ୍ର ଦାଶ ପ୍ରମୁଖ ବନ୍ଧୁ ଅଂଶଗ୍ରହଣ କରି ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବଡ଼ ପୁଅ ମାନସ ହୋତା, ସାନ ଭାଇ ଆଇନଜୀବୀ ଚତୁର୍ଭୁଜ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହରମୋହନ ପଟ୍ଟନାୟକ, ରବି ପଣ୍ଡା, ଟିଙ୍କିନା ପଣ୍ଡା, ମନୋଜ ରଣା, କୁଞ୍ଜ ବିହାରୀ ଚୌଧରୀ ପ୍ରମୁଖ ପରିଚାଳନା କରିଥିଲେ। ସ୍ମୃତି ବାନାର୍ଜୀଙ୍କ ଉପସ୍ଥାପନ କରିଥିଲେ।


## ସରିଥିବା ମାମଲା ପୁଣି ଶୁଣାଣି ହେବ

### ୬୦ ଟଙ୍କା ପାଇଁ ହରଡ଼ଘଣାରେ ସରକାରୀ ବାବୁ

ହାଟଡିହୀ, ୧୧।୮ (ଶୁଭକାନ୍ତ ନାୟକ)

ଦୋଷ ଲୁଚାଇବାକୁ ଯାଇ ସରକାରୀ ବାବୁ ହରଡ଼ଘଣାରେ ପଡ଼ିଛନ୍ତି। ମାତ୍ର ୬୦ ଟଙ୍କା ଏବଂ ସୂଚନା ପ୍ରଦାନରେ ଅବହେଳା ପାଇଁ କ୍ଷତି ପୂରଣ ଦାବି ହୋଇଛି। ଫଳରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ୫ ମାସ ପୂର୍ବେ ସରିଯାଇଥିବା ଏକ ଅପିଲ କେସ୍ ପୁନଃ ଶୁଣାଣି ହେବା ନେଇ ସୂଚନା ମିଳିଛି। ସୂଚନା ଅନୁଯାୟୀ, କୋଭିଡ୍ ସମ୍ପର୍କିତ ସୂଚନା ପାଇଁ ହାଟଡିହୀ ଅଞ୍ଚଳର ସୂଚନା ଅଧିକାର କର୍ମୀ ୧୦ ଅକ୍ଟୋବର ୨୦୨୩ରେ ଆରଟିଆଇ ଆକ୍ଟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଜନ ସୂଚନା ଅଧିକାରୀ ପ୍ରଭୁ କଲ୍ୟାଣ ଦାସ ସୂଚନା ଖର୍ଚ୍ଚ ବାବଦରେ ୬୦ ଟଙ୍କା ୧୫ ଦିନ ମଧ୍ୟରେ ଏମର୍ଜେନ୍ସି ଡେପୁଟି କଲେକ୍ଟରଙ୍କଠାରେ ପୈଠ କରିବାକୁ ଜଣାଇଥିଲେ। ଆବେଦନକାରୀ ୮ ନଭେମ୍ବର ୨୦୨୩ରେ ଡାକରେ ଉକ୍ତ ଟଙ୍କା ପ୍ରେରଣ କରିଥିଲେ। ଯାହା ୯ ନଭେମ୍ବର ୨୦୨୩ରେ ପ୍ରାପ୍ତ ହୋଇଥିଲା। କିନ୍ତୁ ଜନ ସୂଚନା ଅଧିକାରୀ ଟଙ୍କା ପୈଠ ହୋଇ ନ ଥିବା ଦର୍ଶାଇ ଆବେଦନ ପତ୍ରକୁ ନାକଚ କରିଦେଇଥିଲେ। ଆବେଦନାକାରୀ ୬ ଡିସେମ୍ବର ୨୦୨୩ରେ ପ୍ରଥମ ଅପିଲେଟ ଅଧିକାରୀ ତଥା ଏଡିଏମ୍‌ଙ୍କ ନିକଟରେ ଅପିଲ ଦାଏର କରିଥିଲେ। ଏଡିଏମ୍ ଶୁଣାଣି ପାଇଁ ୨୨ ଡିସେମ୍ବର ୨୦୨୩କୁ ଦିନ ଧାର୍ଯ୍ୟ ହୋଇଥିଲା। ଶୁଣାଣି ପରେ ୨ ଫେବୃୟାରୀ ୨୦୨୪ରେ ପ୍ରକାଶିତ ଆଦେଶନାମାରେ ଟଙ୍କା ପୈଠ ହୋଇଥିବା ଉଲ୍ଲେଖ ରହିଛି। ଏଥିସହ ଆବେଦକାରୀଙ୍କୁ ମାଗଣାରେ ସୂଚନା ଦେବା ପାଇଁ ଆଦେଶ ଜାରି କରି ଅପିଲ କେସ୍‌କୁ ସମାପ୍ତ କରିଦେଇଥିଲେ। ଜନ ସୂଚନା ଅଧିକାରୀ ଅସମ୍ପୂର୍ଣ୍ଣ ସୂଚନା ପ୍ରଦାନ ସହ ୬୦ ଟଙ୍କା ଫେରସ୍ତ କରି ନ ଥିଲେ। ଏନେଇ ଅପିଲେଟ ଅଧିକାରୀ ତଥା ଏଡିଏମ୍‌ଙ୍କୁ ୨୭ ଜୁନ୍ ୨୦୨୪ରେ ଆବେଦନକାରୀ ପୁନଶ୍ଚ ଲିଖିତ ଭାବେ ଜଣାଇଥିଲେ। ଏଡିଏମ୍‌ଙ୍କ ନୋଟିସ୍ ଅନୁସାରେ ୧୬ ଅଗଷ୍ଟ ୨୦୨୪ରେ ସରିଥିବା ଅପିଲ କେସ୍ ପୁନଃ ଶୁଣାଣି ହେବା ନେଇ ଦିନ ଧାର୍ଯ୍ୟ ହୋଇଛି।

## ରୋଟାରୀ କ୍ଲବ୍ ସଭାପତି, ସମ୍ପାଦକଙ୍କ ଦାୟିତ୍ୱ ଗ୍ରହଣ



ମଞ୍ଚରେ ଉପସ୍ଥିତ ଅତିଥି ଓ ରୋଟାରୀ କ୍ଲବ୍ ସଦସ୍ୟମାନେ।

ଯୋଡ଼ା, ୧୧।୮ (ମାନସ ମହାନ୍ତି)

ରୋଟାରୀ କ୍ଲବ୍ ଯୋଡ଼ାର ୨୧ତମ ଅଧିଷ୍ଠାନ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଟାଟା ଷ୍ଟିଲ ଭ୍ୟାଲି କ୍ଲବ୍‌ଠାରେ ଆୟୋଜିତ ହୋଇଯାଇଛି। ଏଥିରେ ସଭାପତି ଭାବେ ରୋଟାରୀଆନ ପ୍ରକାଶ ମହାନ୍ତି ଓ ସମ୍ପାଦକଭାବେ ରୋଟାରୀଆନ ସାରଦା ପ୍ରସାଦ ଆଚାର୍ଯ୍ୟ ୨୦୨୪–୨୫ ବର୍ଷ ପାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ରୋଟାରୀ ଜିଲା–୩୨୬୨ର ପ୍ରାନ୍ତପାଳ ଯାଜ୍ଞଶିଷ ମହାପାତ୍ରଙ୍କ ଅନୁମୋଦନକ୍ରମେ ମୁଖ୍ୟ ଅତିଥିଭାବେ ଟାଟା ଷ୍ଟିଲ ସାଧାରଣ ପରିଚାଳକ ଅତୁଲ ଭଟ୍ଟନାଗର, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ରୋଟାରୀଆନ ଡ. ରାଜେନ୍ଦ୍ର ପଲେଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୨୦୨୩–୨୪ ବର୍ଷର ସଭାପତି ରୋଟାରୀଆନ ସ୍ନିଗ୍ଧା କର ଓ ସମ୍ପାଦକ ରୋଟାରୀଆନ ରୀନା ସିଙ୍ଘାଣିଆ କଲାର ପରିବର୍ତ୍ତନ କରିଥିଲେ। ମୁଖ୍ୟ ଅତିଥି ଭଟ୍ଟନାଗର ଯୋଡ଼ା ରୋଟାରୀ କ୍ଲବ ଯୋଡା ଅଞ୍ଚଳରେ ଖୁବ୍ ଭଲ ସାମାଜିକ କାର୍ଯ୍ୟ କରିଆସୁଛି। କ୍ଲବ ସହିତ ଟାଟା ଷ୍ଟିଲ ଜଡିତ ହୋଇଆସିଛି। ଆଗାମୀ ଦିନରେ କମ୍ପାନୀର ଏହି ସହାୟତା ଜାରି ରହିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୋଡା ସହରର ଅନେକ ବିଶିଷ୍ଟ ବ୍ୟକ୍ତି, ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତାଙ୍କ ସହିତ ଭୁବନେଶ୍ୱର, ଭଦ୍ରକ, କେନ୍ଦୁଝର, ବଡବିଲ ରୋଟାରୀ କ୍ଲବର ସଦସ୍ୟମାନେ ଯୋଗଦେଇଥିଲେ।

## ୨ ଦିନରେ ୯ ଘର ଭାଙ୍ଗିଲାଣି ଦନ୍ତା

ପାଟଣା, ୧୧।୮ (ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ରାଇଡିହା ବିଟ୍‌ରେ ଶନିବାର ରାତିରେ ଏକ ଗୋଠଛଡା ଦନ୍ତା ହାତୀ କଟାବେଡ଼ା ଚଟୁରୀ ସାହିର ନରେନ୍ଦ୍ର ମହାନ୍ତ, ସୁଲୋଚନା ମହାନ୍ତଙ୍କ ଖପର ଘର ଭାଙ୍ଗିଦେଇଛି। ଏଥିସହ ଅସନବାହାହାଳୀ ଗ୍ରାମର କାଳୀଚରଣ ମହାନ୍ତ ଓ ମଙ୍ଗଲୁ ଭୂମିଜଙ୍କ ଖପର ଘର ଭାଙ୍ଗିବା ସହ ଘରୁ ଧାନ ଚାଉଳ ଖାଇ ଯାଇଛନ୍ତି। ରବିବାର ହାତୀ ରେଙ୍ଗାଳବେଡା ନିକଟ ପୁରୁଣା ପାଣି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଛି। ଏହି ଦନ୍ତା ଶୁକ୍ରବାର ୫ ଘର ଭାଙ୍ଗି ଥିବା ବେଳେ ଶନିବାର ୪ ଘର ଭାଙ୍ଗି ଦେଇଛି। ୨ଦିନ ମଧ୍ୟରେ ଦନ୍ତା ୯ ଘର ଭାଙ୍ଗିବା ପରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

## ରାଜ୍ୟସ୍ତରୀୟ ଦେଶ କରମ ଆଖଡ଼ା ସ୍ଥାପନା

ପାଟଣା, ୧୧।୮ (ବୀରକିଶୋର ଦାଶ)

କୁଡୁମୀ ସମ୍ପ୍ରଦାୟର କୃଷି ଭିତ୍ତିକ ରାଜ୍ୟସ୍ତରୀୟ ଦେଶକରମ ପରବ୍ ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ରାଜ୍ୟସ୍ତରୀୟ ଦେଶକରମ ପରବ କେନ୍ଦୁଝର ଜିଲା ପାଟଣ ବ୍ଲକ୍ ଭୀମକୁଣ୍ଡ ନିକଟସ୍ଥ ଡୁମୁରିଆଠାରେ ଅନୁଷ୍ଠିତ ହେବ। ଏ ନେଇ ରବିବାର ଡୁମୁରିଆ ପଡ଼ିଆରେ ଆଖଡ଼ା ସ୍ଥାପନା ହୋଇଛି। କୁଡୁମୀ ସମ୍ପ୍ରଦାୟର ପାରମ୍ପରିକ ପ୍ରଥା ଅନୁଯାୟୀ, ଦେହୁରୀ ଯଯାତି ମହାନ୍ତ ପୂଜାପାଠ କରି ଆଖଡ଼ା କାର୍ଯ୍ୟ ସମ୍ପାଦନ କରିଥିଲେ। ଆଖଡା ସ୍ଥାପନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତ, ଦେଶକରମ କମିଟିର ସଭାପତି ଛବିରାଣୀ ମହାନ୍ତ, ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ନିରୋଦ ଲୋଚନ ମହାନ୍ତ, ଦେଶ କରମ ପର୍ବ କମିଟିର ଉପଦେଷ୍ଟା ରାଜ୍ୟ କୁଡୁମୀସେନା ଉପସଭାପତି ମିତ୍ରଭାନୁ ମହାନ୍ତ, ତ୍ରିନାଥ ମହାନ୍ତ, ଦିଲ୍ଲୀପ ମହାନ୍ତ, ଲିଟୁ ମହାନ୍ତ, ସତ୍ୟବ୍ରତ ମହାନ୍ତ, ରାଜଶ୍ରୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କୁଡୁମୀ ସମ୍ପ୍ରଦାୟରର ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଥିଲା।



## ମନ୍ଥର ଗତିରେ ଚାଲିଛି ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟ

### ୩ ଅଗଷ୍ଟ ସୁଦ୍ଧା ୨୦ ପ୍ରତିଶତ କାମ ସରିଛି

କେନ୍ଦୁଝର, ୧୧।୮ (ଦୀପକ ମିଶ୍ର): କେନ୍ଦୁଝର ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ମନ୍ଥର ଗତିରେ ଚାଲିଛି। ଟାର୍ଗେଟ ଅନୁଯାୟୀ ୩ ଅଗଷ୍ଟ ୨୦୨୪ ସୁଦ୍ଧା ଜିଲାରେ ପିଏମ୍‌ଏୱାଇ ପୁରୁଣା କୋଟାରେ ୬୦୧୮ ଓ ନୂତନ କୋଟାରେ ୪୭,୬୩୦କୁ ମିଶାଇ ମୋଟ ୫୩,୬୪୮ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଛି। ମାତ୍ର ପୁରୁଣା କୋଟାରେ ୧୬୫, ନୂତନ କୋଟାରେ ୧୦,୬୯୯ ମିଶାଇ ମୋଟ ୧୦, ୮୬୪ ଘର ସମ୍ପୂର୍ଣ୍ଣ ହୋଇଛି, ଯାହା ଅନୁଦାନର ମାତ୍ର ୨୦ ପ୍ରତିଶତ କାମ ଶେଷ ହୋଇଛି। ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍‌ରେ ନୂଆ, ପୁରୁଣା ମିଶାଇ ୪୩୭୯ ମଧ୍ୟରୁ ୧୫୦୪ ସମ୍ପୂର୍ଣ୍ଣ ହୋଇଥିବା ବେଳେ ପାଟଣାରେ ୪୬୩୫ ମଧ୍ୟରୁ ୧୧୪୨, ଯୋଡ଼ାରେ ୮୭୬ମଧ୍ୟରୁ ୨୫୭, ଘଟଗାଁରେ ୫୯୭୮ ମଧ୍ୟରୁ ୯୮୭, ସାହାରପଡ଼ାରେ ୩୦୯୯ ମଧ୍ୟରୁ ୭୦୯, ଝୁମ୍ପୁରାରେ ୧୭୭୭ ମଧ୍ୟରୁ ୫୪୦, ତେଲକୋଇରେ ୩୯୫୫ ମଧ୍ୟରୁ ୯୩୨, କେନ୍ଦୁଝର ସଦରରେ ୫୩୩୫ ମଧ୍ୟରୁ ୧୩୪୧, ବାଂଶପାଳରେ ୨୬୬୯ ମଧ୍ୟରୁ ୫୮୦, ଆନନ୍ଦପୁରରେ ୨୮୧୦ ମଧ୍ୟରୁ ୩୮୧, ଘଷିପୁରାରେ ୩୨୧୬ ମଧ୍ୟରୁ ୫୭୮, ହାଟଡ଼ିହୀରେ ୬୮୧୭ ମଧ୍ୟରୁ ୯୪୯, ହରିଚନ୍ଦନପୁରରେ ୮୦୯୨ମଧ୍ୟରୁ ୯୬୪ ଗୃହ ସମ୍ପୂର୍ଣ୍ଣ ହୋଇଛି। ଏ ସମ୍ପର୍କରେ ଜିଲା ପରିଷଦ ଅତିରିକ୍ତ ପ୍ରକଳ୍ପ ପ୍ରଶାସକ ରବୀନ୍ଦ୍ର ମଲ୍ଲିକ କହିଛନ୍ତି, ଘର ତିଆରି ଉପକରଣର ଅତ୍ୟଧିକ ଦର ବୃଦ୍ଧି ପାଇଛି। ସେହି କାରଣରୁ ହିତାଧିକାରୀମାନେ ଘର ତିଆରି କରିବା ସମ୍ଭବ ହେଉନାହିଁ।

## ସଂକ୍ଷେପରେ

### କଲେଜରେ ନିମ୍ନମାନର କାର୍ଯ୍ୟ କରି ଟଙ୍କା ହଡ଼ପ

**ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ପୂର୍ବତନ ପରିଚାଳନା କମିଟି ସଭାପତି**

ଭଦ୍ରକ,୧୧।୮ (ସନାତନ ରାଉତ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ମତୋ ଡିଗ୍ରୀ କଲେଜରେ ପୂର୍ବ ସରକାରଙ୍କ ସମୟରେ ମହାଦୁର୍ନୀତି ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ, ଜିଲାପାଳ ଓ ଭାଜପା ରାଜ୍ୟ ସଭାପତିଙ୍କଠାରେ ଅଭିଯୋଗ ହୋଇଛି। ଏନେଇ ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ଭାଜପା ନେତା ସନାତନ ସାହୁ ଶନିବାର ଡାକ ଯୋଗେ ଏହି ଅଭିଯୋଗପତ୍ର ପଠାଇଛନ୍ତି।

ସେ ଅଭିଯୋଗ କରିଛନ୍ତି ଯେ, ୨୦୨୦ ମସିହାରେ ବିଶ୍ୱବ୍ୟାଙ୍କରୁ ମିଳିଥିବା ୩ କୋଟି ୫୦ ଲକ୍ଷ ଟଙ୍କାର ଅନୁଦାନ ନାମକୁମାତ୍ର ଟେଣ୍ଡର କରାଯାଇ ବିଜେଡି କଣ୍ଟ୍ରାକ୍ଟରଙ୍କ ଦ୍ୱାରା କଲେଜରେ ନିମ୍ନମାନର କାର୍ଯ୍ୟ କରାଯାଇଛି। ରାଜନୈତିକ ଚାପ ପକାଇ ସମସ୍ତ ଟଙ୍କା ଉଠାଇ ନେଇଛନ୍ତି। ବିଧାୟକ କଲେଜକୁ ଗୋଟିଏ ଟଙ୍କାର ସରକାର ଅନୁଦାନ ନ ଦେଇ ରାଜନୈତିକ ଚାପ ପକାଇ ଫଳକରେ ନିଜ ନାମ ଉଲ୍ଲେଖ କରିଛନ୍ତି। ଉକ୍ତ କୋଠାଘର କାନ୍ଥରେ ଫାଟ ସୃଷ୍ଟି ହେବା ସହ ଛାତରୁ ପାଣି ଗଳୁଛି। କିଛି ଜାଗାରେ ରଙ୍ଗ ଧୋଇ ଯାଇଥିବା ବେଳେ ନିମ୍ନମାନର ବିଦ୍ୟୁତ୍ ୱାରିଂ କରାଯାଇଛି। ସେହିପରି ୫-ଟିରେ ୫୦ ଲକ୍ଷ ଟଙ୍କାର ଅନୁଦାନକୁ ପରିଚାଳନା କମିଟି ଦ୍ୱାରା କାର୍ଯ୍ୟ ନ କରାଇ ବ୍ଲକର ବିଭାଗୀୟ କାର୍ଯ୍ୟାଦେଶ ନାମରେ ବିନା ଏଷ୍ଟିମେଟ୍‌ରେ ଅଳ୍ପ କିଛି କାମ କରି ସମ୍ପୂର୍ଣ୍ଣ ଟଙ୍କା ହଡ଼ପ କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ସ୍ମାର୍ଟ କ୍ଲାସ୍‌ରୁମ୍, କମ୍ପ୍ୟୁଟର ଲାବ୍, କମନରୁମ୍ ଆଦି କାମ ହୋଇ ନ ଥିବାବେଳେ ଏସବୁ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ସେ ଅଭିଯୋଗପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

### ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକାରିଣୀ ବୈଠକ

ଧାମନଗର,୧୧।୮ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ଅବଦୁଲ କଲାମ ପାଠାଗାର ପରିସରରେ ଧାମନଗର ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ସଦସ୍ୟ ମହେଶ୍ୱର ସ୍ୱାଇଁ, ବିଦ୍ୟାଧର ରାଉତ, ପୀତବାସ ପାଣି, ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ନିରାକାର ଧଳ ପ୍ରମୁଖ ଯୋଗଦେଇ ପରିଷଦ ସବୁ ସ୍ତରରେ ସମସ୍ତଙ୍କ ସୁବିଧା ଅସୁବିଧା ସମୟରେ କିଭଳି ପହଞ୍ଚିପାରବ, ସେନେଇ ଆଲୋଚନା କରିଥିଲେ। ପରିଷଦର ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ନୃସିଂହ ଚରଣ ନାୟକ କୋଷାଧ୍ୟକ୍ଷ ଓ ସୁରଥ ଚନ୍ଦ୍ର ସେଠୀ ଉପସଭାପତି ଭାବେ ମନୋନୀତ ହୋଇଥିବା ବେଳେ ପରିଷଦ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

# ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଦଲାଲ ମାଧ୍ୟମ

ଭଦ୍ରକ,୧୧।୮ (ସନାତନ ରାଉତ)

**■ଅଯୋଗ୍ୟ ହାତେଉଛନ୍ତି, ଯୋଗ୍ୟ ବଳି ପଡୁଛନ୍ତି**

**■ଭିନ୍ନକ୍ଷମ ପ୍ରତିଶତ ବଢ଼ାଇବାକୁ ଟଙ୍କା କାରବାର**

ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ପ୍ରତି ମାସ ମଙ୍ଗଳବାର ଓ ଶୁକ୍ରବାର ସପ୍ତାହର ୨ଦିନ ବାଇପାସ୍‌ସ୍ଥିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟରେ ଭଦ୍ରକ ମେଡିକାଲ ବୋର୍ଡ ବସୁଛି। ପୂର୍ବରୁ ୭ ପ୍ରକାର ଦିବ୍ୟାଙ୍ଗ ଥିବାବେଳେ ୨୦୧୬ ପରେ ୨୧ ପ୍ରକାର ଭାଗ କରାଯାଇଛି। ଏହି ବୋର୍ଡରେ ଦିବ୍ୟାଙ୍ଗମାନେ ପ୍ରମାଣପତ୍ର ପାଇବା ପାଇଁ ଦଲାଲମାନଙ୍କୁ ଧରିବାକୁ ପଡୁଛି। ଦଲାଲଙ୍କୁ ନ ଧରିଲେ ପ୍ରମାଣପତ୍ର ମିଳିପାରୁନି ବୋଲି ଅନେକ ଦିବ୍ୟାଙ୍ଗ ବହୁ ସମୟରେ ଅଭିଯୋଗ କରୁଛନ୍ତି। ମେଡିକାଲ ବୋର୍ଡକୁ କବ୍‌ଜା କରି କେତେଜଣ ଦିବ୍ୟାଙ୍ଗ ଏହି ଦଲାଲି କରୁଥିବା ଅଭିଯୋଗ ହେଉଛି। ମେଡିକାଲ କର୍ମଚାରୀମାନଙ୍କୁ ହାତବାରିସୀ କରି ପ୍ରମାଣପତ୍ରରେ ଭିନ୍ନକ୍ଷମ ପ୍ରତିଶତ ବଢ଼ାଇବା ପାଇଁ ହିତାଧିକାରୀମାନଙ୍କ ପାଖରୁ ମୋଟା ଅଙ୍କର ଟଙ୍କା ନିଆଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ବିଶେଷକରି ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାର ବୃତ୍ତି ଓ ଚାକିରି ପାଇଁ ଦିବ୍ୟାଙ୍ଗଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଥିବାରୁ ଏହି କ୍ଷେତ୍ରରେ ଦଲାଲି ଓ ଟଙ୍କା କାରବାର ଅଧିକ ହେଉଛି। କିଛି ଅସାଧୁ ଓ ଖଳ ପ୍ରକୃତିର କର୍ମୀ ଏହି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର କରାଇଦେବାର ଲୋଭ ଦେଖାଇ ଶୋଷଣ କରୁଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଜିଲାପାଳ, ମେଡିକାଲ ବୋର୍ଡ ନିକଟରେ ଅନେକ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅନେକ ଅଯୋଗ୍ୟ ଏହି ପ୍ରମାଣପତ୍ର ହାତେଇ ସରକାରୀ ସୁବିଧା ସୁଯୋଗ ନେଉଥିବା ବେଳେ ଯୋଗ୍ୟ ବଳି ପଡୁଛନ୍ତି। ବୋର୍ଡ ବସୁଥିବା ଦିନରେ ଡାକ୍ତରଙ୍କ ପାଖରେ ରହିବା, ସେହି ଘର ଭିତରକୁ ଯିବା ପାଇଁ ଦ୍ୱାରପାଳ ଭାବେ ଛିଡ଼ା ହେବା, ଭିନ୍ନକ୍ଷମମାନଙ୍କ କ୍ରମିକ ନମ୍ବର ଅନୁସାରେ ନାମ ଧରି ଡାକିବା, ମେଡିକାଲ କର୍ମଚାରୀ ଭଳି ଦାୟିତ୍ୱ ନେଉଥିବା ବେଳେ ଏମାନଙ୍କ ଉପରେ ଅଙ୍କୁଶ ଲଗାଯାଉ ନାହିଁ। ଏସବୁ କାମରେ ମେଡିକାଲ କର୍ମଚାରୀ ନିୟୋଜିତ କରା ନ ଯାଇ ଏମାନଙ୍କୁ ସୁଯୋଗ ଦିଆଯାଉଥିବାରୁ ଦଲାଲି କରିବାକୁ ସୁବିଧା ହେଉଥିବା ଅଭିଯୋଗ ହେଉଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା କହିଛନ୍ତି, ବିନା ଅନୁମତିରେ କିଛି ଲୋକ ବୋର୍ଡକୁ ସହଯୋଗ କରିବା ଆଳରେ ଦଲାଲି କରୁଛନ୍ତି ବୋଲି ଅଭିଯୋଗ ଆସିଛି। ଏଥିପ୍ରତି ଦୃଷ୍ଟି ଦିଆଯିବା ସହ ସେମାନଙ୍କୁ ବୋର୍ଡ ବସିବା ଦିନ ଭିତରକୁ ପ୍ରବେଶ କରାଇ ଦିଆଯିବ ନାହିଁ।

## ୨ ଲକ୍ଷ ତ୍ରିରଙ୍ଗା ପତାକା ତିଆରି କଲେ ଏସ୍‌ଏଚ୍‌ଜି ମହିଳା


ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ପତାକା ତିଆରି କରୁଛନ୍ତି।

ଭଦ୍ରକ,୧୧।୮ (ସନାତନ ରାଉତ/ରବିନାରାୟଣ ଖିଲାର)

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ଘରକୁ ଘର ତ୍ରିରଙ୍ଗା ପତାକା ବଣ୍ଟନ ନିମନ୍ତେ ମିଶନ ଶକ୍ତି ଜରିଆରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସରକାରୀ ନିର୍ଦ୍ଦେଶକ୍ରମେ ମିଶନ ଶକ୍ତିର ବ୍ଲକସ୍ତରୀୟ ଫେଡେରେଶନ ଜରିଆରେ ଟେଲରିଂ ୟୁନିଟ୍ ଥିବା ଏସ୍‌ଏଚ୍‌ଜି (ସ୍ୱୟଂସହାୟିକା ଗୋଷ୍ଠୀ)କୁ ପତାକା ତିଆରି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ୭ଟି ବ୍ଲକକୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ମୋଟ ୧୧୭ଟି ଗୋଷ୍ଠୀକୁ ୨ ଲକ୍ଷ ପତାକା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ରହିଥିଲା।

ଜିଲା ପାଇଁ ୨ଲକ୍ଷ ପତାକା ତିଆରି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ବାସୁଦେବପୁର ବ୍ଲକର ୧୬ ଗୋଷ୍ଠୀଙ୍କୁ ୩୫,୦୦୦, ଭଦ୍ରକ ବ୍ଲକର ୧୦ଟି ଗୋଷ୍ଠୀଙ୍କୁ ୪୦,୦୦୦, ଭଣ୍ଡାରିପୋଖରୀର ୨୦ ଗୋଷ୍ଠୀଙ୍କୁ ୧୫,୦୦୦, ବନ୍ତର ୨୪ ଗୋଷ୍ଠୀଙ୍କୁ ୩୫,୦୦୦, ଚାନ୍ଦବାଲି-୧ରେ ୧୪ ଗୋଷ୍ଠୀଙ୍କୁ ୧୫,୦୦୦, ଚାନ୍ଦବାଲି-୨ରେ ୧୬ ଗୋଷ୍ଠୀଙ୍କୁ ୧୫,୦୦୦, ତିହିଡ଼ିର ୬ ଗୋଷ୍ଠୀଙ୍କୁ ୨୦,୦୦୦ ଏବଂ ଧାମନଗରର ୧୧ ଗୋଷ୍ଠୀଙ୍କୁ ୨୫,୦୦୦ ପତାକା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏସ୍‌ଏଚ୍‌ଜି ମହିଳାମାନେ ୨ ଲକ୍ଷ ପତାକା ତିଆରି କରିଥିବା ବେଳେ ପୁଣି ଲକ୍ଷ୍ୟ ଧାର୍ଯ୍ୟଠାରୁ ଅଧିକ ୩୩ ହଜାର ପତାକା ପାଇଁ ସରକାରୀ ନିର୍ଦ୍ଦେଶ ଆସିଥିବାରୁ ସେଥିପାଇଁ ମଧ୍ୟ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି। ସୋମବାରଠାରୁ ବ୍ଲକରେ ବିଡିଓ ଏବଂ ପୌରାଞ୍ଚଳରେ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ନେତୃତ୍ୱରେ ପତାକା ବଣ୍ଟନ ଆରମ୍ଭ ହେବ। ଘରେ ଘରେ ଯେପରି ପତାକା ଉଡ଼ିବ ସେଥିପାଇଁ ବିଭିନ୍ନ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି। ହର୍ ଘର୍ ତ୍ରିରଙ୍ଗାର ମାହୋଲ ସୃଷ୍ଟି ପାଇଁ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ସାଇକେଲ ଓ ମୋଟର ସାଇକେଲ ରାଲି, ପଦଯାତ୍ରା, କନସର୍ଟ, କାନ୍‌ଭାସ୍, ସେଲ୍‌ଫି ପଏଣ୍ଟ ଆଦି କାର୍ଯ୍ୟକ୍ରମ ଆୟୋଜନ ନେଇ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି।

## ତିହିଡ଼ି ବଜାରରେ ଯୋଗାଣ ବିଭାଗ ପକ୍ଷରୁ ଆଳୁ ବିକ୍ରି

ତିହିଡ଼ି,୧୧।୮ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବଜାରରେ ଯୋଗାଣ ବିଭାଗ ପକ୍ଷରୁ ରବିବାରଠାରୁ ଆଳୁ ବିକ୍ରି ଆରମ୍ଭ ହୋଇଛି। ବଜାରରେ ଥିବା ଖୁଚୁରା ବିକ୍ରୟ କେନ୍ଦ୍ରରେ କିଲୋ ପ୍ରତି ୩୫ ଟଙ୍କା ଦରରେ ଖାଉଟିମାନଙ୍କୁ ଆଳୁ ବିକ୍ରି କରାଯାଉଛି। ଜିଲା ଯୋଗାଣ ବିଭାଗ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ରଞ୍ଜନ ସାମଲଙ୍କ ତତ୍ତ୍ୱାବଧାନ ଏବଂ ରିଟେଲର ଚକ୍ରଧର ଲେଙ୍କାଙ୍କ ଦାୟିତ୍ୱରେ ଖାଉଟିମାନଙ୍କୁ ଆଳୁ ବିକ୍ରି କରାଯାଉଛି।

ଗତ କିଛିଦିନ ହେଲା ତିହିଡ଼ି ବଜାର ସମେତ ବ୍ଲକର ଅନ୍ୟ ବଜାର ଓ ଗ୍ରାମାଞ୍ଚଳରେ ଥିବା ଦୋକାନଗୁଡ଼ିକରେ ଆଳୁର ଅଭାବ ପରିଲକ୍ଷିତ ହୋଇଥିଲା। ତିହିଡ଼ିକୁ ଆଳୁ ଯୋଗାଣ ହୋଇ ନ ଥିବାରୁ ଏପ୍ରକାର ପରିସ୍ଥିତି ଉପୁଜିଥିଲା। କେତେଜଣ ଖୁଚୁରା ବିକ୍ରେତା ନିଜ ପାଖରେ ଗଚ୍ଛିତ ରଖିଥିବା ଆଳୁକୁ କିଲୋ ପ୍ରତି ୬୦ଟଙ୍କା ଦରରେ ଲୁଚାଛପାରେ ବିକ୍ରି କରିଥିଲେ। ଖାଉଟିମାନେ ନିଜର ଆବଶ୍ୟକତା ମେଣ୍ଟାଇବାକୁ ବର୍ଦ୍ଧିତ ଦରରେ ଆଳୁ କିଣିବାକୁ ବାଧ୍ୟ ହୋଇଥିଲେ। କୌଣସି ବ୍ୟବସାୟୀ କି.ଗ୍ରା. ପ୍ରତି ୩୫ଟଙ୍କାରୁ ଅଧିକ ଦାମରେ ଆଳୁ ବିକ୍ରି କରିପାରିବେ ନାହିଁ ବୋଲି ସରକାର ନିୟମ କରିଥିଲେ ମଧ୍ୟ ଅସାଧୁ ବ୍ୟବସାୟୀମାନେ ଏହାକୁ ମାନି ନ ଥିଲେ। ଏହି ସମସ୍ୟାକୁ ଉପଲବ୍ଧି କରିବା ପରେ ଯୋଗାଣ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ସେହିପରି ଦୋଳସାହି ବଜାରରେ ବିଭାଗ ପକ୍ଷରୁ ଖୁଚୁରା ବିକ୍ରୟ କେନ୍ଦ୍ରରେ ଆଳୁ ବିକ୍ରି କରାଯାଉଛି। ଖୁଚୁରା ବିକ୍ରୟ କେନ୍ଦ୍ରରେ ଆଳୁ ସୁଲଭ ମୂଲ୍ୟରେ ମିଳୁଥିବା ଖବର ପାଇବା ପରେ ଖାଉଟିମାନେ ଆଗ୍ରହର ସହ ଆଳୁ କିଣୁଥିବା ଲକ୍ଷ୍ୟ କରାଯାଇଛି।


ଏକ ଖୁଚୁରା ବିକ୍ରୟ କେନ୍ଦ୍ରରୁ ଖାଉଟିମାନେ ଆଳୁ କିଣୁଛନ୍ତି।

## ବ୍ଲକରେ ଖୋଲିବ ୧୫ ସରକାରୀ ସ୍ୱୀକୃତିପ୍ରାପ୍ତ ଧାନ ମଣ୍ଡି

ଧାମନଗର,୧୧।୮ (ଦେବେନ୍ଦ୍ର ଆନ୍ଦିଆ)

ସରକାର ଚାଷୀଙ୍କଠାରୁ ଧାନ କିଣିବା ପାଇଁ ସ୍ୱୀକୃତିପ୍ରାପ୍ତ ଧାନକ୍ରୟ କେନ୍ଦ୍ରରେ ବିକ୍ରୟ ପାଇଁ ଅନ୍‌ଲାଇନ ପଞ୍ଜୀକରଣ କାର୍ଯ୍ୟ ଚାଲିଛି। ଜୁଲାଇ ୧୫ରୁ ଆରମ୍ଭ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ଚାଷୀମାନେ ଆବେଦନ କରିବା ପାଇଁ ଆସନ୍ତା ୧୬ ତାରିଖ ଏବଂ ସମବାୟ ସମିତିଗୁଡ଼ିକରେ ଏହି ପଞ୍ଜୀକରଣର ଶେଷ ତାରିଖ ୨୨ ତାରିଖ ଧାର୍ଯ୍ୟ ହୋଇଛି। ବ୍ଲକର ୧୨ଟି ସମବାୟ ସମିତି ଓ ୩ଟି ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ) ମାଧ୍ୟମରେ ୨୦୨୪-୨୫ ବର୍ଷରେ ୩୮୦୬ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ବ୍ଲକର ୧୨ ସମବାୟ ସମିତି ଓ ୩ଟି ଏସ୍‌ଏଚ୍‌ଜି ସରକାରୀ ସ୍ୱୀକୃତିପ୍ରାପ୍ତ ଧାନମଣ୍ଡି ଖୋଲିବାକୁ ଥିବାବେଳେ ଚାଷୀମାନେ ପଞ୍ଜିକରଣ କରୁଛନ୍ତି।

ବ୍ଲକରେ ଅଗଷ୍ଟ ୮ ମଧ୍ୟାହ୍ନ ସୁଦ୍ଧା ବରଗଡ଼ା ସମିତିରେ ୨୯୩ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି। ସେହିପରି ଚୁଡ଼ାକୁଟିରେ ୫୦୪, ଧାମନଗରରେ ୪୬୧, ଦଳାଙ୍ଗରେ ୨୮୭, ଶ୍ରୀଜଗନ୍ନାଥ ସମିତିରେ ୩୮୭, କୋଠାରରେ ୧୪୪, କରଦାରେ ୧୦୨, କଟସାହିରେ ୩୧୦, ଦୋବଲରେ ୭୦, ଧୁଷୁରୀରେ ୧୪୯, ବମକୁରାରେ ୨୭୯, ପାଳସାହିରେ ୫୦୪, ଭାରତ ମାତା ଏସ୍‌ଏଚ୍‌ଜି ମାଧ୍ୟମରେ ୨୩୭, ଗଙ୍ଗେଶ୍ୱର ଏସ୍‌ଏଚ୍‌ଜି ଦ୍ୱାରା ୪୬ ଏବଂ ଦୋବଲ ଜିପିଏଲ୍‌ଏଫ୍ ମାଧ୍ୟମରେ ୩୩ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ସହ ବିଦାୟୀ ଶିକ୍ଷକ।

ଆଗରପଡ଼ା,୧୧।୮ (ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଚାରିଗାଁ ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଖମାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ମୁଖ୍ୟବକ୍ତା ଶିକ୍ଷାବିତ୍, ସାହିତ୍ୟିକ ହରିହର ପାଣିଗ୍ରାହୀ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଏବିଇଓ ହରେକୃଷ୍ଣ ଆପଟ, ଏବିଇଓ ପ୍ରମୋଦ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ସମିତିସଭ୍ୟ ଧରଣୀଧର କର, ଭାସ୍କର ଚନ୍ଦ୍ର ପାଢ଼ୀ, ପ୍ରଣୟ କୁମାର ସିଂ, ଶିକ୍ଷାବିତ୍ ଧର୍ମେନ୍ଦ୍ର ନାରାୟଣ ଯେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ଜେନା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କ କର୍ମନିଷ୍ଠତା, ସମୟାନୁବର୍ତ୍ତିତା ଓ ଅନୁଷ୍ଠାନ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଗୌରୀଶଙ୍କର ସରୋଜ କୁମାର ଯେନା, ସନାତନ ଦାସ, ନରେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ବିଶ୍ୱନାଥ ଦୀକ୍ଷିତ, ନିଗମାନନ୍ଦ ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, ଅମୂଲ୍ୟ କୁମାର ମିଶ୍ରଙ୍କ ସମେତ ବହୁ ଶିକ୍ଷକ ଏବଂ ପରିଚାଳନା କମିଟି ସଦସ୍ୟମାନେ ଯୋଗ ଦେଇଥିଲେ।

# କୋଟିଏ ଲୋଭ ଦେଖାଇ ଠକିନେଲେ ୨୦ ଲକ୍ଷ

ବନ୍ତ,୧୧।୮ (ହରି ନାରାୟଣ ମହାନ୍ତି)

**■ଠକେଇର ଶିକାର ଭାଜପା ନେତା**

**■ମହିଳାଙ୍କ ସମେତ ୨ ଜଣଙ୍କ ନାଁରେ ମାମଲା**

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଗଭରପୁର ଗ୍ରାମ ତଥା ଗତ ସାଧାରଣ ନିର୍ବାଚନରେ ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ ଡ. ସୁଧାଂଶୁ ଶେଖର ନାୟକ ଠକେଇର ଶିକାର ହୋଇଛନ୍ତି। କୋଟିଏ ଟଙ୍କାର ଲୋଭ ଦେଖାଇ ଜଣେ ମହିଳାଙ୍କ ସମେତ ଅନ୍ୟ ଜଣେ ବ୍ୟକ୍ତି ତାଙ୍କଠାରୁ ୨୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ଘଟଣାଟି ଘଟିଥିବା ବେଳେ ଏନେଇ ସେ ନିକଟରେ ବନ୍ତ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ମେ ୨୮ ସନ୍ଧ୍ୟାରେ ଭୁବନେଶ୍ୱରର ଜଣେ ମହିଳା ଆଉ ଜଣେ ମହିଳାଙ୍କ ସହ ସୁଧାଂଶୁଙ୍କ ବନ୍ତସ୍ଥିତ ଘରେ ପହଞ୍ଚି ନିଜକୁ ନିର୍ବାଚନ ସମୀକ୍ଷକ ଏବଂ ଶୁଭେଚ୍ଛୁ ବୋଲି ପରିଚୟ ଦେଇ ଫାଇନାନ୍ସରଙ୍କ ମାଧ୍ୟମରେ ୧ କୋଟି ଟଙ୍କା ଯୋଗାଇଦେବେ ବୋଲି କହିଥିଲେ। ପରେ ମହିଳା ଜଣକ ଯୋଗେନ୍ଦ୍ର ନାଥ ନାମକ ଜଣେ ବ୍ୟକ୍ତିଙ୍କୁ ଫୋନ୍ ମାଧ୍ୟମରେ ବିଧାୟକ ପ୍ରାର୍ଥୀ ସୁଧାଂଶୁଙ୍କୁ ସାହାଯ୍ୟ କରିବାକୁ କହିଥିଲେ। ଏଥିସହ ମହିଳା ଜଣକ ଯୋଗେନ୍ଦ୍ରଙ୍କ ଫୋନ ନମ୍ବର ତାଙ୍କୁ ଦେଇଥିଲେ। ପରେ ମହିଳା ଜଣକ ସେହିଦିନ ତାଙ୍କ ସହ କେତେକ ନିର୍ବାଚନୀ ସଭାରେ ଯୋଗଦେଇ ରାତି ୮ଟାରେ ଭଦ୍ରକ ଛାଡ଼ିଥିଲେ। ମେ ୩୦ରେ ଟଙ୍କା ପାଇଁ ସୁଧାଂଶୁ ଯୋଗେନ୍ଦ୍ରଙ୍କୁ ଫୋନ କରିବାରୁ ସେ ସାହାଯ୍ୟ କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ। ୩୧ରେ ୧୦ ଲକ୍ଷ କରି ଦୁଇଟି ଆକାଉଣ୍ଟରେ ୨୦ ଲକ୍ଷ ଟଙ୍କା ପଠାଇଲେ ଦିନ ୨ଟା ସୁଦ୍ଧା ୧ କୋଟି ଟଙ୍କା ତୁମେ ପାଇଯିବ ବୋଲି ମହିଳା ଜଣକ ଫୋନ୍ କରି ତାଙ୍କୁ କହିଥିଲେ। ଏଥିସହ ମହିଳା ଜଣକ ୨ଟି ଆକାଉଣ୍ଟ ନମ୍ବର ପଠାଇ ଦେଇଥିଲେ। ନିର୍ବାଚନ ପାଇଁ ବିଭିନ୍ନ ଆଡୁ ପାଣ୍ଠି ଯୋଗାଡ଼ରେ ଥିବା ଏବଂ ମାନସିକ ଚାପରେ ରହି କିଛି ଚିନ୍ତା ନ କରି ସେ ନିଜ ଗାଡ଼ି ଡ୍ରାଇଭର ଓ ତାଙ୍କର ଜଣେ ପୁତୁରାଙ୍କ ଆକାଉଣ୍ଟରୁ ମହିଳା ଦେଇଥିବା ୨ଟି ଆକାଉଣ୍ଟକୁ ୨୦ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ମାତ୍ର ତାଙ୍କୁ ୧ କୋଟି ଟଙ୍କା ମିଳି ନ ଥିଲା। ପରେ ମହିଳା ଜଣକ ନିଜର ହ୍ୱାଟ୍ସଆପ୍ ମେସେଜ୍ ଡିଲିଟ୍ କରିବା ସହ ସୁଧାଂଶୁ ଓ ତାଙ୍କ ପୁତୁରାଙ୍କ ମୋବାଇଲ ନମ୍ବରକୁ ବ୍ଲକ୍ କରି ଦେଇଥିଲେ। ସେ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ସୁଧାଂଶୁ ଚଳିତ ମାସ ୮ତାରିଖରେ ବନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ୨ଜଣ ତଥା ସମ୍ପୃକ୍ତ ମହିଳା ଓ ତାଙ୍କ ସହଯୋଗୀ ବ୍ୟକ୍ତିଙ୍କ ନାମରେ ମାମଲା (ନଂ.୧୩୮/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାର ଦୁଇମାସ ପରେ ଥାନାରେ ଅଭିଯୋଗ କରିବା ସମ୍ପର୍କରେ ସୁଧାଂଶୁ କହିଛନ୍ତି, ସେବେଠାରୁ ସେ ଯୋଗାଯୋଗରେ ଥିଲେ। ସେମାନେ ଟଙ୍କା ଫେରାଇ ଦେବେ ବୋଲି କହି ଆସୁଥିଲେ। ଶେଷରେ ନେଇଥିବା ଟଙ୍କା ଫାଙ୍କିବାରୁ ସେ ବାଧହୋଇ ଥାନାରେ ଅଭିଯୋଗ କରିଛନ୍ତି।

## ଶହୀଦ ପୀଠରେ ସଫେଇ, ଚାରାରୋପଣ

ବାସୁଦେବପୁର,୧୧।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଭାଜପା ପକ୍ଷରୁ ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ ରକ୍ତତୀର୍ଥ ଇରମ ଶହୀଦ ସ୍ତମ୍ଭ ନିକଟରେ ସ୍ୱଚ୍ଛତା ଓ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରକ୍ତତୀର୍ଥ ମଣ୍ଡଳ ସଭାପତି କୈଳାଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ହେମନ୍ତ ସନ୍ଧିବିଗ୍ରହ, ବରିଷ୍ଠ କାର୍ଯ୍ୟକର୍ତ୍ତା ବଳଭଦ୍ର ଦାସ, ପର୍ଶୁରାମ ବାରିକ, ମମତା ଦାସ, ମାୟାଧର ସିଂ, ରାଜେନ୍ଦ୍ର ସେଠୀ, ମିନତି ପାତ୍ର, ଶଶିକାନ୍ତ ମନ୍ତ୍ରୀ, ପ୍ରଫୁଲ୍ଲ ସାହୁ, ସତ୍ୟକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଚାରାରୋପଣ କରିବା ସହ ଶହୀଦ ପୀଠରେ ସଫେଇ କରିଥିଲେ। ଦେଶର ସମସ୍ତ ଶହୀଦ ପୀଠରେ ଏପରି କାର୍ଯ୍ୟକ୍ରମ କରିବାକୁ ଦଳ ପକ୍ଷରୁ ନିର୍ଦ୍ଦେଶ ରହିଛି ବୋଲି ଜିଲା ଉପସଭାପତି ମଲ୍ଲିକ କହିଛନ୍ତି।


ଚାରାରୋପଣ କରାଯାଉଛି।

## ତ୍ରିରଙ୍ଗା ଶୋଭାଯାତ୍ରା ପ୍ରସ୍ତୁତି


ବୈଠକରେ ଭାଜପା କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଚାନ୍ଦବାଲି,୧୧।୮ (କିଷାନ ପାତ୍ର)

ଭାଜପା ପକ୍ଷରୁ ଆସନ୍ତା ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ପକ୍ଷରୁ ରାଜ୍ୟ ଯୁବମୋର୍ଚ୍ଚା ସଦସ୍ୟ ସ୍ମୃତିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଚାନ୍ଦବାଲିସ୍ଥିତ ଭାଜପା କାର୍ଯ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୩ ତାରିଖ ଅପରାହ୍ଣ ୫ଟାରୁ ଚାନ୍ଦବାଲି କାଳୀମନ୍ଦିରଠାରୁ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଜିଲାର ଏକମାତ୍ର କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ନିରଞ୍ଜନ ବେହେରାଙ୍କ ସମାଧି ସ୍ଥଳୀ ପର୍ଯ୍ୟନ୍ତ ଯିବ। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ପୂର୍ଣ୍ଣ ପାଣି, ଗଜଲକ୍ଷ୍ମୀ ମଣ୍ଡଳ ଯୁବ ସଭାପତି ମାନସ ବାରିକ, ଆରଡ଼ି ମଣ୍ଡଳ ଯୁବ ସଭାପତି ବିଜୟ ପାଢ଼ୀ, ଜିଲା ଯୁବ ଉପସଭାପତି ସନ୍ଦୀପ ନାୟକ, ଏନ୍‌ଏସି ସଭାପତି ସରୋଜ ବଳ, ବିଳାସ ନାୟକ, ଉଦୟ କେତନ ବିଶ୍ୱାଳ, ଗଣେଶ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ବୈତରଣୀରେ ବୁଡ଼ି ବୃଦ୍ଧା ମୃତ

ଧାମନଗର, ୧୧।୮ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଚନ୍ଦସାହି ଗ୍ରାମର ହେମଲତା ପାଗଳ(୭୫) ରବିବାର ପୂର୍ବାହ୍ଣରେ ବୈତରଣୀ ନଦୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ସେ ଘର ପାଖ ବୈତରଣୀ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀ ଗର୍ଭକୁ ଚାଲିଯାଇଥିଲେ। ଫଳରେ ନଦୀରେ ବୁଡ଼ି ସେ ନିଖୋଜ ହୋଇଯାଇଥିଲେ। କିଛି ସମୟ ପରେ ନଦୀର ମାନଲାପୁର ଘାଟ ନିକଟରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୪) ରୁଜୁ କରାଯାଇଛି।

## ଅନୁପ୍ରବେଶ ଅଭିଯୋଗ

# ଥାନା ଆଗରେ କିନ୍ନରଙ୍କ ବିକ୍ଷୋଭ



ଭଣ୍ଡାରିପୋଖରୀ ଥାନା ସମ୍ମୁଖରେ କିନ୍ନରମାନେ।

ଭଣ୍ଡାରିପୋଖରୀ,୧୧।୮ (ରାଜେନ୍ଦ୍ର ଶତପଥୀ)

ବାଂଲାଦେଶୀ ଅନୁପ୍ରବେଶ ନେଇ ଭଦ୍ରକ କିନ୍ନର ମହାସଂଘ ପକ୍ଷରୁ ରବିବାର ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାଂଲାଦେଶରୁ ଅନୁପ୍ରବେଶ କରିଥିବା ସମ୍ପର୍କୀୟଙ୍କ ସହ ମାଲଦା ଅଞ୍ଚଳର ଜନୈକ ଛଦ୍ମବେଶୀ କିନ୍ନର ଭାଗଡ଼ା-ନାରାୟଣପୁର ଟୋଲ୍‌ଗେଟ୍ ନିକଟରେ ବେଆଇନ ଭାବେ ଅର୍ଥ ଉପାର୍ଜନ କରୁଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ନେନୋ ବାରିକ, ସୋନାଲି ଦାସ, ସଞ୍ଜନା ସାସମଲ, ପାୟଲ, ରାନୁ ଦାସ, ଜ୍ୟୋତି ରୋହିଦାସ, ତେଜସ୍ୱିନୀ ଦାସ ପ୍ରମୁଖ ଶତାଧିକ କିନ୍ନର ଥାନା ପରିସରରେ ଏକତ୍ର ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସମ୍ପୃକ୍ତ ଅନୁପ୍ରବେଶକାରୀ କିନ୍ନରଙ୍କ ପକ୍ଷରୁ ସ୍ଥାନୀୟ କିନ୍ନରଙ୍କ ଜୀବନ ପ୍ରତି ବିପଦ ରହୁଥିବା କହି ସେମାନେ ସୁରକ୍ଷା ଦାବି କରିଥିଲେ। ପୋଲିସ ଜନୈକ ଛଦ୍ମବେଶୀ କିନ୍ନରଙ୍କୁ ଥାନାକୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରତିଶ୍ରୁତି ଦେବା ପରେ କିନ୍ନର ମହାସଂଘ ସଦସ୍ୟମାନେ ଫେରି ଯାଇଥିଲେ। ଅନ୍ୟପକ୍ଷେ କାର୍ଯ୍ୟାନୁଷ୍ଠାନ ଭୟରେ ଅନୁପ୍ରବେଶକାରୀ କିନ୍ନରମାନେ ଟୋଲ୍‌ଗେଟ ନିକଟରେ ଥିବା ଅସ୍ଥାୟୀ ବାସସ୍ଥାନ ଛାଡ଼ି ପଳାଇଥିବା ଜଣାପଡ଼ିଛି।

## ଥାନାରେ ଅଭିଯୋଗ କରିବାରୁ ଯୁବକଙ୍କୁ ଆକ୍ରମଣ

ଭଣ୍ଡାରିପୋଖରୀ,୧୧।୮ (ରାଜେନ୍ଦ୍ର ଶତପଥୀ)

ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ମଢ଼ିଆଳି ଗ୍ରାମର ଅକ୍ଷୟ କୁମାର ରାଉତ ନାମକ ଯୁବକ ପଡ଼ୋଶୀଙ୍କ ନାମରେ ଥାନାରେ ଅଭିଯୋଗ କରି ଶନିବାର ଆକ୍ରମଣର ଶିକାର ହୋଇଛନ୍ତି। ଅକ୍ଷୟଙ୍କ କହିବା ଅନୁଯାୟୀ, ତାଙ୍କ ପଡ଼ୋଶୀ ଜଣେ ଯୁବକ ଗ୍ରାମର ସନ୍ତୋଷ ବେହେରାଙ୍କୁ ଫୋନରେ ଗାଳିଗୁଲଜ କରିଥିଲେ। ସନ୍ତୋଷ ଏହାକୁ ରେକର୍ଡିଂ କରି ତାଙ୍କ ସହ ଯାଇ ଥାନାରେ ଉକ୍ତ ଯବକଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଉକ୍ତ ଯୁବକଙ୍କ ନାମରେ ଥାନାରେ ମାମଲା (ନଂ.୩୩୮/୨୪) ରୁଜୁ ହୋଇଛି। ଥାନାରୁ ଫେରିବା ବାଟରେ ଖପୁରିଆପଦା ଛକରେ ଉକ୍ତ ଯୁବକ ତାଙ୍କୁ ଆକ୍ରମଣ କରିବା ସହ ସୁନାଚେନ୍ ଛଡ଼ାଇ ନେଇଛନ୍ତି।

# ନିଖୋଜ ଛାତ୍ରୀଙ୍କ ପତ୍ତା ମିଳୁନି

ମୋରଡ଼ା,୧୧।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳର ଜଣେ ଛାତ୍ରୀ ନିଖୋଜ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଏକ କଲେଜର ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ ଗତ ଗୁରୁବାର ସାଇକେଲ ଯୋଗେ କଲେଜ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କ ସାଇକେଲ କଲେଜ ପାଖ ଏକ ଗଛମୂଳରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଛାତ୍ରୀଙ୍କୁ ନ ପାଇ ପରିବାର ଲୋକେ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୦୧/୨୪) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଛାତ୍ରୀଙ୍କ ପତ୍ତା ମିଳି ପାରିନାହିଁ।

# 'ଶିକ୍ଷା ହିଁ ଜୀବନର ମାପକାଠି'

## ଉଦଳା ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

ଉଦଳା,୧୧।୮(ସନ୍ତୋଷ କୁମାର ବାଛିନୀ )



ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥିମାନେ।

କପ୍ତିପଦା ଉପଖଣ୍ଡର ସର୍ବପୁରାତନ ଉଦଳା ମହାବିଦ୍ୟାଳୟର୫୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଯତୀନ କୁମାର ମହାକୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଯୋଗ ଦେଇ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବ ଉଦଳା ଏନ୍ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଶୃଙ୍ଖଳିତ ହୋଇ ଅଧ୍ୟନରତ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଉଦଳା ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ଜୀବନର ଲକ୍ଷ୍ୟ ନୁହେଁ ଅର୍ଥ ଉପର୍ଜନା କରିବା, ଜୀବନର ଲକ୍ଷ୍ୟ ପ୍ରତ୍ୟେକ ଦିନ ଭଲ ମଣିଷଟେ ହେବାକୁ ଚେଷ୍ଟା କରିବା ଏବଂ ଶିକ୍ଷା ହିଁ ଜୀବନର ମାପକାଠି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚିନ୍ତାମଣି ମହାନ୍ତ, ମହାବିଦ୍ୟାଳୟର ପୁରାତନ ଛାତ୍ର ସଙ୍ଗଠନର ସଭାପତି ସଚ୍ଚିଦାନନ୍ଦ ପରିଡ଼ା ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟ ଉନ୍ନତିରେ ସହଯୋଗ କରିବାକୁ ମତ ଦେଇଥିଲେ। ଏହି ଅବସରରେ ରସାୟନ ବିଜ୍ଞାନର ବିଶ୍ୱବିଦ୍ୟାଳୟ ଟପ୍ପର ସସ୍ମିତା ପରିଡ଼ା ବିଜ୍ଞାନ ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଏନ. ଅନ୍ୱେଷା, ଯୁକ୍ତ ଦୁଇ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ରମେଶ ଚନ୍ଦ୍ର ଖଣ୍ଡେଇ, ସଞ୍ଜୀବ କୁମାର ବେହେରା, ସେଲିନା ଟୁଡୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନାରେ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ, ଅଧ୍ୟାପିକା ମିନାକ୍ଷୀ ପରିଡ଼ା, ଅଧ୍ୟାପକ ଗୋଲକ ବିହାରୀ ନାଏକ, ଅଧ୍ୟାପିକା ପୂର୍ଣ୍ଣିମା ପରୀକ୍ଷା ଏବଂ ହେଲିନା ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହା ବ୍ୟତୀତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ତଥା ମହାବିଦ୍ୟାଳୟର ଏନ୍ସିସି, ଏନ୍ଏସଏସ୍ ଛାତ୍ରୀଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆତ୍ମପ୍ରଚାରଠାରୁ ଦୂରେଇ ରହୁଥିଲେ ବିବେକାନନ୍ଦ

୮୦ ତମ ଜୟନ୍ତୀ ଅବସରରେ...



୧୯୪୫ ଅଗଷ୍ଟ ୧୨ରେ ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ଆରପଟା ଗ୍ରାମରେ ଜନ୍ମିତ ଯୋଗଜନ୍ମା ବିବେକାନନ୍ଦ ପରିଡ଼ା ଥିଲେ ଜଣେ ସରଳ ଓ ନିଷ୍କପଟ ମଣିଷ। ଗରିବ ସାଧାରଣ ମଣିଷ ଓ ଆଦିବାସୀମାନଙ୍କଠାରେ ଶିକ୍ଷା ପହଞ୍ଚାଇବାକୁ ନିଜ ପୈତୃକ ସମ୍ପତ୍ତିରୁ କିଛି ଦାନ କରି ୧୯୮୬ରେ ସ୍ଥାପନ କରିଛନ୍ତି ଆରପଟା ହାଇସ୍କୁଲ। ଚାଉଳ, ପନିପରିବା ଯୋଗାଇ ଦେଉଥିଲେ ଛାତ୍ରାବାସର ଅନ୍ତେବାସୀମାନଙ୍କୁ। ସରକାରୀ ଅନୁଦାନ ପାଇବା ଆଗରୁ ନିଜ ରୋଜଗାରରୁ ଶିକ୍ଷକଙ୍କୁ ଦରମା ଦେଇ ଆନନ୍ଦ ପାଉଥିଲେ। ଆତ୍ମପ୍ରଚାରଠାରୁ ଦୂରରେ ରହୁଥିଲେ। ପିତା ଅନାଦି ଚରଣ ଓ ମାତା ରତ୍ନମଣିଙ୍କ କୋଳମଣ୍ଡନ କରିଥିବା ବିବେକାନନ୍ଦ ତୁଳସୀ ଦୁଇପତ୍ରରୁ ବାସିଲା ଭଳି ବାଲ୍ୟକାଳରୁ ନିଜ ପ୍ରତିଭାର ପରିଚୟ ଦେଇ ଆସିଥିଲେ। ମା', ବାପାଙ୍କ ସଂସ୍କାରର ଛାପ ଏବଂ ଦୁଇ ଭଉଣୀ ବିଜୟା ଓ ବିଷୟାଙ୍କ ସ୍ନେହ, ସମାଦର ପରବର୍ତ୍ତୀ ଜୀବନରେ ତାଙ୍କୁ ସରଳ ନିଷ୍କପଟ ମଣିଷ ବନେଇ ଦେଇଥିଲା। ଗାଁ ସ୍କୁଲରୁ ମୌଳିକ ଶିକ୍ଷା ସାରି କୁଆମରା ଉଚ୍ଚ ବିଦ୍ୟାଳୟରୁ ସଫଳ ଛାତ୍ରରୂପେ ଉତ୍ତୀର୍ଣ୍ଣ ହୋଇ ବାରିପଦାସ୍ଥିତ ଏମ୍ପିସି ମହାବିଦ୍ୟାଳୟ ଓ ଭୁବନେଶ୍ୱର ବିଜେବି କଲେଜରେ ଶିକ୍ଷା ଗ୍ରହଣ କରିଥିଲେ। ନିଜେ ଉଚ୍ଚ ଶିକ୍ଷିତ ହୋଇ ଦୁଇ ସୁପୁତ୍ର ମୁନା ଓ ରଷିଙ୍କୁ ଶିକ୍ଷାର ଉଚ୍ଚ ସୋପାନକୁ ଉଠେଇ ପ୍ରତିଷ୍ଠିତ କରାଇ ପାରିଥିଲେ। ଭିଜନଟେକ୍ ଭଳି ଏକ ସଂସ୍ଥା ସ୍ଥାପନ କରାଇ ଜଣେ ଯୋଗ୍ୟ ପିତାର ଉଦାହରଣ ହୋଇଯାଇଛନ୍ତି ବିବେକାନନ୍ଦ। କାହାରି ଅନ୍ନ ଓ ଦାନାକୁ ଛଡ଼ାଇ ନିଅନି। ଖାଇପିଇ ନିଜ ପେଟ ଭରିଗଲେ ଦୁନିଆର ଅଭାବୀ ମଣିଷମାନଙ୍କର ପେଟ ଭରିଯାଏନି ବୋଲି ସେ ସବୁବେଳେ କହୁଥିଲେ। ଏଇ ବାର୍ତ୍ତାକୁ ପାଥେୟ କରି ଜ୍ୟେଷ୍ଠ ପୁତ୍ର କୁମାର ରଞ୍ଜନ (ମୁନା ) ସୃଷ୍ଟି କରିଛନ୍ତି ନିଯୁକ୍ତି ସୁଯୋଗ। କନିଷ୍ଠ ପୁତ୍ର ରମଣୀ ରଞ୍ଜନ (ରଷି) ବଡ଼ ଭାଇଙ୍କ ସହ ବାପାଙ୍କ ଆଦର୍ଶକୁ ମଧ୍ୟ ଆପଣେଇ ନେଇଛନ୍ତି। ଭୁବନେଶ୍ୱରରେ ବିବେକାନନ୍ଦ ତାଙ୍କ ଦୁଇ ପୁଅଙ୍କ ପାଇଁ ଛାଡ଼ିଯାଇଛନ୍ତି ଭିଜନଟେକ୍ ସଂସ୍ଥାନ। ଯେଉଁଠି ବହୁ କର୍ମଚାରୀଙ୍କ ଜୀବିକା ନିର୍ବାହ ହୁଏ। ପ୍ରକୃତି ମିତ୍ର ଭାବେ ସେ ଯେଉଁ ଶାଗୁଆନ ଜଙ୍ଗଲ ସୃଷ୍ଟି କରିଥିଲେ ସେଇ ସବୁଜ ବନାନୀ ମଧ୍ୟରେ ଶେଷରେ ହେଲା ତାଙ୍କ ମହାଯାତ୍ରା। ମହାଶୂନ୍ୟରେ ସେହି ମହାନ ଆତ୍ମା ମିଳେଇ ଯାଇଛନ୍ତି ସତ ହେଲେ ତାଙ୍କୁ ଝୁରୁଛି ଜନ୍ମମାଟି ଆରପଟା। ୮୦ତମ ଜୟନ୍ତୀ ଅବସରରେ ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।

-ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା ।

# ଶିକାରୀ ଗିରଫ


ଗିରଫ ଅଭିଯୁକ୍ତ ।

ବାରିପଦା,୧୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ଅଞ୍ଚଳରୁ ଧରାପଡ଼ିଥିବା ଜଣେ ଶିକାରୀଙ୍କୁ ବନ ବିଭାଗ କୋର୍ଟ ଚାଲାଣ କରିଛି। ଗିରଫ ଶିକାରୀ ଜଣକ ହେଲେ ନୁଣିଆଗଡ଼ା ଗ୍ରାମର ମଙ୍ଗଳ ବଣସିଂ(୪୩)। ତାଙ୍କଠାରୁ ଗୋଟିଏ ଧନୁ ଓ ତିନୋଟି ତୀର ଜବତ ହୋଇଛି। ଏ ସଂକ୍ରାନ୍ତରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଉତ୍ତର ଡିଭିଜନ ଚହଲା ରେଞ୍ଜ ପରଗୋଡ଼ାସ୍ଥିତ କୋର୍ ଅଞ୍ଚଳରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ କିଛି ଲୋକଙ୍କୁ ଦେଖିବାକୁ ପାଇଥିଲେ। ସେମାନଙ୍କୁ କାବୁ କରିବାକୁ ଯାଇ ଜଣେ ଶିକାରୀଙ୍କୁ ଧରିଥିଲେ। ଅସ୍ତ୍ରଶସ୍ତ୍ର ଧରି ଶିକାର କରିବା ଉଦ୍ଦେଶ୍ୟରେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରୁଥିବାରୁ ତାଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

# ବିଭାଗୀୟ କାର୍ଯ୍ୟର ସମୀକ୍ଷା

## ବାରିପଦାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ବାରିପଦା,୧୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବାରିପଦା ଗସ୍ତ ଅବସରରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ବାରିପଦା ଗସ୍ତରେ ରବିବାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଆସି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହା ସହିତ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଜିଲାସ୍ତରୀୟ ଓ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ବାରିପଦାସ୍ଥିତ ମଞ୍ଚାବନ୍ଧା ବନ ବିଭାଗ ଡାକବଙ୍ଗଳା ବୈଠକ ଗୃହରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ପ୍ରମୁଖ ଯୋଗ ଦେଇ ଜିଲାରେ ତଥା ନିଜ ନିଜ ନିର୍ବାଚନ ମଣ୍ଡଳୀରେ ହେଉଥିବା ବିଭିନ୍ନ ଉନ୍ନତିମୂଳକ ଏବଂ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କର ଜନହିତକର କାର୍ଯ୍ୟଗୁଡ଼ିକର ପ୍ରଗତି ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଉପ-ନିର୍ଦ୍ଦେଶକ ଶିମିଳିପାଳ (ଦକ୍ଷିଣ) ସମ୍ରାଟ ଗୌଡା, ବାରିପଦା ବନଖଣ୍ଡ ଅଧିକାରୀ ଉମା ମହେଶ, ସହକାରୀ ବନ ସଂରକ୍ଷଣକାରୀ ରବି ନାରାୟଣ ମହାନ୍ତି ଓ ଅରୁଣ ବିଶ୍ୱାଳଙ୍କ ସମେତ ଜିଲା ଶ୍ରମ ଅଧିକାରୀ ଅନନ୍ତ ମହାମାନସିଂ ଓ ଅନ୍ୟାନ୍ୟ ବନ ବିଭାଗୀୟ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବାକୁ ଥାନାରେ ଫେରାଦ

ବୈଶିଙ୍ଗା,୧୧।୮(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ ବେତନଟୀ ଅଞ୍ଚଳକୁ ବହୁ ସଂଖ୍ୟାରେ ବାଂଲାଦେଶୀ ଅନୁପ୍ରବେଶକାରୀ ପଶି ଆସିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପଡ଼ୋଶୀ ବାଂଲାଦେଶରେ ରାଜନୈତିକ ଅସ୍ଥିରତା ପରେ ବହୁ ସଂଖ୍ୟାରେ ଅନୁପ୍ରବେଶକାରୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଘର ଭଡ଼ା ସୂତ୍ରରେ ନେଇ ଓ ଅନ୍ୟ କେତେକ ସ୍ଥାନରେ ସରକାରୀ ଜାଗାକୁ ରାତାରାତି ଦଖଲ କରି ଅସ୍ଥାୟୀ ଘର ତିଆରି କରି ରହିଯାଉଥିବା ଲକ୍ଷ୍ୟ କରାଯାଉଛି। ସେମାନଙ୍କ ଏଭଳି ଅନୈତିକ କାର୍ଯ୍ୟରେ କେତେକ ଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ସହଯୋଗ କରୁଛନ୍ତି। ଏଭଳି ସ୍ଥିତି ଜାରି ରହିଲେ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟାହତ ହେବା ଆଶଙ୍କା କରି ଜୀବନ ପରିଡ଼ା ଓ ପୀତାମ୍ବର ମହାପାତ୍ରଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସୀମାନ୍ତ ଗ୍ରାମ ଉପରେ କଡ଼ା ନଜର ରଖିବାପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ଗୋରୁ ଚୋରି ଅଭିଯୋଗରେ ୩ ଗିରଫ

ସୋର, ୧୧।୮(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ସାଉଡ ଗ୍ରାମରୁ ଶନିବାର ରାତିରେ ଗୋରୁ ଚୋରି କରୁଥିବା ଅଭିଯୋଗରେ ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୩ଜଣ ଯୁବକ ମାଲବୁହା ଅଟୋରେ (ନଂ. ଓଡି ୦୪ କେ ୬୫୯୯) ସାଉଡ ଗ୍ରାମରେ ଚୋରି କରିବା ଉଦ୍ଦେଶ୍ୟରେ ବୁଲୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଘେରିଥିଲେ। ପୂର୍ବରୁ ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ଗୋରୁ ଏବଂ ଷଣ୍ଢ ଚୋରି ହୋଇଥିବା ଏବଂ ଏକ ଦୋକାନରୁ ଚୋରି ହୋଇଥିବା ବେଳେ ସିସିଟିଭିରେ ଏହି ଅଟୋରେ ଦୁର୍ବୃତ୍ତମାନେ ଆସିଥିବା ରେକର୍ଡ ହୋଇଥିଲା। ଫଳରେ ସ୍ଥାନୀୟ ଲୋକେ ଅଟୋ ସହ ୩ ଜଣଙ୍କୁ ଅଟକ ରଖି ସୋର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଟୋ ସହ ୩ଜଣ ଯୁବକଙ୍କୁ ଥାନାକୁ ନେଇ ପଚରାଉଚୁରା କରିଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୭୨୯/୨୪) ରୁଜୁ କରି ରବିବାର ବେଲପୁର ଗ୍ରାମର ଶେଖ ସାରୁଖ, ୟସିନ ମଲିକ ଓ ଶେଖ ନାସିରୁଦ୍ଦିନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ମଦ ବେପାରୀ ଗିରଫ

ରାଇରଙ୍ଗପୁର,୧୧।୮(ଜିତେନ୍ଦ୍ର କୁମାର ଅଗ୍ରୱାଲ)- ରାଇରଙ୍ଗପୁର ଟାଉନ ଥାନା ପୋଲିସ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ୫୨ ଲିଟର ଦେଶୀ ମଦ ଜବତ କରିଛି। ଅଭିଯୁକ୍ତ ଜଣକ ହେଲେ ଚନ୍ଦନ ମାହାଲି। ଏନେଇ ଥାନାରେ ଏକ ମାମଲା(ନଂ.୨୫୦/୨୪) ରୁଜୁ ହୋଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ମଦ କାରବାର ସମ୍ପର୍କରେ ଖବରପାଇ ସାନଚମ୍ପାଉଦାସ୍ଥିତ ଭାଟିରେ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହା ସହ ଏକ ସ୍କୁଟି ମଧ୍ୟ ପୋଲିସ ଜବତ କରିଛି। ଅଞ୍ଚଳରେ ବ୍ୟାପକ ଭାବେ ନକଲି ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ଓ ପୋଲିସ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଅଗଷ୍ଟ କ୍ରାନ୍ତି ଦିବସ'



ଅତିଥିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଉଛି।

ବାଲେଶ୍ୱର, ୧୧।୮(ବାଞ୍ଛାନିଧି ଦେ)

ବାଲେଶ୍ୱରନୂଆପାଢ଼ୀସ୍ଥିତଫକୀରମୋହନ ବିଶ୍ୱବିଦ୍ୟାଳୟରେ ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ରାଉରକେଲାସ୍ଥିତ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଆସୋସିଏଟ ପ୍ରଫେସର ଡ. ପ୍ରଭାତ କୁମାର ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପୂର୍ବତନ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ୧୯୪୨ମସିହାରେ 'କର ବା ମର' ସ୍ଲୋଗାନ ଦେଇ ବ୍ରିଟିଶ ଛାଡ଼ ଇଣ୍ଡିଆ ଆନ୍ଦୋଳନର ସ୍ମୃତିରେ 'ଅଗଷ୍ଟ କ୍ରାନ୍ତି ଦିବସ' ପାଳନ ହୋଇଥାଏ। ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ମୁଖ୍ୟ ଲକ୍ଷ୍ୟ ବୋଲି ବକ୍ତବ୍ୟରେ କହିଥିଲେ। ଆୟୋଜିତ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ନିଜର ଲିଖିତ ପ୍ରବନ୍ଧ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଉନ୍ନୟନ ଅଧିକାରୀ ଡ. ପବିତ୍ରମୋହନ ନାୟକ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ଦେଇଥିଲେ। ଡ. ଶିଖାଶ୍ରୀ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଡ. ସୌମୀ ସେନଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଳୁ ଗୋଦାମରେ ଚଢ଼ାଉ

ଝାରପଖୋରିଆ, ୧୧।୮ (ହରେକୃଷ୍ଣ ଦାସ)- ଆଳୁ ଦର ବୃଦ୍ଧିକୁ ନେଇ ଖାଉଟି ହନ୍ତସନ୍ତ ହେଉଥିବା ବେଳେ ଅସାଧୁ ବ୍ୟବସାୟୀଙ୍କ ଉପରେ ଯୋଗାଣ ବିଭାଗ କଡ଼ା ନଜର ରଖିଛି। ରବିବାର ଖାଉଟି ବିଭାଗର ଅଧିକାରୀ ବଳରାମ ଜେନା ସାରସକଣାର ଦୁଇଟି ଆଳୁ ଗୋଦାମ ଉପରେ ଚଢ଼ାଉ କରି ୩୦ରୁ ୩୫ ଟଙ୍କା ଦରରେ ଆଳୁ ବିକିବାକୁ କହିଛନ୍ତି। ସେହିପରି ଉଚ୍ଚାଦରରେ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଗିଦା କରିଛନ୍ତି।

# ଦାରଗାଡାହି-ମୁର୍ଗାବାଡ଼ିରେ ନିର୍ମାଣ ହେବ ଅଣ୍ଡରପାସ୍

ବାରିପଦା,୧୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ଉପକଣ୍ଠ ୧୮ନଂ. ଜାତୀୟ ରାଜପଥର ଦାରଗାଡାହି-ମୁର୍ଗାବାଡ଼ି ମଧ୍ୟରେ ଅଣ୍ଡରପାସ ନିର୍ମାଣ ହେବା ନେଇ ସବୁଜ ସଙ୍କେତ ମିଳିଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରି ପତ୍ର ମାଧ୍ୟମରେ ମୟୂରଭଞ୍ଜ ଏମ୍ପି ନବ ଚରଣ ମାଝୀଙ୍କୁ ଏହି ସୂଚନା ଦେଇଛନ୍ତି। ଜାତୀୟ ରାଜପଥ ନିର୍ମାଣ ସମୟରେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ନେଇ ଏନ୍ଏଚ୍ଆଇ କୌଣସି ଆଲୋଚନା ନ କରି ଡିପିଆର ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରିଥିଲା । ଫଳରେ ଉକ୍ତ ସ୍ଥାନରେ ସହରବାସୀ ଯିବାଆସିବା କରିବାକୁ ବହୁ ହଇରାଣ ହରକତ ହେଉଥିଲେ। ଏପରିକି ଉକ୍ତ ସ୍ଥାନରେ ଲୋକେ ଅସୁରକ୍ଷିତ ଭାବେ ଯାତାୟାତ କରିବାରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣାମାନ ଘଟିଥାଏ । ଏହାକୁ ନେଇ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ଚଳପ୍ରଚଳକୁ ବନ୍ଦ କରି ଦିଆଯାଇଥିଲା। ଫଳରେ ଲୋକେ ଦୂରବାଟ ବୁଲି ନିଜ ଘରକୁ କିମ୍ବା ଗନ୍ତବ୍ୟ ସ୍ଥଳକୁ ଯିବାଆସିବା କରୁଥିଲେ। ଏଠାରେ ଏକ ଅଣ୍ଡରପାସ ନିର୍ମାଣ ଲାଗି ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି ହେଉଥିଲା। ଯାହାକୁ ନେଇ ଏମ୍ପି ମାଝୀ ସଡ଼କ ପରିବହନ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ତେବେ ଅଣ୍ଡରପାସ ନିର୍ମାଣ ଲାଗି ବିଭାଗୀୟ ଅନୁମତି ମିଳିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ବିଜ୍ଞାନମେଳା



ଢେଙ୍କିକୋଟ,୧୧।୮(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରବିବାର ସଙ୍କୁଳସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସଙ୍କୁଳ ପ୍ରମୁଖ ଦେବେନ୍ଦ୍ର କୁମାର ମହାନ୍ତ ଫିତା କାଟି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ କରଞ୍ଜିଆ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥି ପୃଷ୍ଟି, ସମ୍ମାନନୀୟ ଅତିଥିଭାବେ କେନ୍ଦୁଝର ଏମ୍ପି ଅନନ୍ତ ନାୟକଙ୍କ ସହଧର୍ମିଣୀ ଲବଙ୍ଗଲତା ନାୟକ, ସଙ୍କୁଳ ସଂଯୋଜକ ଗଣେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ବିଜ୍ଞାନ ମେଳାରେ ପାଟଣା ସଙ୍କୁଳ ଅଧୀନରେ ଥିବା ଢେଙ୍କିକୋଟ୍, ପାଟଣା, ଘଟଗାଁ, ହରିଚନ୍ଦନପୁର, ପିପିଳିଆ, ଭଗାମୁଣ୍ଡା, ଦମାହୁଦା, ମିରିଗିଖୋଜି ଓ ଟାଙ୍ଗରପ ଶିଶୁ ବିଦ୍ୟାମନ୍ଦିରର ୨୨୮ କୁନି କୁନି ବୈଜ୍ଞାନିକ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଢେଙ୍କିକୋଟ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ଏବଂ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

# ପୋଖରୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

ପାଟଣା,୧୧।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ହଳଦୀବଟା ମୁଣ୍ଡା ସାହିରେ ରବିବାର ପୋଖରୀରେ ବୁଡି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ମାନସ ମୁଣ୍ଡାଙ୍କ ଝିଅ ପାର୍ବତୀ(୫)। ପାର୍ବତୀ ବାପାଙ୍କ ସହ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମାନସ ଶୌଚ ହେବା ପାଇଁ ଯାଇଥିବା ବେଳେ ପାର୍ବତୀ ପୋଖରୀରେ ପଶି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ଥାନାରେ ଏକ ମାମଲା(ନଂ.୪୭/୨୪) ରୁଜୁ ହୋଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି କହିଛନ୍ତି। କରଞ୍ଜିଆ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦାଦନରେ ବନ୍ଧକ ଯୁବକ ଘରକୁ ଫେରିଲେ

ଆନନ୍ଦପୁର,୧୧।୮(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଟୁକୁଣା ଗ୍ରାମର ମଙ୍ଗୁଳି ନାୟକଙ୍କ ପୁଅ ସଞ୍ଜୟ ନାୟକ ଦାଦନ ଖଟିବାକୁ ଯାଇ ବନ୍ଧକ ରହିଥିଲେ। ସଞ୍ଜୟଙ୍କୁ ରବିବାର ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ତାଙ୍କର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ୫ ବର୍ଷ ପୂର୍ବେ ଦଲାଲଙ୍କ ସହାୟତାରେ ପଣ୍ଡିଚେରୀର ମେଥିପାଲିୟମର ଏକ କମ୍ପାନୀରେ ଠିକାଦାରଙ୍କ ପାଖରେ କାର୍ଯ୍ୟ କରିବାକୁ ଯାଇଥିଲେ। ଘରକୁ ଫେରି ନ ଥିବା ବେଳେ ବର୍ଷାଧିକ କାଳ ତାଙ୍କ ସହିତ କୌଣସି ଯୋଗାଯୋଗ ହୋଇ ପାରି ନ ଥିଲା। ପରିବାର ଲୋକେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟା ଅସୀମା ମିଶ୍ରଙ୍କ ସହଯୋଗରେ ଆନନ୍ଦପୁର ଉପ ଜିଲାପାଳ, ଘସିପୁରା ଥାନା ଅଧିକାରୀ, କେନ୍ଦୁଝର ଏମ୍ପି ଅନନ୍ତ ନାୟକଙ୍କୁ ଅବଗତ କରିବା ପରେ ସଞ୍ଜୟଙ୍କ ଉଦ୍ଧାର ନିମନ୍ତେ ପ୍ରଶାସନର ତତ୍ପରତା ଦେଖାଇଥିଲା। ରବିବାର ସଞ୍ଜୟଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିଲା ପରିଷଦ ସଦସ୍ୟା ଏ ନେଇ ଏମ୍ପି, ଉପ ଜିଲାପାଳ, ଜିଲାପାଳ, ଘସିପୁରା ଥାନା ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅଜଗର କାମୁଡ଼ାରେ ଜଣେ ଗୁରୁତର

ତେଲକୋଇ,୧୧।୮(ରଞ୍ଜିତ ବିଶ୍ୱାଳ)

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଇଗୁଳା ଗ୍ରାମରେ ଅଜଗର କାମୁଡ଼ାରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ଗ୍ରାମର ମଙ୍ଗଳା ଜୁଆଙ୍ଗ (୫୫)। ମଙ୍ଗଳା ଗ୍ରାମ ନିକଟ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିଲେ। ସେଠାରେ ଏକ ଛେଳିକୁ ଅଜଗର ଆକ୍ରମଣ କରିଥିଲା। ଛେଳିକୁ ଉଦ୍ଧାର କରିବାକୁ ଯାଇ ମଙ୍ଗଳା ମଧ୍ୟ ସାପ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କର ଡାହାଣ ହାତରେ କ୍ଷତ ହୋଇଛି। ସାଥିରେ ଥିବା ଅନ୍ୟ ଛେଳି ଚରାଳି ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିଚାରଣ କଲେ ବାମପନ୍ଥୀ ନେତା


ସ୍ମୃତିସଭାରେ ମଞ୍ଚାସୀନ ଅତିଥି।

ଖଇରା, ୧୧।୮(ଉତ୍କଳବନ୍ଧୁ ପଣ୍ଡା)

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ବିୟୋଗରେ ଏକ ସ୍ମୃତିସଭା ରବିବାର ଖଇରାସ୍ଥିତ ଶହୀଦଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ପାଚିକା ସହାୟିକା ସଂଘ ସଭାପତି ଈଶାଣି ଷଡଙ୍ଗୀ, ବାମପନ୍ଥୀ ନେତା ଜଗତାନନ୍ଦ ମହାପାତ୍ର, ସନ୍ତୋଷ ବିଶ୍ୱାଳ, ମୁରଲୀଧର ବେହେରା, ଅଭିରାମ ବେହେରା, ପ୍ରଶାନ୍ତ ପରିଡା, ଭଗବାନ ଦାସ, ବସନ୍ତ ମାଝି ଓ ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବାରେ ସ୍ୱର୍ଗତ ଭଟ୍ଟାଚାର୍ଯ୍ୟଙ୍କ ଅବଦାନ ଓ ତାଙ୍କ ସମୟରେ ପଶ୍ଚିମବଙ୍ଗରେ ହୋଇଥିବା ବିକାଶ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ନୀରବ ପ୍ରାର୍ଥନା କରାଯାଇଥିଲା।

# ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ଦୁର୍ନୀତିର ତଦନ୍ତ ଖୁବ୍‌ଶୀଘ୍ର : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

■ ଆହୁରି ବଡ଼ ଦୁର୍ନୀତି ଅଛି, ତା'ର ମଧ ତଦନ୍ତ ହେଉ: ବିଜୟ

■ ସବୁଠି ପ୍ରଚୁର କାମ ହୋଇଛି ନା ନାହିଁ ଦେଖନ୍ତୁ: ସମ୍ବିତ୍

ଭି.କେ. ପାଣ୍ଡିଆନଙ୍କ ହେଲିକପ୍ଟର ବାବଦ ଖର୍ଚ୍ଚକୁ ନେଇ ଜୋରଧରିଛି ରାଜ୍ୟ ରାଜନୀତି। ପାଣ୍ଡିଆନ ଖୋର୍ଦ୍ଧା, କଟକ ଓ ପୁରୀ ଗସ୍ତ କରିବା ବେଳେ ମଧ ହେଲିକପ୍ଟର ବ୍ୟବହାର କରି ସେ ବବାଦକୁ ଅନେକ ଲକ୍ଷ ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରିଛନ୍ତି। ହେଲେ ସେହି ହେଲିକପ୍ଟର ଉଡ଼ାଣ ବାବଦକୁ କେତେ ଖର୍ଚ୍ଚ ହୋଇଛି ତା'ର ତଥ୍ୟ ଏ ପର୍ଯ୍ୟନ୍ତ ସରକାର ଦେଇପାରି ନାହାନ୍ତି। ଏହାର ତଦନ୍ତ ହେବ ବୋଲି ନିକଟରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ। ଏବେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଏଭଳି ସ୍ଥିତିରେ ପାଣ୍ଡିଆନଙ୍କ ୩ଟି ଜିଲା ଗସ୍ତ ଲାଗି ହେଲିପ୍ୟାଡ ନିର୍ମାଣ ସକାଶେ ଜିଲାପାଳମାନେ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ କଂଗ୍ରେସ ବରିଷ୍ଠ ନେତା ବିଜୟ ପଟ୍ଟନାୟକ ମଧ ପାଣ୍ଡିଆନଙ୍କ ଗସ୍ତକୁ ନେଇ ଟାର୍ଗେଟ୍ କରିଛନ୍ତି।


ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜଣେ ସଚିବସ୍ତରର ଅଧିକାରୀ ଯିଏ ହେଲିକପ୍ଟର ବ୍ୟବହାର କରିବା ଲାଗି ବ୍ୟବସ୍ଥା ନାହିଁ, ସିଏ କିପରି ଏସବୁ ସୁବିଧା ପାଇଲେ ଏବଂ ହେଲିକପ୍ଟର ଅବତରଣ ଲାଗି କିପରି ହେଲିପ୍ୟାଡ ନିର୍ମାଣ ବାବଦକୁ ଏତେ ଟଙ୍କା ଖର୍ଚ୍ଚ କରାଗଲା ଏସବୁ କଥାକୁ ଦୃଷ୍ଟିରେ ରଖି ତଦନ୍ତ କରାଯିବ। ହେଲିପ୍ୟାଡ ନିର୍ମାଣ ଲାଗି ସରକାରୀ ସ୍ତରରୁ ନିର୍ଦ୍ଦେଶ ଯାଉଥିଲା। ତେଣୁ କିଏ ଏଥିଲାଗି ନିର୍ଦ୍ଦେଶ ଦେଉଥିଲେ, କେମିତି ଯାଉଥିଲା ଏବଂ କିପରି ଏଥିଲାଗି ଟଙ୍କା ଖର୍ଚ୍ଚ ହେଉଥିଲା ତା'ର ମଧ ଯାଞ୍ଚ କରାଯିବ। ତାଙ୍କ ହେଲିକପ୍ଟର ବାବଦ ଖର୍ଚ୍ଚ କିଏ ବହନ କରିଥିଲେ ତା'ର ମଧ ସ୍ୱଷ୍ଟତା ଆସିବାର ଆବଶ୍ୟକତା ଅଛି। ଯେତେଶୀଘ୍ର ଏ ବାବଦରେ ଯାହା ନିଷ୍କର୍ଷ ବାହାରିବ ସେହି ଅନୁଯାୟୀ ଆମେ ଦଣ୍ଡର ବ୍ୟବସ୍ଥା ଗ୍ରହଣ କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ଯେଉଁଠି ସବୁ ଦୁର୍ନୀତି ହୋଇଛି ସେସବୁର ତଦନ୍ତ କରନ୍ତୁ। କେବଳ ହେଲିକପ୍ଟର ବ୍ୟବହାର ସମ୍ବନ୍ଧୀୟ ଦୁର୍ନୀତିରେ ଏମାନେ ସୀମିତ ନ ରହି ଗ୍ରାମୀଣ ପାନୀୟ ଜଳ ଯୋଗାଣ ଦୁର୍ନୀତିରେ ଯେଉଁ ୩୫ ହଜାର କୋଟି ଟଙ୍କାର କାରବାର ହୋଇଛି ଏବଂ ଏ କାମ ଚକ୍ରାନ୍ତ କରି ଓଡ଼ିଶା ବାହାର ଲୋକଙ୍କୁ ଦିଆଯାଇଛି, ତା'ର ତଦନ୍ତ ହେଉ। କୋଭିଡ୍ ସମୟରେ ଯେଉଁ ୨୦ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି ତା'ର ମଧ ତଦନ୍ତ କରାଯାଉ। ଦୁର୍ନୀତିରେ ଯେଉଁ ବଡ଼ମାଛ ସବୁ ରହିଛନ୍ତି ସେମାନଙ୍କୁ ଧରିବା ଲାଗି ବ୍ୟବସ୍ଥା କରାଯାଉ ବୋଲି ସେ କହିଛନ୍ତି।

ବିଜେଡି ନେତା ସମ୍ବିତ୍ ରାଉତରାୟ କହିଛନ୍ତି, ଭାଜପା ନେତା ପଞ୍ଚାୟତସ୍ତରକୁ ଯାଆନ୍ତୁ, ଦେଖିବେ କାମ ହୋଇଛି ନା ନାହିଁ। ସବୁଠି ଭାଗବତ ଟୁଙ୍ଗି ଘର, ମଠ, ମନ୍ଦିର କେଉଁ କାମ ନ ହୋଇଛି ଯାଇ ଦେଖନ୍ତୁ। ପଞ୍ଚାୟତଗୁଡ଼ିକରେ କାମ ଲାଗି ପ୍ରଚୁର ଟଙ୍କା ଦିଆଯାଇଛି। କିଏ ହେଲିକପ୍ଟରରେ ବୁଲିଲେ କ'ଣ ହେଲା ସେଥିରୁ କ'ଣ ମିଳିବ ବୋଲି ସମ୍ବିତ୍ କହିଛନ୍ତି।

# ନଟବର ସିଂଙ୍କ ପରଲୋକ

ନୂଆଦିଲ୍ଲୀ, ୧୧।୮ (ପି.ଟି.)


ନଟବର ସିଂ

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ କେ. ନଟବର ସିଂଙ୍କର ଶନିବାର ରାତିରେ ଗୁରୁଗ୍ରାମସ୍ଥିତ ମେଦାନ୍ତା ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ଅସୁସ୍ଥ ଥିବା ନଟବର ୨ ସପ୍ତାହ ପୂର୍ବରୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

୧୯୩୧ରେ ରାଜସ୍ଥାନର ଭରତପୁର ଜିଲାରେ ଜନ୍ମିତ ନଟବରଙ୍କର କୂଟନୀତି ଓ ରାଜନୈତିକ କ୍ୟାରିୟରରେ ଦୀର୍ଘ ଅଭିଜ୍ଞତା ରହିଥିଲା। ସେ ୧୯୫୩ରେ ଭାରତୀୟ ବିଦେଶ ସେବାରେ ଯୋଗଦେଇ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ । ସେ ୧୯୮୨ରୁ ୧୯୮୪ ବହିର୍ବ୍ୟାପାର ସଚିବ ଥିଲେ। କଂଗ୍ରେସରୁ ନିର୍ବାଚନ ଲଢ଼ିବା ପାଇଁ ସେ ୧୯୮୪ରେ ଚାକିରିରୁ ଇସ୍ତଫା ଦେଇଥିଲେ। ନିର୍ବାଚନରେ ବିଜୟୀ ହୋଇ ସେ ୧୯୮୯ ପର୍ଯ୍ୟନ୍ତ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ରହିଥିଲେ। ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ପ୍ରଥମ ପାଳି ଉପା ସରକାରରେ ୨୦୦୪ରୁ ୨୦୦୫ ପର୍ଯ୍ୟନ୍ତ ସେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ। ସେ ଏବଂ କଂଗ୍ରେସ ପାର୍ଟି ଇରାକୀ ତେଲ ଦୁର୍ନୀତିରେ ବେଆଇନ ପୈଠରୁ ଲାଭବାନ ହୋଇଥିବା ଜାତିସଂଘର ଭୋଲକର କମିଟି ରିପୋର୍ଟ ଦେବା ପରେ ସେ ୨୦୦୫ ଅକ୍ଟୋବରରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପରେ ସେ କଂଗ୍ରେସ ଛାଡ଼ିଥିଲେ। ସେ ପାକିସ୍ତାନରେ ଭାରତର ରାଷ୍ଟ୍ରଦୂତ ରହିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟାଳୟ ସହ ଜଡ଼ିତ ଥିଲେ। ସେ ଅନେକ ପୁସ୍ତକ ରଚନା କରିଛନ୍ତି। ୧୯୮୪ରେ ନଟବରଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଥିଲା।

ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କୂଟନୀତି ଜଗତ ଓ ବୈଦେଶିକ ନୀତିକୁ ନଟବରଙ୍କ ଅନେକ ଅବଦାନ ରହିଥିଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

# ବିଜେଡି ଛାଡ଼ି ସାରଦାଙ୍କ ଗୋଷ୍ଠୀରେ ୫ ସମିତି ସଭ୍ୟ, ୬ ସରପଞ୍ଚ


ବିଧାୟକ ସାରଦା ପ୍ରଧାନଙ୍କ ସହ ସାମିଲ ହୋଇଥିବା ସରପଞ୍ଚ, ସମିତିସଭ୍ୟ ଓ ସମର୍ଥକମାନେ।

ନିଶ୍ଚିନ୍ତକୋଇଲି/ ମାହାଙ୍ଗା, ୧୧।୮ (ଅଶୋକ କୁମାର ମହାପାତ୍ର/ଯଯାତି ସିଂହ)

୨୦୨୪ ନିର୍ବାଚନରେ ବିଜେଡିର ପରାଜୟ ପରେ ଜନପ୍ରତିନିଧିମାନେ ଦଳ ଛାଡ଼ିବାରେ ଲାଗିଛନ୍ତି। ଏହା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ୧୧ଜଣ ନିର୍ବାଚିତ ଲୋକ ପ୍ରତିନିଧି ରବିବାର ବିଜେଡି ଛାଡି ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ଗୋଷ୍ଠୀରେ ରବିବାର ସାମିଲ ହୋଇଛନ୍ତି। ଏଥିରେ ୫ ବିଜେଡି ସମର୍ଥିତ ସମିତି ସଭ୍ୟ ଓ ୬ ସରପଞ୍ଚ ରହିଛନ୍ତି। ସେମାନେ ହେଲେ ଫଗୋଳ ସରପଞ୍ଚ ବୈଷ୍ଣବ ଚରଣ ସାମଲ, ସମିତି ସଭ୍ୟ ନୃସିଂହ ଚରଣ ମିଶ୍ର, ନରେନ୍ଦ୍ରପୁର ସରପଞ୍ଚ ନମିତା ରାୟ, ସମିତି ସଭ୍ୟ ପ୍ରଫୁଲ୍ଲ ସାହୁ, କେରିଲୋ ସରପଞ୍ଚ ଶୁଭ୍ରା ମହାନ୍ତି, ସମିତି ସଭ୍ୟା ସୌରପ୍ରଭା ଜଗଦ୍ଦେବ, ନଗସପୁର ସରପଞ୍ଚ ପୁଷ୍ପଲତା ମଲିକ, କଟିକଟା ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକ, ସୁକରପଡା ସରପଞ୍ଚ ମନୋଜ କୁମାର ମଲିକ, ଜମରା ସମିତି ସଭ୍ୟା ମେନକା ବଳ ଓ ଜୟରାମପୁର ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ଦାସ। ସାରଦା ସେମାନଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ସେମାନଙ୍କ ଯୋଗଦାନ ଯୋଗୁ ଆଗାମୀ ଦିନରେ ମାହାଙ୍ଗାରେ ବିକାଶ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ସାରଦା ମତବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡିର ବରିଷ୍ଠ ଯୁବନେତା ତଥା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ ଓଝା କୁହନ୍ତି, ଏହି ଜନପ୍ରତିନିଧିମାନେ ବିଜେଡି ଛାଡିବା ଦ୍ୱାରା ଦଳ ଉପରେ କୌଣସି ଫରକ ପଡିବ ନାହିଁ।

ସୂଚନାଯୋଗ୍ୟ, ନିଶ୍ଚିନ୍ତକୋଇଲି ବ୍ଲକ ୪୧ଟି ପଞ୍ଚାୟତକୁ ନେଇ ଗଠିତ। ସେଥିମଧ୍ୟରୁ କଟକ ସଦର ନିର୍ବାଚନମଣ୍ଡଳୀରେ ୧୪ଟି ପଞ୍ଚାୟତ ଥିଲା ବେଳେ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ୨୭ଟି ପଞ୍ଚାୟତ ରହିଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡିର ହେଭି ୱେଟ ନେତା ପ୍ରତାପ ଜେନାଙ୍କ ସଫଳ ଗୋଟିଚାଳନା ହେତୁ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ଥିବା ସମସ୍ତ ଜିଲାପରିଷଦ ଆସନକୁ ବିଜେଡି ହାତେଇବାକୁ ସକ୍ଷମ ହୋଇଥିଲା। ନାମକୁମାତ୍ର କେତୋଟି ହାତଗଣତି ପଞ୍ଚାୟତକୁ ଛାଡ଼ିଦେଲେ ପ୍ରାୟ ଅଧିକାଂଶ ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ବିଜୟୀ ହୋଇଥିଲେ। ଫଳରେ ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଅଧକ୍ଷା ଓ ଉପାଧ୍ୟକ୍ଷ ପଦବୀ ବିଜେଡି ହାତେଇବାକୁ ସକ୍ଷମ ହୋଇଥିଲା।

## ଜେପିସି ତଦନ୍ତକୁ ମୋଦିଙ୍କ ଭୟ: ରାହୁଲ

ନୂଆଦିଲ୍ଲୀ, ୧୧।୮

ଆମେରିକୀୟ ରିସର୍ଚ୍ଚ ଫାର୍ମ ହିଣ୍ଡେନ୍‌ବର୍ଗର ରିପୋର୍ଟ ଆସିବାର ଦିନକ ପରେ ରବିବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ନିଜ ଏକ୍ସ ହ୍ୟାଣ୍ଡଲରେ ଏକ ଭିଡିଓ ପୋଷ୍ଟ କରି ରାହୁଲ କହିଛନ୍ତି, ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ ଆସିଥିବା ଅଭିଯୋଗ ଚିନ୍ତାଜନକ। ବଜାର ନିୟାମକ ସଂସ୍ଥା ସେବିର ସଚ୍ଚୋଟତା ସହ ସାଲିସ କରାଯାଇଛି। ଏଥିଯୋଗୁ ପ୍ରଧାନମନ୍ତ୍ରୀ


ରାହୁଲ ଗାନ୍ଧୀ

ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତକୁ ଭୟ କରୁଛନ୍ତି। ଭିଡିଓରେ କଂଗ୍ରେସ ନେତା ରାହୁଲ ଆହୁରି କହିଛନ୍ତି, ଛୋଟ ନିବେଶକମାନଙ୍କ ଧନର ସୁରକ୍ଷା ଦାୟିତ୍ୱରେ ଥିବା ସେବିର ମୁଖ୍ୟ ମାଧବୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆସିବା ପରେ ନିୟାମକ ସଂସ୍ଥାର ବିଶ୍ୱସନୀୟତା କମିବାରେ ଲାଗିଛି। ମାଧବୀ ବର୍ତ୍ତମାନ ଯାଏ କାହିଁକି ସେବି ମୁଖ୍ୟ ପଦରୁ ଇସ୍ତଫା ଦେଇନାହାନ୍ତି, ତାହା ଦେଶର ନିବେଶକମାନେ ଜାଣିବାକୁ ଚାହୁଁଛନ୍ତି। ଯଦି ନିବେଶକ ସେମାନଙ୍କ କଷ୍ଟ ଉପାର୍ଜିତ ଟଙ୍କା ହରାଇବେ, କାହାକୁ ଉତ୍ତରଦାୟୀ କରାଯିବ। ପ୍ରଧାନମନ୍ତ୍ରୀ ମୋଦି, ସେବି ମୁଖ୍ୟ ମାଧବୀ ନା ଗୌତମ ଆଦାନୀ। କିଏ ଦାୟୀ ହେବେ? ହିଣ୍ଡେନ୍‌ବର୍ଗ-୨.୦ରେ ଅଧିକ ଗମ୍ଭୀର ବିଷୟ ପ୍ରଘଟ ହୋଇଥିବାରୁ ସୁପ୍ରିମକୋର୍ଟ ଏହାକୁ ସଜ୍ଞାନକୁ ନେଇ ନିଜଆଡୁ ମାମଲା ରୁଜୁ କରିବେ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

# ଦୁଇ ସାଙ୍ଗଠନିକ ଜିଲା ଗଠନ ନେଇ ଚର୍ଚ୍ଚା

ବ୍ରହ୍ମପୁର, ୧୧।୮ (ନରସିଂହ ସାହୁ)

ଗଞ୍ଜାମ ବିଜେଡି

ଗଞ୍ଜାମ ଜିଲା ବିଜେଡି ସଙ୍ଗଠନିକ ପରିବର୍ତ୍ତନ ନେଇ ଯୋଜନା ଚାଲିଛି। ଦୁଇଟି ସାଙ୍ଗଠନିକ ଜିଲା କରାଯିବା ସକାଶେ ଚର୍ଚ୍ଚା ହେଉଥିବା ବିଷୟ ଏବେ ଜଣାପଡ଼ିଛି। ଫଳରେ ତୃଣମୂଳ ସ୍ତରରୁ ଦଳ ଅଧିକ ମଜଭୁତ ହୋଇପାରିବ। ଗତ ୮ ତାରିଖରେ ଅନୁଷ୍ଠିତ ରାଜ୍ୟ ବିଜେଡି ସମନ୍ୱୟ କମିଟି ବୈଠକରେ ଏଭଳି ପ୍ରସ୍ତାବ ନେଇ ଆଲୋଚନା କରାଯାଇଛି। ଉଲ୍ଲେଖଯୋଗ୍ୟ, ଗଞ୍ଜାମରେ ଭାଜପା ଓ କଂଗ୍ରେସର ଦୁଇଟି ଲେଖାଏ ସାଙ୍ଗଠନିକ ଜିଲା ଗଠନ କରାଯାଇଛି। ତେଣୁ ବିଜେଡି ମଧ ଏଭଳି କରିବା ପାଇଁ ପ୍ରସ୍ତାବ ରଖିଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଛି। ୨୦୨୪ ନିର୍ବାଚନରେ ଜିଲାରେ ବିଜେଡି ଦୁର୍ଗ ଭୁଶୁଡ଼ି ଯାଇଛି। ଦୁଇଟି ଯାକ ଲୋକ ସଭା ଏବଂ ୧୩ ବିଧାନସଭା ଆସନ ମଧ୍ୟରୁ ୧୨ଟି ହାତଛଡ଼ା ହୋଇଯାଇଛି। ଫଳରେ ପୂର୍ବ ସ୍ଥିତି ଫେରାଇ ଆଣିବାକୁ ବିଜେଡି ନୂଆ ରଣନୀତି ପ୍ରସ୍ତୁତ କରିଥିବା ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଜିଲାରେ ୩ ସବ୍‌ଡିଭିଜନ, ୨୨ ବ୍ଲକ, ୫୦୩ ଗ୍ରାମପଞ୍ଚାୟତ, ବ୍ରହ୍ମପୁର ମହାନଗର ଓ ହିଞ୍ଜିଳି ପୌରପାଳିକା ସହ ୧୮ ସହରାଞ୍ଚଳ ରହିଛି। ତେଣୁ ଏହି ବୃହତ୍ତମ ଜିଲାରେ ବିଜେଡି ସଙ୍ଗଠନକୁ ବିଭାଜିତ କରିବା ଜରୁରୀ ହୋଇପଡ଼ିଛି ବୋଲି କେତେଜଣ ପୁରୁଖା ନେତା ଓ କର୍ମୀ ମତ ରଖିଛନ୍ତି। ବିଜେଡି ଗଠନ ପରେ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ସାଧାରଣ ନିର୍ବାଚନରେ ବିଜେଡି ବାଜିମାତ୍ କରିଥିଲା। ୨୦୨୪ ନିର୍ବାଚନରେ ଦଳର କାହିଁକି ବିପର୍ଯ୍ୟୟ ହେଲା ତାହା ରାଜନୈତିକ ମହଲକୁ ଚକିତ କରିଛି। କେତେଜଣ କର୍ମୀ ଜିଲା ନେତୃତ୍ୱ ଦୁର୍ବଳ ଯୋଗୁ ଘଟିଥିବା ସମାଲୋଚନା କରୁଥିବା ବେଳେ ଆଉ କେତେଜଣ ଦଳର ସଙ୍ଗଠନରେ ଅମଲାତନ୍ତ୍ରୀରାଜକୁ ଦାୟୀ କରୁଛନ୍ତି। କର୍ମୀଙ୍କୁ ସକ୍ରିୟ ରଖିବା ଲାଗି ନିୟମିତ ବ୍ୟବଧାନରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ଜିଲାସ୍ତରୀୟ କର୍ମୀ ସମ୍ମିଳନୀ କରାଯାଇ ନ ଥିବାରୁ ନିର୍ବାଚନରେ ତାହାର ପ୍ରତିଫଳିତ ହୋଇଥିବା ଆଲୋଚନା ହେଉଛି। ଯୁବ ନେତୃତ୍ୱକୁ ସଂଗଠନ ଦାୟିତ୍ୱ ନ ଦେବା ଏବଂ ଗତ ନିର୍ବାଚନ ବେଳେ ରାଜ୍ୟ ସଭାପତି ପୂର୍ବଭଳି ପ୍ରଚାର ପାଇଁ ନ ଆସିବା ବିଜେଡିକୁ ମହଙ୍ଗା ପଡ଼ିଥିବା କଟାକ୍ଷ କରାଯାଇଛି। ଭୋଟ ଫଳାଫଳ ଘୋଷଣାର ଦୁଇ ମାସ ବିତିଛି। ଶୋଚନୀୟ ପରାଜୟର କାରଣ ନେଇ ଅଦ୍ୟାବଧି ଜିଲା ବିଜେଡି ପକ୍ଷରୁ ସମୀକ୍ଷା ମଧ କରାଯାଇନାହିଁ। ଏଭଳି ସ୍ଥିତିରେ ଜିଲା ବିଜେଡି ସଂଗଠନକୁ ଦୁଇଟି ସାଙ୍ଗଠନିକ ଜିଲା କରାଯିବା ପ୍ରସ୍ତାବ ସ୍ୱାଗତଯୋଗ୍ୟ ବୋଲି କିଛି ଯୁବ ନେତା ମତ ରଖିଛନ୍ତି।

# ଛତ୍ରପୁର, ଗଞ୍ଜାମ ଏନ୍‌ଏସିରେ ଆସିପାରେ ଅନାସ୍ଥା

ଛତ୍ରପୁର, ୧୧।୮ (ସନ୍ତୋଷ ପାଢ଼ୀ)

ବିଜେଡି ଉପରେ ନଜର

ଗଞ୍ଜାମ ଜିଲାର ଛତ୍ରପୁର ଓ ଗଞ୍ଜାମ ଏନ୍‌ଏସିରେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିପାରେ ବୋଲି ଚର୍ଚ୍ଚା ହେଉଛି। ନିର୍ବାଚନ ପରେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଏନ୍‌ଏସି ଓ ପୌର ପରିଷଦ ଅଧ୍ୟକ୍ଷାଙ୍କ ବିରୋଧରେ ବିଜେଡି କାଉନସିଲରମାନଙ୍କ ପକ୍ଷରୁ ଅନାସ୍ଥା ଅଣାଯାଉଛି। ତେଣୁ ଭାଜପାରୁ ବିଧାୟକ ନିର୍ବାଚିତ ହୋଇଥିବା ଛତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର ଏନ୍‌ଏସିରେ ଭାଜପା ଅଧ୍ୟକ୍ଷା ଓ ଗଞ୍ଜାମ ଏନ୍‌ଏସିରେ ସ୍ୱାଧୀନରୁ ଭାଜପାରେ ସାମିଲ ହୋଇଥିବା ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆସିବା ସମ୍ଭାବନା ରହିଥିବା ଆଲୋଚନା ହେଉଛି। ଏହି ୨ ଏନ୍‌ଏସିରେ ବିଜେଡିର କାଉନସିଲରଙ୍କ ସଂଖ୍ୟା ଅଧିକ ରହିଛି।

ଅଧ୍ୟକ୍ଷାମାନେ ଲୋକଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହୋଇଥିଲେ। ଅନାସ୍ଥା ପାଇଁ ଦୁଇ ତୃତୀୟାଂଶ କାଉନସିଲରଙ୍କ ସମର୍ଥନ ଆବଶ୍ୟକ। ଉଭୟ ଏନ୍‌ଏସିରେ ବିଜେଡିର ଦୁଇ ତୃତୀୟାଂଶ କାଉନସିଲର ଅଛନ୍ତି। ୧୪ ୱାର୍ଡକୁ ନେଇ ଗଠିତ ଛତ୍ରପୁର ଏନଏସିରେ ବିଜେଡିରୁ ୧୦ ଜଣ, ଭାଜପାରୁ ୩ ଜଣ ଓ ଜଣେ ସ୍ୱାଧୀନ ଭାବେ କାଉନସିଲର ହୋଇଛନ୍ତି। ସ୍ୱାଧୀନ କାଉନସିଲର ପରବର୍ତ୍ତୀ ସମୟରେ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଗଞ୍ଜାମ ଏନଏସି ୧୨ଟି ୱାର୍ଡକୁ ନେଇ ଗଠିତ। ସେଥିମଧ୍ୟରୁ ବିଜେଡିର ୧୧ଜଣ ଓ ଜଣେ ସ୍ୱାଧୀନ କାଉନସିଲର ରହିଛନ୍ତି। ଦୁଇ ଏନ୍‌ଏସିରେ ବିଜେଡି କାଉନସିଲରଙ୍କ ସଂଖ୍ୟାଗରିଷ୍ଠତା ରହିଛି। ତେବେ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଉଭୟ ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ମଧ ଅନାସ୍ଥା ଆସିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବନାହିଁ।



ମହାରାଷ୍ଟ୍ରର ପୁଣେଠାରେ ରବିବାର ସାମାଜିକ କର୍ମୀ ମନୋଜ ଜାରାଙ୍ଗେଙ୍କ ଡାକରାରେ ମରାଠୀମାନଙ୍କ ପାଇଁ ସରକ୍ଷଣ ଦାବି କରି ପ୍ରତିବାଦ ଶୋଭାଯାତ୍ରା।

# ଶକ୍ତି ପ୍ରଦର୍ଶନ କଲେ ବ୍ଲକ ଅଧକ୍ଷା

## ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଚର୍ଚ୍ଚା

ନୀଳଗିରି, ୧୧।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେବା ନେଇ ଚର୍ଚ୍ଚା ଜୋର ଧରିବା ପରେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ରବିବାର ଶକ୍ତି ପ୍ରଦର୍ଶନ କରିଛନ୍ତି। ବ୍ଲକ ଅଧୀନ ୨୫ ପଞ୍ଚାୟତ ମଧ୍ୟରୁ ୧୨ ସରପଞ୍ଚ ଓ ୧୩ ସମିତି ସଭ୍ୟାସଭ୍ୟଙ୍କ ସମେତ ୧୧ନଂ. ଜିଲାପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ୧୩ନଂ. ଜିଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ବିଜେଡିର କିଛି ପ୍ରମୁଖ ନେତା ପୂର୍ବାହ୍ନରେ ଏକାଠି ହୋଇ ଅଧକ୍ଷାଙ୍କ ପ୍ରତି ଥିବା ନିଜର ସମର୍ଥନ ଜଣାଇଥିଲେ। ପରେ ସମସ୍ତେ ଘଟଗାଁ ତାରିଣୀ ପୀଠକୁ ଯାଇ ପୂଜାର୍ଚ୍ଚନା କରି ଫେରିଛନ୍ତି।


ମା' ତାରିଣୀଙ୍କ ପୀଠରେ ବ୍ଲକ ଅଧକ୍ଷାଙ୍କ ସମେତ ସମର୍ଥକମାନେ।

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନୀଳଗିରି ବ୍ଲକରେ ତତ୍କାଳୀନ ବିଜେଡି ନେତା ତଥା ବର୍ତ୍ତମାନର ଭାଜପା ବିଧାୟକ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ବିଜେଡି ବ୍ଲକ ଦଖଲ କରିଥିଲା। ୨୦୨୪ ସାଧାରଣ ନିର୍ବାଚନରେ ସନ୍ତୋଷ ଭାଜପା ଟିକେଟରେ ବିଧାୟକ ନିର୍ବାଚିତ ହେବା ପରେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀଙ୍କ ବିରୋଧରେ ଖୁବ୍‌ଶୀଘ୍ର ଅନାସ୍ଥା ଆଗତ ହେବ ବୋଲି ଚର୍ଚ୍ଚା ହେଉଥିଲା। ଏହାକୁ ଏଡ଼ାଇବା ପାଇଁ ଶୁଭଲକ୍ଷ୍ମୀ ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ପ୍ରତ୍ୟେକ 'ଗଡ଼'ର ଅବଦାନ ଥିଲା

- ବାରମାସୀ ତନ୍ତୁ ଯୋଗାଇଥିଲେ ଟିକରପଡ଼ା ଗଡ଼-ନାୟକ
- ଛାତ ମୁଦ ପାଇଁ ବ୍ୟବହାର ହୋଇଥିଲା 'ଫେଣିଆ ପଥର'



ଏହା ଗଜପତି ମଣ୍ଡପ। ଗଜକନ୍ଧ ଆସନରେ ବିଜେ କରି ମହାଶ୍ରମ ଦେଖୁଥିଲେ ଶିଳ୍ପୀ କୁଳର କଳା କୌଶଳ। (ଫଟୋ: ଜ୍ୟୋତିରାଜ ମହାନ୍ତି)

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

ମାଘ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ। ଗଜପତି କୋଣାର୍କରେ ପଦାର୍ପଣ କରିବାର ଅଷ୍ଟମ ଦିନର ସୂର୍ଯ୍ୟୋଦୟବେଳ। ବାଦ୍ୟକାରଙ୍କ ବାଦ୍ୟରେ ପ୍ରକମ୍ପିତ ହୋଇଉଠିଲା କୋଣାର୍କର ବାଲୁକାରାଶି। ଶୁଖୁଆ ଥଣ୍ଡା ପବନରେ ଝାଉଁବନରୁ ଭାସି ଆସୁଛି ସୁ ସୁ ଶବ୍ଦ। ମହାଶ୍ରମ ଶିବିରରୁ ବିଜେକଲେ। ବିଜେ କାହାଳୀ ବାଜୁଥାଏ। ଗେଲିଙ୍ଗିବାଜା ପରମ୍ପରା ଅନୁଯାୟୀ ଆଗେ ଆଗେ ଚାଲିଥାଏ। ମହାଶ୍ରମ ପାଲିଙ୍କିରୁ ଓହ୍ଲେଇଲେ ସେଇ ମଣ୍ଡପ ନିକଟରେ, ଯେଉଁ ମଣ୍ଡପରେ ଗତକାଲି ବସି ସେ ଭାବପ୍ରବଣ ହୋଇଯାଇଥିଲେ। ମଣ୍ଡପ ଉପରେ ରହିଥାଏ ଗଜକନ୍ଧ ଆସନ (ତଉକି)। ଏଇଟି ପଠେଇଥାନ୍ତି ଗଜପତିଙ୍କ ଶ୍ୱଶୁର ମଧୁରାଇ (ତାମିଲନାଡୁ)ର ରାଜା ଜୋଇଁ ବସିବା ପାଇଁ। ବିଜେ କଲେ ଗଜପତି ସେଇ ଆସନରେ। ସମସ୍ତଙ୍କ ଉପସ୍ଥିତିରେ ବ୍ରାହ୍ମଣମାନଙ୍କୁ ତିନୋଟି ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କଲେ ଗଜକଳିକ ପଥର ଉଠିବାବେଳର ପୂଜା ପାଇଁ। ପଥର ଉଠିବାବେଳେ ଫର୍ଶିକାଠ ଗଡ଼ାଣିଆରୁ ଛାଉଣ ପଠୁଥିବା ପରେ ଗଜପତି ଦେଖୁଥିଲେ। ନାରାୟଣ ମହାପାତ୍ର, ଅଗାଧୁ ପଠୁଥିଆ, ପଠାଣି ପଠୁଥିଆ ଓ ଦୟା ପଠୁଥିଆ ପ୍ରମୁଖଙ୍କ ଅବସ୍ଥା ସମ୍ପର୍କରେ ଅବଗତ ହେଲେ। ପଚାରିଲେ ସେମାନେ କେଉଁଠି ଅଛନ୍ତି? ବର୍ତ୍ତମାନ ଅବସ୍ଥା କ'ଣ? ତାଙ୍କୁ ପ୍ରଥମେ ଜଣାଇ ଦିଆଗଲା ଯେ, ସେମାନଙ୍କୁ 'ଗାରୁଡ଼ିଆ ବିଦ୍ୟା'ର ଶିବିରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ଭଲ ଅଛନ୍ତି। ସୂଚନାଯୋଗ୍ୟ, ସ୍ୱତନ୍ତ୍ର ଚିକିତ୍ସା ଶିବିର ସେତେବେଳେ ଚାରୋଟି ସୃଷ୍ଟି କରାଯାଇଥିଲା। ତିନୋଟି ଆୟୁର୍ବେଦ ଚିକିତ୍ସା ଶିବିରରେ ଆୟୁର୍ବେଦ ଶାସ୍ତ୍ର ଚିକିତ୍ସକ ପଣ୍ଡିତମାନେ ନିଯୁକ୍ତ ଥିବାବେଳେ ଗୋଟିଏ 'ଗାରୁଡ଼ିଆ ବିଦ୍ୟା'ର ଶିବିର ଥିଲା। ସମସ୍ତ ବିଷୟ ସମ୍ପର୍କରେ ଅବଗତ ହେବାପରେ ସମସ୍ତଙ୍କୁ ଉପହାର ପ୍ରଦାନ ପରେ ଗଜପତି ଚୌଦ୍ୱାର ଫେରି ଯାଇଥିଲେ। ଚୌଦ୍ୱାର ରାଜ ଉଆସ ଓ ତତ୍ସଂଲଗ୍ନ ଗଡ଼ ସେତେବେଳେ ଚଳଚଞ୍ଚଳ ଥିଲା। ମନ୍ଦିରର ପ୍ରଥମ ଛାତ ଚୈତ୍ରମାସ ଶୁକ୍ଳପକ୍ଷ ନବମୀରେ ମୁଦ ହେବାକୁ ନିର୍ଦ୍ଧାର୍ଯ୍ୟ ହୋଇଥିଲା, କିନ୍ତୁ ଶେଷ ହେଲା ବୈଶାଖ କୃଷ୍ଣପକ୍ଷ ଅଷ୍ଟମୀ ଦିନ। ମୁଦ ହେବା ପରେ ଶିବେଇ ସାମନ୍ତରା ଜଣେ ପାଇକ ହାତରେ ପତ୍ର ପଠାଇଥିଲେ ଚୌଦ୍ୱାର ଉଆସକୁ। ବିଳମ୍ବର କାରଣ ଗଜପତିଙ୍କୁ ଅବଗତ କରାଯାଇଥିଲା। ମୁଦ ହେବାର ବିଳମ୍ବ ହୋଇଥିଲା 'ଫେଣିଆ ପଥର' ପାଇଁ। ସବୁରି ଜଣ ପଠୁଆ ଏହି ପଥରକୁ ପ୍ରସ୍ତୁତ କରି ଛାତ ପାଇଁ ଯୋଗାଇବାକୁ ଅଧିକ ସମୟ ନେଇଥିଲେ। ଛାତର ମୁଦ ପାଇଁ ହାତଗଣତି ଶିଳ୍ପୀ ସେତେବେଳେ ଥିଲେ। ସବୁଠାରୁ ଅଧିକ ପାରଙ୍ଗମ ଥିଲେ ଏକାମ୍ର (ଭୁବନେଶ୍ୱର) କ୍ଷେତ୍ରର ରାଘବ ମହାରଣା। ସେ ହିଁ ଆସି କୋଣାର୍କରେ ରହିଥିଲେ। ମୁଦ ସମ୍ପୂର୍ଣ୍ଣ କରିବା ପାଇଁ ବିଶେଷ ସମୟ ସେ ନେଇଥିଲେ। ତାଙ୍କୁ ସିଲ୍କ ଧୋତିଯୋଡ଼ ସହିତ ତିନିଗୋଟି ସୁନା ଦିଆଯାଇଥିଲା। ଛାତ ମୁଦ ହେବା ପାଇଁ ସ୍ୱତନ୍ତ୍ର ଅନୁଷ୍ଠାନ ହୋଇଥିଲା। ଆଚାର୍ଯ୍ୟମାନେ ବରଣ ହୋଇ ଆସିଥିଲେ। ପଣ୍ଡିତ ମାଧବ ଭଞ୍ଜ ଥିଲେ ମୁଖ୍ୟ ଆଚାର୍ଯ୍ୟ। ସାତଜଣ ବ୍ରାହ୍ମଣ ପଣ୍ଡିତଙ୍କୁ ନେଇ ସେ ଅନୁଷ୍ଠାନ କରିଥିଲେ। ରାଜଗୁରୁ ନିଜେ କୋଣାର୍କରେ ଉପସ୍ଥିତ ରହି ଅନୁଷ୍ଠାନ ଦେଖାଶୁଣା କରୁଥିଲେ। ଖୁସି ହୋଇଗଲେ ରାଜଗୁରୁ। ନିର୍ବିଘ୍ନରେ ଛାତ ମୁଦ ହୋଇଗଲା। ମହାଶ୍ରମ (ଗଜପତି)ଙ୍କ ପକ୍ଷରୁ ପଣ୍ଡିତ ଭଞ୍ଜଙ୍କୁ ଉପହାର ଦିଆଗଲା ଏକ ସୁନାର ପଦ୍ମ।

ଛାତ ମୁଦ ସରିବା ପରେ ମନ୍ଦିର ଭୂମି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମାପ ଅନୁସାରେ ଭୂମି ପାଇଁ ୬ ହଜାର ୨୩ ଖଣ୍ଡ ପଥର ପ୍ରସ୍ତୁତ କରାଯାଇଥିଲା। ଭୂମିକାମ ସହିତ 'କୋଶକ' ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗଙ୍ଗା ମହାପାତ୍ର କୋଶକ ଏବଂ ଗର୍ଭଗୃହର 'ଅନୁରଥ' ଦାୟିତ୍ୱରେ ଥିଲେ। ଗବେଇ ମହାରଣା ଆରମ୍ଭ କଲେ ଗର୍ଭଗୃହରେ ସ୍ଥାପିତ ହେବା ପାଇଁ ଆଠ ହାତର ଛଅଟି କନ୍ୟା ମୂର୍ତ୍ତି। ଏଭଳିକି ଆଲୋଚନା କରିବାର ଉଦ୍ଦେଶ୍ୟ ଶୃଙ୍ଖଳିତ ଭାବରେ ଗୋଟିଏ ପରେ ଗୋଟିଏ କାର୍ଯ୍ୟ ପଛକୁ ପଛ କିପରିଆଗେଇ ଚାଲିଥିଲା। ମୁଖଶାଳାର କୋଶକ ବନ୍ଧନୀ ନିର୍ମାଣ ପାଇଁ ୨୩୦ ଜଣ ପଠୁଆଙ୍କୁ ୧୭ଦିନ ଲାଗିଥିଲା। ବନ୍ଧନୀ ଖୁଣ୍ଟକୁ ବାନ୍ଧି ରଖିବା ପାଇଁ ବ୍ୟବହାର ହୋଇଥିଲା 'ବାରମାସୀ ତନ୍ତୁ'। ଟିକରପଡ଼ା ଗଡ଼ର ନାୟକ ଏହି 'ବାରମାସୀ ତନ୍ତୁ' ଯୋଗାଇଥିଲେ। ସାମ୍ରାଜ୍ୟର ପ୍ରତ୍ୟେକ ଗଡ଼ର ନାୟକ କୋଣାର୍କଠାରେ ମନ୍ଦିର ନିର୍ମାଣବେଳେ ସହଯୋଗ କରିଥିଲେ। ପ୍ରତ୍ୟେକ ନିଜ ନିଜ ଦାୟିତ୍ୱ ପ୍ରତି ସଚେତନ ଥିଲେ। ନ ହେଲେ ନଦୀପଥରେ ପଥର ଆସୁଛି। ପଥରପଦା ଗାଁରେ ମଣିତ ହୋଇ ରହୁଛି। ପଥରଶାଳାର ନିର୍ମାଣ ଚାଲିଛି.... ପଥର ଖଞ୍ଜା ବି ଚାଲିଛି.... ଏପରି ବ୍ୟବସ୍ଥିତ ଧାରାରେ କାର୍ଯ୍ୟ ହୋଇ ନ ଥିଲେ ବିଶ୍ୱର ବିସ୍ମୟଟିଏ ସୃଷ୍ଟି ହୋଇପାରି ନ ଥାନ୍ତା!

# ଏଡ୍ସ, ଯୌନ ସଂକ୍ରମିତ ରୋଗ ନିରାକରଣ ପାଇଁ ଆଜିଠୁ ସ୍ୱତନ୍ତ୍ର ସଚେତନତା ଅଭିଯାନ

ଭୁବନେଶ୍ୱର, ୧୧।୮ (ଅସମାପିକା ସାହୁ)

ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ସୋମବାର ଏଚ୍‌ଆଇଭି/ଏଡ୍ସ ଓ ଯୌନ ସଂକ୍ରମିତ ରୋଗର ନିରାକରଣ ପାଇଁ ଦେଶବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ ହେବ। ଓଡ଼ିଶାରେ ଏହି ଅଭିଯାନକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ କଲେଜରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି(ଓସାକ୍ସ) ମାଧ୍ୟମରେ ଏହାର ପ୍ରଚାର ପ୍ରସାର ପାଇଁ ସମଗ୍ର ରାଜ୍ୟରେ ସଚେତନତା ଏବଂ ଲୋକନୃତ୍ୟ ଆଦି କାର୍ଯ୍ୟକ୍ରମ କରାଯିବ। ସୂଚନାଯୋଗ୍ୟ, ରାଜ୍ୟରେ ଯୁବଗୋଷ୍ଠୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ସକାରାତ୍ମକ ଭୂମିକା ପ୍ରଦର୍ଶନ କରିବାର ଆବଶ୍ୟକତାକୁ ଉପଲବ୍ଧି କରି ବିଭିନ୍ନ କଲେଜରେ ଓସାକ୍ସ ପକ୍ଷରୁ ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ(ନାକୋ) ଓ ରେଡକ୍ରସ ସୋସାଇଟିର ସହଯୋଗରେ ବର୍ତ୍ତମାନ ସୁଦ୍ଧା ୭୦୦ଟି ରେଡ୍ ରିବନ କ୍ଲବ୍ ଖୋଲାଯାଇଛି। ଏହି କ୍ଲବର ସଦସ୍ୟମାନଙ୍କୁ ଏଚ୍‌ଆଇଭି/ଏଡ୍ସ ସଚେତନତା ପ୍ରଶିକ୍ଷଣ ପ୍ରଦାନ କରାଯାଇ ଯୁବଗୋଷ୍ଠୀଙ୍କୁ ସଚେତନ କରାଯାଉଛି। ସମସ୍ତଙ୍କୁ ସଚେତନ କରିବା ସହିତ ୨୦୩୦ ସୁଦ୍ଧା ଏଚ୍‌ଆଇଭି/ଏଡ୍ସକୁ ସମାପ୍ତ କରିବା ମିଳିତ ଜାତିସଂଘର ଲକ୍ଷ୍ୟ ହାସଲ କ୍ଷେତ୍ରରେ ଓସାକ୍ସ ଉଦ୍ୟମ ଜାରି ରଖିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଯୁବବର୍ଗଙ୍କ ଅନ୍ତର୍ନିହିତ ପ୍ରତିଭାକୁ ନେଇ ନାଟକ, ଦୌଡ଼, କୁଇଜ, କ୍ରିକେଟ ଆଦି ଜରିଆରେ ସଚେତନ କାର୍ଯ୍ୟକ୍ରମ ରହିଥିବା ଓସାକ୍ସ ପକ୍ଷରୁ ସୂଚନା ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଇଲେ ନାରଦ ମୁନି,**
**କଳି ଧୋକଡ଼ିକି ମଥାରେ ଘେନି।**

ଦେବର୍ଷି ନାରଦ କଳହ ଲଗାଇବାରେ ସିଦ୍ଧହସ୍ତ ବୋଲି ଆମେ ପୁରାଣରୁ ଜାଣିବାକୁ ପାଇଥାଉ। ଅଭ୍ୟାସଗତ କଳହପ୍ରିୟ ଲୋକଙ୍କୁ ଲକ୍ଷ୍ୟ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅପସନ୍ଦ କଥା ଶୁଣ ମାଇପେ,**
**ଧାନ ଶୁଖୁଥିଲା ବିଞ୍ଚଣାଟାକେ।**

ଖଳାରେ ଧାନ ଶୁଖାଯାଇଥାଏ। ବିଞ୍ଚଣାରେ ଶୁଖାଯିବା କଥା କହିବା ଅନେକଙ୍କ ଆଖିରେ ଭ୍ରୁକୁଞ୍ଚନ ସୃଷ୍ଟି କରିଥାଏ। ଅନେକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥାନ୍ତି। ନିହାତି ଅମୂଳକ ବା ଅବାନ୍ତର କଥା କହୁଥିବା ବାହାପିଆ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କବି ବଳରାମ ପୂଜାରୀଙ୍କ ପରଲୋକ



ମାଲକାନଗିରି, ୧୧।୮ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲାର ସାହିତ୍ୟିକ, କବି ବଳରାମ ପୂଜାରୀ (୫୦)ଙ୍କର ରବିବାର ମୃତ୍ୟୁ ହୋଇଛି। ସେ ଦୀର୍ଘ ଦିନ ଧରି ମାଲକାନଗିରି ଜିଲାରେ ଶିକ୍ଷକତା କରି ଆସୁଥିଲେ। ଗତ କିଛି ବର୍ଷ ହେବ ସେ ମୁଖ କର୍କଟ ରୋଗରେ ପୀଡ଼ିତ ଥିଲେ। କିଛି ଦିନ ପୂର୍ବରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ଶବ୍ଦବ୍ରହ୍ମ, ମାଟିଲଗ୍ନା, ଈଶ୍ୱରଙ୍କ ଭାଡ଼ି ଏବଂ ଶ୍ୱେତପଦ୍ମା ଆଦି କବିତା ସଂକଳନ ରହିଛି। ତାଙ୍କ ଦେହାନ୍ତରେ ଜିଲାର ସାହିତ୍ୟିକଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି। ବଳରାମଙ୍କ ମୃତ୍ୟୁ ଖବର ପାଇ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଏବଂ ଜିଲାର ଅନ୍ୟ ସାହିତ୍ୟିକମାନେ ଶୋକ ପ୍ରକାଶ କରିଛନ୍ତି।

**OFFICE OF THE SUNDARGARH MUNICIPALITY, SUNDARGARH**

**EXPRESSION OF INTEREST (EoI)**

**Notice No. 2961/Dt.07.08.2024**

**No.C-401:** Executive Officer, Sundargarh Municipality Sundargarh invites sealed Expression of Interest (EoI) from intrested / intending eligible Firm / Febricator / Contractor for "Erection of pre-laminated GCI profile sheet roofing shed, Wiremess fancing boundary, Gate Sundargarh Municipality." DTCN along with terms & conditions can be obtained in the office of the Sundargarh Municipality, Sundargarh during office hours on payment of **Rs.1,000.00** (Rupees One thousand) only (not refundable) **from dt.10.08.2024 to dt.20.08.2024**. The quotation also available in the Sundargarh district portal i.e. Sundargarh.odisha.gov.in. Paper cost shall be paid as per the same method noted in DTCN downloaded online. The Firm/Febricator/Contractor must be accompanied with photo copy of valid (i) GSTIN (ii) Complete Organisation details, Authenticated proof of the Organisation (iii) Cost of tender paper and (iv) EMD. The sealed EoI and other documents will be received **offline on or before dt.21.08.2024 upto 1.30 PM and will be opened on the same day at 4.30 PM** in presence of the bidder or their authorized representatives. The authority reserves the right to accept or cancel any or all EoI without assigning any reason thereof.

**Sd./- Executive Officer**
**Sundargarh Municipality**

OIPR-13130/11/0010/2425

**GOVERNMENT OF ODISHA**

**"e" PROCUREMENT NOTICE, Rajgangpur Municipality**

**Bid Identification No. - EO / RGP / 03 of 2024-25**

**e-mail ID - rajgangpurm.hud@nic.in**

**No.3598, dated.09.08.2024** No.C-406

| | | | |
|---|---|---|---|
| 1 | Total Number of Work | : | 03 (Three) construction of Material Recovery Facility (MRF), Construction of 5 TPD Capacity of M.C.C. at Rajgangpur Municipality. Pot Hole repairs of Road, drain & Pre-cast slab including M.S. Jalli placed over drain in wards under Rajgangpur Municipality. |
| 2 | Approximate Estimated cost | : | 19.85 lakhs to 82.34 Lakhs |
| 3 | Period of Completion | : | 120-180 Days |
| 4 | Date & time of availability of the bid documents in the portal | : | 12.08.2024 at 11.00 A.M. to 28.08.2024 up to 5.00 P.M. |
| 5 | Last date of receipt of Bids in the portal | : | 28.08.2024 up to 5.00 P.M. (Online) |
| 6 | Bids receipt online shall be opened on | : | 29.08.2024 at 11.00 A.M. (Online) |
| 7 | Name & address of the Officer Inviting Bid | : | Executive Officer, Rajgangpur Municipality |
| 8 | The Bidders have to participate in ONLINE bidding only : further details can be seen from the e-procurement portal. | | |

hhtp://tendersodisha.gov.in

**Sd./- Victor Soreng**
**Executive Officer**
**Rajgangpur Municipality**

OIPR-13094/11/0004/2425

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
**GOVERNMENT OF ODISHA**

**"e"-Procurement Notice** No.A-208

**BID IDENTIFICATION No : 01 MID (JSP/2024-25)**

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement to MIPs and construction of check dam in different Blocks of Mayurbhanj District
3. No. of Works :- 19 (Nineteen) Nos.
4. Tender Amount Varies From :- 5.94 lakhs to 87.67 lakhs
5. Date and Time of Availability of BID Document in the Portal for online Bidding from :- 10.00 hrs Dt.13.08.2024 to 17.00 hrs Dt. 27.08.2024
6. Last Date and Time of receipt of Bids in the Portal :- 17.00 hrs Dt.27.08.2024
7. Last Date and Time for clarification up to :- 17.00 hrs Dt. 27.08.2024
8. Date of opening of Bids :- 11.00 hrs onwards Dt. 28.08.2024

The detail tender call notice can also be seen in the DOWR website : http://dowrorissa.gov.in

| | | |
|---|---|---|
| Name & Address of the OIT | : | Superintending Engineer, M.I. Division, Jashipur, At/PO - Khairi / Dist : Mayurbhanj, PIN - 757091, E-mail :- eemijashipur@yahoo.com |
| Further details can be seen from the e-Procurement market place | : | http://tenderorissa.gov.in |

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

**Sd./- Superintending Engineer**
**M.I Division, Jashipur**

OIPR-32282/11/0001/2425

**Government of Odisha**
**Higher Education Department**

**Timeline for Phase-II e-Admission into U.G. Courses under SAMS in the Higher Education Institutions for the Academic Session 2024-25**

**No.N-73:** Timeline for Phase-II e-Admission in all (+3) Degree HEIs inctuding Self Financing (Degree) Colleges/ Sanskrit (Shastri) of the State under Student Academic Management System (SAMS) is given below. Any changes in the timeline will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online **Common Application Form (CAF)** on the website **www. samsodisha.gov.in** | **12. -Aug-2024 (Monday) (04:00 PM)** |
| 2 | Last date for applying online CAF through **www.samsodisha.gov.in.** | **26-Aug-2024 (Monday) (upto 11:45 PM)** |
| 3 | Editing of CAF (if required) for the CAF submitted earlier. No fresh CAF will be allowed during this period | **27-Aug- 2024 (Tuesday) (10.00 AM)** |
| 4 | Publication of Provisional allotment of seats for **1st Selection alongwith the list of waitlisted applicants (in their upper choice HEIs) in HEI's e-Space as per the actual vacancy** | **02-Sep-2024 (Monday) (04.00 PM)** |
| 5 | Reporting of selected applicants **(with the downloaded intimation letter)** and payment of admission fees at the allotted institutions, directly in online mode **(Net Banking/Bank Challan/ NEFT/UPI etc.)** for taking admission. **(for First Round Admission)** | **03-Sep-2024 (Tuesday) (10.00 AM) to 06-Sep-2024 (Friday) (05.00 PM)** |
| 6 | Data updation of the admitted students in the e-space by the respective Institutions **(for First Round Admission)** | **03-Sep-2024 (Tuesday) (10.00 AM) to 06-Sep-2024 (Friday) (07.00 PM)** |
| 7 | Publication of **merit wise list among the waitlisted applicants from the list of waitlisted applicants provided in HEI's e-space** at their **Notice Board/ Website** and will also **communicate to the applicants via Phone Call/SMS/Whats-app** | **10-September-2024 (02.00 PM)** |
| 8 | Reporting of selected applicants from waiting list to take admission in one of the selected HEIs, where the **total/differential admission fees will be deposited directly at the HEIs in online mode (Net Banking/ Bank Challan/ NEFT/ UPI etc.)** | **11-Sept-2024 (Tuesday) (10.00 AM) to 12-Sept-2024 (Thursday) (05.00 PM)** |
| 9 | **Admission Updation** of the selected student's data by the HEIs in their e-Space | **11-Sept-2024 (Tuesday) (10.00 AM) to 12-Sept-2024 (Thursday) (07.00 PM)** |
| 10 | If vacancy still persist HEIs will **Call/Whats-app** from the remaining waitlisted applicants merit wise to take admission, where the **total/ differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.)** | **13-Sept-2024 (Tuesday) (10.00 AM) to 14-Sept-2024 (Thursday) (05.00 PM)** |
| 11 | **Admission Updation** of the student's data by the HEIs in their e-Space | **13-Sept-2024 (Tuesday) (10.00 AM) to 14-Sept-2024 (Thursday) (07.00 PM)** |

**For More details please contact: e-Admission Helpline (Toll Free) Number 155335/ 1800-345-6770**

**OIPR-11001/11/0023/2425** **Sd./- Deputy Director, PTC Section**

**Government of Odisha**
**Higher Education Department**

**Remaining Timeline for Admission into 2 year B.Ed., B.H.Ed., M.Ed. Courses for the Academic Session 2024-25 under SAMS**

No. N-74: Timeline for Phase-1, 2 Year B.Ed., B.H.Ed., M.Ed. Courses e-Admission for the year 2024-25 under "Student Academic Management System (SAMS)" is given below. Any change in the timeline will be published on the website **https://te.samsodisha.gov.in/.** The applicants are request to read the Information Brochure carefully.

| Sl # | Activities | Timeline |
|---|---|---|
| 1 | Publication of Entrance Test Score on SAMS TE Portal | 09.08.2024 (Friday) (06.00 P.M.) |
| 2 | Publication of Provisional Allotment of Seats (For First Round Selection) | 12.08.2024 (Monday) (02.00 P.M.) |
| 3 | Online payment of Admission Fees by the selected students through SAMS [Student's login] portal | 12.08.2024 (Monday) (04.00 P.M.) to 16.08.2024 (Friday) (11.45 P.M.) |
| 4 | Reporting of applicants at allotted institutions for taking admission (for First Round Selection) | 13.08.2024 (Tuesday) (10.00 A.M.) to 14.08.2024 (Wednesday) (05.00 P.M.) & 16.08.2024 (Friday) (10.00 A.M.) to 17.08.2024 (Saturday) (05.00 P.M.) |
| 5 | Data updation of admitted students in the e-space (for First Round Admission) by the respective Institutions | 13.08.2024 (Tuesday) (10.00 A.M.) to 17.08.2024 (Saturday) (11.45 P.M.) |
| 6 | Updation of Slide-Up online by the Students taken admission in First Round of selection | 13.08.2024 (Tuesday) (02.00 A.M.) to 18.08.2024 (Sunday) (11.45 P.M.) |
| 7 | Publication of Provisional Allotment of Seats (for Second Round Selection) | 24.08.2024 (Saturday) (02.00 P.M.) |
| 8 | Online payment of admission fees by the selected students through SAMS [Student's login] portal | 24.08.2024 (Saturday) (04.00 P.M.) to 28.08.2024 (Wednesday) (11.45 P.M.) |
| 9 | Reporting of applicant at allotted institutions for taking admission (for Second Round Selection) | 27.08.2024 (Tuesday) (10.00 A.M.) to 29.08.2024 (Thursday) (05.00 P.M.) |
| 10 | Data updation of admitted students in the e-space (for Second Round Admission) by the respective Institutions | 27.08.2024 (Tuesday) (10.00 A.M.) to 29.08.2024 (Thursday) (11.45 P.M.) |
| 11 | Updation of Slide-up online by the Students taken admission in Second Round of Selection | 27.08.2024 (Tuesday) (02.00 P.M.) to 30.08.2024 (Friday) (11.45 P.M.) |
| 12 | Publication of Provisional Allotment of Seats (For Third Round Selection) | 05.09.2024 (Thursday) (02.00 P.M. |
| 13 | Online payment of admission fees by the selected students through SAMS [Student's login] portal | 05.09.2024 (Thursday) (04.00 P.M.) to 09.09.2024 (Monday) (11.45 P.M.) |
| 14 | Reporting of the applicant at allotted institutions for taking admission (for Third Round Selection) | 06.09.2024 (Friday) (10.00 A.M. to 05.00 P.M.) & 09.09.2024 (Monday) (10.00 A.M.) to 10.09.2024 (Tuesday) (05.00 P.M.) |
| 15 | Data updation of admitted students in the e-space (for Third Round of Selection) by the respective Institutions | 06.09.2024 (Friday) (10.00 A.M.) to 10.09.2024 (Tuesday) (11.45 P.M.) |
| 16 | Updation of Slide-Up option online by the students taken admission in Third Round of Selection | 06.09.2024 (Friday) (02.00 P.M.) to 11.09.2024 (Wednsday) (11.45 P.M.) |
| 17 | Publication of Provisional Allotment of Seats (For Fourth Round Selection) | 17.09.2024 (Tuesday) (02.00 P.M. |
| 18 | Online payment of admission fees by the selected students through SAMS (Student's login) portal (for Foruth Round Selection) | 17.09.2024 (Tuesday) (04.00 P.M.) to 20.09.2024 (Friday) (11.45 P.M.) |
| 19 | Reporting of applicants at allotted institutions for taking admission (for Fourth Round Selection) | 18.09.2024 (Wednesday) (10.00 A.M.) to 21.09.2024 (Saturday) (05.00 P.M.) |
| 20 | Data updation of admitted students in the e-space (for Fourth Round Selection) by the respective Institutions | 18.09.2024 (Wednesday) (10.00 A.M.) to 21.09.2024 (Saturday) (11.45 P.M.) |
| 21 | Publication of rank wise waiting list in (1:50 Ratio) among the remaining applicants as per the actual vacancy as on 22.09.2024 in HEI's e-space as well as in the Student's login | 25.09.2024 (Wednesday) (10.00 A.M.) |
| 22 | Publication of list of selected as well as waitlisted applicants by the HEI's at their Notice Board/ Website and also communicate them via Call/ SMS by the HEIs. | 25.09.2024 (Wednesday) (04.00 P.M.) |
| 23 | Reporting of waitlisted applicants to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode i.e. UPI/NEFT/ Net Banking etc.) | 26.09.2024 (Thursday) (10.00 A.M.) to 28.09.2024 (Saturday) (05.00 P.M.) |
| 24 | Admission updation of the selected waitlisted students data by the HEIs in their e-space | 26.09.2024 (Thursday) (10.00 A.M.) to 28.09.2024 (Saturday) (11.45 P.M.) |
| 25 | Commencement of 1st year classes for B.Ed., B.H.Ed., M.Ed. for the AY: 2024-25 | 23.09.2024 (Monday) |

**For more details please contact: e-Admission Helpline (Toll Free) Number 155335/1800-345-6770**

**Sd./- Deputy Director, PTC Section**
**OIPR-11001/11/0021/2425**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ସେଣ୍ଟର ଫର ୟୁଥ୍ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ (ସିୱାଇଏସ୍‌ଡି)ର ସମ୍ମିଳନୀ କକ୍ଷଠାରେ 'ଅନ୍ତର୍ଜାତୀୟ ଆଦିବାସୀ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ସମେତ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଡ. ଅରବିନ୍ଦ ବେହେରା, ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଓଡ଼ିଶା ସିଏସ୍‌ଆର୍ ହେଡ୍ ଅମ୍ବିକା ନନ୍ଦ ଅର୍ବାନ ହାବିଟାଟ ଓଡ଼ିଶା ଡିଭିଜନର ଲିଡର ଶିଶିର ଦାଶ ଏବଂ ସହର ଓ ଆଖପାଖ ଅଞ୍ଚଳର ୧୦୦ ରୁ ଅଧିକ ଆଦିବାସୀ ଲୋକ ଉପସ୍ଥିତ ଅଛନ୍ତି।

# ଆଇଟିସି ସନ୍‌ଫିଷ୍ଟର ନୂତନ ଉତ୍ପାଦ




ନୂଆଦିଲ୍ଲୀ,୧୧।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଇଟିସି ଫୁଡ୍‌ସର ଅଗ୍ରୀଣ ଫୁଡ୍‌ସ ବ୍ରାଣ୍ଡ 'ସନ୍‌ଫିଷ୍ଟ'ର ନୂତନ ଉତ୍ପାଦ 'ସୁପର ଏଗ୍ ଆଣ୍ଡ ମିଲ୍କ ବିସ୍କୁଟ୍‌ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରି କି ବଜାରରେ ବ୍ରାଣ୍ଡର ଏହି ନୂତନ ଉତ୍ପାଦ ଭିନ୍ନ ଭିନ୍ନ ରେଞ୍ଜରେ ଉପଲବ୍ଧ ବୋଲି ଆଇଟିସି ପକ୍ଷରୁ ଘୋଷଣା କରାଯାଇଛି। ବିଶେଷ କରି ଭାରତର ସାଉଥ୍ ଆଣ୍ଡ ଇଷ୍ଟ ଇଣ୍ଡିଆ ମାର୍କେଟରେ ସନ୍‌ଫିଷ୍ଟ 'ସୁପର ଏଗ୍ ଆଣ୍ଡ ମିଲ୍କ' ବିସ୍କୁଟ୍‌ସ ୫ଟଙ୍କା, ୧୦ ଟଙ୍କା ଏବଂ ୧୫ ଟଙ୍କା ମୂଲ୍ୟରେ ଉପଲବ୍ଧ ହେବ। ଏ ସମ୍ପର୍କରେ ଆଇଟିସି ଫୁଡ୍‌ସର ସିଓଓ (ବିସ୍କୁଟ୍‌ସ ଆଣ୍ଡ କେକ୍‌ସ କ୍ଲଷ୍ଟର) ଅଲି ହାରିସ ଶେରେ କହିଥିଲେ, ଆମେ ଆମର ନୂତନ ଉତ୍ପାଦ ସନ୍‌ଫିଷ୍ଟ 'ସୁପର ଏଗ୍ ଆଣ୍ଡ ମିଲ୍କ' ବିସ୍କୁଟ୍‌ସର ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରି କି ଆମର ଗ୍ରାହକ ଗବେଷଣାରୁ ଜଣାଯାଇଥିଲା ଯେ ମା'ମାନେ ଅଣ୍ଡା ଓ ଦୁଗ୍ଧକୁ ପିଲାଙ୍କ ପାଇଁ ଅତ୍ୟାବଶ୍ୟକ ଖାଦ୍ୟ ଭାବେ ବିବେଚନା କରିଥାନ୍ତି, ତେବେ ବ୍ୟକ୍ତିଗତ ଭାବେ ଏହି ସମସ୍ତ ଉପାଦାନଗୁଡ଼ିକ ପିଲାମାନେ ଖାଇବା ସେଭଳି ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ନୁହେଁ। ବିଶେଷକରି ଘର ବାହାରେ ଖାଇବା ସମୟରେ ଏହାକୁ ଖାଦ୍ୟରେ ସାମିଲ କରିବା ସେଭଳି ସହଜ ନୁହେଁ। ମା'ମାନେ ଏହି ସମସ୍ତ ପୋଷକ ସେମାନଙ୍କ ପିଲାଙ୍କୁ ଯୋଗାଇ ଦେବାକୁ ଚାହାନ୍ତି, କିନ୍ତୁ ସମ୍ପ୍ରତି ବଜାରରେ ରହିଥିବା ଉତ୍ପାଦଗୁଡ଼ିକରେ ଉଭୟର ସମ୍ମିଶ୍ରଣ ନାହିଁ। ଉଲ୍ଲେଖଯୋଗ୍ୟ, ଅନୁରୂପ ଅନ୍ତର୍ଦୃଷ୍ଟି ଏବଂ ବୋଧଗମ୍ୟତା ଉପରେ ଆଧାରିତ ଅଣ୍ଡା ଓ ମିଲ୍କ ବିସ୍କୁଟ ନିମନ୍ତେ ଶିଳ୍ପରେ ରହିଥିବା ଶୂନ୍ୟସ୍ଥାନ ପୂରଣ କରିବାକୁ ଆଇଟିସି ସନ୍‌ଫିଷ୍ଟ ପକ୍ଷରୁ ତାହାର ଅଧୁନାତନ ନବୋନ୍ମେଷୀ ଉତ୍ପାଦ 'ସନ୍‌ଫିଷ୍ଟ ସୁପର ଏଗ୍ ଆଣ୍ଡ ମିଲ୍କ ବିସ୍କୁଟ'ର ଶୁଭାରମ୍ଭ କରାଯାଇଥିଲା; ଯେଉଁଥିରେ 'ପ୍ରୋଟିନ୍‌ର ଉତ୍ତମତା' ରହିଛି।

# ବନ୍ଧନ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ନୂଆଦିଲ୍ଲୀ,୧୧।୮




ବନ୍ଧନ ବ୍ୟାଙ୍କ ପକ୍ଷରୁ ନିକଟରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ଲିଆଣ୍ଡର ପେସଙ୍କୁ ବ୍ୟାଙ୍କ ପକ୍ଷରୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରାଯାଇଛି। ଏପରିକି ସେ ପ୍ରଥମ ଏସୀୟ ଖେଳାଳି ବର୍ଗରେ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି। ସେହିଭଳି ଏହି ସମ୍ମାନ କ୍ରୀଡ଼ା ପ୍ରତି ଲିଆଣ୍ଡରଙ୍କ ଅତୁଳନୀୟ ଅବଦାନ ଓ ତାଙ୍କ ପ୍ରେରଣାଦାୟକ ପରମ୍ପରାକୁ ଦର୍ଶାଉଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ (ଅନ୍ତରୀଣ) ରତନ କୁମାର କେଶ କହିଛନ୍ତି, ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ଲିଆଣ୍ଡର ସାମିଲ ହେବା ସାରା ଭାରତ ପାଇଁ ଗର୍ବର ବିଷୟ ହୋଇଥିଲାବେଳେ ସେ ଜଣେ କିମ୍ବଦନ୍ତୀ ଓ ଆମ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏପରିକି ଟେନିସ୍‌ରେ ତାଙ୍କ କାହାଣୀ ହେଉଛି ଉତ୍କର୍ଷ ଓ ଅତୁଳନୀୟ ଭାବକୁ ନିରନ୍ତର ଅନୁସନ୍ଧାନ କରିବାର ଏକ ଅବିସ୍ମରଣୀୟ କାହାଣୀ ହୋଇଥିଲାବେଳେ ଏହି ଐତିହାସିକ ମୁହୂର୍ତ୍ତରେ ତାଙ୍କୁ ସମ୍ବର୍ଦ୍ଧିତ କରି ବନ୍ଧନ ବ୍ୟାଙ୍କ ନିଜକୁ ଗର୍ବିତ ମନେକରୁଛି। ସେହିଭଳି ଲିଆଣ୍ଡର ପେସ୍ କହିଛନ୍ତି,ଖେଳାଳି ବର୍ଗରେ ପ୍ରଥମ ଏସୀୟ ଓ ଭାରତୀୟ ଭାବେ ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବାରୁ ମୁଁ ନିଜକୁ କୃତଜ୍ଞ ଓ ଗର୍ବିତ ମନେକରୁଛି। ଏହି ସଫଳତା ହେଉଛି ବର୍ଷ ବର୍ଷର କଠିନ ପରିଶ୍ରମ, ସମର୍ପଣ ଏବଂ ମୋ ପରିବାର, ପ୍ରଶିକ୍ଷକ ଓ ସାରା ଦୁନିଆରେ ଥିବା ଭାରତୀୟଙ୍କ ଅତୁଟ ସମର୍ଥନର ଫଳ। ମୋ ସହିତ ଏହି ସ୍ୱତନ୍ତ୍ର ମୁହୂର୍ତ୍ତକୁ ପାଳନ କରିଥିବାରୁ ବନ୍ଧନ ବ୍ୟାଙ୍କ ପ୍ରତି ମୁଁ କୃତଜ୍ଞ।

# ଆକ୍ସିସ ସ୍ୱର୍ଣ୍ଣ ସପ୍ତାହ ଉଦ୍‌ଯାପିତ

ନୂଆଦିଲ୍ଲୀ,୧୧।୮

ଆକ୍ସିସ ବ୍ୟାଙ୍କର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଗ୍ରାହକ କୈନ୍ଦ୍ରୀକ ଅଭିଯାନ 'ସ୍ୱର୍ଣ୍ଣ ସପ୍ତାହ ୨୦୨୪' ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏପରି କି ଏହି ସପ୍ତାହ ମଧ୍ୟରେ ବ୍ୟାଙ୍କର କର୍ମଚାରୀ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଗ୍ରାହକ କୈନ୍ଦ୍ରୀକ ଅଭିଯାନ ଆୟୋଜନ କରିଥିଲେ। ଗ୍ରାହକଙ୍କୁ ଉଲ୍ଲସିତ କରିବା ଲାଗି ବ୍ୟାଙ୍କର ରହିଥିବା ପ୍ରତିଶ୍ରୁତିକୁ ଏହି ଅଭିଯାନ ସୁଦୃଢ଼ କରିଥିଲା।

ଏ ସମ୍ପର୍କରେ ଆକ୍ସିସ ବ୍ୟାଙ୍କର ଗ୍ରୁପ ଏକ୍‌ଜିକ୍ୟୁଟିଭ ବିଜୟ ମୁଲବାଗଲ କହିଛନ୍ତି, ସ୍ୱର୍ଣ୍ଣ ୨.୦ ରେ ଗ୍ରାହକମାନଙ୍କୁ ଶୁଣିବା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ସ୍ୱତନ୍ତ୍ର ବିଷୟ ଉପରେ ଧ୍ୟାନ ଦିଆଯାଉଛି, ଯାହା ଗ୍ରାହକଙ୍କୁ ଉଲ୍ଲସିତ କରି ସେମାନଙ୍କୁ ବ୍ୟାଙ୍କର ୧୦/୧୦ ପ୍ରମୋଟରରେ ପରିଣତ କରୁଛି। ସ୍ୱର୍ଣ୍ଣ ସପ୍ତାହରେ ଉଭୟ ଗ୍ରାହକ ଓ କର୍ମଚାରୀମାନଙ୍କ ଲାଗି ଏହି ମୂଲ୍ୟବୋଧ ଉପରେ ଆଧାରିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ସପ୍ତାହରେ ଗ୍ରାହକମାନଙ୍କ ଲାଗି ସ୍ୱତନ୍ତ୍ର ଅଫର ମଧ୍ୟ ରହିଛି।

ଉଲ୍ଲେଖଯୋଗ୍ୟ, ସ୍ୱର୍ଣ୍ଣ ସପ୍ତାହ ୨୦୨୪ରେ ବ୍ୟାଙ୍କ ପକ୍ଷରୁ ମାଷ୍ଟରକ୍ଲାସ, ଫାୟାରସାଇଡ ଚାଟ୍, ଗ୍ରାହକ ଓ ଲିଡରଶିପ କନେକ୍ଟ ଏବଂ ପ୍ୟାନେଲ ଆଲୋଚନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଥିରେ ବକ୍ତାମାନେ କର୍ମଚାରୀମାନଙ୍କ ସହ ସେମାନଙ୍କ ସମ୍ପର୍କ ଓ ଅନୁଭୂତିକୁ ବଖାଣିଥିଲେ। ଏହି ଅଭିଯାନ ବ୍ୟାଙ୍କର ୫୫୦୦ ଶାଖା ମାଧ୍ୟମରେ ସ୍ୱତନ୍ତ୍ର ଅଫର ପ୍ରଦାନ କରିଥିଲା। ସେହି ଅଫର ଜରିଆରେ ଗ୍ରାହକମାନେ ୨୪୯୯ଟଙ୍କାର ବାର୍ଷିକ ପ୍ରିମିୟମରେ ୩୦ଲକ୍ଷ ଟଙ୍କାର ପରିବାର ସ୍ୱାସ୍ଥ୍ୟ ବୀମା ପାଇପାରିବେ। ମାଗଣାରେ ଆକ୍ସିସ ଡାଇରେକ୍ଟ ଆକାଉଣ୍ଟର ଲାଭ ନେଇପାରିବେ। ଗାଡ଼ି ଋଣ ଉପରେ ୧୦୦% ପର୍ଯ୍ୟନ୍ତ ଅନ୍‌ରୋଡ ଫାଇନାନ୍ସ ସୁବିଧା ମିଳିବ ଓ ସୁଧ ହାର ୦.୫୦% କମ୍ ରହିବ।


# Classified Everyday
0674-2580101, 2549949


REAL ESTATE

SALE

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ। 7008297827. D-974

**HOUSE FOR SELL- Main road side individual house near Nua Gaon Petrol Pump Bhubaneswar, corner house, BDA approved, 3 storied building, plot size 2000 sqft. CONTACT- 91780 86321.** D-1003

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437226965, 9778832554.** D-1014

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1015




Newly open health benefits SPA special offer @ 799 Bapuji Nagar. 8018429809. D-76144

Newly open health benefits spa by expert therapist. Contact: 6371861658. D-76142

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open Jyoti SPA positively health benefits (Expert therapist). 8458067955. D-76141

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75767


BUSINESS

**Ice Factory Manchineries Kiloskar Compressor Kcx4,450 Canes. 8480204021, 6371837547.** D-950

LOST

The Notice is hereby given to the Public in general that, original registered Sale Deed No.11662000269 & 11662000270, dated 22.01.2020 executed by Legal heir/successors of Late Prafulla Kumar Sahu namely Hiramani Sahu (Wife), Satabdi Sahu (Daughter), Abhilash Kumar Sahu (Son) and Kailash Chandra Sahu (Son) in favor of Swagatika Meher & Gitanjali Meher respectively relating to property bearing Khata No.- 66/19, being link document to property bearing mutation khata No.- 66/19, Plot No.- 433/712 & 433/713, Area Ac.0.05dec. standing in the name of Richpal Meher situated at Mouza- Dumburipali, Tehsil- Sonepur, Dist.- Sonepur has been lost. If the same is found please contact Punjab National Bank, Sonepur. Further, Punjab National Bank intends to create mortgage in respect of the property details of which are given in the notice for the purpose of loan. Any person claiming any interest or title in the property or otherwise having any objection can made representation to Punjab National Bank, Sonepur within seven days (07 days) of the date of this Notice. D-1013

ମନେ ପଡ଼ନ୍ତି



୰ବିଭୂତି ଭୂଷଣ ମିଶ୍ର
ଆବିର୍ଭାବ : ୨୫.୦୬.୧୯୫୦
ତିରୋଧାନ : ୩୦.୦୭.୨୦୨୪
(ଗ୍ରାମ-ନିଆଳ, ଜିଲ୍ଲା-ଖୋର୍ଦ୍ଧା)
ତୁମେ କେବଳ ନ ଥିଲ ୰ପଣ୍ଡିତ ଦ୍ୱିଜରାଜ ମିଶ୍ରଙ୍କର ସୁପୁତ୍ର, ଥିଲ ଜଣେ ଲବ୍ଧପ୍ରତିଷ୍ଠ, କର୍ତ୍ତବ୍ୟନିଷ୍ଠ ସଚ୍ଚୋଟ ଓ.ଏ.ଏସ୍ ଅଧିକାରୀ ତଥା ଜଗତର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚାମର ସେବକ । ତୁମର ମହନୀୟ ଗୁଣାବଳୀ ପାଇଁ ଅଞ୍ଚଳବାସୀଙ୍କ ସ୍ନେହଭାଜନ ହୋଇପାରିଛ । ତୁମର ସେବା, ତ୍ୟାଗ, ପରୋପକାର, ମିଷ୍ଟଭାଷୀ ଗୁଣ ଆମମାନଙ୍କର ପାଥେୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ମିଶ୍ର ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୦୧୬

ଏକାଦଶାହ ଉପଲକ୍ଷେ



୰ ଉମାକାନ୍ତ ମହାପାତ୍ର
ଆବିର୍ଭାବ: ୦୫.୦୫.୧୯୭୨
ତିରୋଧାନ: ୦୨.୦୮.୨୦୨୪
ବିଏଲ -୩୫, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ବାପା, ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମେ ଯେଉଁଠି ବି ଥାଅ ଭଲରେ ଥାଏ। ଆମେ ତୁମର ଆଶୀର୍ବାଦକୁ ନେଇ ଭଲ ମଣିଷ ହେବୁ ଏତିକି କାମନା କରୁଛୁ।
ତୁମର ହତଭାଗ୍ୟ ଝିଅ
ମନସ୍ୱିନୀ ମହାପାତ୍ର (ଟିକି)
ରୋଜାଲିନ ମହାପାତ୍ର (ପିକି)
ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୧୦୧୭

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବଜାରରେ ଟିଭିଏସ୍‌ର ନୂତନ ମଡେଲସ

ନୂଆଦିଲ୍ଲୀ,୧୧।୮



ଟିଭିଏସ୍ ମୋଟର କମ୍ପାନୀର ନୂତନ ମଡେଲସ 'ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁ ୧୨୫ ଏବଂ ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁ ରେସ ଏକ୍ସପି'କୁ ନିକଟରେ ଅନାବରଣ (ଉନ୍ମୋଚନ) କରାଯାଇଛି। ଏପରି କି ଟିଭିଏସ୍‌ର ଉଭୟ ମଡେଲ ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁ ୧୨୫କୁ ଯୁବ ପ୍ରଫେଶନାଲ୍‌ମାନଙ୍କ ପାଇଁ ଏବଂ ଅତୁଳନୀୟ ଶକ୍ତି ଚାହୁଁଥିବା ରେସ୍ ପ୍ରେମୀଙ୍କ ପାଇଁ ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁ ରେସ୍ ଏକ୍ସପି ସିରିଜ୍‌କୁ ମଧ୍ୟ ଡିଜାଇନ କରାଯାଇଛି।

ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ଉପସଭାପତି (ମାର୍କେଟିଂ -ସ୍କୁଟର, କମ୍ୟୁଟର ମୋଟରସାଇକେଲ୍ ଓ କର୍ପୋରେଟ୍ ବ୍ରାଣ୍ଡ) ଅନିରୁଦ୍ଧ ହାଲଦାର କହିଛନ୍ତି, ଟିଭିଏସ୍ ମୋଟରରେ ଆମେ ଆତ୍ମପରିପ୍ରକାଶ ପାଇଁ ଗ୍ରାହକମାନଙ୍କୁ ଏକ ପ୍ଲାଟଫର୍ମ ଦେବାକୁ ଉଦ୍ୟମ କରୁଛୁ। ସେହି ଭିଜନ ପ୍ରତି ଆମ ପ୍ରତିବଦ୍ଧତାକୁ ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁ୧୨୫ ଓ ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁ ରେସ ଏକ୍ସପି ପରିପ୍ରକାଶ କରୁଛି। ଏପରି କି ନୂଆ ଆକର୍ଷଣୀୟ ରଙ୍ଗ ଭାରିଆଣ୍ଟ ସ୍କୁଟର ଡିଜାଇନ୍‌କୁ ଏକ ଆଧୁନିକ ଦୃଷ୍ଟିକୋଣ ପ୍ରଦାନ କରିଥିବାବେଳେ ଉତ୍ସାହ ଓ ଆତ୍ମ ପରିପ୍ରକାଶକୁ ସମନ୍ୱିତ କରିଛି।

ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁ୧୨୫ରେ ୧୨୪.୮ ସିସିର ତିନି ଭାଲଭ୍ ଇଞ୍ଜିନ ସାମିଲ ରହିଛି, ଯାହା ୯.୫ ପିଏସ୍ ଓ ୧୦.୬ ଏନ୍‌ଏମ୍ ଟର୍କ ଉତ୍ପନ୍ନ କରୁଛି। ଏଥିରେ ବ୍ଲୁ ଟୁଥ୍ ସଂଯୋଗ, ସମ୍ପୂର୍ଣ୍ଣ ଡିଜିଟାଲ୍ ଡିସ୍‌ପ୍ଲେ, ଡୁଆଲ୍ ରାଇଡ୍ ମୋଡ୍ ଓ ସିଗ୍ନେଚର ଏଲ୍‌ଇଡି ଲ୍ୟାମ୍ପ ଆଦି ସାମିଲ ରହିଛି। ଏହି ସ୍କୁଟର ଏକ ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନ କରୁଛି; ଯେଉଁଥିରେ ଉତ୍ତମ ପ୍ରଦର୍ଶନ, ସୁବିଧାସୁଯୋଗ ଓ ଷ୍ଟାଇଲ୍‌ର ମିଶ୍ରଣ ସାମିଲ ରହିଛି। ରୋମାଞ୍ଚ ଚାହୁଁଥିବା ଗ୍ରାହକମାନଙ୍କ ଲାଗି ଟିଭିଏସ ଏନ୍‌ଟିଓଆର୍‌କ୍ୟୁ ରେସ ଏକ୍ସପିକୁ ପ୍ରସ୍ତୁତ କରାଯାଇଛି। ଏଥିରେ ୧୨୪.୮ ସିସିର ତିନି ଭାଲ୍‌ଭ ଇଞ୍ଜିନ ସାମିଲ ରହିଛି, ଯାହା ୧୦.୨ପିଏସ୍ ଓ ୧୦.୯ଏନ୍‌ଏମ୍ ଟର୍କ ସୃଷ୍ଟି କରୁଛି; ଯାହା ଏହାକୁ ଏକ ଶକ୍ତିଶାଳୀ ସ୍କୁଟରରେ ପରିଣତ କରିଛି। ଏଥିରେ ଷ୍ଟାଇଲିସ୍ ଓ ତୀକ୍ଷ୍ଣ ଗ୍ରାଫିକ୍ସ ଫିଚର ରହିଛି। ଏପରି କି ରାତ୍ରିକାଳୀନ ଅନୁଭୂତି ପାଇଁ ଏହାର ଅତ୍ୟାବଶ୍ୟକ ପାର୍ଟସ୍‌ଗୁଡ଼ିକୁ ଡିଜାଇନ୍ କରାଯାଇଛି। ସେହିଭଳି ସାଦାସିଧା ଓ ଆଧୁନିକ ଉତ୍ପାଦ ଡିଜାଇନ୍ ଆଡ଼କୁ ଗ୍ରାହକ ଅଧିକ ଆକୃଷ୍ଟ ହେଉଛନ୍ତି। ତେଣୁ ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁ୧୨୫ ତିନିଟି ରଙ୍ଗ ଯଥାକ୍ରମେ ଟର୍କୁଇଜ, ହାର୍ଲେକୁଇନ୍ ବ୍ଲୁ ଓ ନାର୍‌ଡୋ ଗ୍ରେ ରଙ୍ଗରେ ଉପଲବ୍ଧ। ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁ ରେସ୍ ଏକ୍ସପିକୁ ମ୍ୟାଟ୍ ବ୍ଲାକ୍ ସ୍ପେସିଆଲ୍ ଏଡିସନ୍‌ରେ ଉନ୍ମୋଚନ କରାଯାଇଛି, ଯାହା କଳା ରଙ୍ଗରେ ବିଭିନ୍ନ ରୂପ ରେଖର ସମ୍ମିଶ୍ରଣ ରହିଛି; ଯେଉଁଥିରେ ମ୍ୟାଟ୍ ଓ ଗ୍ଲସି ପିଆନୋ ବ୍ଲାକ୍ ସାମିଲ ରହିଛି। ଗ୍ରାହକଙ୍କ ବ୍ୟକ୍ତିତ୍ୱକୁ ଦୃଷ୍ଟିରେ ରଖି ଟିଭିଏସ୍ ଏନ୍‌ଟିଓଆର୍‌କ୍ୟୁର ନୂଆ ରଙ୍ଗ ଭାରିଆଣ୍ଟ ପ୍ରସ୍ତୁତ କରାଯାଇଛି।

# ଭର୍ଚୁଆଲ୍ ଇଣ୍ଟରଲାଇନ୍ ପ୍ଲାଟଫର୍ମର ଶୁଭାରମ୍ଭ

ନୂଆଦିଲ୍ଲୀ,୧୧।୮




ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପ୍ରଥମ ଭାରତୀୟ ଏୟାରଲାଇନ୍ ଭାବେ ଭର୍ଚୁଆଲ ଇଣ୍ଟରଲାଇନ୍ ପ୍ଲାଟଫର୍ମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯେଉଁଥିରେ ଯାତ୍ରୀମାନେ ବୁକିଂର ବ୍ୟାପକ ବିକଳ୍ପ ପାଇପାରିବେ। ଏପରି କି ଏୟାରଲାଇନ୍‌ର ୱେବ୍‌ସାଇଟ୍‌ରେ ବିମାନ ସର୍ଚ୍ଚ କରିବା ବେଳେ ଗ୍ରାହକମାନେ ନୂଆ ପ୍ଲାଟଫର୍ମ ସହ ଯୋଡ଼ିହୋଇପାରିବେ, ଯାହାଦ୍ୱାରା ସେମାନେ କନେକ୍ଟିଂ ବିମାନ ବୁକିଂ କରିବା ବେଳେ ଗୋଟିଏ ପାର୍ଶ୍ୱରୁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଏବଂ ଅପରପକ୍ଷରୁ ସହଯୋଗୀ ଏୟାରଲାଇନ୍ସର ବିମାନ ବୁକିଂ କରିପାରିବେ। ସେହିଭଳି ଡୋହୋପ୍ (ଟ୍ରାଭେଲ୍ ସମାଧାନ ପ୍ରଯୁକ୍ତି କମ୍ପାନୀ) ସହ ସହଯୋଗିତାରେ ବିକାଶ କରାଯାଇଥିବା ଭର୍ଚୁଆଲ୍ ଇଣ୍ଟରଲାଇନ୍ ପ୍ଲାଟଫର୍ମ 'ଏଆଇଏକ୍ସ କନେକ୍ଟ' ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ସଂଯୋଗରେ ଉନ୍ନତି ଆଣି ଯାତ୍ରୀମାନଙ୍କୁ ନିଜେ ଟିକଟ ବୁକିଂ କରିବାରେ ସହାୟକ ହେବ। ଏଥିରେ ପ୍ରଥମ ସହଯୋଗୀ ଭାବେ ସିଙ୍ଗାପୁରର ଏୟାରଲାଇନ୍‌ର ସ୍କୁଟ୍ ଯୋଡ଼ି ହୋଇଛି, ଯାହା ଜରିଆରେ ଯାତ୍ରୀମାନେ ଭାରତ ଓ ମଧ୍ୟପ୍ରାଚ୍ୟରୁ ବିଶ୍ୱର ୬୦ଟି ଅନ୍ତର୍ଜାତୀୟ ସ୍ଥାନକୁ ବୁକିଂ କରିପାରିବେ।

ଏୟାର ଇଣ୍ଡିଆ ଏକ୍ସପ୍ରେସର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଅଙ୍କୁର ଗର୍ଗ କହିଛନ୍ତି, ଏୟାର ଇଣ୍ଡିଆ ଏକ୍ସପ୍ରେସ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ନିଜର ଉପସ୍ଥିତି ମଜଭୁତ କରୁଥିବାବେଳେ ଆମେ ପୂର୍ବ ଏବଂ ପଶ୍ଚିମକୁ ନିରବଚ୍ଛିନ୍ନ ଯୋଗାଯୋଗ ସହିତ ନୂତନ ଗନ୍ତବ୍ୟସ୍ଥଳଗୁଡିକୁ ଯୋଡ଼ିବା ପାଇଁ ଭର୍ଚୁଆଲ ଇଣ୍ଟରଲାଇନ ସହଯୋଗିତାକୁ ଉପଯୋଗ କରୁଛୁ। ଏପରିକି ଆମେ ଏହି ପ୍ଲାଟଫର୍ମରେ ଆମର ପ୍ରଥମ ଏୟାରଲାଇନ୍ସ ପାର୍ଟନର ଭାବେ ସ୍କୁଟ୍‌କୁ ସ୍ୱାଗତ କରୁଛୁ ଏବଂ ଅଧିକ ଏୟାରଲାଇନ୍ସ ଚଳାଚଳ କରିବାକୁ ଚାହୁଁଛୁ, ଆଭ୍ୟନ୍ତରୀଣ ପର୍ଯ୍ୟଟନକୁ ବୃଦ୍ଧି କରିବ।

ଏହି ଭର୍ଚୁଆଲ ପ୍ଲାଟଫର୍ମରେ ଏୟାର ଇଣ୍ଡିଆ ଏକ୍ସପ୍ରେସର ଉଦ୍‌ଘାଟନୀ ଇଣ୍ଟରଲାଇନ ପାର୍ଟନର ହୋଇ ଆମେ ଗର୍ବ ଅନୁଭବ କରୁଛୁ। ଏହି ସହଯୋଗିତା କେବଳ ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ଯୋଗାଯୋଗରେ ଉନ୍ନତି ଆଣିବ ନାହିଁ, ବରଂ ଭାରତୀୟ ଯାତ୍ରୀମାନଙ୍କୁ ସିଙ୍ଗାପୁର ଏବଂ ଏହା ବାହାରେ ଅଧିକ ବିମାନ ବିକଳ୍ପ ମଧ୍ୟ ପ୍ରଦାନ କରିବ। ଏପରିକି ଗ୍ରାହକଙ୍କୁ ଆମର ବିସ୍ତୃତ ନେଟୱର୍କ ମଧ୍ୟରେ ଆରାମଦାୟକ ଏବଂ ନିରବଚ୍ଛିନ୍ନ ଯାତ୍ରା ପ୍ରଦାନ କରିବାକୁ ସ୍କୁଟ୍ ପ୍ରତିଶ୍ରୁତିବଦ୍ଧ ବୋଲି ସ୍କୁଟ୍‌ର ମୁଖ୍ୟ ବାଣିଜ୍ୟିକ ଅଧିକାରୀ କେଲଭିନ ଚାନ୍ କହିଛନ୍ତି।

# ଗୋଚାଲାଣକାରୀ-ପୋଲିସ ଗୁଳି ବିନିମୟ

- ଜଣେ ଗୋରୁ ବ୍ୟବସାୟୀ, ୨ ପୋଲିସ କର୍ମଚାରୀ ଆହତ
- ବନ୍ଧୁକ, ପିକ୍‌ଅପ୍ ଜବତ: ୫ ଗିରଫ



ଜବତ ବନ୍ଧୁକ





ଆହତ ଓ ଗିରଫ ଅଭିଯୁକ୍ତ।

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)/ ଢେଙ୍କିକୋଟ(ନୀଳମଣି ମଣ୍ଡଳ), ୧୧।୮

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ପିଠାଗୋଳା ଓ କାଦୁଆ ଅଞ୍ଚଳରେ ଗୋଚାଲାଣକାରୀ, ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଗୋରୁ ବ୍ୟବସାୟୀ ଓ ୨ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଗୁଳିମାଡ଼ରେ ଆହତ ଗୋରୁ ବ୍ୟବସାୟୀ ହେଲେ ଘଟଗାଁ ଥାନା ଅଧୀନ ସାନ୍ତରାପୁର ଗ୍ରାମର ଅରିଫ ଖାନ୍। ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ସାନ୍ତରାପୁର ଗ୍ରାମର ଆରିକ ଖାନ୍, ସେକ୍ ହାକିମ, ଜଂଘିରା ଗ୍ରାମର ସୋନୁ ମହମ୍ମଦ, ମୟୂରଭଞ୍ଜ ଜିଲା ଯଶୀପୁର ଥାନା ବାକୋଲା ଗ୍ରାମର ଦୀପକ କାଳିନ୍ଦୀ ଓ ଦେବୁ କାଳିନ୍ଦୀ। ଏନେଇ ରବିବାର କେନ୍ଦୁଝର ଅତିରିକ୍ତ ଏସ୍‌ପି ଦିଲୀପ କୁମାର ନାୟକ କେନ୍ଦୁଝର ଟାଉନ ଥାନାରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି।

ତେଲକୋଇ ଥାନା କାଳିଆହତା ଅଞ୍ଚଳରୁ ୨୫ ଗୋରୁ ଚାଲାଣ ହେଉଥିଲା। ଖବର ପାଇ ହରିଚନ୍ଦନପୁର ପୋଲିସ ଓ ସ୍ପେଶାଲ ସ୍କ୍ୱାଡ ପିଠାଗୋଳା ଓ କାଦୁଆ ଅଞ୍ଚଳରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଗୋଚାଲାଣକାରୀ ଗାଳିଗୁଲଜ କରିବା ସହ ଗୁଳି ଚଳାଇଥିଲେ। ପୋଲିସ ଆତ୍ମରକ୍ଷା କରିବାକୁ ପ୍ରତି ଆକ୍ରମଣରେ ଗୁଳି ଚଳାଇଥିଲା। ପୋଲିସ ଗୁଳିରେ ଜଣେ ଗୋରୁ ବ୍ୟବସାୟୀ ଆହତ ହୋଇ ଚିକିତ୍ସିତ ଅଛନ୍ତି। ତାଙ୍କର ୨ଗୋଡ଼ରେ ଗୁଳି ବାଜିଛି। ଅନ୍ୟପକ୍ଷରେ ଘଟଣାରେ ୨ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପୋଲିସ ଗୁଳିରେ ଆହତ ଅରିଫଙ୍କୁ ପ୍ରଥମେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଚାଲାଣରେ ବ୍ୟବହାର ହେଉଥିବା ୩ ପିକ୍‌ଅପ୍ ଭ୍ୟାନ (ନଂ. ଓଡି ୦୯ ଏମ୍ ୪୯୩୨, ଓଡି ୧୯ ଆର ୫୭୨୫, ଓଆର ୦୫ ଏଆଇ ୩୬୪୭), ଗୋଟିଏ ଜିପ୍ (ନଂ. ଓଡି ୦୨ ଏଫ ୮୫୭୩), ୨ ଦେଶୀ ବନ୍ଧୁକ ଓ ମାରଣାସ୍ତ୍ର ଜବତ କରିଛି। ୨୫ ଗୋରୁ ଉଦ୍ଧାର କରିଛି। ହରିଚନ୍ଦନପୁର ଥାନାରେ ଏକ ମାମଲା(ନଂ. ୧୬୮/୨୦୨୪) ଓ ପଣ୍ଡାପଡ଼ା ଥାନାରେ (ନଂ. ୨୪୭/୨୦୨୪) ପଶୁ ନିର୍ଯାତନା ଓ ଭାରତୀୟ ନ୍ୟାୟ ସଂହିତା ଆଇନରେ ମାମଲା ପଞ୍ଜୀକରଣ କରି ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଘଟଣାର ତଦନ୍ତ ଚାଲିଛି ଏବଂ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଖୋଜୁଥିବା ସୂଚନା ଦେଇଛି। ସୂଚନାଯୋଗ୍ୟ, କେନ୍ଦୁଝର ଦେଇ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ବେଆଇନ ଗୋରୁ ବୋଝେଇ ଟ୍ରକ୍, ଭ୍ୟାନ, କଣ୍ଟେନରରେ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ଦ୍ରୁତ ଗତିରେ ଗାଡ଼ି ଚଳାଇ ଯାଉଥିବା ବେଳେ ବହୁ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୋରୁ ମୃତାହତ ହେଉଛନ୍ତି। ସେହିପରି ଖିରେଇ ଟାଙ୍ଗିରି ଟୋଲ ଗେଟ ଭାଙ୍ଗି ବହୁ ଗାଡ଼ି ଫେରାର ମଧ୍ୟ ହୋଇଥିଲେ ହେଁ ପୋଲିସ ଧରିବାରେ ବିଫଳ ହେଉଛି ବୋଲି ସ୍ୱୟଂସେବକ ଦେବରାଜ ଆଚାର୍ଯ୍ୟ କହିଛନ୍ତି। ବିଶେଷ କରି ସମ୍ବଲପୁର, ରାୟପୁର, ତେଲକୋଇ ଆଦି ଅଞ୍ଚଳରୁ ଏନ୍‌ଏଚ୍ ୪୯ରେ କେନ୍ଦୁଝର ଦେଇ କିମ୍ବା ଜଂଘିରା, ପଣ୍ଡାପଡ଼ା, ପାଟଣା ଦେଇ ଜିଲା ପାର ହୋଇ ଗୋ-ଚାଲାଣ ହେଉଛି।

# ଅଭିଯୁକ୍ତ ଗଣେଶ, ପ୍ରଦୀପ ଜେଲ ଗଲେ



ଗିରଫ ଅଭିଯୁକ୍ତ ଗଣେଶ ଓ ପ୍ରଦୀପ ମଲ୍ଲିକ।

ଭୁବନେଶ୍ୱରରେ ଡବଲ ମର୍ଡର ଘଟଣା

- ସିନ୍ ରିକ୍ରିଏଟ୍ କଲା ପୋଲିସ
- ପାଞ୍ଚଗାଁ ନିକଟ ଗଙ୍ଗୁଆ କୂଳରୁ ଛୁରି ଜବତ

ଭୁବନେଶ୍ୱର, ୧୧।୮ (ସତ୍ୟଜିତ୍ ରାଉତ)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କୁହାସ୍ଥିତ କଲ୍ୟାଣ ପ୍ଲାଜା ଆନେକ୍ସ ଆପାର୍ଟମେଣ୍ଟରେ ଗାଡି ପାର୍କିଂକୁ କେନ୍ଦ୍ରକରି ଦୁଇ ସାଙ୍ଗ ରଶ୍ମିରଞ୍ଜନ ସେଠୀ ଓରଫ ଜିତୁଆ ଓ କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ସସ୍ମିତ ରାଉତ ଓରଫ ଜୁଲୁଙ୍କୁ ଛୁରିଭୁସି ହତ୍ୟା ଘଟଣାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ରବିବାର ଜେଲ ଯାଇଛନ୍ତି। ସେମାନେ ହେଲେ କୁହା ଗାଁର ଗଣେଶ ମଲ୍ଲିକ ଓ ସମ୍ପର୍କୀୟ ଭାଇ ପ୍ରଦୀପ ଓରଫ ରାଉଳ। ଉଭୟଙ୍କୁ ପୋଲିସ ଶନିବାର ହଂସପାଳରୁ ଗିରଫ କରିଥିଲା। ଏଥିସହ ସେମାନଙ୍କଠାରୁ ବାଇକ, ହତ୍ୟାକାଣ୍ଡ ବେଳେ ପିନ୍ଧିଥିବା ଡ୍ରେସ୍ ଆଦି ଜବତ କରିଥିଲା। ରବିବାର ସେମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗଣେଶ ଓ ପ୍ରଦୀପ ହତ୍ୟାକାଣ୍ଡ ଘଟାଇ ପାଞ୍ଚଗାଁ ନିକଟ ଗଙ୍ଗୁଆ କୂଳରେ ରକ୍ତଲଗା ଛୁରି ଫିଙ୍ଗିଥିଲେ। ପରେ ସେମାନେ ବାଇକ ଯୋଗେ ପୁରୀ ପଳାଇ ଯାଇଥିଲେ। ଗଣେଶ ପୁରୀରେ ରହିଥିବାବେଳେ ପ୍ରଦୀପ ଚଣ୍ଡିଖୋଲ ଯାଇ ଲୁଚିଥିଲେ। ପରେ ଉଭୟ ଭୁବନେଶ୍ୱର ଫେରି ଆସିଥିବାବେଳେ ପୋଲିସ ଟିମ୍ ସେମାନଙ୍କୁ ହଂସପାଳରୁ କାବୁ କରିଥିଲା। ତେବେ ଉଭୟଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୧୫(୨), ୧୧୭(୨), ୧୨୬(୨), ୧୦୩(୧), ୩(୫)ରେ ମାମଲା (ନଂ.୨୨୬/୨୦୨୪) ରୁଜୁ ହୋଇଛି। ଗିରଫ ପରେ ଅଭିଯୁକ୍ତଦ୍ୱୟଙ୍କୁ ସକାଳେ ପୋଲିସ ଟିମ୍ ଆପାର୍ଟମେଣ୍ଟ ନିକଟ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ୍ କରିଥିଲା। ଉଭୟଙ୍କୁ ପାଞ୍ଚଗାଁ ନିକଟ ଗଙ୍ଗୁଆ କୂଳକୁ ନିଆଯାଇଥିଲା। ସେମାନେ ଛୁରି କେଉଁଠାରେ ଫିଙ୍ଗିଥିଲେ ତାହା ଦେଖାଇଥିଲେ। ପରେ ସେହି ସ୍ଥାନରୁ ସାଇଣ୍ଟିଫିକ୍ ଟିମ୍ ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରିଛି ବୋଲି ଡିସିପି ସିଂ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଆପାର୍ଟମେଣ୍ଟର ବ୍ଲକ୍-୫ରେ ରଶ୍ମିରଞ୍ଜନ କାର୍ ପାର୍କିଂ କରିବାକୁ ନେଇ ବିବାଦ ଉପୁଜିଥିଲା। ହତ୍ୟାକାଣ୍ଡର ୩ ଦିନ ପୂର୍ବରୁ ସେହି ଆପାର୍ଟମେଣ୍ଟରେ ସୁପରଭାଇଜର ହୋଇଥିବା ଗଣେଶ ମଲ୍ଲିକ ଏହାକୁ ବିରୋଧ କରିଥିଲେ। ବୁଧବାର ରାତି ପ୍ରାୟ ୯ଟାବେଳେ ଏହି ଝଗଡ଼ା ଉଗ୍ରରୂପ ନେଇଥିଲା। ଯୁକ୍ତିତର୍କ ବେଳେ ଉଭୟ ହାତାହାତି ହୋଇଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ବେଳେ ଜୁଲୁ ଏହାକୁ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଗଣେଶ ତାଙ୍କ ସମ୍ପର୍କୀୟ ଭାଇ ପ୍ରଦୀପ ଓ ସହଯୋଗୀଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ପରେ ଅଭିଯୁକ୍ତଦ୍ୱୟ ସଂଘବଦ୍ଧ ଭାବେ ଜୁଲୁ ଓ ରଶ୍ମିରଞ୍ଜନଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରି ଭୁସି ହତ୍ୟା କରିଥିଲେ।

# ଆଲୁମିନିୟମ କମ୍ପାନିରେ ଅଗ୍ନିକାଣ୍ଡ

## ବାସନ ଜଳିଗଲା, ୪ ଶ୍ରମିକ ଆହତ



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

ମଙ୍ଗୁଳି-ଜଗତପୁର, ୧୧।୮(ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ଅଧୀନ ଜଗତପୁର ଫେଜ୍-୨ଠାରେ ଥିବା ଭବାନୀ ଆଲୁମିନିୟମ ଲିମିଟେଡ୍ ନାମକ ଏକ କମ୍ପାନିରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କମ୍ପାନୀର ଲକ୍ଷାଧିକ ଟଙ୍କାର ଆଲୁମିନିୟମ୍ ସାମଗ୍ରୀ, କମ୍ପ୍ୟୁଟର ଓ କାଗଜପତ୍ର ଜଳିଯାଇଥିବାବେଳେ ୪ ଜଣ ଶ୍ରମିକ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବରପାଇ କଟକ ଓ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ସାଢେ ୨ଟାରେ କମ୍ପାନିର ଅଫିସ ରୁମ୍‌କୁ ମାଲିକ ବନ୍ଦ କରି ଘରକୁ ଯାଇଥିଲେ। ହେଲେ ସାଢେ ୩ଟା ସମୟରେ ହଠାତ୍ ଅଫିସ୍ ରୁମ୍‌ରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ସେଠାରେ ଉପସ୍ଥିତ ଥିବା ଶ୍ରମିକମାନେ କବାଟ ତାଡ଼ି ନିଆଁ ଲିଭାଇବାକୁ ଉଦ୍ୟମ କରିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଥିଲେ। ଚାହୁଁ ଚାହୁଁ ନିଆଁ ବ୍ୟାପିଯାଇ ଆଲୁମିନିୟମ୍ ବାସନରେ ଲାଗିଯାଇଥିଲା। ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା କି ନାହିଁ ସେ ସମ୍ପର୍କରେ ଜଣାପଡିନାହିଁ। ଜଗତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ହାତୀ ଆକ୍ରମଣରେ ମହିଳା ମୃତ

ନୂଆଗାଁ, ୧୧।୮ (ବିଜୟ ତ୍ରିପାଠୀ )

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ କକେରମା ପଞ୍ଚାୟତ କରଞ୍ଜିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସବିତା ଗୌଡ଼ (୫୬)। ହାତିବାରୀ ଥାନାରେ ଏକ ଅପମୃତ୍ୟୁ ମାମଲା କେସ୍ ନଂ.୨୫/୨୪ ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଶନିବାର ରାତିରେ ଉକ୍ତ ମହିଳା ଘରେ ଶୋଇଥିବା ବେଳେ ଅଞ୍ଚଳରେ ବୁଲୁଥିବା ୨୦ଟିକିଆ ହାତୀପଲ ତାଙ୍କ ଘର ଆଡ଼କୁ ଆସୁଥିବା ସେ ଜାଣିବାକୁ ପାଇଥିଲେ। ଘରୁ ଦୌଡି ପଳାଉଥିବା ସମୟରେ ରାସ୍ତାରେ ଅନ୍ୟ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ମହିଳାଙ୍କୁ ପାଦରେ ଦଳିଦେବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବୀରମିତ୍ରପୁର ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଦୁର୍ଯ୍ୟୋଧନ ଜେରାଇ, ହାତିବାରୀ ଫରେଷ୍ଟର ସୁଶୀଲ କେର୍କେଟା ଓ ବନ ବିଭାଗର ଅନ୍ୟ ଅଧିକାରୀ ଗାଁରେ ପହଞ୍ଚି ମୃତାଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଅନୁପ୍ରବେଶକାରୀ ସନ୍ଦେହରେ ୭ଜଣଙ୍କୁ ଅଟକାଇଲେ ଲୋକେ

## ଯାଞ୍ଚ ପରେ ଛାଡ଼ିଲା ପୋଲିସ

ବାସୁଦେବପୁର, ୧୧।୮ (ନାରାୟଣ ପ୍ରସାଦ ବାରିକ୍)

ବାଂଲାଦେଶୀଙ୍କ ଅନୁପ୍ରବେଶ ସମ୍ଭାବନା ଥିବାରୁ ସରକାର ହାଇଆଲର୍ଟ ଜାରି କରିଛନ୍ତି। ଜଳପଥରେ ସେମାନେ ବୋଟ୍ ଯୋଗେ ପଳାଇ ଆସିବାର ସମ୍ଭାବନା ରହିଛି। ଏଣୁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ କଡ଼ା ନଜର ରଖିବାକୁ ସାମୁଦ୍ରିକ ଥାନା ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଅନୁପ୍ରବେଶ ଭୟ ବଢ଼ିଯାଇଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଅର୍ଦ୍ଧାଧିକ ପଞ୍ଚାୟତ ସମୁଦ୍ର ତଟବର୍ତ୍ତୀ ହୋଇଥିବା ବେଳେ ବାଂଲାଦେଶୀ ପଶି ଆସିବା ଆଶଙ୍କାରେ ଲୋକେ ସତର୍କ ରହୁଛନ୍ତି। ରବିବାର ବାସୁଦେବପୁରରେ ଅନୁପ୍ରବେଶକାରୀ ସନ୍ଦେହରେ ଲୋକେ ୭ଜଣଙ୍କୁ ଅଟକାଇଛନ୍ତି। ବାସୁଦେବପୁର ସହରରେ ଏକ ଅଟୋ ଯୋଗେ ୬ଜଣ ସନ୍ଦିଗ୍ଧ ବ୍ୟକ୍ତି ଯାଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକ ରଖି ବାସୁଦେବପୁର ଥାନା ପୋଲିସ ଜିମା ଦେଇଥିଲେ।

ସେମାନେ ବାଂଲାଦେଶୀ ଅନୁପ୍ରବେଶକାରୀ ହୋଇଥାଇପାରନ୍ତି ବୋଲି ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ପରିଚୟ ପଚାରିବାରୁ ସେମାନେ ଭୟଭୀତ ହୋଇଯାଇଥିଲେ। ଫଳରେ ସ୍ଥାନୀୟ ଲୋକେ ସେମାନଙ୍କୁ ଧମକ ଚମକ ଦେଇଥିଲେ। ଏହାକୁ ନେଇ ଏବି ହାଇସ୍କୁଲ ଛକଠାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ପରେ ପୋଲିସ ପହଞ୍ଚି ସେମାନଙ୍କୁ ଥାନାକୁ ନେଇଥିଲା। ପରିଚୟ ଯାଞ୍ଚ କରିବା ପରେ ୬ଜଣ ବିହାର ରାଜ୍ୟର ବୋଲି ଜଣାପଡ଼ିଥିଲା। ପରେ ଜିଲା ପ୍ରଶାସନ ସହାୟତାରେ ବିହାର ପୋଲିସ ସହ ଯୋଗାଯୋଗ କରାଯାଇ ସେମାନଙ୍କୁ ଛାଡ଼ି ଦିଆଯାଇଛି। ସେମାନେ ଦିବ୍ୟାଙ୍ଗ ହୋଇଥିବା ବାସୁଦେବପୁର ଥାନା ଏସ୍‌ଆଇ ଅଧିକାରୀ ଦେବୀପ୍ରସାଦ ମହାପାତ୍ର କହିଛନ୍ତି। ସେହିପରି ନାୟକାଣିଡିହୀ ଥାନା ଅଧୀନ ନଳବାଙ୍କଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ଗ୍ରାମବାସୀ ୧୧୨ ନମ୍ବରରେ ଫୋନ୍ କରି ପୋଲିସକୁ ଡକାଇ ଜିମା ଦେଇଛନ୍ତି। ଉକ୍ତ ବ୍ୟକ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ ନୁହନ୍ତି ବୋଲି ଜଣାପଡ଼ିଛି।

ଫୁର୍‌ସତ୍

# ପେଟ୍ରୋଲ ପମ୍ପ୍ କର୍ମଚାରୀଙ୍କ ୨୦ ଲକ୍ଷ ବିଜୁଳି ବିଲ୍



## ଘରେ ଅଛି ଗୋଟିଏ ଟିଭି, ଫ୍ରିଜ୍, ୪ଟି ଫ୍ୟାନ୍ ଓ ବଲ୍‌ବ

ଗାନ୍ଧୀନଗର

ଗୁଜରାଟର ନବସାରୀ ସହରସ୍ଥିତ ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ପଂକ୍ତିବେନ୍ ପଟେଲ ନାମ୍ନୀ ଜଣେ ମହିଳା କର୍ମଚାରୀଙ୍କ ନିକଟକୁ ୨୦ ଲକ୍ଷ ଟଙ୍କାର ବିଜୁଳି ବିଲ୍ ଆସିଛି। ଏହା ଦେଖି ସେ ଓ ତାଙ୍କ ପରିବାର ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। ତାଙ୍କ ପରିବାରରେ ମାତ୍ର ୪ ଜଣ ସଦସ୍ୟ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ କାମ କରିବାକୁ ଯାଉଥିବାରୁ ଅଧିକାଂଶ ସମୟ ବାହାରେ ରୁହନ୍ତି। ସେହିପରି ପଂକ୍ତିବେନ୍‌ଙ୍କ ଘରେ କେବଳ ଗୋଟିଏ ଟିଭି, ଗୋଟିଏ ଫ୍ରିଜ୍, ୪ଟି ଲେଖାଏ ଫ୍ୟାନ୍ ଓ ବଲ୍‌ବ ରହିଛି। ଏତେ କମ୍ ସରଞ୍ଜାମ ଥିଲେ ମଧ୍ୟ ଦକ୍ଷିଣ ଗୁଜରାଟ ପାୱାର କମ୍ପାନୀ ପକ୍ଷରୁ ଜୁଲାଇ ମାସ ପାଇଁ ତାଙ୍କ ନିକଟକୁ ୨୦,୦୧, ୯୦୨ ଟଙ୍କାର ବିଜୁଳି ବିଲ୍ ଆସିଥିବା ପନ୍‌କ୍ତିବେନ୍ କହିଛନ୍ତି। ସର୍ବଦା ଦୁଇରୁ ଅଢ଼େଇ ହଜାର ଟଙ୍କାର ମାସିକ ବିଦ୍ୟୁତ୍ ବିଲ୍ ଆସୁଥିବାବେଳେ ଚଳିତ ଥର ଲକ୍ଷାଧିକ ଟଙ୍କାର ବିଲ୍ ଦେଖି ସେ ଚକିତ ହୋଇଯାଇଥିଲେ। ସେ ସର୍ବଦା ଠିକ୍ ସମୟରେ ବିଦ୍ୟୁତ୍ ବିଲ ପୈଠ କରୁଥିବାବେଳେ ତାଙ୍କର କୌଣସି ବକେୟା ବିଲ୍ ନ ଥିବା ପଂକ୍ତିବେନ୍ କହିଛନ୍ତି। ଏହାସତ୍ତ୍ୱେ ମଧ୍ୟ ତାଙ୍କ ନିକଟକୁ ୨୦ ଲକ୍ଷ ଟଙ୍କାର ବିଜୁଳି ବିଲ୍ ଆସିଥିବାରୁ ତାଙ୍କ ପରିବାରରେ ମାନସିକ ଅଶାନ୍ତି ଖେଳିଯାଇଥିଲା ବୋଲି ପନ୍‌କ୍ତିବେନ୍ କହିଛନ୍ତି। ଏନେଇ ସେ ଗୁଜରାଟ ବିଦ୍ୟୁତ ବିଭାଗ(ଜିଇବି)କୁ ଜଣାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜିଇବିର ଜଣେ ଅଧିକାରୀ ରବିବାର ଆସି ପଂକ୍ତିବେନ୍‌ଙ୍କ ଘରେ ଲାଗିଥିବା ମିଟର ରିଡିଂ ଭୁଲ୍ ଥିବା ଜାଣିବାକୁ ପାଇଥିଲେ। ସେ ଘଣ୍ଟାଏ ମଧ୍ୟରେ ଉକ୍ତ ମିଟର ରିଡିଂର ଭୁଲ୍‌କୁ ସଂଶୋଧନ କରିବା ସହ ନୂତନ ବିଲ୍ ଜାରି କରିଥିଲେ, ଯାହାଫଳରେ ପଂକ୍ତିବେନ୍‌ଙ୍କ ପରିବାରକୁ ଆଶ୍ୱସ୍ତି ମିଳିପାରିଛି।

# ଦିନକରେ ୧୫ ବିଶ୍ୱ ରେକର୍ଡ



ଲଣ୍ଡନ

ବିଶ୍ୱବ୍ୟାପୀ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ଅନେକ ସଫଳତାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ (ଜିଡବ୍ଲ୍ୟୁଆର୍) ପ୍ରଦର୍ଶିତ କରିଥାଏ। ଶନିବାର ଆମେରିକା ଇଡାହୋର ଡେଭିଡ ରଷ୍ ନାମକ ଜଣେ ବ୍ୟକ୍ତି ୧୫ଟି ଭିନ୍ନ ଭିନ୍ନ ଶ୍ରେଣୀରେ ରହିଥିବା ବିଶ୍ୱ ରେକର୍ଡକୁ ଭଙ୍ଗ କରି ଜିଡବ୍ଲ୍ୟୁଆର୍‌ରେ ନିଜ ନାମ ସାମିଲ କରିପାରିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିଜ ଜୀବନରେ ୨୫୦ରୁ ଅଧିକ ଥର ବିଶ୍ୱ ରେକର୍ଡ ଭାଙ୍ଗିଥିବା ଡେଭିଡ୍ ଶନିବାର ଲଣ୍ଡନରେ ଥିବା ଜିଡବ୍ଲ୍ୟୁଆର୍ ମୁଖ୍ୟାଳୟକୁ ପରିଦର୍ଶନ କରି ଏହି ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ଜିଡବ୍ଲ୍ୟୁଆର୍ ମୁଖ୍ୟାଳୟରେ ସେ ବିଭିନ୍ନ ଶ୍ରେଣୀରେ ରହିଥିବା ରେକର୍ଡକୁ ଭଙ୍ଗ କରିଥିଲେ। ଡେଭିଡ୍ ୩ଟି ସେଓକୁ ମାତ୍ର ଗୋଟିଏ ମିନିଟରେ ସର୍ବାଧିକ ୧୯୮ ଥର କାମୁଡ଼ି ବିଶ୍ୱ ରେକର୍ଡ କରିଛନ୍ତି। ସେହିପରି ସେ ମାତ୍ର ୩୦ ସେକେଣ୍ଡ୍ ମଧ୍ୟରେ ନିଜ ପାଟିରେ ଟେନିସ୍ ବଲ୍‌କୁ କାନ୍ଥରେ ବାଉନ୍ସ କରି ରେକର୍ଡ ସୃଷ୍ଟି କରିଥିଲେ। ଏହାପରେ ସେ ମାତ୍ର ୩୦ ସେକେଣ୍ଡ୍ ମଧ୍ୟରେ ସର୍ବାଧିକ ଥର ଟି-ଶାର୍ଟ ପିନ୍ଧି ରେକର୍ଡ କରିଥିଲେ। ସେହିପରି 'ଷ୍ଟ୍ର'କୁ ବ୍ୟବହାର କରି ସବୁଠୁ ଦ୍ରୁତ ବେଗରେ ୧ ଲିଟର ଲେମ୍ବୁ ଜୁସ୍ ପିଇ ମଧ୍ୟ ସେ ଅନ୍ୟ ଏକ ବିଶ୍ୱ ରେକର୍ଡ କରିଥିଲେ। ଏହିପରି ଭାବେ ଡେଭିଡ୍ ଗୋଟିଏ ଦିନରେ ୧୫ଟି ଭିନ୍ନ ଭିନ୍ନ ବିଶ୍ୱ ରେକର୍ଡ ଭଙ୍ଗ କରି ଜିଡବ୍ଲ୍ୟୁଆର୍‌ରେ ନିଜ ନାମ ରେକର୍ଡ କରାଇଥିଲେ।

ତେବେ ଡେଭିଡ୍‌ଙ୍କ ଏହି କାରନାମାକୁ ଜିଡବ୍ଲ୍ୟୁଆର ମୁଖ୍ୟାଳୟରେ ଉପସ୍ଥିତ ଥିବା ଅଧିକାରୀ ଅବିଶ୍ୱସନୀୟ କହିଛନ୍ତି। ବିନା କୌଣସି ପୂର୍ବ ପ୍ରସ୍ତୁତିରେ ଗୋଟିଏ ଦିନ ମଧ୍ୟରେ ୧୫ଟି ବିଶ୍ୱ ରେକର୍ଡ ସୃଷ୍ଟି କରିବାକୁ ସେମାନେ ପ୍ରଶଂସା କରିଛନ୍ତି।

# 'ଦି ବ୍ଲଫ୍'ର ଶୁଟିଂ ଶେଷ



ପ୍ରିୟଙ୍କା ଚୋପ୍ରା

କାନ୍‌ବେରା

ବଲିଉଡ୍‌ରୁ ହଲିଉଡ୍ ଯାଏ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନିଜ ଅଭିନୟର ଜଲୱା ଦେଖାଇ ବିଶ୍ୱସ୍ତରୀୟ ତାରକା ଭାବେ ପରିଗଣିତ ହୋଇପାରିଛନ୍ତି। ଅଭିନେତ୍ରୀ ଜଣକ ଏବେ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଦି ବ୍ଲଫ୍' ପାଇଁ ଚର୍ଚ୍ଚାରେ ରହିଛନ୍ତି, ଯେଉଁଥିପାଇଁ ସେ ଗତ କିଛିଦିନ ହେବ ଅଷ୍ଟ୍ରେଲିଆରେ ରହି ଏହାର ଶୁଟିଂରେ ଯୋଗଦେଇଥିଲେ। ନିକଟରେ ଏହି ଫିଲ୍ମର ଶୁଟିଂ ଶେଷ ହୋଇଥିବା ନେଇ ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ ଏହି ପୋଷ୍ଟରେ ଫିଲ୍ମ ଶୁଟିଂ ସମୟର କିଛି ଫଟୋ ସହ ସ୍ୱାମୀ ନିକ୍ ଜୋନାସ୍, ଝିଅ ମାଲତୀ ଏବଂ ମା' ମଧୁ ଚୋପ୍ରାଙ୍କ ସହ ତାଙ୍କ ଅବକାଶ ସମୟକୁ ଅତିବାହିତ କରୁଥିବାର ବିଭିନ୍ନ ଫଟୋ ମଧ୍ୟ ଶେୟାର କରିଛନ୍ତି।

ପ୍ରିୟଙ୍କା ତାଙ୍କ ଇନ୍‌ଷ୍ଟାଗ୍ରାମରେ ୨୦ଟି ଫଟୋ ଶେୟାର କରି 'ଦି ବ୍ଲଫ୍'ର ଶୁଟିଂ ସମାପ୍ତି ବିଷୟରେ ସୂଚନା ଦେଇଛନ୍ତି। ଏହି ପୋଷ୍ଟ'ର କ୍ୟାପ୍‌ଶନ୍‌ରେ ପ୍ରିୟଙ୍କା ଲେଖିଛନ୍ତି, 'ଦି ବ୍ଲଫ୍'ର ଶୁଟିଂ ଶେଷ ହୋଇଛି। ଏହି ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ ସେ ଗର୍ବିତ। ଶୁଟିଂ ସମୟରେ ସେ ନିଜ ସାଥୀ କଳାକାର ଓ ସେଟ୍‌ର ସ୍ମୃତିକୁ ମଧ୍ୟ ମନେ ପକାଇଛନ୍ତି। ତେବେ ସେ କିଛି ସମୟ ପାଇଁ ଘରକୁ ଆସିଛନ୍ତି ବୋଲି କହିବା ସହ ତାଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ ବିଷୟରେ ମଧ୍ୟ ପ୍ରଶଂସକଙ୍କୁ ଜଣାଇଛନ୍ତି। ପ୍ରିୟଙ୍କାଙ୍କୁ ଆଗାମୀ ଦିନରେ ସ୍ପାଇ-ଥ୍ରୀଲର ସିରିଜ୍ 'ସିଟାଡେଲ୍'ର ଦ୍ୱିତୀୟ ସିଜନ୍‌ରେ ଦେଖିବାକୁ ମିଳିବ। ଏଥିପାଇଁ ପ୍ରିୟଙ୍କା ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମେର୍ଲେ ଡାଣ୍ଡ୍ରିଜ୍, ମାଇକେଲ୍ ଟ୍ରୁକୋ, ମ୍ୟାଟ୍ ବେରୀ, ରାହୁଲ କୋହଲି ଏବଂ ଗାବ୍ରିଏଲ୍ ଲିଓନ୍ ମଧ୍ୟ 'ସିଟାଡେଲ୍'ର ଦ୍ୱିତୀୟ ସିଜନ୍‌ରେ ପ୍ରମୁଖ ଭୂମିକାରେ ନଜର ଆସିବେ। ସୂଚନାଯୋଗ୍ୟ, ଫ୍ରାଙ୍କ ଇ ଫ୍ଲାଓର୍ସଙ୍କ ନିର୍ଦ୍ଦେଶିତ 'ଦି ବ୍ଲଫ୍' ଚଳଚ୍ଚିତ୍ରରେ ପ୍ରିୟଙ୍କାଙ୍କ ବ୍ୟତୀତ କାର୍ଲ ଅର୍ବାନ, ଇସ୍ମାଇଲ କ୍ରୁଜ୍ କୋର୍ଡୋବା, ସାଫିଆ ଓକ୍‌ଲେ ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସିବେ।

# ଗ୍ରହାଣୁ ଓ କୃଷ୍ଣ ଧୂମକେତୁ



ଇଂ. ମାୟାଧର ସ୍ୱାଇଁ

"ପୃଥିବୀ ପ୍ରତି ଗ୍ରହାଣୁଗୁଡ଼ିକର ସଂଘାତ ବିପଦ ଆମକୁ ଜଣାଅଛି। ଏହାର ପ୍ରତିକାର ପାଇଁ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି। ବର୍ତ୍ତମାନ କୃଷ୍ଣ ଧୂମକେତୁର ବିପଦ ଆହୁରି ଅଧିକ ଜଣାପଡୁଛି। କାରଣ ଏଗୁଡିକ ଛୋଟ ଏବଂ ସହଜରେ ଧରା ପଡନ୍ତି ନାହିଁ। ଏଗୁଡିକର କକ୍ଷ ମଧ ଅସ୍ଥିର, ଏଣୁ ଯଦି ଏଥିରୁ କୌଣସିଟି ପୃଥିବୀ ସହିତ ସଂଘର୍ଷ କରିବା ପାଇଁ ଆସୁଥାଏ, ତାକୁ ଚିହ୍ନଟ କରି ଏହାର କକ୍ଷ ନିର୍ଦ୍ଧାରଣ କରିବା କଷ୍ଟକର। ଏଥିପାଇଁ ଏଗୁଡିକର ବିଶଦ ଅଧ୍ୟୟନ ଜରୁରୀ ହୋଇପଡିଛି। ପୁନଶ୍ଚ ଏହାର ଗଠନ ଓ ଉତ୍ସ ଜାଣିପାରିଲେ, ସୌରଜଗତର ଆଦ୍ୟ ଇତିହାସ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିହେବ।"



ଆମ ସୌରଜଗତ ହେଉଛି ସୂର୍ଯ୍ୟ ଏବଂ ଏହା ଚାରିପଟେ ଆଠଟି ଗ୍ରହ, ପାଞ୍ଚଟି ବାମନ ଗ୍ରହ, କେତେ ଶହ ଉପଗ୍ରହ, କେତେ ହଜାର ଧୂମକେତୁ ଏବଂ ଅନେକ ଗ୍ରହାଣୁ ଘୂରୁଛନ୍ତି। ନିକଟରେ ବୈଜ୍ଞାନିକମାନେ ଏକ ନୂତନ ପ୍ରକାର ଜ୍ୟୋତିର୍ବିଦୀୟ ପିଣ୍ଡକୁ ଆବିଷ୍କାର କରିଛନ୍ତି। ସେମାନେ ଏହାର ନାମ 'କୃଷ୍ଣ ଧୂମକେତୁ' ଦେଇଛନ୍ତି। ଏହାର ପ୍ରକୃତି ଉଭୟ ଗ୍ରହାଣୁ ଓ ଧୂମକେତୁର ପ୍ରକୃତି ସହ ସମାନ ଅଛି। ଯୁକ୍ତରାଷ୍ଟ୍ର ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହାକୁ 'ଇକାରସ୍' ପତ୍ରିକାରେ ପ୍ରକାଶ କରିଛନ୍ତି। ସେମାନେ ସମୁଦାୟ ସାତଟି କୃଷ୍ଣ ଧୂମକେତୁର ଚିହ୍ନଟ କରିଥିଲେ ସୁଦ୍ଧା ପୃଥିବୀ କକ୍ଷ ନିକଟରେ ଏହିପରି ୫୦ରୁ ୬୦୦୦ ପିଣ୍ଡ ରହିଥିବା ସେମାନେ ଅନୁମାନ କରିଛନ୍ତି।

**ଧୂମକେତୁ :** ଧୂମକେତୁ ହେଉଛି ଆକାଶର ଅଦିନିଆ ଅତିଥି। ସୌର ଜଗତର ସୀମାନ୍ତରେ ଥିବା 'କୁଇପର ବଳୟ' ଏବଂ 'ଉର୍ଟ ବାଦଲ' ନାମକ ଅତି ଥଣ୍ଡା ଓ ଅନ୍ଧାରୁଆ ସ୍ଥାନରେ ଏଗୁଡିକ ଥାଆନ୍ତି। ଏହା ଧୂଳି, ପଥର ଓ ବରଫକୁ ନେଇ ଗଠିତ। ବେଳେବେଳେ କୌଣସି ନକ୍ଷତ୍ରର ଗତି ଯୋଗୁ ଏହା ଆଭ୍ୟନ୍ତରୀଣ ସୌରଜଗତକୁ ଚାଲିଆସେ। ଏହା କକ୍ଷରେ ଗତି କରୁଥିବା ବେଳେ ସୂର୍ଯ୍ୟର ନିକଟତର ହେଲେ ଏହାର ବରଫ ବାଷ୍ପୀଭୂତ ହୋଇ ଲାଞ୍ଜ ସୃଷ୍ଟି କରିଥାଏ। ସେଥିପାଇଁ ଏହାକୁ ଲଞ୍ଜାତାରା ମଧ କୁହାଯାଏ। ଏଥିରୁ ନିର୍ଗତ ଗ୍ୟାସ୍ ଏହା ଚାରିପଟେ ଏକ ବାଦଲ ସୃଷ୍ଟି କରିଥାଏ। ଏହାକୁ 'କୋମା' କୁହାଯାଏ। ଚଳିତ ବର୍ଷ ଜୁଲାଇ ୧୯ ତାରିଖ ସୁଦ୍ଧା ଜଣା ଧୂମକେତୁର ସଂଖ୍ୟା ହେଉଛି ୩୯୫୪।

**ଗ୍ରହାଣୁ :** ଗ୍ରହାଣୁକୁ 'ଗୌଣଗ୍ରହ ମଧ କୁହାଯାଏ। ଆଜକୁ ୪.୬ ବିଲିୟନ ବର୍ଷ ପୂର୍ବେ ସୌର ଜଗତ ସୃଷ୍ଟି ସମୟରେ ବଳି ପଡିଥିବା ଆଦିବସ୍ତୁରୁ ଗ୍ରହାଣୁଗୁଡିକ ସୃଷ୍ଟି ହୋଇଛି। ମଙ୍ଗଳ ଓ ବୃହସ୍ପତି ମଧ୍ୟରେ ଅନେକ ଗ୍ରହାଣୁ ଗୋଟିଏ ବଳୟ ସୃଷ୍ଟି କରିଅଛି। ଏଗୁଡିର ଆକାରକ ମଧ ଅଲଗା ଅଲଗା। ବୃହତ୍ତମ ଗ୍ରହାଣୁ 'ଭେଷ୍ଟା'ର ବ୍ୟାସ ୫୩୦ କିମି ହୋଇଥିବା ବେଳେ ଛୋଟ ଛୋଟ ଗ୍ରହାଣୁର ବ୍ୟାସ ୧୦ ମିଟରରୁ ମଧ କମ୍ ହୋଇଥାଏ। ଅବଶ୍ୟ ଗତ ୩୦ ବର୍ଷ ମଧରେ ନେପଚ୍ୟୁନ ଗ୍ରହ ବାହାରେ ମଧ୍ୟ କେତେକ ଗ୍ରହାଣୁକୁ ଆବିଷ୍କାର କରାଯାଇଛି। ଚଳିତ ବର୍ଷ ଜୁଲାଇ ୧୯ ତାରିଖ ସୁଦ୍ଧା ଆବିଷ୍କୃତ ଗ୍ରହାଣୁଗୁଡିକର ସଂଖ୍ୟା ହେଉଛି ୧,୩୮୫,୭୩୮।

**କୃଷ୍ଣ ଧୂମକେତୁ :** ନିକଟରେ ଆବିଷ୍କୃତ ଧୂମକେତୁ ଉଭୟ ଗ୍ରହାଣୁ ଓ ଧୂମକେତୁ ଭଳି ଆଚରଣ ପ୍ରଦର୍ଶନ କରିଥାଏ। ଆମର ଜଣା ଧୂମକେତୁଠାରୁ ଏହାର ପାର୍ଥକ୍ୟ ହେଉଛି ଯେ ଏଥିରେ ଦୃଶ୍ୟମାନ 'କୋମା' ନାହିଁ। ଏଗୁଡିକ ହେଉଛି ଆକାରରେ ଛୋଟ। ଏହାର ବ୍ୟାସ ୧୦କିମି ମଧରେ ହୋଇଥାଏ। ଏହା ପରିପୂର୍ଣ୍ଣ କକ୍ଷରେ ଘୂରି ନ ଥାଏ। ଏଥିରୁ କୌଣସି ଗ୍ୟାସ୍ ନିର୍ଗତ ହେବାର ଦେଖାଯାଏ ନାହିଁ। ପୁନଶ୍ଚ ଏହା ଅଣ-ମାଧ୍ୟାକର୍ଷଣୀୟ ତ୍ୱରଣ ପ୍ରଦର୍ଶନ କରିଥାଏ। ଏଥିରୁ ଜଣାପଡୁଛି ଯେ ଏଥିରେ କିଛି ଅଜଣା ବଳ କାମ କରୁଛି। ଏଗୁଡିକ ଦ୍ରୁତ ବେଗରେ ଘୂର୍ଣ୍ଣିତ ହେଉଛି। ଏଥିରୁ ଜଣାପଡେ ଯେ ଏହାର ଆଭ୍ୟନ୍ତରଣ ସାମର୍ଥ୍ୟ ହେଉଛି ଅଧିକ, ଯାହାଫଳରେ ଅଧିକ ବେଗରେ ଘୂର୍ଣ୍ଣନ ମଧ ଏହାକୁ ଭାଙ୍ଗି ପାରେ ନାହିଁ। ଏହି ହିସାବରେ ଏହାର ଗ୍ରହାଣୁ ସହିତ ସାଦୃଶ୍ୟ ଅଛି।

ଏହିସବୁ ତଥ୍ୟରୁ ଗବେଷକମାନେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ କୃଷ୍ଣ ଧୂମକେତୁଗୁଡିକ ମଙ୍ଗଳ ଏବଂ ବୃହସ୍ପତି ମଧ୍ୟରେ ଥିବା ଗ୍ରହାଣୁ ବଳୟରୁ ସୃଷ୍ଟି ହୋଇଛି ଏବଂ ଶନି ଗ୍ରହର ମାଧ୍ୟାକର୍ଷଣ ବଳର ପ୍ରଭାବରେ ସେମାନଙ୍କର କକ୍ଷରୁ ବିଚ୍ୟୁତ ହୋଇଛନ୍ତି। ଏଗୁଡିକ ହେଉଛି ଗ୍ରହାଣୁ, କିନ୍ତୁ ଏହା ଦେହରେ ଧୂମକେତୁ ଭଳି ଜଳ ଅଣୁ ରହିଛି ଏବଂ ସୂର୍ଯ୍ୟର ନିକଟତର ହେଲେ ଜଳ ଅଣୁ ବାଷ୍ପରେ ପରିଣତ ହୋଇଥାଏ। ଧୂମକେତୁ ଭଳି ଏହା ଚାରିପଟେ ଧୂଳି ବାଦଲ ନାହିଁ।

କୃଷ୍ଣ ଧୂମକେତୁ ଦେହରେ ବରଫର ଉପସ୍ଥିତି ଏବଂ ସେଗୁଡିକର ବହୁଳତାରୁ ଜ୍ୟୋତିର୍ବିଦମାନେ ଅନୁମାନ କରୁଛନ୍ତି ଯେ ପୃଥିବୀର ଆଦ୍ୟ ଅବସ୍ଥାରେ କୃଷ୍ଣ ଧୂମକେତୁଗୁଡିକ ସହିତ ସଂଘର୍ଷ ହୋଇ ପୃଥିବୀରେ ଜଳ ସୃଷ୍ଟି ହୋଇଛି। ଜଳ ବ୍ୟତୀତ ଭୂ-ସମୀପବର୍ତ୍ତୀ ଗ୍ରହାଣୁ ଓ ଉଲ୍‌କାଗୁଡିକ ସହିତ ପୃଥିବୀର ସଂଘାତ ଯୋଗୁ ପୃଥିବୀକୁ ବାକ୍ଟେରିଆ, ଏମିନୋ ଅମ୍ଳ ଏବଂ ପୃଥିବୀରେ ଜୀବର ବିକାଶ ପାଇଁ ଆବଶ୍ୟକ ଅନ୍ୟାନ୍ୟ ମୁଖ୍ୟ ଅଣୁଗୁଡିକ ଆସିଥିବାର ବୈଜ୍ଞାନିକମାନେ ପ୍ରକାଶ କରିଥାଆନ୍ତି।

ପୃଥିବୀ ପ୍ରତି ଗ୍ରହାଣୁଗୁଡିକଗର ସଂଘାତ ବିପଦ ଆମକୁ ଜଣାଅଛି। ଏହାର ପ୍ରତିକାର ପାଇଁ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି। ବର୍ତ୍ତମାନ କୃଷ୍ଣ ଧୂମକେତୁର ବିପଦ ଆହୁରି ଅଧିକ ଜଣାପଡୁଛି। କାରଣ ଏଗୁଡିକ ଛୋଟ ଏବଂ ସହଜରେ ଧରା ପଡନ୍ତି ନାହିଁ। ଏଗୁଡିକର କକ୍ଷ ମଧ ଅସ୍ଥିର, ଏଣୁ ଯଦି ଏଥିରୁ କୌଣସିଟି ପୃଥିବୀ ସହିତ ସଂଘର୍ଷ କରିବା ପାଇଁ ଆସୁଥାଏ, ତାକୁ ଚିହ୍ନଟ କରି ଏହାର କକ୍ଷ ନିର୍ଦ୍ଧାରଣ କରିବା କଷ୍ଟକର। ଏଥିପାଇଁ ଏଗୁଡିକର ବିଷଦ ଅଧ୍ୟୟନ ଜରୁରୀ ହୋଇପଡିଛି। ପୁନଶ୍ଚ ଏହାର ଗଠନ ଓ ଉତ୍ସ ଜାଣିପାରିଲେ, ସୌରଜଗତର ଆଦ୍ୟ ଇତିହାସ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିହେବ।

ଜାପାନ ୨୦୧୪ ମସିହା ଡିସେମ୍ବର ୩ ତାରିଖରେ 'ହୟାବୁସା-୨' ଯାନକୁ 'ରୁଗ୍ୟୁ' ଗ୍ରହାଣୁ ପାଖକୁ ପଠାଇ ସେଠାରୁ ୨୦୨୦ ମସିହାରେ ପୃଥିବୀକୁ ମୃତ୍ତିକା ଆଣିଛି। ବର୍ତ୍ତମାନ ଏହି ଯାନକୁ ଏକ କ୍ଷୁଦ୍ର, ଦ୍ରୁତ ଘୂର୍ଣ୍ଣକ ଗ୍ରହାଣୁ '୧୯୯୮କେୱାଇ ୨୬' ପାଖକୁ ପଠାଯାଇଛି। ଏହି ଗ୍ରହାଣୁର ବ୍ୟାସ ହେଉଛି ୩୦ ମିଟର ଏବଂ ଏହା ନିଜ ଅକ୍ଷ ଚାରିପଟେ ଦଶ ମିନିଟରେ ଥରେ ଘୁରି ଆସେ। 'ହୟାବୁସା-୨' ଏହା ନିକଟରେ ୨୦୩୧ ମସିହାରେ ପହଞ୍ଚିବା ପରେ କୃଷ୍ଣ ଧୂମକେତୁ ସମ୍ବନ୍ଧରେ ଅଧିକ ତଥ୍ୟ ଜାଣି ପାରିବା ପାଇଁ ବୈଜ୍ଞାନିକମାନେ ଆଶା ରଖିଛନ୍ତି।

-୭୦, ଲକ୍ଷ୍ମୀ ବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ବାତ ମାରିବା ଲକ୍ଷଣ



ବାତ ମାରିବାକୁ 'ଫିଟ୍' ବୋଲି କହନ୍ତି। ମସ୍ତିଷ୍କର ସ୍ନାୟୁକୋଷମାନ ସଦାସର୍ବଦା ସକ୍ରିୟ। ସେକେଣ୍ଡ ପ୍ରତି ପାଖାପାଖି ୮୦ ଥର ସ୍ନାୟୁ ସଂକେତ ପ୍ରେରଣ କରିବା ମସ୍ତିଷ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି କରି ନଥାଏ। କିନ୍ତୁ ଯେଉଁମାନଙ୍କଠାରେ ଏପିଲେପ୍‌ସୀ ଥାଏ, ସେମାନଙ୍କ କ୍ଷେତ୍ରରେ ଏହି ସଙ୍କେତ ପ୍ରେରଣ ସେକେଣ୍ଡ ପ୍ରତି ୮୦ ଥର ସୀମିତ ନ ରହି ହଠାତ୍ ୫୦୦ କିମ୍ବା ତତୋଽଧିକ ସ୍ତରକୁ ଉଠିଯାଏ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ବାତ ମାରିବାର କୌଣସି କାରଣ ହଠାତ୍ ଜଣାପଡି ନ ଥାଏ। ଏପିଲେପ୍‌ସୀ ରହିଥିବା ଦୁଇଟି ପରିବାର ବିବାହ ସମ୍ପର୍କରେ ଜଡ଼ିତ ହୋଇପଡ଼ିଲେ ସନ୍ତାନମାନଙ୍କୁ ଏପିଲେପ୍‌ସୀ ହେବାର ଆଶଙ୍କା ଅଧିକ। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି ବାତ ମାରିବାର କେତୋଟି ପ୍ରମୁଖ ଲକ୍ଷଣ।

## ଉପାୟ ହାତ ପାଆନ୍ତାରେ...



ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବା ପଛରେ ନିଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଯେଉଁ କେତୋଟି ବିଷୟକୁ ପ୍ରାଥମିକତା ଦିଆଯିବା ଦରକାର, ପୁଣି ତାହା ଆପଣଙ୍କର ହାତ ପାଆନ୍ତାରେ ରହିଛି। ପ୍ରଥମ କଥା ହେଲା ଖାଦ୍ୟପେୟ। ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ତା'ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଦିନତମାମ ପରିଶ୍ରମ ଅନୁସାରେ ରାତିରେ ପାଖାପାଖି ୬-୭ ଘଣ୍ଟା ଶାନ୍ତିରେ ଶୁଅନ୍ତୁ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ଶାରୀରିକ ବ୍ୟାୟାମ ସହ ଯୋଗର ମଧ ଆବଶ୍ୟକତା ରହିଛି। ଯୋଗ କରିବା ଦ୍ୱାରା ଆମ ଶରୀରରେ ରକ୍ତ ସଂଚାଳନ ମଧ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ ଶକ୍ତ ହୋଇଥାଏ। ରକ୍ତଚାପକୁ ଏହା ମଧ ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଚାପରେ ରହିବା ଯୋଗୁ କେତେକ ନିଦ୍ରାହୀନତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଏସବୁଠାରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

## ମେଦବହୁଳତା କମାଏ କିସ୍‌ମିସ୍



କିସ୍‌ମିସ୍‌ରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଅଧିକାଂଶ ଲୋକ ଅତ୍ୟଧିକ ଖାଦ୍ୟ ଖାଇଦେଉଥିବାରୁ ତାହା ଠିକ୍ ଭାବେ ହଜମ ହୁଏନା। ପରବର୍ତ୍ତୀ ସମୟରେ ଏହା କୋଷ୍ଠକାଠିନ୍ୟ ବା କନଷ୍ଟିପେଷ୍ଟନ୍‌ର ରୂପ ମଧ ନିଏ। ତେଣୁ ପ୍ରତିଦିନ କିସ୍‌ମିସ୍ ଖାଇବା ଦ୍ୱାରା ଏଥିରୁ କିଛି ମାତ୍ରାରେ ଉପଶମ ମିଳିଥାଏ। କିସ୍‌ମିସ୍ ହେଉଛି କମ୍ କ୍ୟାଲୋରୀ ଯୁକ୍ତ। ତେଣୁ ଏହାକୁ ଖାଇଲେ ମେଦବହୁଳତା ସମସ୍ୟା ସହ ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏଥିରେ ମଧ ଅଧିକ ପରିମାଣର ଫାଇବର୍ ରହିଛି। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଏହାକୁ ଖାଇଲେ ରକ୍ତରେ ଶର୍କରା ବା ସୁଗାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ଏହାର ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ମଧ ରହିଛି। କିସ୍‌ମିସ୍‌କୁ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରିଥାଏ। ଏଥିରେ ପଲିଫେନୋଲ୍ ନାମକ ଏକ ପିଗ୍‌ମେଣ୍ଟ ରହିଛି, ଯାହା ଆଖି ତଳ ଭାଗରେ କଳା ଦାଗ ହେବାରୁ ରକ୍ଷା କରେ। କିସ୍‌ମିସ୍ ଖାଇବା ଦ୍ୱାରା ରକ୍ତରେ ଲୋହିତ ରକ୍ତ କଣିକା ସୃଷ୍ଟି ହୋଇଥାଏ। ଏହାକୁ ଖାଇଲେ ତାହା ସୁନିଦ୍ରାରେ ମଧ ସାହାଯ୍ୟ କରିଥାଏ। ବିଶେଷ ଭାବରେ ପାଣିରେ କିସ୍‌ମିସ୍‌କୁ ଭଲ ଭାବରେ ଭେଦାଇ ପ୍ରତିଦିନ ଖାଇଲେ ଏହା ଶରୀରରେ କ୍ୟାଲ୍‌ସିୟମ୍ ସୃଷ୍ଟି କରେ ଯାହା ଆଣ୍ଠୁ, ଗଣ୍ଠି ଓ ହାଡ଼କୁ ମଜଭୁତ ରଖିବାରେ ସାହାଯ୍ୟ କରେ।


## ମନେରଖନ୍ତୁ

- ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ବିଳମ୍ବିତ ରାତିରେ ଖାଉଛନ୍ତି କି? ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ପଟାସିୟମ୍ ଥିବାରୁ ପାକସ୍ଥଳୀକୁ ଏହା ଇନ୍‌ଫେକ୍ସନ୍ ହେବାରୁ ମଧ ରକ୍ଷା କରିଥାଏ।
- ରକ୍ତହୀନତା ଭୋଗୁଥିବା ରୋଗୀଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।



## ସ୍ୱାସ୍ଥ୍ୟ ସୂଚନା

- ଆମ ଶରୀର ପାଇଁ ଭିଟାମିନ୍-ଡି କେତେ ଗୁରୁତ୍ୱପୂର୍ଣ୍ଣ ତାହା ପ୍ରାୟ ଅନେକ ଜାଣନ୍ତି। ଏହାର ଅନ୍ୟତମ ଉତ୍ସ ହେଲା ସକାଳର ସୂର୍ଯ୍ୟକିରଣ। ତେଣୁ ସକାଳୁ କିଛି ସମୟ ଏହା ସଂସ୍ପର୍ଶରେ ଆସନ୍ତୁ।
- ଖାଉଥିବା ଖାଦ୍ୟରେ ସବୁବେଳେ ଶାଗ ଜାତୀୟ ଖାଦ୍ୟ ଏବଂ ତଟକା ଫଳମୂଳ ସାମିଲ୍ କରନ୍ତୁ। ଏହା ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇଥାଏ।
- ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗମାନଙ୍କ ସହ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଆପଣ ଚାହିଁଲେ ମଧ ସୋସିଆଲ୍ ମିଡ଼ିଆକୁ କିଛି ସମୟ ପାଇଁ ବ୍ୟବହାର କରିପାରିବେ।
- ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟମ ଆଦି କଲେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ଏହାସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ପ୍ରତିଦିନ ମେଡିସିନ୍ ଖାଆନ୍ତୁ।
- କୌଣସି କାର୍ଯ୍ୟ ଦୀର୍ଘ ସମୟ ଧରି କରୁଥିଲେ ମଝିରେ କିଛି ସମୟ ବିଶ୍ରାମ ନିଅନ୍ତୁ।
- ସବୁବେଳେ ବାହାର ଖାଦ୍ୟ ଖାଇବା ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହା ପେଟଜନିତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି।



# ମଶାବାହିତ ରୋଗ



ଡା. ରାମଚନ୍ଦ୍ର ରାଉତ

ସାଧାରଣତଃ ଅନେକ କୀଟପତଙ୍ଗ ମଣିଷକୁ କେତେକ ଗୁରୁତର ରୋଗ ସଂକ୍ରମିତ କରିଥାଆନ୍ତି। ତିନି ପ୍ରକାର କୀଟ ପତଙ୍ଗ ଯଥା-କୀଟ, ଆରାକନିଡା ଓ କ୍ରଷ୍ଟାସିଆ ନିମ୍ନମତେ ରୋଗ ସଞ୍ଚାରଣ ପାଇଁ ଦାୟୀ ଅଟନ୍ତି। ମଶା, ମାଛିକୁ ପକ୍ଷଯୁକ୍ତ କୀଟ ଏବଂ ଫ୍ଲି, ଉକୁଣୀ ଏବଂ ବଗ୍‌କୁ ପକ୍ଷହୀନ କୀଟ ଅନ୍ତର୍ଭୁକ୍ତ କରାଯାଇଛି। ଟିକ୍ ଏବଂ ମାଇଟ୍ ଆରାକନିଡା ଶ୍ରେଣୀୟ କୀଟ। କିନ୍ତୁ ଏହି ଶ୍ରେଣୀଭୁକ୍ତ ବୁଢ଼ିଆଣୀ, ବିଛା, କଙ୍କଡାବିଛା ରୋଗ କରାନ୍ତି ନାହିଁ। ସାଇକ୍ଲପକୁ କ୍ରଷ୍ଟେସିଆ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଏହାର ପରିସରଭୁକ୍ତ କଙ୍କଡା, ଲୋକଷ୍ଟର ଏବଂ ଚିଙ୍ଗୁଡି ରୋଗ କରାନ୍ତି ନାହିଁ।

### କୀଟମାନଙ୍କ ଦ୍ୱାରା ବ୍ୟାପୁଥିବା ରୋଗ

**ଭୂତାଣୁଜନିତ ରୋଗ :** କୀଟମାନଙ୍କ ଦ୍ୱାରା ହେଉଥିବା ଭୂତାଣୁଜନିତ ରୋଗଗୁଡିକ ହେଉଛି ପୀତଜ୍ୱର, ଡେଙ୍ଗୁ, ଚିକୁନଗୁନିଆ, ଜାପାନିଜ୍ ମସ୍ତିଷ୍କ ପ୍ରଦାହ, ପଶ୍ଚିମ ନୀଳ ନଦୀ ଜ୍ୱର, ଫ୍ଲୋବୋଟୋମସ୍ ଜ୍ୱର ଏବଂ କେ.ଏଫ. ରୋଗ। ଏଗୁଡିକ ମଧ୍ୟରୁ ପୀତଜ୍ୱର, ଡେଙ୍ଗୁ, ଚିକୁନଗୁନିଆ ଏବଂ ନୀଳ ନଦୀ ଜ୍ୱର ମଶା ଦ୍ୱାରା ବ୍ୟାପିଥାଏ। ଫ୍ଲୋବୋଟୋମୋସ ଜ୍ୱର ସ୍ୟାଣ୍ଡ ଫ୍ଲାଏ ଦ୍ୱାରା ଓ କେ.ଏଫ. ରୋଗ ଟିକ୍ ଦ୍ୱାରା ବ୍ୟାପିଥାଏ। ରିକେଟସିଆ ରୋଗ ଯଥା ଏପିଡେମିକ ଟାଇଫସ୍, ଟ୍ରେଞ୍ଚ ଜ୍ୱର ଉକୁଣୀ, ଏଣ୍ଡେମିକ୍ ଟାଇଫସ୍ ମୂଷା ଫ୍ଲି ଦ୍ୱାରା, ଟିକ୍ ଟାଇଫସ କ୍ୟୁ ଜ୍ୱର ଓ ରକି ମାଉଣ୍ଟେନ ଜ୍ୱର ଟିକ୍ ଦ୍ୱାରା ବ୍ୟାପୁଥିବା ବେଳେ ରିକେଟସିଆ ପକ୍ସ, ସ୍କ୍ରବ୍ ଟାଇଫସ ମାଇଟ୍ ଦ୍ୱାରା ବ୍ୟାପିଥାଏ।

**ଜୀବାଣୁ :** ଟାଇଫଏଡ୍ ଓ କଲେରା ମାଛି ଦ୍ୱାରା, ସିଗେଲା ଓ ପ୍ଲେଗ୍ ମୂଷା ଦ୍ୱାରା ବ୍ୟାପିଥାଏ।

**ପରଜୀବୀ :** ପରଜୀବୀ ମ୍ୟାଲେରିଆ ମଶା ଦ୍ୱାରା, ଲିସାମନିଆସିସ୍ ସ୍ୟାଣ୍ଡ ଫ୍ଲାଏ ଦ୍ୱାରା ହୋଇଥାଏ।



**ବହୁକୋଷୀ ପରଜୀବୀ :** ବହୁକୋଷୀ ପରଜୀବୀ ଫାଇଲେରିଆ ମଧ ମଶା ଦ୍ୱାରା ବ୍ୟାପିଥାଏ।

ଆମ ଦେଶରେ ଦେଖାଦେଉଥିବା କେତେକ ରୋଗ ମଶା ଦ୍ୱାରା ବ୍ୟାପିଥାଏ। ସେଗୁଡିକ ହେଲା : ମ୍ୟାଲେରିଆ-ମାଇଏନୋଫିଲିସ, ଫାଇଲେରିଆ-କ୍ୟୁଲେକ୍ସ (ଆମ ଦେଶରେ), ଡେଙ୍ଗୁ-ଏଡିସ୍, ଚିକୁନଗୁନିଆ-ଏଡିସ, ଜାପାନିଜ୍ ମସ୍ତିଷ୍କ ପ୍ରଦାହ-କ୍ୟୁଲେକ୍ସ ଏବଂ ପୀତଜ୍ୱର-ଏଡିସ୍।

ଆମ ରାଜ୍ୟରେ ଏଗୁଡିକ ମଧ୍ୟରୁ ଗତ କିଛି ବର୍ଷ ହେଲା ଔଷଧୀୟ ଗୁଣଯୁକ୍ତ ମଶାରିର ବହୁଳ ବ୍ୟବହାର ଯୋଗୁ ମ୍ୟାଲେରିଆ ବହୁ ପରିମାଣରେ କମି ଯାଇଥିଲା। କିନ୍ତୁ ଏବେ ପୁଣି ଥରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲାଣି।

ସାଧାରଣତଃ ମଶାମାନେ ମଣିଷ ଏବଂ ପଶୁପକ୍ଷୀମାନଙ୍କ ପାଖାପାଖି ସ୍ଥାନରେ ରହିଥାଆନ୍ତି। ମାଈ ଏନୋଫିଲିସ ମଶା ରାତିରେ ଶୋଇବା ବେଳେ କାମୁଡିଥାଏ। ଅନ୍ୟପକ୍ଷରେ ଡେଙ୍ଗୁ କରୁଥିବା ଏଡିସ ମଶା ସକାଳେ ଓ ସନ୍ଧ୍ୟା ବେଳେ କାମୁଡିଥାଏ। କ୍ୟୁଲେକ୍ସ ମଶା ଅନ୍ୟ ସମୟ ସହିତ ସନ୍ଧ୍ୟା ବେଳେ କାମୁଡିଥାଏ। ସାଧାରଣତଃ ମଶା ବର୍ଷାଦିନ ଆସିଲେ ବଂଶବୃଦ୍ଧି ଦ୍ରୁତ ଭାବରେ କରିଥାଆନ୍ତି। ମଶାର ସାନ୍ଦ୍ରତା ମାପି ସ୍ୱାସ୍ଥ୍ୟ ବିଭାଗ ନାଳ, ନର୍ଦ୍ଦମା ସଫା କରିବା ସହ ଘଞ୍ଚ ବୁଦା, ଅଦରକାରୀ ଗୁଳ୍ମ କାଟିବା, ନାଳରେ ମଶା ତେଲ ପକାଇ ସେମାନଙ୍କର ସଂଖ୍ୟା କମାଇବା ସହିତ ଅଧିକ ମଶା ଥିବା ସ୍ଥାନରେ ଟିଫା ମେଶିନ୍‌ରେ ମଶା ନିରୋଧ ଧୂଆଁ ବା ଫଙ୍ଗିସ କରାଯାଏ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେହେତୁ ମଶା ରୋଗୀକୁ କାମୁଡି ସେମାନଙ୍କଠାରୁ ରକ୍ତ ସହିତ ଜୀବାଣୁ ଆଣିଥାଏ ଓ ତା'ପରେ ସେହି ଜୀବାଣୁ ସୁସ୍ଥ ଲୋକ ଦେହକୁ (ପରିବର୍ତ୍ତିତ ହୋଇ ବା ନ ହୋଇ) ଯାଇଥାଏ, ତେଣୁ ରୋଗୀକୁ ମଶା ଠାରୁ ଦୂରେଇ ରହିବା ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ। ମାଈ ମଶାମାନେ ଅଣ୍ଡା ପ୍ରଦାନ ପାଇଁ ରକ୍ତ ଖାଇବା ନିହାତି ଦରକାର କରନ୍ତି। ରକ୍ତ ଶୋଷଣଠାରୁ ଅଣ୍ଡା ଦେବା ପର୍ଯ୍ୟନ୍ତ ସମୟକୁ 'ଗୋନୋଟ୍ରୋପିକ୍ ସାଇକେଲ' କୁହାଯାଏ। ଅଣ୍ଡିରା ମଶାମାନେ କେବେହେଲେ ରକ୍ତ ଶୋଷଣ କରନ୍ତି ନାହିଁ ଓ ଉଦ୍ଭିଦ ଓ ଫଳରସ ଉପରେ ନିର୍ଭର କରନ୍ତି। ମାତ୍ର ମାଈ ମଶା ପ୍ରତି ୨-୩ ଦିନ ବ୍ୟବଧାନରେ ଅଣ୍ଡା ପ୍ରଦାନ ପାଇଁ ରକ୍ତ ନିହାତି ରୂପେ ଆବଶ୍ୟକ କରିଥାଏ। ଜୁଫିଲିକ୍ ମଶା ପ୍ରାଣୀମାନଙ୍କଠାରୁ ଓ ଅନ୍ଥ୍ରୋଫିଲିକ୍ ମଶାମାନେ ମଣିଷଠାରୁ ରକ୍ତ ଶୋଷଣ କରିଥାଆନ୍ତି। ଗୋଟିଏ ମଶା ସାଧାରଣତଃ ଦୁଇ ସପ୍ତାହ ପାଖାପାଖି ବଞ୍ଚିଥାଏ। ହେଲେ ମାଈ ମଶାମାନେ ଅଧିକ ସମୟ ବଞ୍ଚିଥାଆନ୍ତି। ମଶା ସାଧାରଣତଃ ୧୫ ମିଟର ଉଚ୍ଚାକୁ ଯାଇ ନ ଥାଏ। ମାତ୍ର ଏବେ ମଧ ଅତି ଉଚ୍ଚ ବହୁତଳ ଆପାର୍ଟମେଣ୍ଟରେ ଏମାନେ ଏହାଠାରୁ ଉଚ୍ଚକୁ ଯିବା ପରିଲକ୍ଷିତ ହେଉଛି। ପୁନଶ୍ଚ ସାଧାରଣ ଭାବେ ମଶା ୫୦ମିଟରରୁ ଅଧିକ ଯାଉ ନ ଥିବା ବେଳେ ଏହା ୫ରୁ ୪୦ କିମି ଯିବାର ନଜୀର ମଧ ରହିଛି।

ଆମେ କେବେହେଲେ ମଶା ବଂଶ ଧ୍ୱଂସ କରିପାରିବା ନାହିଁ। ମାତ୍ର ସେମାନଙ୍କର ସଂଖ୍ୟା ହ୍ରାସ କରିପାରିବା। ଅଣ୍ଡା ଦେବା ସ୍ଥାନ ରଖିବା ନାହିଁ ଏବଂ ସେମାନେ କିପରି ଆମ ସଂସ୍ପର୍ଶରେ ଆସି ଆମକୁ କାମୁଡିବେ ନାହିଁ ସେଥିପ୍ରତି ପ୍ରତିବିଧାନ କରିବା। ଏଥିପାଇଁ ଏକ ମାତ୍ର ଉପାୟ ହେଉଛି 'ମଶାରି'। ମଶାରିର ବ୍ୟବହାର ମଶାଙ୍କଠାରୁ ରକ୍ଷା ପାଇବାର ମୁଖ୍ୟ ଆୟୁଧ ଅଟେ। ଏହାର ପ୍ରଚାର, ପ୍ରସାର ହେବା ଉଚିତ।

-ଅବସରପ୍ରାପ୍ତ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ : ୯୪୩୭୭୪୨୪୯୯

# ଅଲିମ୍ପିକ୍ସ ଉଦ୍‌ଯାପିତ, ଭାରତକୁ ୬ ପଦକ

**ପ୍ୟାରିସ, ୧୧।୮**

ପ୍ୟାରିସ୍ ଅଲିମ୍ପିକ୍ସ ରବିବାର ଉଦ୍‌ଯାପିତ ହୋଇଛି। ଜୁଲାଇ ୨୬ରୁ ଆରମ୍ଭ ହୋଇଥିବା କ୍ରୀଡ଼ା ଜଗତର ଏହି ମହା ପ୍ରତିଯୋଗିତା ଏକାଧିକ କାରଣ ପାଇଁ

**କାସ୍ ନିଷ୍ପତ୍ତି ଅପେକ୍ଷାରେ ଭିନେଶ**

ବିବାଦ ଘେରରେ ରହିଥିବାବେଳେ ସଫଳ ଆୟୋଜନର ସ୍ମରଣୀୟ ସ୍ମୃତି ଛାଡ଼ିଛି। ଅଲିମ୍ପିକ୍ସର ୩୪ତମ ସଂସ୍କରଣରେ ଭାରତ ୬ ପଦକ ସହ ଅଭିଯାନ ଶେଷ କରିଛି। ଏଥର ଯଦିଓ ସ୍ୱର୍ଣ୍ଣ ପଦକ ବିଜୟ ସମ୍ଭବ ହୋଇ ନ ଥିଲା ତେବେ ଭାରତୀୟ ଆଥ୍‌ଲେଟମାନେ ଗୋଟିଏ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ପାଇ ଦେଶକୁ ଗର୍ବିତ କରିଛନ୍ତି। ଆଥ୍‌ଲେଟିକ୍ସର ଜାଭେଲିନ୍ ଥ୍ରୋରୁ ରୌପ୍ୟ ପଦକଟି ଆସିଥିବାବେଳେ ଶୁଟିଂରୁ ୩ଟି ଏବଂ ପୁରୁଷ ହକି ଓ ରେସଲିଂରୁ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ମିଳିଛି।

ଭାରତ ପାଇଁ ପଦକ ଅଭିଯାନ ଆରମ୍ଭ କରିଥିଲେ ତାରକା ମହିଳା ଶୁଟର ମନୁ ଭାକର। ସେ ଜୁଲାଇ ୨୮ରେ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସି ଭରିଥିଲେ। ଗୋଟିଏ ପଦକରେ ସନ୍ତୁଷ୍ଟ ହୋଇ ନ ଥିଲେ ଭାକର। ଜୁଲାଇ ୩୦ରେ ଅନୁଷ୍ଠିତ ମିକ୍ସଡ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସେ ସରବଜୋତ ସିଂଙ୍କ ସହ ଆଉ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅଗଷ୍ଟ ୧ରେ ଶୁଟିଂ ଇଭେଣ୍ଟରୁ ଭାରତକୁ ମିଳିଥିଲା ୩ୟ ବ୍ରୋଞ୍ଜ ପଦକ। ଏଥର ସଫଳତା ତାଲିକାରେ ସାମିଲ ହୋଇଥିଲେ ସ୍ୱପ୍ନିଲ କୁସାଲ। ସେ ପୁରୁଷ ୫୦ ମିଟର ରାଇଫଲ ଥ୍ରୀ-ପୋଜିଶନ୍ସ ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଗଷ୍ଟ ୮ରେ ଭାରତକୁ ଡବଲ ପଦକ ମିଳିଥିଲା। ପୁରୁଷ ହକି ଦଳ ସ୍ପେନ୍‌କୁ ୨-୧ ଗୋଲରେ ହରାଇ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବଜାୟ ରଖିଥିବାବେଳେ ଗୋଲ୍ଡେନ ବୟ ନୀରଜ କୁମାର ଏଥର ପୁରୁଷ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ। ଏଥିସହ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ଏକାଧିକ ପଦକ ଜିତିବାରେ ସେ ଭାରତର ସବୁଠାରୁ ସଫଳ ପ୍ରତିଯୋଗୀ ହୋଇ ଯାଇଥିଲେ। ଅଗଷ୍ଟ ୯ରେ ରେସଲିଂରୁ ମିଳିଥିଲା ଭାରତକୁ ୬ଷ୍ଠ ତଥା ଅନ୍ତିମ ପଦକ। ପୁରୁଷ ୫୭ କେଜି ଫ୍ରିଷ୍ଟାଇଲ ରେସଲିଂରେ ଅମନ ସେରାୱତ ଏହି ସଫଳତା ପାଇଥିଲେ।


ଅଲିମ୍ପିକ୍ସରେ ଭାରତୀୟଙ୍କ ସଫଳତାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଭିନେସ ଫୋଗଟଙ୍କ ଘଟଣା କ୍ରୀଡ଼ାପ୍ରେମୀଙ୍କ ମନରେ ଦୁଃଖ ଭରିଥିଲା। ମହିଳା ଫ୍ରିଷ୍ଟାଇଲ ୫୦ କେଜି ଇଭେଣ୍ଟରେ ଭିନେସ ଜାପାନର ୟୁଇ ସୁସାକିଙ୍କୁ ୩-୨ରେ ଏବଂ କ୍ୱାର୍ଟର ଫାଇନାଲରେ ୟୁକ୍ରେନର ଓକସାନା ଲିଭାଚ୍‌ଙ୍କୁ ୭-୫ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ପର୍ଯ୍ୟାୟରେ ସେ କ୍ୟୁବାର ୟୁସ୍ନେଲିସ ଗୁଜମାନଙ୍କୁ ୫-୦ରେ ହରାଇ ଫାଇନାଲରେ ମଧ୍ୟ ପ୍ରବେଶ କରିଥିଲେ। ତେବେ ଅନ୍ତିମ ପର୍ଯ୍ୟାୟ ଲଢ଼େଇ ପୂର୍ବରୁ ହୋଇଥିବା ଓଜନ ମାପରେ ସେ ୧୦୦ ଗ୍ରାମ୍ ଅଧିକ ରହିଥିବା ଜଣା ପଡ଼ିଥିଲା। ଫଳରେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା ଏବଂ ସେ ଫାଇନାଲ ଲଢ଼ିବାରୁ ବଞ୍ଚିତ ହୋଇଥିଲେ। ସେ ଫାଇନାଲରେ ପ୍ରବେଶ କରିଥିବାରୁ ତାଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଉ ବୋଲି ଭିନେଶ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ର ଦ୍ୱାରସ୍ଥ ହୋଇଛନ୍ତି। କାସ୍‌ର ଆଡ୍‌ହକ ଡିଭିଜନ ମାମଲାର ଶୁଣାଣିକୁ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ଫଳରେ ଭାରତର ଏହି ସାହସୀ ରେସଲର ପଦକ ପାଇବେ କି ନାହିଁ ତାହା କାସ୍ ନିଷ୍ପତ୍ତି ପରେ ସ୍ପଷ୍ଟ ହେବ। ଭିନେଶ ଫୋଗଟ ବନାମ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ମାମଲା ଉପରେ ନିଷ୍ପତ୍ତି ନେବେ କାସ୍‌ର ଏକକ ଆର୍ବିଟ୍ରେଟର ବିଚାରପତି ଡକ୍ଟର ଆନାବେଲ ବେନେଟ। ଏହି ମାମଲାରେ ହାଇପ୍ରୋଫାଇଲ ସିନିୟର ଆଡ୍‌ଭୋକେଟ ହରିଶ ସାଲ୍‌ଭେ ଓ ବିଦୁସ୍ପାତ ସିଂଘାଣିଆ ଭିନେଶଙ୍କ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି।

ଭାରତ ପ୍ୟାରିସ୍‌ରୁ ୬ ପଦକ ପାଇଥିବାବେଳେ ଅନ୍ୟ କେତେକ ଇଭେଣ୍ଟରେ ଅଳ୍ପକେ ବଞ୍ଚିତ ହୋଇଛି। ପଦକର ନିକଟତର ହୋଇ ଅଧଡଜନେରୁ ଊର୍ଦ୍ଧ୍ୱ ଭାରତୀୟ ପ୍ରତିଯୋଗୀ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ବାଧ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ପୁରୁଷ ୧୦ ମିଟର ଏୟାର ରାଇଫଲ ଶୁଟିଂରେ ଅର୍ଜୁନ ବବୁତା, ମିକ୍ସଡ ଟିମ୍ ଆର୍ଚେରୀ ଇଭେଣ୍ଟରେ ଧୀରଜ ବୋମ୍ମାଦେଭରା ଓ ଅଙ୍କିତା ଭକତ, ମହିଳା ୨୫ ମିଟର ପିସ୍ତଲରେ ମନୁ ଭାକର, ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନରେ ଲକ୍ଷ୍ୟ ସେନ୍, ଶୁଟିଂର ମିକ୍ସଡ ଟିମ୍ ସ୍କେଟ୍ ଇଭେଣ୍ଟରେ ଅନନ୍ତଜିତ ସିଂ ଓ ମାହେଶ୍ୱରୀ ଚୌହାନ ଏବଂ ୪୯ କେଜି ମହିଳା ଭାରୋତ୍ତୋଳନରେ ମୀରାବାଈ ଚାନୁ। ମହିଳା ୨୫ ମିଟର ପିସ୍ତଲରେ ପଦକ ଜିତିଥିଲେ ଗୋଟିଏ ଅଲିମ୍ପିକ୍ସରେ ୩ଟି ପଦକ ହାସଲରେ ବିରଳ ଭାରତୀୟ ରେକର୍ଡର ଅଧିକାରୀ ହୋଇଥାନ୍ତେ ମନୁ ଭାକର।



ନୀରଜ ଚୋପ୍ରା


ମନୁ ଭାକର ଓ ସରବଜୋତ ସିଂ


ସ୍ୱପ୍ନିଲ କୁସାଲେ



ହକି ଅଧିନାୟକ ହରମନପ୍ରୀତ ସିଂ



ଅମନ ସେରାୱତ


## ପ୍ୟାରିସରେ ଭାରତର ପଦକ ବିଜେତା

| ପଦକ | କ୍ରୀଡ଼ାବିତ୍ | କ୍ରୀଡ଼ା | ଇଭେଣ୍ଟ | ତାରିଖ |
|---|---|---|---|---|
| ରୌପ୍ୟ | ନୀରଜ ଚୋପ୍ରା | ଆଥ୍‌ଲେଟିକ୍ସ | ଜାଭେଲିନ୍ ଥ୍ରୋ | ଅଗଷ୍ଟ ୮ |
| ବ୍ରୋଞ୍ଜ | ମନୁ ଭାକର | ଶୁଟିଂ | ମହିଳା ୧୦ ମିଟର ଏୟାର ପିସ୍ତଲ | ଜୁଲାଇ ୨୮ |
| ବ୍ରୋଞ୍ଜ | ମନୁ ଭାକର/ସରବଜୋତ ସିଂ | ଶୁଟିଂ | ମିକ୍ସଡ ୧୦ ମିଟର ଏୟାର ପିସ୍ତଲ | ଜୁଲାଇ ୩୦ |
| ବ୍ରୋଞ୍ଜ | ସ୍ୱପ୍ନିଲ କୁସାଲେ | ଶୁଟିଂ | ପୁରୁଷ ୫୦ ମିଟର ରାଇଫଲ ଥ୍ରୀ ପୋଜିଶନ୍ସ | ଅଗଷ୍ଟ ୧ |
| ବ୍ରୋଞ୍ଜ | ଭାରତୀୟ ହକି ଦଳ | ଫିଲ୍ଡ ହକି | ପୁରୁଷ ଟୁର୍ନାମେଣ୍ଟ | ଅଗଷ୍ଟ ୮ |
| ବ୍ରୋଞ୍ଜ | ଅମନ ସେରାୱତ | ରେସେଲିଂ | ପୁରୁଷ ଫ୍ରିଷ୍ଟାଇଲ ୫୭ କେଜି | ଅଗଷ୍ଟ ୯ |

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଆମେରିକା | ୪୦ | ୪୪ | ୪୨ | ୧୨୬ |
| ଚାଇନା | ୪୦ | ୨୭ | ୨୪ | ୯୧ |
| ଜାପାନ | ୨୦ | ୧୨ | ୧୩ | ୪୫ |
| ଅଷ୍ଟ୍ରେଲିଆ | ୧୮ | ୧୯ | ୧୬ | ୫୩ |
| ଫ୍ରାନ୍ସ | ୧୬ | ୨୬ | ୨୨ | ୬୪ |
| ନେଦରଲାଣ୍ଡ୍ସ | ୧୫ | ୭ | ୧୨ | ୩୪ |
| ବ୍ରିଟେନ | ୧୪ | ୨୨ | ୨୯ | ୬୫ |
| ଦ.କୋରିଆ | ୧୩ | ୯ | ୧୦ | ୩୨ |
| ଇଟାଲୀ | ୧୨ | ୧୩ | ୧୫ | ୪୦ |
| ଜର୍ମାନୀ | ୧୨ | ୧୩ | ୮ | ୩୩ |
| ନ୍ୟୁଜିଲାଣ୍ଡ | ୧୦ | ୭ | ୩ | ୨୦ |
| କାନାଡା | ୯ | ୭ | ୧୧ | ୨୭ |
| ଉଜବେକିସ୍ତାନ | ୮ | ୨ | ୩ | ୧୩ |
| ହଙ୍ଗେରୀ | ୬ | ୭ | ୬ | ୧୯ |
| ସ୍ପେନ୍ | ୫ | ୪ | ୯ | ୧୮ |
| ସୁଇଡେନ | ୪ | ୪ | ୩ | ୧୧ |
| କେନିୟା | ୪ | ୨ | ୫ | ୧୧ |
| ନରୱେ | ୪ | ୧ | ୩ | ୮ |
| ଆୟର୍ଲାଣ୍ଡ | ୪ | ୦ | ୩ | ୭ |
| ବ୍ରାଜିଲ | ୩ | ୭ | ୧୦ | ୨୦ |
| ଇରାନ | ୩ | ୬ | ୩ | ୧୨ |
| ୟୁକ୍ରେନ | ୩ | ୫ | ୪ | ୧୨ |
| ରୋମାନିଆ | ୩ | ୪ | ୨ | ୯ |
| ଜର୍ଜିଆ | ୩ | ୩ | ୧ | ୭ |
| ବେଲଜିୟମ | ୩ | ୧ | ୬ | ୧୦ |
| ବୁଲଗେରିଆ | ୩ | ୧ | ୩ | ୭ |
| ସର୍ବିଆ | ୩ | ୧ | ୧ | ୫ |
| ଚେକ୍ ରିପବ୍ଲିକ୍ | ୩ | ୦ | ୨ | ୫ |
| ଡେନମାର୍କ | ୨ | ୨ | ୫ | ୯ |
| ଆଜରବୈଜାନ | ୨ | ୨ | ୩ | ୭ |
| କ୍ରୋଏସିଆ | ୨ | ୨ | ୩ | ୭ |
| କ୍ୟୁବା | ୨ | ୧ | ୬ | ୯ |
| ବାହାରିନ | ୨ | ୧ | ୧ | ୪ |
| ସ୍ଲୋଭେନିଆ | ୨ | ୧ | ୦ | ୩ |
| ତାଇପେ | ୨ | ୦ | ୫ | ୭ |
| ଅଷ୍ଟ୍ରିଆ | ୨ | ୦ | ୫ | ୭ |
| ହଂକଂ | ୨ | ୦ | ୨ | ୪ |
| ଫିଲିପାଇନ୍ସ | ୨ | ୦ | ୨ | ୪ |
| ଆଲଜେରିଆ | ୨ | ୦ | ୧ | ୩ |
| ଇଣ୍ଡୋନେସିଆ | ୨ | ୦ | ୧ | ୩ |
| ଇସ୍ରାଏଲ | ୧ | ୫ | ୧ | ୭ |
| ପୋଲାଣ୍ଡ | ୧ | ୪ | ୫ | ୧୦ |
| କାଜାଖସ୍ତାନ | ୧ | ୩ | ୩ | ୭ |
| ଜାମାଇକା | ୧ | ୩ | ୨ | ୬ |
| ଦକ୍ଷିଣ ଆଫ୍ରିକା | ୧ | ୩ | ୨ | ୬ |
| ଥାଇଲାଣ୍ଡ | ୧ | ୩ | ୨ | ୬ |
| ଇଥିଓପିଆ | ୧ | ୩ | ୦ | ୪ |
| ସୁଇଜରଲାଣ୍ଡ | ୧ | ୨ | ୫ | ୮ |
| ଇକ୍ୱେଡର | ୧ | ୨ | ୨ | ୫ |
| ପର୍ତ୍ତୁଗାଲ | ୧ | ୨ | ୧ | ୪ |
| ଗ୍ରୀସ୍ | ୧ | ୧ | ୬ | ୮ |
| ଆର୍ଜେଣ୍ଟିନା | ୧ | ୧ | ୧ | ୩ |
| ଇଜିପ୍ଟ | ୧ | ୧ | ୧ | ୩ |
| ଟ୍ୟୁନିସିଆ | ୧ | ୧ | ୧ | ୩ |
| ବୋଟ୍ସୱାନା | ୧ | ୧ | ୦ | ୨ |
| ଚିଲି | ୧ | ୧ | ୦ | ୨ |
| ସେଣ୍ଟ ଲୁସିଆ | ୧ | ୧ | ୦ | ୨ |
| ଉଗାଣ୍ଡା | ୧ | ୧ | ୦ | ୨ |
| ଡୋମିନିକା(ରି) | ୧ | ୦ | ୨ | ୩ |
| ଗୁଆଟେମାଲା | ୧ | ୦ | ୧ | ୨ |
| ମରକ୍କୋ | ୧ | ୦ | ୧ | ୨ |
| ଡୋମିନିକା | ୧ | ୦ | ୦ | ୧ |
| ପାକିସ୍ତାନ | ୧ | ୦ | ୦ | ୧ |
| ତୁର୍କୀ | ୦ | ୩ | ୫ | ୮ |
| ମେକ୍ସିକୋ | ୦ | ୩ | ୨ | ୫ |
| ଆର୍ମେନିଆ | ୦ | ୩ | ୧ | ୪ |
| କଲମ୍ବିଆ | ୦ | ୩ | ୧ | ୪ |
| କିର୍ଗିଜସ୍ତାନ | ୦ | ୨ | ୪ | ୬ |
| କୋରିଆ | ୦ | ୨ | ୪ | ୬ |
| ଲିଥୁଆନିଆ | ୦ | ୨ | ୨ | ୪ |
| **ଭାରତ** | **୦** | **୧** | **୫** | **୬** |
| ମଲ୍‌ଡୋଭା | ୦ | ୧ | ୩ | ୪ |
| କୋସୋଭୋ | ୦ | ୧ | ୧ | ୨ |
| ସାଇପ୍ରସ୍ | ୦ | ୧ | ୦ | ୧ |
| ଫିଜି | ୦ | ୧ | ୦ | ୧ |
| ଜୋର୍ଡାନ | ୦ | ୧ | ୦ | ୧ |
| ମଙ୍ଗୋଲିଆ | ୦ | ୧ | ୦ | ୧ |
| ପାନାମା | ୦ | ୧ | ୦ | ୧ |
| ତାଜିକସ୍ତାନ | ୦ | ୦ | ୨ | ୨ |
| ଆଲବାନିଆ | ୦ | ୦ | ୨ | ୨ |
| ଗ୍ରେନାଡା | ୦ | ୦ | ୨ | ୨ |
| ମାଲେସିଆ | ୦ | ୦ | ୨ | ୨ |
| ପୁଏର୍ଟୋରିକୋ | ୦ | ୦ | ୨ | ୨ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| କାବୋ ଭେର୍ଡେ | ୦ | ୦ | ୧ | ୧ |
| ରିଫ୍ୟୁଜି ଟିମ୍ | ୦ | ୦ | ୧ | ୧ |
| ପେରୁ | ୦ | ୦ | ୧ | ୧ |
| କାତାର | ୦ | ୦ | ୧ | ୧ |
| ସିଙ୍ଗାପୁର | ୦ | ୦ | ୧ | ୧ |
| ସ୍ଲୋଭାକିଆ | ୦ | ୦ | ୧ | ୧ |
| ଜାମ୍ବିଆ | ୦ | ୦ | ୧ | ୧ |

## ଆଇଫେଲ ଟାୱାର ଉପରେ ଚଢ଼ି ଗିରଫ



**ପ୍ୟାରିସ, ୧୧।୮(ଏପି)**

ପ୍ୟାରିସ ଅଲିମ୍ପିକ୍ସ ଉଦ୍‌ଯାପନୀ ଉତ୍ସବର କିଛି ଘଣ୍ଟା ପୂର୍ବରୁ ଅପରାହ୍ଣରେ ଏକ ଅଦ୍ଭୁତ ଘଟଣା ଦେଖିବାକୁ ମିଳିଥିଲା। ଜଣେ ବ୍ୟକ୍ତି ଫୁଙ୍ଗୁଳା ଦେହରେ ଆଇଫେଲ ଟାୱାର ଉପରକୁ ଚଢୁଥିବା ଦେଖିବାକୁ ମିଳିଥିଲା। ଫ୍ରେଞ୍ଚ ପୋଲିସ ତୁରନ୍ତ ଆଇଫେଲ ଟାୱାର ଅଞ୍ଚଳକୁ ଖାଲି କରିଦେଇଥିଲେ।

ଆଇଫେଲ ଟାୱାରର ଉଚ୍ଚତା ହେଉଛି ୩୩୦ ମିଟର (୧,୦୮୩ ଫୁଟ୍)। ସେ ସ୍ମାରକର ଦ୍ୱିତୀୟ ଭାଗରେ ଲଗା ଯାଇଥିବା ରିଙ୍ଗ ଉପରକୁ ଚଢ଼ିଯାଇଥିଲେ। ସେ କେଉଁ ବାଟ ଦେଇ ଚଢିଥିଲେ ତାହା ଜଣାପଡ଼ିନାହିଁ। ଫ୍ରେଞ୍ଚ ପୋଲିସ ଲୋକଟିକୁ ଓହ୍ଲାଇବାର ବ୍ୟବସ୍ଥା କରିଥିଲେ। ଅଲିମ୍ପିକ୍ସର ପ୍ରତିଯୋଗିତାଗୁଡ଼ିକ ଶେଷ ହୋଇଯିବା ପରେ ପ୍ୟାରିସରେ ସୁରକ୍ଷାକର୍ମୀମାନଙ୍କ ଧ୍ୟାନ ଉଦ୍‌ଯାପନୀ ଉତ୍ସବ ଉପରକୁ ଚାଲିଯାଇଥିଲା। ସୂଚନାଯୋଗ୍ୟ, ପୋଲିସ ଅପରାହ୍ଣ ୩ଟାରେ ଅଞ୍ଚଳକୁ ଖାଲି କରିଥିଲା। କିଛି ପର୍ଯ୍ୟଟକ ଦ୍ୱିତୀୟ ତାଲାରେ ଅଟକି ଯାଇଥିଲେ। ସ୍ଥାନ ଛାଡ଼ିଚାଲିଯିବା ଲାଗି ସେମାନଙ୍କୁ ୩୦ ମିନିଟ ସମୟ ଦିଆଯାଇଥିଲା। ଆଇଫେଲ ଟାୱାର ଉପରେ ଚଢିଥିବା ଲୋକକୁ ଅଟକ ରଖି ପୋଲି ଘଟଣାର ତଦନ୍ତ ଆରମ୍ଭ କରିଛି। ଆଇଫେଲ ଟାୱାର ଉଦ୍‌ଘାଟନୀ ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା। ଉଦ୍‌ଯାପନୀ ଉତ୍ସବ କିନ୍ତୁ ଉତ୍ତରାଞ୍ଚଳ ସହର ଉପକଣ୍ଠ ସେଣ୍ଟ ଡେନିସ ଷ୍ଟେଡ୍ ଡି' ଫ୍ରାନ୍ସରେ ଆୟୋଜିତ ହୋଇଥିଲା।

## ପଦକ ତାଲିକାରେ ଆମେରିକା ପ୍ରଥମ

**ପ୍ୟାରିସ୍, ୧୧।୮ (ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ଶେଷ ହୋଇଥିବା ବେଳେ ଆମେରିକା ପଦକ ତାଲିକାର ପ୍ରଥମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଆରମ୍ଭରୁ ଚାଇନା ପଦକ ତାଲିକାରେ ଅଧିକ ସ୍ୱର୍ଣ୍ଣ ପଦକ ସହ ପ୍ରଥମ ସ୍ଥାନରେ ରହିଥିଲା। ତେବେ ଟୁର୍ନାମେଣ୍ଟର ଅନ୍ତିମ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ସହ ଆମେରିକା ପ୍ରଥମ ସ୍ଥାନ ଅକ୍ତିଆର କରିଥିଲା। ଆମେରିକା ୪୦ ସ୍ୱର୍ଣ୍ଣ, ୪୪ ରୌପ୍ୟ ଓ ୪୨ ବ୍ରୋଞ୍ଜ ସହ ମୋଟ ୧୨୬ ପଦକ ହାସଲ କରିଥିଲା। ଅନ୍ୟ ପକ୍ଷରେ ଚାଇନା ୪୦ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୨୪ ବ୍ରୋଞ୍ଜ ପଦକ ସହ ମୋଟ ୯୧ ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଜାପାନ ୪୫ ପଦକ(୨୦ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୩ ବ୍ରୋଞ୍ଜ) ସହ ତୃତୀୟ ସ୍ଥାନରେ ରହିଥିଲା। ଅନ୍ୟ ପକ୍ଷରେ ଆୟୋଜକ ଫ୍ରାନ୍ସ ୧୬ ସ୍ୱର୍ଣ୍ଣ, ୨୬ ରୌପ୍ୟ, ୨୨ ବ୍ରୋଞ୍ଜ ସହ ମୋଟ ୬୪ ପଦକ ହାସଲ କରିଛି।

### ଚାଇନାକୁ ୩୦୦ ତମ ପଦକ

ଚାଇନା ଏହାର ଅଲିମ୍ପିକ୍ସ ଇତିହାସର ୩୦୦ତମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ରବିବାର ମହିଳା ଟେବୁଲ ଟେନିସ୍ ଇଭେଣ୍ଟ ଫାଇନାଲରେ ଜାପାନକୁ ୩-୦ରେ ହରାଇବା ସହ ଚାଇନା ଏହି ସଫଳତା ହାସଲ କରିଛି। ମହିଳା ଟିଟି ଟିମ୍ ଇଭେଣ୍ଟରେ ଏହା ଚାଇନାର ପଞ୍ଚମ ଅଲିମ୍ପିକ୍ସ ପଦକ। ଶେଷ ଥର ପାଇଁ ଚାଇନା ୨୦୦୮ ବେଜିଂ ଅଲିମ୍ପିକ୍ସରେ ମହିଳା ଟିଟି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲା। ସ୍ୱର୍ଣ୍ଣ ପଦକ ପାଇଁ ଚାଇନାର ସମସ୍ତ ଖେଳାଳି ବଦ୍ଧପରିକର ଥିଲେ ବୋଲି କହିଛନ୍ତି ୧ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ସୁନ୍ ୟିଙ୍ଗଶା।



ପ୍ୟାରିସ ଆଇଫେଲ ଟାୱାର ନିକଟରେ ରବିବାର ଭାରତୀୟ ପୁରୁଷ ହକି ଦଳର ତାରକା ଡିଫେଣ୍ଡର ଓଡ଼ିଶାର ଅମିତ ରୋହିଦାସ।



ଅମୃତସରର ଗୋଲ୍ଡେନ ଟେମ୍ପୁଲରେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ହକି ଦଳର ସଦସ୍ୟ। ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିରରେ ଲଳିତ ଉପାଧ୍ୟାୟଙ୍କ ପୂଜାର୍ଚ୍ଚନା।



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଓଭରଅଲ୍ ଚାମ୍ପିୟନ କର୍ଣ୍ଣାଟକ ଦଳ ଅତିଥିଙ୍କ ଗହଣରେ।

# ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

## କର୍ଣ୍ଣାଟକ ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୧୧।୮
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ୪୦ତମ ସବ୍‌ଜୁନିୟର ଓ ୫୦ତମ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୧୦୪ ପଦକ ପାଇ କର୍ଣ୍ଣାଟକ ଓଭରଅଲ୍ ଚାମ୍ପିୟନ ହୋଇଛି। ମହାରାଷ୍ଟ୍ର (୭୩) ଦ୍ୱିତୀୟ ଓ ତାମିଲନାଡୁ (୩୧) ତୃତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶାକୁ ମୋଟ ୩ଟି ପଦକ ମିଳିଛି। ରାଜ୍ୟର ପ୍ରତିଭା ସମ୍ପନ୍ନ ସନ୍ତରଣକାରୀ ମନ୍ନତା ମିଶ୍ର ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ସ୍ୱର୍ଣ୍ଣ ଓ ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ କୌଣସି ଓଡ଼ିଶା ସନ୍ତରଣକାରୀ ସ୍ୱର୍ଣ୍ଣ ପଦକ ଜିତିବା ଏହା ପ୍ରଥମ। ମନ୍ନତା ହେଉଛନ୍ତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ। ଶ୍ରେୟାସୀ ଦାସ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ମୋଟ ୧୧ଟି ନୂଆ ରେକର୍ଡ ପ୍ରତିଷ୍ଠା ହୋଇଥିଲା। ବାଳକ ବିଭାଗରେ ମହାରାଷ୍ଟ୍ରର ରିଷଭ ଅନୁପମ ଦାସ (୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ) ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଥିବା ବେଳେ ତାମିଲନାଡୁର ଏମ୍.ଏସ୍ ନିଥିଶ (୪ ସ୍ୱର୍ଣ୍ଣ, ୧ ରୌପ୍ୟ) ଦ୍ୱିତୀୟ ଏବଂ ମଣିପୁରର କୋଇଜାମ ଆଥୋବିଆ ସିଂ (୪ ସ୍ୱର୍ଣ୍ଣ) ତୃତୀୟ ହୋଇଥିଲେ। ସେହିପରି ବାଳିକା ବିଭାଗରେ ମହାରାଷ୍ଟ୍ରର ପ୍ରତିଷ୍ଠା ବି ଡାଙ୍ଗି (୩ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ) ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଥିବାବେଳେ କର୍ଣ୍ଣାଟକର ଧିନିଧି ଡେସିନଘୁ ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ ହରିୟାଣାର ସେରେନା ସାରୋହା (୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ) ତୃତୀୟ ହୋଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା, ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଏସଏଫ୍‌ଆଇ) ମହାସଚିବ ମୋନାଲ ଚୋକ୍‌ସି ଏବଂ ଉଭୟ ଫେଡେରେଶନ ଓ କ୍ରୀଡ଼ା ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହାକୁ ମିଶାଇ ଓଡ଼ିଶା ତୃତୀୟ ଥରପାଇଁ ଜାତୀୟ ପ୍ରତିଯୋଗିତା ଆୟୋଜନ କରିଛି। ସଫଳତାର ସହ ପ୍ରତିଯୋଗିତା ଆୟୋଜନ ହୋଇଥିବାରୁ କ୍ରୀଡ଼ାମନ୍ତ୍ରୀ ଏସ୍‌ଏଫ୍‌ଆଇ ଓ ରାଜ୍ୟ ସୁଇମିଂ ଆସୋସିଏଶନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।


କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟ ଅତିଥିଙ୍କ ଗହଣରେ ମନ୍ନତା ମିଶ୍ର ଓ କୃତୀ ପ୍ରତିଯୋଗୀମାନେ।

## ପଦକ୍ ଫେରାଇବେ ଜୋର୍ଡାନ ଚାଇଲ୍ସ

ପ୍ୟାରିସ୍, ୧୧।୮(ପି.ଟି.)

କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ(କାସ୍)ର ନିଷ୍ପତ୍ତି ପରେ ଆମେରିକୀୟ ଜିମ୍ନାଷ୍ଟ ଜୋର୍ଡାନ ଚାଇଲ୍ସଙ୍କୁ ପଦକ ଫେରାଇବାକୁ ପଡିବ। ଚଳିତ ପ୍ୟାରିସ୍ ଅଲିମ୍ପିକ୍ସର ଫ୍ଲୋର ଏକ୍ସରସାଇଜ ଇଭେଣ୍ଟରେ ଜୋର୍ଡାନ ଚାଇଲ୍ସ ବ୍ରୋଞ୍ଜ ପଦକ ଜିତିଥିଲେ। ବ୍ରାଜିଲର ରେବେକା ଆଣ୍ଡ୍ରିଆ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟତମ ଆମେରିକୀୟ ଖେଳାଳି ସିମୋନ ବାଇଲ୍ସ ଦ୍ୱିତୀୟ ସ୍ଥାନରେ ରୌପ୍ୟ ପଦକ ଜିତିଥିଲେ। ରୋମାନିଆର ଆନା ବାର୍ବୋସୁ ଚତୁର୍ଥ ସ୍ଥାନରେ ରହିଥିଲେ। ମୁଖ୍ୟ ଇଭେଣ୍ଟ ଶେଷ ହେବା ବେଳକୁ ଆନା ବାର୍ବୋସୁ ତୃତୀୟ ସ୍ଥାନରେ ରହିଥିଲେ। ଫାଇନାଲ ସ୍କୋରରେ ଆନା ୧୩.୭୬୬ ଓ ଜୋର୍ଡାନ ଚାଇଲ୍ସ ୧୩.୬୬୬ ପଏଣ୍ଟରେ ରହିଥିଲେ। ଆମେରିକା ପକ୍ଷରୁ ଏହି ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରାଯିବା ପରେ ଜୋର୍ଡାନ ଚାଇଲ୍ସଙ୍କୁ ୦.୧ ଅତିରିକ୍ତ ପଏଣ୍ଟ ମିଳିଥିଲା। ଫଳରେ ଜୋର୍ଡାନ ୧୩.୭୬୬ ପଏଣ୍ଟ ପାଇ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଏହି ଘଟଣାକୁ ବିରୋଧ କରି ରୋମାନିଆ କାସ୍‌ର ଦ୍ୱାରସ୍ଥ ହୋଇଥିଲା। ଇଭେଣ୍ଟର ୧ ମିନିଟ ପରେ ଆମେରିକା ସ୍କୋର ପରିବର୍ତ୍ତନ ଆବେଦନ କରିଥିଲା। କାସ୍ ନିଷ୍ପତ୍ତିରେ ଏହାକୁ ଅବୈଧ ବୋଲି ଘୋଷଣା କରିବା ସହ ଜୋର୍ଡାନ ଚାଇଲ୍ସଙ୍କୁ ପଦକ ଫେରାଇବାକୁ ନିଷ୍ପତ୍ତି ନେଇଥିଲେ। କାସ୍‌ର ଏହି ନିଷ୍ପତ୍ତିକୁ ଇଣ୍ଟରନ୍ୟାଶନାଲ ଜିମ୍ନାଷ୍ଟିକ୍ସ ଫେଡେରେଶନ(ଏଫ୍‌ଆଇଜି) ପକ୍ଷରୁ ମଧ୍ୟ ସ୍ୱାଗତ କରାଯାଇଛି। ଆମେରିକୀୟ ଅଲିମ୍ପିକ୍ସ କମିଟିକୁ ପଦକ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପରବର୍ତ୍ତୀ ସମୟରେ ରୋମାନିଆ ଅଲିମ୍ପିକ୍ସ କମିଟି ଏହି ପଦକ ଆନା ବାର୍ବୋସୁଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାକୁ ନେଇ ଆମେରିକୀୟ ଜିମ୍ନାଷ୍ଟ ଜୋର୍ଡାନ ଚାଇଲ୍ସ କଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଚାଇଲ୍ସ ନିଜ ମାନସିକ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟକୁ ଡିଆକ୍ଟିଭେଟ୍ କରିଛନ୍ତି।

# ବିନ୍ଦ୍ରାଙ୍କୁ ‘ଅଲିମ୍ପିକ ଅର୍ଡର’ ପୁରସ୍କାର

ପ୍ୟାରିସ୍, ୧୧।୮(ପି.ଟି.)



ପୁରସ୍କୃତ ହେବା ଅବସରରେ ଅଭିନବ ବିନ୍ଦ୍ରା(ଡାହାଣ)।

ଭାରତୀୟ ଶୁଟିଂ ଆଇକନ ଅଭିନବ ବିନ୍ଦ୍ରାଙ୍କୁ ଅଲିମ୍ପିକ ଅର୍ଡର ପୁରସ୍କାରରେ ସମ୍ମାନିତ କରାଯାଇଛି। ଅଲିମ୍ପିକ ଆନ୍ଦୋଳନରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ୨୦୦୮ ବେଜିଂ ଗେମ୍ସ ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ଶୀର୍ଷ ସ୍ଥାନ ଅଧିକାର କରି ବିନ୍ଦ୍ରା ବ୍ୟକ୍ତିଗତ ସ୍ୱର୍ଣ୍ଣ ହାସଲ କରିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଥିଲେ। ଶନିବାର ଅନ୍ତର୍ଜାତୀୟ ଅଲିମ୍ପିକ କମିଟି(ଆଇଓସି)ର ୧୪୨ତମ ସେସନରେ ବିନ୍ଦ୍ରାଙ୍କୁ ସମ୍ମାନିତ କରାଯାଇଥିଲା। ୪୧ ବର୍ଷୀୟ ବିନ୍ଦ୍ରା ଭାରତୀୟ ଆଇଓସିର ଭାଇସ୍ ଚେୟାରମ୍ୟାନ ଅଛନ୍ତି। ଅଲିମ୍ପିକ ଆନ୍ଦୋଳନ ପାଇଁ ଆହୁରି କଠିନ ପରିଶ୍ରମ କରିବା ଲାଗି ଏହି ପୁରସ୍କାର ତାଙ୍କୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି। ‘ଅଲିମ୍ପିକ ଅର୍ଡର’ ପୁରସ୍କାର ୧୯୭୫ରୁ ପ୍ରଚଳିତ ହୋଇ ଆସୁଛି। ଅଲିମ୍ପିକ ଆନ୍ଦୋଳନରେ ବିଶେଷ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ବିନ୍ଦ୍ରା ୨୦୦୦ ସିଡ୍‌ନୀରୁ ଆରମ୍ଭ କରି ଅଲିମ୍ପିକ୍ସର ୫ଟି ସଂସ୍କରଣରେ ଭାଗ ନେଇଛନ୍ତି। ସେତେବେଳେ ସେ ପୁରୁଷ ୧୦ମିଟର ଏୟାର ରାଇଫଲ ଫାଇନାଲରେ ପ୍ରବେଶ କରିଥିଲେ। ବିନ୍ଦ୍ରା ୨୦୦୮ରେ ପୂର୍ବଥରର ଚାମ୍ପିୟନ ଚାଇନାର ଝୁ କ୍ୱିନାନଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୨୦୧୬ରେ ମଧ୍ୟ ସେ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ସେ ଚତୁର୍ଥ ସ୍ଥାନରେ ରହିଥିଲେ। ବିନ୍ଦ୍ରା ୨୦୧୮ ପରଠାରୁ ଆଇଓସି ଆଥଲେଟ୍ସ କମିଶନର ଜଣେ ସଦସ୍ୟ ରହିଆସିଛନ୍ତି।

# ଭାରତ ‘ଏ’କୁ ୭ ଉଇକେଟରେ ହରାଇଲା ଅଷ୍ଟ୍ରେଲିଆ ‘ଏ’

ବ୍ରିସବେନ୍, ୧୧।୮ (ପି.ଟି.)

**ମହିଳା କ୍ରିକେଟ**

ଟାହିଲା ମ୍ୟାକଗ୍ରାଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଅଷ୍ଟ୍ରେଲିଆ ‘ଏ’ ମହିଳା ଦଳ ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ୍ ମ୍ୟାଚରେ ଭାରତ ‘ଏ’ ମହିଳା ଦଳକୁ ୭ ଉଇକେଟରେ ପରାସ୍ତ କରି ଅଷ୍ଟ୍ରେଲିଆ ‘ଏ’ ଦଳ। ଅଷ୍ଟ୍ରେଲିଆ ପ୍ରଥମ ଦୁଇଟି ମ୍ୟାଚ ଯଥାକ୍ରମେ ୫ରନ ଓ ୮ ଉଇକେଟରେ ଜିତିଥିଲା। ରବିବାର ବିଜୟ ଦ୍ୱାରା ଅଷ୍ଟ୍ରେଲିଆ ‘ଏ’ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ କ୍ଲିନ୍ ସୁଇପ୍ କରିଛି। ଭାରତ ‘ଏ’ ବର୍ତ୍ତମାନ ଅଗଷ୍ଟ ୨ରୁ ଏକମାତ୍ର ଅନଅଫିସିଆଲ ଟେଷ୍ଟ ମ୍ୟାଚ ଖେଳିବା ପୂର୍ବରୁ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ୧୨୧ ରନର ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ମ୍ୟାକ୍‌ଗ୍ରା ତାଙ୍କ ଦଳର ନେତୃତ୍ୱ ନେଇଥିଲେ। ସେ ୨୨ ବଲରେ ୫୧ରନ (୮ ଚୌକା ଓ ୨ ଛକା) କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ମାତ୍ର ୧୩.୫ ଓଭରରେ ୩ ଉଇକେଟ ବିନିମୟରେ ୧୨୧ ରନ କରି ମ୍ୟାଚ ଜିତି ନେଇଥିଲା। ।ସ ପେସ୍ ବୋଲର ଶବନମ ଶକିଲଙ୍କ ବୋଲିଂରେ କ୍ରମାଗତ ୩ ଚୌକା ଲଗାଇ ଘରୋଇ ଦଳକୁ ବିଜୟୀ କରାଇଥିଲେ। ମ୍ୟାକଗ୍ରାଙ୍କୁ ଓପନ ଟାହିଲା ୱିଲସନ (୩୯ରନ, ୨୬ ବଲ୍, ୫ ଚୌକା ୧ ଛକା)ଙ୍କଠାରୁ ଉପଯୁକ୍ତ ସହାୟତା ମିଳିଥିଲା। ଉଭୟେ ୩ୟ ଉଇକେଟରେ ୪୮ରନ ଯୋଗ କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ‘ଏ’ ମହିଳା ଦଳ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ୧୨୦ରନ କରିବାରେ ସମର୍ଥ ହୋଇଥିଲା। ଅଷ୍ଟ୍ରେଲୀୟ ବୋଲରଙ୍କୁ ସାମ୍ନା କରି କ୍ରିଜରେ ତିଷ୍ଠି ରହିପାରିଥିବା ଏକମାତ୍ର ଭାରତୀୟ ବ୍ୟାଟର କିରଣ ନାଭିଗ୍ରେ ୨୦ ବଲ୍‌ରୁ ୬ ଚୌକା ଓ ଗୋଟିଏ ଛକା ସହ ୩୮ରନ କରିଥିଲେ। ଦଳ ଏକଦା ୫ ଉଇକେଟ ବିନିମୟରେ ୪୭ରନ କରିଥିବା ବେଳେ ବ୍ୟାଟର ଅଧିନାୟିକା ମିନୁ ମନି ୨୨ରନ (୨୩ ବଲ୍) କରିଥିଲେ। ନାଭିଗ୍ରେ ଓ ମିନୁଙ୍କ ମଧ୍ୟରେ ୬ଷ୍ଠ ଉଇକେଟରେ ୫୭ରନ ଯୋଗ ହୋଇପାରିଥିଲା।

## ଡୋପ୍ ଟେଷ୍ଟରେ କଙ୍ଗୋ ସ୍ପ୍ରିଣ୍ଟର ବିଫଳ

ପ୍ୟାରିସ, ୧୧।୮ (ଏପି)

ପ୍ୟାରିସ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ କଙ୍ଗୋର ଅନ୍ୟତମ ପତାକା ବାହକ ଥିବା ସ୍ପ୍ରିଣ୍ଟର ଡୋମିନିକ୍ ଲାସ୍‌କୋନି ମୁଲାମ୍ବା ଆନାବୋଲିକ ଷ୍ଟେର,ଡ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ତରଫରୁ ଏହି ସୂଚନା ଦିଆଯାଇଛି। ମୁଲାମ୍ବା ୧୦୦ମିଟର ରେସ୍‌ରେ ଭାଗ ନେଇଥିଲେ। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ନିଷିଦ୍ଧ ଉପାଦାନ ଷ୍ଟାଙ୍ଗୋଲଲ ମେଟାବୋଲିଟ ଠାବ କରାଯାଇଥିଲା। ଏହି ଷ୍ଟେରଏଡ୍‌କୁ ସ୍ପ୍ରିଣ୍ଟର ବେନ୍ ଜନସନ ୧୯୮୮ ସିଓଲ ଅଲିମ୍ପିକ୍ସରେ ବ୍ୟବହାର କରିଥିଲେ। ମୁଲାମ୍ବାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଫଳରେ ସେ ରବିବାର ଉଦ୍‌ଯାପନୀ ଉତ୍ସବରେ ଭାଗ ନେଇ ପାରିନାହାନ୍ତି। ମୁଲାମ୍ବା ସେମିଫାଇନାଲ ପୂର୍ବରୁ ବିଦାୟ ନେଇ ସାରିଥିଲେ। ପ୍ୟାରିସ ଗେମ୍ସରେ ଡୋପ୍ ଟେଷ୍ଟରେ ଧରାପଡ଼ିବାରେ ସେ ହେଉଛନ୍ତି ଚତୁର୍ଥ ଆଥ୍‌ଲେଟ।

# ଏସିଆନ ସୁନ୍ଦର ସ୍ୱାସ୍ଥ୍ୟରେ ଓଡ଼ିଶାର ସଫଳତା


ପୁରସ୍କାର ସହ ସୌର ଅମ୍ଳାନ ଜ୍ୟୋତି ମହାନ୍ତି, ଜଗନ୍ନାଥ ଖୁଣ୍ଟିଆ ଓ ବାଦଲ ବେହେରା।

ଭୁବନେଶ୍ୱର, ୧୧।୮
(ବିଜୟ ରଣା)

ଇଣ୍ଡୋନେସିଆର ବାଟାମ ଆଇଲାଣ୍ଡରେ ଅନୁଷ୍ଠିତ ହୋଇଯାଇଥିବା ୫୬ତମ ଏସିଆନ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ସଂଘର ୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୭୫ କେଜି ଓଜନ ଶ୍ରେଣୀରେ ଜଗନ୍ନାଥ ଖୁଣ୍ଟିଆ ରୌପ୍ୟ, ୭୦ କେଜି ଶ୍ରେଣୀରେ ବାଦଲ ବେହେରା ବ୍ରୋଞ୍ଜ ଏବଂ ୬୦କେଜି ଓଜନ ଶ୍ରେଣୀରେ ସୌର ଅମ୍ଳାନ ଜ୍ୟୋତି ମହାନ୍ତି ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୫୫ କେଜି ଓଜନ ବର୍ଗରେ ଶୁଭକାନ୍ତ ମଲିଆ ୪ର୍ଥ ସ୍ଥାନରେ ରହିଥିଲେ। ଏହି ସଫଳତା ପାଇଁ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, ଉପଦେଷ୍ଟା କମିଟି ଅଧ୍ୟକ୍ଷ ମାନସରଞ୍ଜନ ମହାପାତ୍ର, ଉପଦେଷ୍ଟା ଡ. ହରିପ୍ରସାଦ ପଟ୍ଟନାୟକ ଏବଂ ସଂଘର ଅନ୍ୟ କର୍ମକର୍ତ୍ତାଗଣ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର କାମନା କରିଛନ୍ତି।

## ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା

# ଗଞ୍ଜାମ ଟିମ୍ ଚାମ୍ପିୟନ

ବ୍ରହ୍ମପୁର, ୧୧।୮
(ସ୍ୱାଧୀନ ଶେଖର ପାଢୀ)



ଅତିଥିଙ୍କ ଗହଣରେ ଚାମ୍ପିୟନ ଗଞ୍ଜାମ ଟିମ।

ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ ରବିବାର ଶେଷ ହୋଇଛି। ଏଥିରେ ଗଞ୍ଜାମର ପୁରୁଷ ଓ ମହିଳା ବର୍ଗ ସର୍ବାଧିକ ୧୨୫୫ ପଏଣ୍ଟ ସହ ସାମୂହିକ ଟିମ୍ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ୮୮୭ ପଏଣ୍ଟ ପାଇ ପ୍ରଥମ ରନର୍ସଅପ ଓ ଢେଙ୍କାନାଳ ମୋଟ ୫୬୨ ପଏଣ୍ଟ ପାଇ ଦ୍ୱିତୀୟ ରନର୍ସଅପ ହୋଇଛି। ଯୁବ ପୁରୁଷ ବିଭାଗରେ ଗଞ୍ଜାମର ହର୍ଷବର୍ଦ୍ଧନ ସାହୁ ମୋଟ ୩୪୯.୦୮ ପଏଣ୍ଟ, କନିଷ୍ଠ ପୁରୁଷ ବିଭାଗରେ ଖୋର୍ଦ୍ଧାର ସଦାନନ୍ଦ ବରିହା ମୋଟ ୩୭୨.୪୦ ପଏଣ୍ଟ, ବରିଷ୍ଠ ପୁରୁଷରେ ଗଞ୍ଜାମର ମୁନା ନାୟକ ୩୭୬.୭୫ ପଏଣ୍ଟ, ଯୁବ ମହିଳା ମିନା ସାନ୍ତା ମୋଟ ୨୩୩.୯୨, କନିଷ୍ଠ ମହିଳାରେ ନବରଙ୍ଗପୁର ମିନା ସାନ୍ତା ୨୩୩.୯୨, ବରିଷ୍ଠ ମହିଳା ବିଭାଗରେ ମୟୂରଭଞ୍ଜର ସ୍ନେହା ସୋରେନ ୨୭୭.୧୪ ପଏଣ୍ଟ ହାସଲ କରି ନିଜ ବିଭଗରେ ବେଷ୍ଟ ଲିଫ୍ଟର ବିବେଚିତ ହୋଇଥିଲେ। ଚାମ୍ପିୟନଶିପରେ ରାଜ୍ୟର ଖୋର୍ଦ୍ଧା, କଟକ, ଗଂଜାମ, ମୟୂରଭଂଜ, ବାଲେଶ୍ୱର, ପୁରୀ, ବଲାଙ୍ଗୀର, ସୁନ୍ଦରଗଡ, ରାଉରକେଲା ଷ୍ଟିଲପ୍ଲାଣ୍ଟ, ରାୟଗଡା, ଢେଙ୍କାନାଳ, ନବରଙ୍ଗପୁର, ଦେଓଗଡ ଓ କେନ୍ଦ୍ରାପଡା ଜିଲାର ପ୍ରାୟ ୧୨୦ ପୁରୁଷ ଓ ୪୦ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ । ୩ ଦିନିଆ ପ୍ରତିଯୋଗିତାକୁ ସୂଚାରୁରୂପେ ପରିଚାଳନା ପାଇଁ ପ୍ରାୟ ୫୦ଜଣ ଅଫିସିଆଲ କାର୍ଯ୍ୟରତ ଥିଲେ। ଉଦଯାପନୀ ଉତ୍ସବରେ ଅନ୍ତର୍ଜାତୀୟ ବଡିବିଲଡ଼ର ରେଫରୀ ତଥା ଓଡିଶା ଭାରୋତ୍ତୋଳନ ସଙ୍ଘର ଉପଦେଷ୍ଟା ଭି. ବେଣୁଗୋପଳ ରାଓ ଅତିଥି ଥିଲେ। ଓଡିଶା ଭାରୋତ୍ତୋଳନ ସଂଘର ସଭାପତି ଚିତ୍ତରଂଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ ତଥା ଅଲମ୍ପିଆନ କେ.ରବି କୁମାର, ଗଞ୍ଜାମ ଭାରୋତ୍ତୋଳନ ସଂଘର ସମ୍ପାଦକ ସୁଧୀର କୁମାର ପାତ୍ରଙ୍କ ସହ ରାଜ୍ୟ ଓ ଜିଲା ଭାରୋତ୍ତୋଳନ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରୁ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯିବ।

# ରାଜ୍ୟ ଚେସ୍: ଆଦର୍ଶ, ଆରିଶ ଚାମ୍ପିୟନ

ଭୁବନେଶ୍ୱର, ୧୧।୮ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୧ ଓ ୧୩ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୧ ବର୍ଷରୁ କମ୍ ବର୍ଗରେ କେଭି-୧ର ଆଦର୍ଶ କୁମାର ବେରିହା ଏବଂ ୧୩ ବର୍ଷରୁ କମ୍‌ରେ ୟୁନିଟ-୮ ଡିଏଭିର ଆରିଶ ନନ୍ଦ ଗୋସ୍ୱାମୀ ଚାମ୍ପିୟନ ହୋଇଛନ୍ତି। ୧୧ ବର୍ଷରୁ କମ୍‌ରେ ଆୟୁଷ ପରିଡ଼ା, ମନୀଷ ରଞ୍ଜନ ଦାସ, ଓମ୍ ଶତପଥୀ ଓ ସାଇ କ୍ରିଷ୍ଣା ସାମଲ ଏବଂ ୧୩ ବର୍ଷରୁ କମ୍‌ରେ ସତ୍ୟମ ସ୍ୱରୂପ ସାହୁ, ଓମ୍ ଶତପଥୀ, ଅନୁଭବ ଦାଶ ଓ ସ୍ୱୟଂ ସ୍ୱରୂପ ମହାନ୍ତି ଟପ୍-୫ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଏବଂ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପରିମିତା ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


ପୁରସ୍କାର ଓ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ